

ବସ୍ ଉପରେ ଆତଙ୍କୀ ହମ୍ଲା: ୧୦ ମୃତ

ଭିତର ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-344 BHUBANESWAR MONDAY 10 JUNE 2024 PAGE-16 ₹ 6.00

ବର୍ଷ-୪୧ ସଂଖ୍ୟା-୩୪୪ ଭୁବନେଶ୍ୱର ସୋମବାର ୧୦ ଜୁନ ୨୦୨୪ ପୃଷ୍ଠା-୧୬ ଟ.୬.୦୦

# ମୋଦୀଙ୍କ ହ୍ୟାଟ୍ରିକ୍



### ୭୨ ମନ୍ତ୍ରୀଙ୍କ ସହ ଶପଥ ନେଲେ ପ୍ରଧାନମନ୍ତ୍ରୀ
### ଜବାହରଲାଲ ନେହରୁଙ୍କ ପରେ ମୋଦୀ ଦ୍ୱିତୀୟ

■ **ନୂଆଦିଲ୍ଲୀ, ୯।୬ (ଏଜେନ୍ସି):** ନରେନ୍ଦ୍ର ମୋଦୀ କ୍ରମାଗତ ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଭାବେ ମୋଦୀ କ୍ରମାଗତ ତୃତୀୟ ଥର ପାଇଁ ଶପଥ ଗ୍ରହଣ କରିବାରେ ଜବାହରଲାଲ ନେହରୁଙ୍କ ସମକକ୍ଷ ହୋଇଛନ୍ତି। ଏଥିସହିତ କେନ୍ଦ୍ରରେ କ୍ରମାଗତ ତୃତୀୟ ଥର ପାଇଁ ଏନ୍‌ଡିଏ ଶାସନ ଆରମ୍ଭ ହୋଇଛି। ମୋଦୀ ନିଜ ହ୍ୟାଟ୍ରିକ୍ ପାଳିରେ ପ୍ରଥମ ଥର ପାଇଁ ମେଣ୍ଟ ସରକାରର ମଙ୍ଗୁଆଳ ହୋଇଛନ୍ତି।

ରବିବାର ରାତିରେ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ୭ଟି ଦେଶର ନେତାଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନରେନ୍ଦ୍ର ମୋଦୀଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ରାଜନାଥ ସିଂହ, ଅମିତ ଶାହା, ନୀତୀନ ଗଡ଼କରୀ, ଜେପି ନଡ୍ଡା ଏବଂ ଶିବରାଜ ସିଂହ ଚୌହାନ ପ୍ରମୁଖଙ୍କ ସମେତ ୭୨ଜଣ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏମାନଙ୍କ ମଧ୍ୟରେ ୩୦ କ୍ୟାବିନେଟ ମନ୍ତ୍ରୀ, ୫ ସ୍ୱାଧୀନ ମନ୍ତ୍ରୀ ଏବଂ ୩୬ ରାଷ୍ଟ୍ରମନ୍ତ୍ରୀ ସାମିଲ ଅଛନ୍ତି। ଏହି ମନ୍ତ୍ରୀମାନଙ୍କ ମଧ୍ୟରେ ୨୭ ଓବିସି, ୧୦ ଏସ୍‌ସି, ୫ ଏସ୍‌ଟି ଏବଂ ସଂଖ୍ୟାଲଘୁ ବର୍ଗର ୫ ଜଣ ସାମିଲ ଅଛନ୍ତି। ଏନ୍‌ଡିଏ ସହଯୋଗୀ ଦଳର ୧୧ ସଦସ୍ୟ ମନ୍ତ୍ରୀ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣ କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି। ମନ୍ତ୍ରିମଣ୍ଡଳରେ ୧୮ ଜଣ ବରିଷ୍ଠ ମନ୍ତ୍ରୀ ସାମିଲ ଅଛନ୍ତି। ୪୩ ମନ୍ତ୍ରୀ ୩ରୁ ଅଧିକ ଥର ସାଂସଦ ହୋଇଛନ୍ତି। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଥିବା ୩୯ ଜଣ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି। ୩୩ ଜଣ ପ୍ରଥମ ଥର ପାଇଁ ମନ୍ତ୍ରୀ ହୋଇଛନ୍ତି। ଏମାନଙ୍କ ▶ପୃଷ୍ଠା-୯

### ମୋଦୀଙ୍କ କ୍ୟାବିନେଟ୍‌ରେ ଓଡ଼ିଶାରୁ ୩







# ୧୨କୁ ଘୁଞ୍ଚିଲା ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ

### ଦୌଡ଼ରେ କେଭି, ମନମୋହନ; ସୁରେଶଙ୍କୁ ଦିଲ୍ଲୀ ଡକରା
### ୧୧ରେ ବିଧାୟକ ଦଳ ବୈଠକରେ ହେବ ନେତା ନିର୍ବାଚନ
### ରାଜନାଥ ସିଂହ, ଭୂପେନ୍ଦ୍ର ଯାଦବ ପର୍ଯ୍ୟବେକ୍ଷକ ନିଯୁକ୍ତ

■ **ଭୁବନେଶ୍ୱର, ୯।୬(ସମିସ):** ଆସନ୍ତାକାଲି ନୁହେଁ; ୧୨ ତାରିଖ ସନ୍ଧ୍ୟାରେ ରାଜ୍ୟରେ ଗଠନ ହେବ ବିଜେପି ସରକାର ଓ ଶପଥ ନେବେ ନୂଆ ମୁଖ୍ୟମନ୍ତ୍ରୀ। ରାଜ୍ୟ ବିଜେପି ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ତେବେ ରାଜ୍ୟରେ ବିଜେପି ସରକାରର କିଏ ନେତୃତ୍ୱ ନେବ, ଅର୍ଥାତ୍ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ଏଯାଏଁ ସ୍ଥିର ହୋଇନାହିଁ। ରବିବାର କେନ୍ଦ୍ରରେ ଏନ୍‌ଡିଏ ସରକାରର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିବାରୁ ରାଜ୍ୟର ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ଚୂଡ଼ାନ୍ତ ହୋଇପାରି ନାହିଁ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସର୍ବାଗ୍ରେ ରହିଥିବା ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେବା ପରେ ମୁଖ୍ୟମନ୍ତ୍ରୀ ଚେହେରାକୁ ▶ପୃଷ୍ଠା-୯

# ରାଜନୀତିରୁ ପାଣ୍ଡିଆନଙ୍କ ସନ୍ନ୍ୟାସ

### କେବଳ ନବୀନ ବାବୁଙ୍କୁ ସହଯୋଗ ମୋର ଏକମାତ୍ର ଉଦ୍ଦେଶ୍ୟ ଥିଲା
### ବିଶ୍ୱର କୌଣସି ଜାଗାରେ ମୋର କିମ୍ବା ମୋ ପରିବାରର ସମ୍ପତ୍ତି ନାହିଁ
### ଜୀବନରେ ସବୁଠାରୁ ବଡ଼ ସମ୍ପତ୍ତି ହେଉଛି ଓଡ଼ିଶାବାସୀଙ୍କ ଭଲ ପାଇବା
### ମାତ୍ର ୩ ପ୍ରତିଶତ ଭୋଟରେ ହାରିଲୁ; ବିଜେଡିର ଭବିଷ୍ୟତ ଉଜ୍ଜ୍ୱଳ



■ **ଭୁବନେଶ୍ୱର, ୯।୬ (ସମିସ):** ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ। ସେହିପରି ତାଙ୍କ ଜନ୍ମସ୍ଥାନକୁ ନେଇ ଯେଉଁ ବିଜେପି ପକ୍ଷରୁ ନିର୍ବାଚନରେ ଯେଉଁ 'ନ୍ୟାରେଟିଭ୍' କରାଗଲା, ତାହାର ସେ ମୁକାବିଲା କରିବାରେ ବିଫଳ ହୋଇଥିବାରୁ ବିଜୁ ପରିବାରର କୋଟିକୋଟି କର୍ମୀ ଓ କର୍ମକର୍ତ୍ତାଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି।

ରବିବାର ଏକ ଭିଡିଓ ଜାରି କରି ଭାବବିହ୍ୱଳ ପାଣ୍ଡିଆନ କହିଛନ୍ତି ଯେ ତାଙ୍କ ଜୀବନରେ ସବୁଠାରୁ ବଡ଼ ସମ୍ପତ୍ତି ହେଉଛି ଓଡ଼ିଶାବାସୀଙ୍କ ଭଲ ପାଇବା ଓ ସ୍ନେହ। ନବୀନ ବାବୁଙ୍କୁ ସହଯୋଗ କରିବା ହିଁ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିପାଇଁ ସେ ରାଜନୀତିରେ ସାମିଲ ହୋଇଥିଲେ। ତାଙ୍କ ବିରୋଧରେ ହେଉଥିବା ପ୍ରଚାର ଯୋଗୁ ଯଦି ବିଜୁ ଜନତା ▶ପୃଷ୍ଠା-୯

# ଫୋକସ୍ ପ୍ଲସ୍ 'ଫେକ୍ ନ୍ୟୁଜ୍'ର ଫ୍ୟାକ୍ଟ୍ରି



### ସାଂସଦ ମାନସ ମଙ୍ଗରାଜଙ୍କ ନାମରେ ମିଛ ପ୍ରଚାର
### ଚାନ୍ଦା ନ ମିଳିବାରୁ ଇଡି ଚିଠି ଜାଲ୍ କରି ଖବର ପ୍ରସାରଣ
### 'ନନ୍ଦିଘୋଷ ଟିଭି' ଓ 'ସକାଳ'କୁ ନିନ୍ଦିତ ଉଦ୍ୟମ
### ପୂର୍ବରୁ ବିଭିନ୍ନ ମାମଲାରେ ଜେଲ୍ ଯାଇଛନ୍ତି ସୁଧାଂଶୁ
### ତଦନ୍ତ ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ହେବ : ଇଡ଼ି



■ **ଭୁବନେଶ୍ୱର, ୯।୬ (ସମିସ):** ଅତୀତରେ ବ୍ଲାକମେଲିଂ ଓ ଅନ୍ୟାନ୍ୟ ଅପରାଧ ପାଇଁ ଏକାଧିକବାର ଗିରଫ ହୋଇ ଜେଲ୍ ଯାଇଥିବା ୱେବ୍ ପୋର୍ଟାଲ ଫୋକସ୍ ପ୍ଲସ୍ ମାଲିକ ସୁଧାଂଶୁ ରାଉତ ଏବେ ବିଜେଡି ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ସମ୍ପର୍କରେ ମିଥ୍ୟା ଖବର ପ୍ରସାରଣ କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନୋଟିସ୍ ଜାରି କରିଥିବା ସଂକ୍ରାନ୍ତ ଏକ ଜାଲ୍ ଚିଠି ପ୍ରଦର୍ଶିତ ଶ୍ରୀ ମଙ୍ଗରାଜଙ୍କୁ ନିନ୍ଦିତ କରିବାକୁ କରିଥିବା ଷଡ଼ଯନ୍ତ୍ର ଧରା ପଡ଼ିଛି। ମିଥ୍ୟା ଓ କପୋଳକଳ୍ପିତ ଖବର ପ୍ରଚାର କରି ସାଂସଦ ଶ୍ରୀ ମଙ୍ଗରାଜଙ୍କ ସହ 'ନନ୍ଦିଘୋଷ ଟିଭି' ଓ 'ସକାଳ' ଖବରକାଗଜକୁ ବଦନାମ କରିବାକୁ ଉଦ୍ୟମ କରିଥିବା ଦେଖାଯାଇଛି। ଯେଉଁ ଚିଠିକୁ ଇଡ଼ିର ବୋଲି ନିଜ ୱେବ ପୋର୍ଟାଲରେ ସେ ପ୍ରଚାର କରୁଛନ୍ତି ତାହା ଜାଲ ଓ ଶ୍ରୀ ମଙ୍ଗରାଜଙ୍କୁ ଏପରି କୌଣସି ନୋଟିସ ଜାରି କରାଯାଇ ନାହିଁ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସ୍ପଷ୍ଟ କରିଛି । ଲୋକଙ୍କୁ ବ୍ଲାକ୍‌ମେଲ କରି ଅର୍ଥ ଆଦାୟ କରିବା ପାଇଁ ସୁଧାଂଶୁଙ୍କର ବେଶ୍ କୁଖ୍ୟାତି ▶ପୃଷ୍ଠା-୯





# ବିଶ୍ୱ ଚକ୍ଷୁଦାନ ଦିବସ

ପ୍ରତିବର୍ଷ ଜୁନ୍ ୧୦ ତାରିଖକୁ 'ବିଶ୍ୱ ଚକ୍ଷୁଦାନ' ଦିବସ ଭାବେ ପାଳନ କରାଯାଏ। ମୃତ୍ୟୁ ପରେ ନେତ୍ରଦାନ କରିବା ଲାଗି ଉତ୍ସାହିତ କରିବା ହେଉଛି ଏହି ଦିବସ ପାଳନର ଉଦ୍ଦେଶ୍ୟ। ଅର୍ଥାତ୍ ଅନ୍ଧାରରେ ଜୀବନ ଜିଉଁଥିବା ଲୋକଙ୍କ ଜୀବନକୁ ଚକ୍ଷୁଦାନ ଦ୍ୱାରା ଆଲୋକିତ କରିବା ହେଉଛି ଏହି ଦିବସର ଅନ୍ୟତମ ମୂଳ ଲକ୍ଷ୍ୟ। ଚକ୍ଷୁଦାନ ହେଉଛି ସବୁଠୁ ମହତ୍ ତଥା ବଡ଼ ଦାନ। ଆମ ଦେଶରେ ଆଜି ବି ଅନେକ ଲୋକ ଦୁର୍ଘଟଣାବଶତଃ ଦୃଷ୍ଟିଶକ୍ତି ହରାଇଥିବା ବେଳେ ଅନେକ ଜନ୍ମରୁ ଦୃଷ୍ଟିବାଧିତ ହୋଇଥାନ୍ତି। ତେବେ ଚକ୍ଷୁଦାନ ଦ୍ୱାରା ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ଦୃଷ୍ଟିଶକ୍ତି ଫେରିପାଆନ୍ତି। ତା'ସହ ଚକ୍ଷୁଦାନ କରିଥିବା ବ୍ୟକ୍ତି ଜଣକ ତାଙ୍କ ଭିତରେ ଜୀବନ୍ତ ରୁହନ୍ତି। ଦେଶରେ ପ୍ରତିବର୍ଷ ୮୦ରୁ ୯୦ ଲକ୍ଷ ଲୋକ ପ୍ରାଣ ହରାଉଛନ୍ତି। ଏଥିରୁ ଚକ୍ଷୁଦାନ ୨୫ ହଜାର ପାଖାପାଖି ହୋଇଥାଏ। ଅବଶ୍ୟ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି, ଚକ୍ଷୁଦାନ କରୁଥିବା ଲୋକଙ୍କ ସଂଖ୍ୟା ଆଦୌ ସନ୍ତୋଷଜନକ ନୁହେଁ। ଯେକୌଣସି ବ୍ୟକ୍ତି ସ୍ୱଇଚ୍ଛାରେ ଚକ୍ଷୁଦାନ କରିପାରିବେ। ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଚକ୍ଷୁଦାନ ହୋଇପାରିବ। ସେହିପରି ନେତ୍ରଦାନ ପ୍ରକ୍ରିୟା ଖୁବ୍ ସରଳ। ଏହି ପ୍ରକ୍ରିୟା ୧୦-୨୦ ମିନିଟ୍ ମଧ୍ୟରେ ଶେଷ ହୋଇଥାଏ। ମଧୁମେହ, ଆଜ୍ମା, ଉଚ୍ଚ ରକ୍ତଚାପ ରୋଗୀ, ହୃଦ୍ ରୋଗୀ ଚକ୍ଷୁଦାନ କରିପାରିବେ। କିନ୍ତୁ ଏଡ୍ସ, ହେପାଟାଇଟିସ୍, ରକ୍ତ କର୍କଟ, ବ୍ରେନ ଟ୍ୟୁମରରେ ପୀଡ଼ିତ ରୋଗୀ ଚକ୍ଷୁଦାନ କରିପାରିବେ ନାହିଁ। ଚକ୍ଷୁଦାନ ଦିବସ ଅବସରରେ ଲୋକଙ୍କୁ ଚକ୍ଷୁଦାନ କରିବା ଲାଗି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି।



# ବାଦ୍ୟଯନ୍ତ୍ରର ଏନ୍ତୁଡ଼ିଶାଳ ଦାଦପୁର
## ଗୁଞ୍ଜରିତ ହେଉଥାଏ ମଧୁର ଧ୍ୱନି

ପିଲାଠୁ ନେଇ ବୟସ୍କ ପର୍ଯ୍ୟନ୍ତ ବିଭିନ୍ନ ବୟସର ଲୋକେ ଗୀତ ଶୁଣିବାକୁ ପସନ୍ଦ କରନ୍ତି। ସକାଳେ ସଙ୍ଗୀତର ଧ୍ୱନି କାନରେ ବାଜିଲେ ଦିନର ଆରମ୍ଭ ଖୁବ୍ ସୁନ୍ଦର ହୁଏ ବୋଲି କୁହାଯାଏ। ତେବେ ଏପରି ଏକ ଗାଁ ରହିଛି, ଯେଉଁଠି ଲୋକେ ଦିନର ଆରମ୍ଭ ତଥା ଦିନର ଶେଷ ପର୍ଯ୍ୟନ୍ତ ବାଦ୍ୟଯନ୍ତ୍ରର ଧ୍ୱନି ଶୁଣିଥାନ୍ତି। ପଶ୍ଚିମବଙ୍ଗର ଦାଦପୁର ଗାଁରେ ଏଭଳି ଏକ ନିଆରା ପରିବେଶ ଦେଖିବାକୁ ମିଳିଥାଏ। ଦାଦପୁର ଗାଁରେ ୨୫୦ ପରିବାର ରୁହନ୍ତି। ତନ୍ମଧ୍ୟରୁ ଅଧିକାଂଶ ସିତାର, ଗିଟାର, ସୁରବାହାର ଆଦି ବାଦ୍ୟଯନ୍ତ୍ର ନିର୍ମାଣ କରିଥାନ୍ତି। ଗାଁର ଶ୍ୟାମଲ ହାଲଦାରଙ୍କ ପିତା ୬୫ ବର୍ଷ ପୂର୍ବରୁ ଏହି ବାଦ୍ୟଯନ୍ତ୍ର ନିର୍ମାଣ ପାଇଁ ଲକ୍ଷ୍ନୌରେ ତାଲିମ୍ ନେବା ପରେ ଅନ୍ୟ ଗ୍ରାମବାସୀଙ୍କୁ ଏହା ଶିଖାଇଥିଲେ। ଏଠାରେ ରାସ୍ତା ହେଉ କି ପୋଖରୀ କୂଳ ସବୁଠୁ ବାଦ୍ୟଯନ୍ତ୍ରର ଧୂନ୍ ଶୁଣାଯାଏ। ଦାଦପୁରରେ ତିଆରି କରାଯାଉଥିବା ବାଦ୍ୟଯନ୍ତ୍ରଗୁଡ଼ିକର ଚାହିଦା ସାରା ଦେଶରେ ରହିଛି। ଗାଁରେ ଥିବା ୧୨ଟି କର୍ମଶାଳାରେ ବାଦ୍ୟଯନ୍ତ୍ରଗୁଡ଼ିକ ନିର୍ମାଣ କରାଯାଉଛି। ଏଠାରେ ଗାଁର ପ୍ରତ୍ୟେକ ପରିବାରରୁ ଲୋକେ କାମ କରନ୍ତି।

# ସଲମାନ୍‌ଙ୍କ ସ୍ଥାନ ନେବେ କାର୍ତ୍ତିକ୍





ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ୟନ୍ ବହୁତ ସ୍ୱଳ୍ପ ଦିନର କ୍ୟାରିୟରରେ ନିଜର ଏକ ସ୍ୱତନ୍ତ୍ର ଛାପ ସୃଷ୍ଟି କରିଛନ୍ତି। କାର୍ତ୍ତିକ୍‌ଙ୍କର ସାମାଜିକ ଗଣମାଧ୍ୟମରେ ଲକ୍ଷ ଲକ୍ଷ ପ୍ରଶଂସକ। ତେବେ ସେ ଖୁବ୍‌ଶୀଘ୍ର ସୁରଜ ବଡ଼ଜାତ୍ୟାଙ୍କ ଆଗାମୀ ଫିଲ୍ମରେ 'ପ୍ରେମ୍' ଭୂମିକାରେ ଦେଖାଯିବେ। ଅଭିନେତା ସଲମାନ୍ ଖାନ୍ ଏଥିରେ ପ୍ରେମ୍ ହେବାର ଥିଲା। କାର୍ତ୍ତିକ୍ ତାଙ୍କ ସ୍ଥାନ ନେଇଥିବା ଜଣାପଡ଼ିଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କିଛି ସୂଚନା ଆସିନାହିଁ। କାର୍ତ୍ତିକ୍ ଏହାପୂର୍ବରୁ 'ଭୁଲଭୁଲୈୟା' ଫ୍ରାଞ୍ଚାଇଜ୍‌ର ଦ୍ୱିତୀୟ ପାର୍ଟ 'ଭୁଲଭୁଲୈୟା-୨'ରେ ଅକ୍ଷୟ କୁମାରଙ୍କ ବଦଳରେ ଦେଖାଯାଇଥିଲେ। ଆଉ ଏବେ ସେ ସଲମାନ୍‌ଙ୍କ ସ୍ଥାନ ନେବାକୁ ଯାଉଛନ୍ତି। ସଲମାନ୍ ତାଙ୍କର ଅଧିକାଂଶ ଫିଲ୍ମରେ 'ପ୍ରେମ୍' ନାଁରେ ଅଭିନୟ କରିଥାନ୍ତି। ପ୍ରେମ୍ ତାଙ୍କର ଟ୍ରେଡ୍‌ମାର୍କ ନାଁ ଥିଲା। କିଛି ଦିନ ପୂର୍ବରୁ ସୂରଜ ତାଙ୍କର ଆଗାମୀ ଫିଲ୍ମ 'ପ୍ରେମ୍ କି ଶାଦି'ରେ ସଲମାନ୍ ଦେଖାଯିବେ ବୋଲି ଘୋଷଣା କରିଥିଲେ। ଏବେ ସଲମାନ୍ ମନା କରିବାରୁ ତାଙ୍କ ସ୍ଥାନ କାର୍ତ୍ତିକ୍ ନେଇଛନ୍ତି। ତେବେ ନୂଆ ଜମାନାର ପ୍ରେମ୍ ହେବା ପାଇଁ କାର୍ତ୍ତିକ୍ ପୂରା ଫିଟ୍ ବୋଲି ସୂରଜ କହିଛନ୍ତି। ଏହି ଫିଲ୍ମ ମଡର୍ଣ୍ଣ ଜମାନାର ସିଙ୍ଗିଲ୍ ଫ୍ୟାମିଲି ଉପରେ ଆଧାରିତ।

# ନାସାର ଇନ୍‌ଷ୍ଟାଗ୍ରାମ୍ ଫିଲଟର



## ମହାକାଶ ଦୁନିଆ ସହ କରାଇବ ପରିଚୟ

ନାସା ଲୋକଙ୍କୁ ମହାକାଶ ଦୁନିଆ ସହ ପରିଚିତ କରିବା ପାଇଁ ଏକ ଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ନାସା ଏ ଲାଗି ଇନଷ୍ଟାଗ୍ରାମ୍ ଫିଲଟର ଲଞ୍ଚ୍ କରିଛି। ଯାହାର ନାଁ 'ଇନଷ୍ଟାଗ୍ରାମ୍ ଏକ୍ସପ୍ରିଏନ୍ସ' ରଖାଯାଇଛି। ଏହାକୁ ଉପଯୋଗ କରି ନିଆରା ଷ୍ଟୋରି ଓ ରିଲ୍ସ ଏଣିକି ଇନଷ୍ଟାଗ୍ରାମ୍ ବ୍ୟବହାରକାରୀ କରିପାରିବେ। ଏହି ଫିଚର୍ ଇନଷ୍ଟାଗ୍ରାମ୍ ଅନୁଗାମୀଙ୍କୁ ପସନ୍ଦ ଆସିବ ବୋଲି ଆଶା କରାଯାଉଛି। ଏହି ଫିଲଟରକୁ ଉପଯୋଗ କରିବା ଦ୍ୱାରା ପ୍ରଚ୍ଛଦପଟରେ ନକ୍ଷତ୍ରପୁଞ୍ଜ, ତାରା ଆଦି ଦେଖିବାକୁ ମିଳିବ। ତେବେ ଏହି ଫିଲଟରକୁ ନାସାର ଏକ ପ୍ରୋଜେକ୍ଟ ଅଧୀନରେ କରାଯାଇଛି। ବିଶେଷକରି ମହାକାଶର ଚମତ୍କାରିତା ଇନଷ୍ଟାଗ୍ରାମ୍‌ରେ ଦେଖାଇବା ପାଇଁ ଏହାକୁ ଲଞ୍ଚ୍ କରାଯାଇଛି। ସେହିପରି ଏହି ଫିଲଟର ଯେଉଁ ଫଟୋକୁ ପ୍ରଚ୍ଛଦପଟରେ ଦେଖାଇବ, ତାହା ସ୍ପେସ୍ ଟେଲିସ୍କୋପ୍ ଏବଂ ଚନ୍ଦ୍ରା ଏକ୍ସ ଦ୍ୱାରା ଉତ୍ତୋଳନ କରାଯାଇଛି। ଏହି ଫଟୋ ମହାକାଶ ଦୁନିଆର ନିଆରା ଦୃଶ୍ୟକୁ ପ୍ରତିଫଳିତ କରିଥାଏ। ତେବେ ଏହି ଫିଲଟରର ବିଶେଷତ୍ୱ ହେଉଛି ଏହା ମହାକାଶରେ ହେଉଥିବା ବିସ୍ଫୋରଣ, ଧୂଳି ଓ ଗ୍ୟାସ୍ ବେଲୁନ ଏବଂ ନକ୍ଷତ୍ରପୁଞ୍ଜକୁ ଦେଖାଇଥାଏ। ଅନ୍ୟପଟେ ନାସାର ଏକ୍ସ-ରେ ଟେଲିସ୍କୋପ୍ 'ଚନ୍ଦ୍ରା'ର ୨୫ତମ ବର୍ଷ ପୂର୍ତ୍ତି ଉଦ୍ଦେଶ୍ୟରେ ଏହାକୁ ଲଞ୍ଚ୍ କରାଯାଇଛି। ତେବେ ଏହି ଫିଲଟର୍ ମହାକାଶରେ କଏଦ ହୋଇଥିବା ଜିନିଷର ଥ୍ରୀଡି ଅନୁଭୂତି ପ୍ରଦାନ କରେ। ଏହାକୁ ବ୍ୟବହାର କରିବା ପାଇଁ ଇନଷ୍ଟାଗ୍ରାମ୍ ଚନ୍ଦ୍ରାକୁ ସର୍ଚ୍ଚ କରିବାକୁ ହେବ।

### ଆଜିର ଇତିହାସ

- ୧୮୪୮: ନ୍ୟୁୟର୍କ ଓ ଚିକାଗୋ ମଧ୍ୟରେ ପ୍ରଥମ ଟେଲିଗ୍ରାଫ୍ ଲିଙ୍କ୍ ଆରମ୍ଭ।
- ୧୯୪୦: ଇଟାଲୀ ବିରୋଧରେ କାନାଡ଼ାର ଯୁଦ୍ଧ ଘୋଷଣା।
- ୧୯୪୬: ଇଟାଲୀରେ ଲୋକତନ୍ତ୍ରର ସ୍ଥାପନା।
- ୧୯୬୭: ସିରିୟା ଓ ଇସ୍ରାଏଲ ମଧ୍ୟରେ ୬ ଦିନିଆ ଯୁଦ୍ଧର ପରିସମାପ୍ତି।
- ୨୦୦୩: ନାସାର ମଙ୍ଗଳଯାନ ରୋଭର ଲଞ୍ଚ୍ କରାଗଲା।

# ଅଣ୍ଡାରୁ ହୋଇପାରେ ମଧୁମେହ

ଅଣ୍ଡାରେ ଅଧିକ ମାତ୍ରାରେ ପୋଷାକତତ୍ତ୍ୱ ଥାଏ। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ନିୟମିତ ଅଣ୍ଡା ଖାଇବାକୁ ପରାମର୍ଶ ଦେଇଥାନ୍ତି। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକର। ହେଲେ ଏବେ ଅଣ୍ଡା ଖାଇବା ଅଭ୍ୟାସକୁ ନେଇ ଏପରି କିଛି କଥା ଜଣାପଡ଼ିଛି ଯାହା ସମସ୍ତଙ୍କୁ ଚକିତ କଲା ପରି। ଚୀନ୍ ମେଡିକାଲ ୟୁନିଭର୍ସିଟି ନେତୃତ୍ୱରେ ଦକ୍ଷିଣ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ ଏବଂ କତାର ବିଶ୍ୱବିଦ୍ୟାଳୟ ମିଳିତ ଭାବେ ଅତ୍ୟଧିକ ଅଣ୍ଡା ଖାଇବା ଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟାକୁ ନେଇ ଦୀର୍ଘ ୧୮ ବର୍ଷରୁ ଅଧିକ ସମୟ ଧରି ଅଧ୍ୟୟନ କରିଛନ୍ତି। ଏବେ ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ, ଯେଉଁମାନେ ପ୍ରୋସେସଡ୍ ଫୁଡ୍ ସହ ପ୍ରତିଦିନ ଅଣ୍ଡା ଖାଇଥାନ୍ତି ସେମାନଙ୍କୁ ଟାଇପ୍-୨ ମଧୁମେହ ହେବାର ଆଶଙ୍କା ଅଧିକ ରହିଥାଏ। ଏହାସହ ଯେଉଁମାନେ ଅଧିକ ଅଣ୍ଡା ଖାଉଛନ୍ତି ସେମାନଙ୍କର ଫାଷ୍ଟିଂ ବ୍ଲଡ୍ ସୁଗାର ସ୍ତର ଅଧିକ ହୋଇଥାଏ। ଏହି ଗବେଷଣାର ସମ୍ପୂର୍ଣ୍ଣ ବିବରଣୀ ୨୦୧୭ରେ 'ଜର୍ଣ୍ଣାଲ ଅଫ୍ ଦି ଆମେରିକାନ କଲେଜ ଅଫ୍ କାର୍ଡିୟୋଲୋଜି'ରେ ପ୍ରକାଶିତ ହୋଇଛି। ଯେଉଁମାନେ ଦିନରେ ଦୁଇଟି ଅଣ୍ଡା ଖାଆନ୍ତି, ସେମାନଙ୍କୁ ଟାଇପ୍ ୨ ମଧୁମେହ ହେବାର ଆଶଙ୍କା ୨୩ ପ୍ରତିଶତ ଅଧିକ ରହିଥାଏ। ଆଉ ଯେଉଁମାନେ ଦିନରେ ତିନିରୁ ଅଧିକ ଅଣ୍ଡା ଖାଆନ୍ତି, ସେମାନଙ୍କୁ ଦିନରେ ଗୋଟିଏ ଅଣ୍ଡା ଖାଉଥିବା ଲୋକଙ୍କ ତୁଳନାରେ ୩୧ ପ୍ରତିଶତ ଅଧିକ ମଧୁମେହ ହେବା ଆଶଙ୍କା ଥାଏ। ଏହି ଅଧ୍ୟୟନରେ ଚୀନ୍ ମେଡିକାଲ ୟୁନିଭର୍ସିଟିର ପୋଷଣ ବିଶେଷଜ୍ଞ ଡ.ମିଙ୍ଗ ଲି ମଧ୍ୟ ଭାଗ ନେଇଥିଲେ। ଲିଙ୍କ କହିବା ଅନୁସାରେ, 'ଏହି ଅଧ୍ୟୟନ ଚୀନ୍‌ର ୫୦ ବର୍ଷରୁ ଅଧିକ ବୟସର ୮,୫୪୫ ଲୋକଙ୍କ ଉପରେ କରାଯାଇଥିଲା। ମଧୁମେହରୁ ରକ୍ଷା ପାଇବା ପାଇଁ ସିଝା ଅଣ୍ଡା ଖାଇବା ଜରୁରି। ଏହା ସହିତ ସିଝା ଅଣ୍ଡାରେ ଲୁଣ, ଜିରାଗୁଣ୍ଡ ଏବଂ ଧନିଆ ପକାଇ ଖାଇବେ ନଚେତ୍ ଅଣ୍ଡାରେ କୌଣସି ପରିବା ମିଶାଇ ଓମଲେଟ୍ ବନାଇ ଖାଇପାରିବେ। ଏଭଳି ଖାଇବା ଦ୍ୱାରା ମଧୁମେହ ଆଶଙ୍କା ହ୍ରାସ ପାଏ।' ସେହିଭଳି ଅଣ୍ଡାରେ ତିଆରି ବ୍ୟଞ୍ଜନରେ ଘିଅ, ତେଲ ଏବଂ ପନିର ବ୍ୟବହାର ନ କରିବାକୁ ସେ ପରାମର୍ଶ ଦେଇଛନ୍ତି।



# ଖାଦ୍ୟରୁଚିରୁ ବାରିହେବ ସ୍ୱଭାବ

**କିଛି ଲୋକ ମିଠା ଖାଇବାକୁ ପସନ୍ଦ କରୁଥିବାବେଳେ ଆଉ କିଛି ଲୋକ ଖଟା ଜାତୀୟ ଖାଦ୍ୟ ଖାଇବାକୁ ଭଲପାଆନ୍ତି। ଜଣକର ଖାଦ୍ୟ ରୁଚି ମଧ୍ୟ ତାଙ୍କ ବ୍ୟକ୍ତିତ୍ୱ ଓ ସ୍ୱଭାବ ବିଷୟରେ କହିଥାଏ। ତେବେ କେଉଁ ଖାଦ୍ୟ ଖାଉଥିବା ଲୋକ କିପରି ସ୍ୱଭାବର ହୋଇଥାନ୍ତି ଆସନ୍ତୁ ଜାଣିବା...**

### ମିଠା

'ଜର୍ଣ୍ଣାଲ୍ ଅଫ୍ ପର୍ସନାଲିଟି ଆଣ୍ଡ ସୋସାଲ ସାଇକୋଲଜି'ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ଯେଉଁ ଲୋକମାନେ ମିଠା ଖାଇବାକୁ ପସନ୍ଦ କରନ୍ତି, ସେମାନେ ସବୁବେଳେ ଅନ୍ୟକୁ ସାହାଯ୍ୟ କରିବା ପାଇଁ ତତ୍ପର ଥାଆନ୍ତି। ରାଗିଗଲେ ଏମାନଙ୍କୁ ମନେଇବା ମଧ୍ୟ ସହଜ ହୋଇଥାଏ। ଏମାନେ ଧାର୍ମିକ କାର୍ଯ୍ୟରେ ରୁଚି ରଖିବା ସହ ବିଶ୍ୱସ୍ତ ହୋଇଥାନ୍ତି।

### ଖଟା

ଖଟାଯୁକ୍ତ ଖାଦ୍ୟ ଖାଇବାକୁ ପସନ୍ଦ କରୁଥିବା ଲୋକେ ଏତେ ଜଲ୍‌ଦି କାହାରି ଉପରେ ପ୍ରସନ୍ନ ହୁଅନ୍ତି ନାହିଁ। ଏମାନେ ଅନ୍ୟକୁ ସମାଲୋଚନା କରିବାରେ ବି ମାହିର୍।

### ମସଲା ଓ ରାଗ ଆହାର

ଯେଉଁ ଲୋକମାନେ ରାଗ ଓ ଅଧିକ ମସଲାଯୁକ୍ତ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ସେମାନେ ବେଶ୍ ରୋମାଞ୍ଚକର ହୋଇଥାନ୍ତି। ସବୁବେଳେ ଏମାନେ ସାଙ୍ଗସାଥୀଙ୍କ ଗହଣରେ ରହିବାକୁ ପସନ୍ଦ କରନ୍ତି। ଏମାନେ ଖେଳକୁଦ କରିବାକୁ ଅଧିକ ପସନ୍ଦ କରନ୍ତି।

### ଲୁଣିଆ ଖାଦ୍ୟ

ଯେଉଁମାନେ ଲୁଣିଆ ଖାଇବାକୁ ପସନ୍ଦ କରନ୍ତି ସେମାନେ ସମୟ ସହ ତାଳଦେଇ ଆଗକୁ ବଢ଼ିବାକୁ ପସନ୍ଦ କରନ୍ତି। ସମସ୍ତଙ୍କୁ ଏକାଠି ନେଇ ଚାଲିବରେ ବିଶ୍ୱାସ ରଖନ୍ତି।



### ଛଣାଛଣି

ଛଣାଛଣି ଖାଦ୍ୟ ଖାଇବାକୁ ପସନ୍ଦ କରୁଥିବା ଲୋକେ ପ୍ରତିଭାଶାଳୀ ହୋଇଥାନ୍ତି। ଏମାନଙ୍କ ସମ୍ପର୍କରେ ସବୁଠୁ ଖାସ୍ କଥା ହେଉଛି, ଏମାନେ ଭ୍ରମଣପ୍ରିୟ। ଏମାନେ ପୁରୁଣା ସ୍ମୃତିକୁ ସବୁବେଳେ ସାଇତି ରଖିବା ସହ ପରିବାର ଓ ସାଙ୍ଗସାଥୀଙ୍କ ସହ ସମୟ କାଟିବାକୁ ପସନ୍ଦ କରନ୍ତି।

### ପିତା

ଯେଉଁମାନେ ପିତା ଖାଇବାକୁ ପସନ୍ଦ କରନ୍ତି, ସେମାନେ ଜୀବନରେ କଠିନ ନିଷ୍ପତ୍ତି ନେଇଥାନ୍ତି। ସବୁଠୁ ବଡ଼ କଥା ହେଲା ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ନଥାନ୍ତି।

# ଚାର୍ଲସ୍‌ଙ୍କ ଚୀନାମାଟି ଛେଳି ୯ ଲକ୍ଷରେ ବିକ୍ରି

ବ୍ରିଟେନର ରାଜା ଚାର୍ଲସ୍ ତୃତୀୟଙ୍କ ଦ୍ୱାରା ଚୀନାମାଟିରେ ନିର୍ମିତ ଏକ ଛେଳିକୁ ୯ ଲକ୍ଷ ଟଙ୍କାରେ ନିଲାମ କରାଯାଇଛି। ଷ୍ଟାଫର୍ଡସାୟାର୍‌ରେ ନିକଟରେ ଏହାକୁ ନିଲାମ କରାଯାଇଥିଲା। ଚାର୍ଲସ୍ ୧୯୬୦ ମସିହାରେ ଏହି ମୂର୍ତ୍ତିଟିକୁ ତାଙ୍କର ଏକ ସ୍କୁଲ ପ୍ରୋଜେକ୍ଟ ପାଇଁ ନିର୍ମାଣ କରିଥିଲେ। ସେ ଏହାକୁ ଚୀନାମାଟିରେ ତିଆରି କରି ଏଥିରେ ହଳଦିଆ ଓ ଗୋଲାପି ରଙ୍ଗ ଦେଇଥିଲେ। ସେ ରାଜା ହେବା ପରେ ଚୀନାମାଟିରେ ନିର୍ମିତ ଛେଳିଟି ମୂଲ୍ୟବାନ ହୋଇଗଲା। ତେବେ ଏହି ମୂର୍ତ୍ତିଟିକୁ କାନଡ଼ାର ନାଗରିକ ରେମଣ୍ଡ ପ୍ୟାଟନ୍ ରଖିଥିଲେ। ରେମଣ୍ଡକୁ ତାଙ୍କର ମାଉସୀ ହେଲେନ୍ ତାଙ୍କ ୨୧ ତମ ଜନ୍ମଦିନରେ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ହେଲେନ୍ କ୍ୟାମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ କୁକ୍ ଭାବେ କାମ କରୁଥିଲେ। ଚାର୍ଲସ୍‌ଙ୍କୁ ସେ ବ୍ୟକ୍ତିଗତ ସ୍ତରରେ ଜାଣିଥିଲେ। ହେଲେନ ଉପହାରରେ ଏହି ମୂର୍ତ୍ତିଟିକୁ ଚାଲର୍ସଙ୍କଠାରୁ ପାଇଥିଲେ। ଏହାପୂର୍ବରୁ ୨୦୨୩ରେ ଚାର୍ଲସ୍ ତୃତୀୟଙ୍କ ଦ୍ୱାରା ଅଙ୍କଯାଇଥିବା ତାଙ୍କ ବାପା ମା'ଙ୍କର ଚିତ୍ରକୁ ନିଲାମ କରାଯାଇଥିଲା। ଏହା ୫୯,୮୦୦ ପାଉଣ୍ଡରେ ବିକ୍ରି ହୋଇଥିଲା।



### ଆଜିର ରାଶିଫଳ

**ମେଷ:** କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଦୂର ଯାତ୍ରା ଯୋଗ ରହିଛି। ଅଯଥା ଯୁକ୍ତି କରି ସମସ୍ୟାରେ ପଡ଼ିପାରନ୍ତି। ଜୀବନସାଥୀଙ୍କ ସହଯୋଗ ମିଳିବ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବୃଷ:** ପାରିବାରିକ ସମସ୍ୟା ଦେଖା ଦେବ। ଧନ ପ୍ରାପ୍ତି ହେବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଆୟ କମ୍ ହେବ ଏବଂ ଖର୍ଚ୍ଚ ବଢ଼ିବ। ପ୍ରେମ ସମ୍ପର୍କ ସୁଖମୟ ହେବ। ଅଚାନକ ଖୁସି ଖବର ପାଇପାରନ୍ତି।

**ମିଥୁନ:** ପିତାଙ୍କ ସହଯୋଗ ମିଳିବ। ଆୟରେ ଉନ୍ନତି ପରିଲକ୍ଷିତ ହେବ। ଋଣ ସମସ୍ୟା ସମାଧାନ ହେବ। ଚିନ୍ତାମୁକ୍ତ ରହିବେ। ମହିଳାମାନେ ସନ୍ତାନଙ୍କ ଭବିଷ୍ୟତ ପାଇଁ ଯୋଜନା କରିପାରନ୍ତି।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତାରେ ରହିବେ। କାର୍ଯ୍ୟରେ ସଫଳତା ମିଳିବ। ଧନପ୍ରାପ୍ତି ଯୋଗ ରହିଛି। ଦିନଟି ବ୍ୟସ୍ତତା ଭିତରେ ବିତିବ। ଆୟ ଓ ବ୍ୟୟ ସମାନ ରହିବ।

**ସିଂହ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଉତ୍ତମ। ଠିକ୍ ସମୟରେ କାର୍ଯ୍ୟ ପୂରା କରିବେ। ଜମିଜମା ମାମଲାରେ ଫସି ଯାଇପାରନ୍ତି।

**କନ୍ୟା:** ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧନ ଆଗମନର ଯୋଗ ରହିଛି। କାର୍ଯ୍ୟରେ ମନ ଲାଗିବ ନାହିଁ। ବିଦ୍ୟାର୍ଥୀ ପାଠରେ ମନୋନିବେଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ନୂତନ ବ୍ୟବସାୟ ପାଇଁ ଯୋଜନା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଧନ ଆଗମନ ହୋଇପାରେ। ନୂଆ ଯାନ କିଣିପାରନ୍ତି। ପରିବାର ସହିତ ସମ୍ପର୍କ ମଧୁର ହେବ।

**ବିଛା:** ସମସ୍ୟାକୁ ସାହସର ସହ ସାମ୍ନା କରିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। କାର୍ଯ୍ୟରେ ଲୋକଙ୍କ ସାହାଯ୍ୟ ମିଳିବ। ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ। ଉଧାର ଦେଇ ହଇରାଣରେ ପଡ଼ିପାରନ୍ତି।

**ଧନୁ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କାର୍ଯ୍ୟରେ ପଦୋନ୍ନତି ମିଳିବା ସମ୍ଭାବନା ଅଧିକ। ପୂଜାକାର୍ଯ୍ୟରେ ସମୟ କଟିବ। ଘରେ ସମସ୍ୟା ଦେଖା ଦେବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଭଲ ଦିନ।

**ମକର:** ମନୋରଞ୍ଜନରେ ସମୟ ବିତିବ। ସାଙ୍ଗସାଥୀଙ୍କ ସହଯୋଗରେ କାର୍ଯ୍ୟ ସଫଳ ହେବ। ଆୟରେ ବୃଦ୍ଧି ହେବ। ମାନସିକ ଦୁଶ୍ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିବେ।

**କୁମ୍ଭ:** ରାଜନୀତିରେ ଆଶାତୀତ ସଫଳତା ମିଳିବ। ବ୍ୟବସାୟ ଓ ଚାକିରିରୁ ଲାଭ ମିଳିବ। ପାରିବାରିକ ଜୀବନ ସୁଖମୟ ହେବ। ଦୀର୍ଘ ଦିନରୁ ଆଶା କରିଥିବା ଦିଗରୁ ଧନ ମିଳିବ।

**ମୀନ:** ବାଦ ବିବାଦଠାରୁ ଦୂରେଇ ରୁହନ୍ତୁ। ଆୟ କମ୍ ଓ ବ୍ୟୟ ଅଧିକ ହେବ। ଅଯଥା କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାର୍ଯ୍ୟରେ ପରିବାର ଲୋକଙ୍କ ସହଯୋଗ ମିଳିବ।

## ଗଡ଼ାଚାଲିଛି ତିନିରଥ...

# ଚାରି ନାହାକା କାମ ଆରମ୍ଭ



**ପୁରୀ, ୯।୬(ସମିସ):** ରଥଯାତ୍ରା ପାଖେଇ ଆସୁଥିବା ବେଳେ ଚଳଚଞ୍ଚଳ ହୋଇପଡ଼ିଛି ରଥଖଳା। ମହାପ୍ରଭୁଙ୍କ ପ୍ରତି ସମର୍ପଣ ମନୋଭାବ ରଖି କାମ କରୁଛନ୍ତି ରଥ ନିର୍ମାଣକାରୀ ସେବକ। ବିଧି ମୁତାବକ, ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନିରଥର ସମସ୍ତ ୪୨ଟି ଯାକ ଚକ ଏବଂ ୨୧ଟି ଯାକ ଅଖ ନିର୍ମାଣ ସରିବା ପରେ ରଥର ଅନ୍ୟାନ୍ୟ ଅଂଶ ନିର୍ମାଣ କରାଯାଉଛି। ଶନିବାର ପ୍ରତ୍ୟେକ ରଥର ଚାରି ନାହାକା ନିର୍ମାଣ ପାଇଁ ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ତିନି ରଥ ଚାଳିକୁ ପ୍ରଥମ ଦଫାରେ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରାକାଠ ଯୋଗାଇ ଦେଇଥିଲେ। ରବିବାର ଏହି ଚାରି ନାହାକା କାମ ଆରମ୍ଭ ହୋଇଛି। ମହାରଣା ସେବକମାନେ ଏହାକୁ ସାଇଜ୍ କରୁଛନ୍ତି। ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଗରଗରାର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାରଣା ସେବକମାନେ ପାଞ୍ଚଦଣ୍ଡା ଚଉପଟ କରୁଛନ୍ତି। ତିନି ରଥର ଭୂଇଁ ଚଉତାରେ ପାଖୁଡ଼ା ବିନ୍ଧ କାର୍ଯ୍ୟ ଜାରି ରହିଛି। ରଥଖଳା ପାର୍ଶ୍ୱରେ କରତି ସେବକମାନେ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ କରୁଛନ୍ତି। ସେହିପରି ରଥଖଳାରେ ରୂପକାର ସେବକମାନେ କୋଣ ଗୁଜଗୁଡ଼ିକରେ ସିଂହ ବିରାଳ ରୂପ ଖୋଦେଇ ସହ ଶେଷ ହୋଇଥିବା ରୂପଗୁଡ଼ିକୁ ପଲିସି କରୁଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ଦଣ୍ଡାବିଡ଼ିଆ କଣ୍ଟା, ଗୟଳ କଣ୍ଟା ଏବଂ ଗରାଗରା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ଲାଇଟ୍ ପରେ ମହାପ୍ରଭୁଙ୍କ ବେଶ ପ୍ରଦର୍ଶନୀ

# କାହା ନିର୍ଦ୍ଦେଶରେ ଖୋଲୁଛି, ପୁଣି ଲାଗୁଛି





**ପୁରୀ, ୯।୬(ସମିସ):** ପୁରୀରେ ଖୋଲିବା ପୁଣି ଲଗାଇବାର ଏକ ଧାରା ଚାଲିଛି। ପ୍ରଥମେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଫୋକସ୍ ଲାଇଟ୍‌ଗୁଡ଼ିକ ଖୋଲାଗଲା। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପରେ ଦୁଇଦିନ ପରେ ପୁଣି ଲାଗିଲା। ଏବେ ପୁଣି ଏଭଳି ଘଟଣାର ପୁନରାବୃତ୍ତି ହୋଇଛି। ଜଗନ୍ନାଥବଲ୍ଲଭରେ ଚାଲିଥିବା ମହାପ୍ରଭୁଙ୍କ ବେଶ ପ୍ରଦର୍ଶନୀର କିଛି ଆସବାବପତ୍ର ଶନିବାର ଖୋଲି ଦିଆଯାଇଥିଲା। ହେଲେ ରବିବାର ସନ୍ଧ୍ୟାରେ ପୁନଶ୍ଚ ଖୋଲାଯାଇଥିବା ସାମଗ୍ରୀଗୁଡ଼ିକ ଲଗାଯାଇଛି। ପ୍ରଶ୍ନ ଉଠୁଛି, କାହା ଅନୁମତି ନେଇ ଠିକା ସଂସ୍ଥା ଏଭଳି କରୁଛି? ମନ୍ଦିର ଚାରିପାଖରୁ ଲାଇଟ୍ ଖୋଲା ହେଉ କିମ୍ବା ଜଗନ୍ନାଥ ବଲ୍ଲଭ ବେଶ ପ୍ରଦର୍ଶନୀ କକ୍ଷରୁ ବିଭିନ୍ନ ଆସବାବପତ୍ର ଖୋଲାଯିବା ବେଳେ ଜିଲ୍ଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ଜାଣିପାରୁ ନାହାନ୍ତି କେମିତି? ମନମାନି କରୁଥିବା ଠିକାସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହେଉଛି।

ଜାନୁୟାରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହୋଇଥିଲା। ବିଭିନ୍ନପ୍ରକାର ଆଲୋକମାଳାରେ ବେଶ୍ ସୁସଜ୍ଜିତ ହୋଇଥିଲା ଶ୍ରୀମନ୍ଦିର ଚତୁଃପାର୍ଶ୍ୱ। ଏକ ଠିକାସଂସ୍ଥା ମନ୍ଦିର ଚାରିପାଖରେ ଏକାଧିକ ଫୋକସିଂ ଲାଇଟ୍ ଲଗାଇଥିଲା। ଏଭଳି ଆଲୋକୀକରଣ କରାଯାଇଥିଲା ଯେ ମେଘନାଦ ପାଚେରିଠାରୁ ଶ୍ରୀମନ୍ଦିର ନୀଳଚକ୍ର ପର୍ଯ୍ୟନ୍ତ ସ୍ୱଷ୍ଟ ଦୃଶ୍ୟମାନ ହେଉଥିଲା। ଉତ୍ତରଦ୍ୱାର, ଦକ୍ଷିଣଦ୍ୱାର, ପଶ୍ଚିମ ଦ୍ୱାରରେ ବକ୍ସ ଭଳି ଏକାଧିକ ସ୍ଥାନରେ ବଡ଼ବଡ଼ ଫୋକସିଂ ଲାଇଟ୍ ସବୁ ଲାଗିଥିଲା। ଏହି ଉଚ୍ଚକ୍ଷମତା ସମ୍ପନ୍ନ ଲାଇଟ୍ ସିଧାସଳଖ ଶ୍ରୀମନ୍ଦିର ଓ ନୀଳଚକ୍ରରେ ପଡୁଥିଲା। ଏଥିରେ ବଡ଼ଦେଉଳର ସୌନ୍ଦର୍ଯ୍ୟ ଫୁଟି ଉଠିବା ସହ ପରିକ୍ରମା ପ୍ରକଳ୍ପ ବେଶ୍ ସୁନ୍ଦର ଲାଗୁଥିଲା। ହେଲେ ଗତ ଗୁରୁବାର ରାତିରେ ଲାଇଟ୍‌ଗୁଡ଼ିକ ଖୋଲି ନିଆଯାଇଥିଲା। ଏହାକୁ ନେଇ ଭକ୍ତ ଓ ସେବାୟତଙ୍କ ମହଲରେ ଅସନ୍ତୋଷ ଦେଖାଦେଇଥିଲା ବେଳେ ଶନିବାର ପୁନଶ୍ଚ ଲାଇଟ୍ ଲଗାଯାଇଥିଲା।

- ପ୍ରଶାସନ ନଜରକୁ ଆସୁନି କେମିତି?
- ଠିକା ସଂସ୍ଥା ମନମାନୀ କରୁଛି କାହିଁକି?

ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉପଲକ୍ଷେ ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଠାକୁରଙ୍କ ବିଭିନ୍ନ ବ୍ୟବହୃତ ସାମଗ୍ରୀ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ତିନି ରଥର ମିନିଏଚର ଶୋଭା ପାଉଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ଯେଉଁ ଭକ୍ତମାନେ ଆସୁଥିଲେ, ସେମାନେ ପ୍ରଦର୍ଶନୀ ଭ୍ରମଣ ସହ ମହାପ୍ରଭୁଙ୍କ ବେଶ ଦେଖିବାକୁ ସୁଯୋଗ ପାଉଥିଲେ। ହେଲେ ଏହି ପ୍ରଦର୍ଶନୀକୁ ଖୋଲା ଯାଇଥିଲା। ଶନିବାର ପ୍ରଦର୍ଶନୀ କକ୍ଷରେ ପକାଯାଇଥିବା କାର୍ପେଟ, ଏସି ଆଦି ଆସବାବପତ୍ର ଖୋଲାଯିବା ଆରମ୍ଭ ହୋଇଥିଲା। ଏହା ଜଣାପଡ଼ିବା ପରେ ଭକ୍ତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତେବେ ଠିକା ସଂସ୍ଥା କାହା ପାଖରୁ ଅନୁମତି ଆଣି ଏ ସବୁ ଖୋଲୁଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଥିଲେ। ତେବେ ଯେଉଁଗୁଡ଼ିକ ଖୋଲାଯାଇଥିଲା ରବିବାର ଅପରାହ୍ଣରୁ ସେସବୁକୁ ପୁନଶ୍ଚ ଲଗାଯିବା ଆରମ୍ଭ ହୋଇଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସରକାର ବଦଳିବା ପରେ ଏହାକୁ ଖୋଲାଯାଉଛି ବୋଲି ଲୋକଙ୍କ ଭିତରେ ଚର୍ଚ୍ଚା ହେଉଛି। ତେବେ ଖୋଲିବା ପୂର୍ବରୁ ଠିକାସଂସ୍ଥା କାହାଠାରୁ ଅନୁମତି ପାଉଛି? ସେହିପରି ଖୋଲିବା ବେଳେ ଜିଲ୍ଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ନଜରକୁ ଆସୁନି କେମିତି? ସେମାନେ ଯଦି ଜାଣିପାରନ୍ତେ, ତେବେ ଏହାକୁ ନେଇ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜନ୍ତା ନାହିଁ। ସେହି କାମ ହେଉଛି, ହେଲେ ଭକ୍ତଙ୍କ ମନରେ କାହିଁକି ଅସନ୍ତୋଷ ସୃଷ୍ଟି କରାଯାଉଛି ବୋଲି ପ୍ରଶ୍ନ ଉଠୁଛି।

ଏସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି, ଏଥିରେ ଆମର କୌଣସି ସମ୍ପୃକ୍ତି ନାହିଁ। କିନ୍ତୁ ଖୋଲାଯିବା ପରେ ଆମକୁ କୁହାଯାଉଛି। ବେଶ ପ୍ରଦର୍ଶନୀର ଯେଉଁସବୁ ଜିନିଷପତ୍ର ଖୋଲାଯାଇଥିଲା ତାହା ଲଗାଯାଉଛି ବୋଲି ସେ କହିଛନ୍ତି।

# ଜୁଏଲ, ଧର୍ମେନ୍ଦ୍ର ଓ ଅଶ୍ୱିନୀଙ୍କୁ କ୍ୟାବିନେଟ୍



**ଭୁବନେଶ୍ୱର, ୯।୬(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତୃତୀୟ ପାଳିରେ ଓଡ଼ିଶାକୁ ମିଳିଛି ୩ ମନ୍ତ୍ରୀ ପଦ। ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ସହ ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ ଆଜି କ୍ୟାବିନେଟ ମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ଓଡ଼ିଶାରୁ ନିର୍ବାଚିତ ୨୦ ସାଂସଦଙ୍କ ମଧ୍ୟରୁ ୨ଜଣଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଥିବା ବେଳେ ପ୍ରଧାନମନ୍ତ୍ରୀ ଅଭିଜ୍ଞତାକୁ ଗୁରୁତ୍ୱ ଦେଇଥିବା କୁହାଯାଉଛି; କିନ୍ତୁ କେନ୍ଦ୍ରରେ ମନ୍ତ୍ରୀ ପଦ ନିମନ୍ତେ ଆଶାୟୀ କିଛି ସାଂସଦ ନିରାଶ ହୋଇଛନ୍ତି। ୨୦୧୯ରେ ବିଜେପି ରାଜ୍ୟରୁ ୮ଟି ଆସନ ପାଇଥିଲେ ହେଁ ଓଡ଼ିଶାକୁ ୨ଟି କ୍ୟାବିନେଟ୍ ଓ ଗୋଟିଏ ରାଷ୍ଟ୍ରମନ୍ତ୍ରୀ ପଦ ମିଳିଥିଲା। ଚଳିତଥର ଓଡ଼ିଶାରୁ ୨୦ଜଣ ସାଂସଦ ନିର୍ବାଚିତ ହୋଇଥିଲେ ହେଁ ମନ୍ତ୍ରୀ ପଦ ୩ରେ ସୀମିତ ରହିଛି।

୨୦୧୪ ମସିହାରେ ଓଡ଼ିଶାରୁ ଏକମାତ୍ର ସାଂସଦ ଭାବେ ଜୁଏଲ ଓରାମ ନିର୍ବାଚିତ ହୋଇଥିଲେ। ତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଥିଲା। ସେହିପରି ୨୦୧୯ ସାଧାରଣ ନିର୍ବାଚନରେ ଓଡ଼ିଶାରୁ ୮ ଜଣ ସାଂସଦ ନିର୍ବାଚିତ ହୋଇଥିବା ବେଳେ ଧର୍ମେନ୍ଦ୍ର ପ୍ରଧାନଙ୍କୁ କ୍ୟାବିନେଟ୍ ଓ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ରାଷ୍ଟ୍ରମନ୍ତ୍ରୀ ପଦ ମିଳିଥିଲା। ପରେ ପ୍ରତାପଙ୍କୁ ମନ୍ତ୍ରୀ ପଦରୁ ଅପସାରଣ କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ବିଶ୍ୱେଶ୍ୱର ଟୁଡୁ ମନ୍ତ୍ରିମଣ୍ଡଳରେ ରାଷ୍ଟ୍ରମନ୍ତ୍ରୀ ଭାବେ ସ୍ଥାନ ପାଇଥିଲେ। ସେହିପରି ଅଶ୍ୱିନୀ ବୈଷ୍ଣବ ପ୍ରଥମଥର କେନ୍ଦ୍ର କ୍ୟାବିନେଟରେ ସ୍ଥାନ ପାଇଥିବା ବେଳେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ରେଳ ମନ୍ତ୍ରାଳୟ ମିଳିଥିଲା। ଚଳିତ ନିର୍ବାଚନରେ ଓଡ଼ିଶାରେ ବିଜେପି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଛି। ୨୧ରୁ ୨୦ଲୋକସଭା କ୍ଷେତ୍ରରେ ଦଳୀୟ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ତେଣୁ ଚଳିତଥର ଓଡ଼ିଶାକୁ ଅଧିକ ସଂଖ୍ୟକ ମନ୍ତ୍ରୀ ପଦ ମିଳିବ ବୋଲି ଆଶା କରାଯାଉଥିଲା। ଏନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆଲୋଚନା ଜାରି ରହିଥିବା ବେଳେ ରବିବାର ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପଶ୍ଚିମ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ବିଜେପିର ଅଭିଜ୍ଞ ଧର୍ମେନ୍ଦ୍ର ଏବଂ ଜୁଏଲଙ୍କ ଉପରେ ପ୍ରଧାନମନ୍ତ୍ରୀ ପୁନଃ ଭରସା ପ୍ରକଟ କରିଛନ୍ତି। ସେହିପରି ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ କ୍ୟାବିନେଟ୍ ପାହ୍ୟା ମିଳିଛି।

## ନାଇଡୁଙ୍କୁ ନବୀନଙ୍କ ଶୁଭେଚ୍ଛା

**ଭୁବନେଶ୍ୱର, ୯।୬(ସମିସ):** ଆନ୍ଧ୍ରପ୍ରଦେଶର ଭାବୀ ମୁଖ୍ୟମନ୍ତ୍ରୀ ତଥା ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁଙ୍କୁ ଫୋନ କରି ଶୁଭେଚ୍ଛା ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆନ୍ଧ୍ର ବିଧାନସଭା ନିର୍ବାଚନରେ ଚନ୍ଦ୍ରବାବୁଙ୍କ ତେଲୁଗୁଦେଶମ୍ ପାର୍ଟିର ବିଶାଳ ବିଜୟ ପରେ ସେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବାକୁ ଯାଉଥିବାରୁ ନବୀନ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। 'ଏକ୍ସ' ଆକାଉଣ୍ଟରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ ତାଙ୍କର ରାଜନୈତିକ ଯାତ୍ରା ଆରମ୍ଭ କରିବା ଦିନରୁ ଚନ୍ଦ୍ରବାବୁଙ୍କ ସହ ସୁସମ୍ପର୍କ ରହିଛି। ଚନ୍ଦ୍ରବାବୁଙ୍କ ନେତୃତ୍ୱରେ ଆନ୍ଧ୍ରପ୍ରଦେଶ ବିକାଶର ଶିଖର ଛୁଇଁବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

# ପ୍ରତ୍ୟକ୍ଷ ରାଜନୀତିରୁ ଅଚ୍ୟୁତଙ୍କ ଅବ୍ୟାହତି

**ଭୁବନେଶ୍ୱର, ୯।୬(ସମିସ):** ପୂର୍ବତନ ସାଂସଦ ତଥା ବିଜେଡି ନେତା ଅଚ୍ୟୁତ ସାମନ୍ତ ପ୍ରତ୍ୟକ୍ଷ ରାଜନୀତିରୁ ଅବ୍ୟାହତି ନେଇଛନ୍ତି। ଏ ସମ୍ପର୍କରେ ଏକ ସାମ୍ବାଦିକ



ସମ୍ମିଳନୀରେ ଶ୍ରୀ ସାମନ୍ତ ସୂଚନା ଦେଇଛନ୍ତି। ଗତକାଲି ନବୀନ ନିବାସରେ ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏ ସମ୍ପର୍କରେ ଶ୍ରୀ ସାମନ୍ତ ନିଜର ଇଚ୍ଛା ବ୍ୟକ୍ତ କରିଥିଲେ। ଏହା ସହ ଉଭୟ ରାଜ୍ୟସଭା ଓ ଲୋକସଭା ପାଇଁ ତାଙ୍କୁ ସୁଯୋଗ ଦେଇଥିବାରୁ ଶ୍ରୀ ସାମନ୍ତ, ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ।

ଆଜି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମନ୍ତ ନିଜ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଜଣାଇବା ସହ ଦୀର୍ଘ ୩୨ବର୍ଷ ଧରି ସେ ଜାରି ରଖିଥିବା ସମାଜସେବା ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି। ଚଳିତ ନିର୍ବାଚନରେ ସେ କନ୍ଧମାଳ ସଂସଦୀୟ କ୍ଷେତ୍ରରୁ ଲଢ଼ି ପରାଜିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିବା ସହ ସେ ଜଣେ ଅତ୍ୟନ୍ତ ଭଲ ଲୋକ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହି ଅବସରରେ ବିଜେଡିର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇବା ସହ କନ୍ଧମାଳ ସଂସଦୀୟ କ୍ଷେତ୍ରର ସମସ୍ତ ଜନସାଧାରଣଙ୍କୁ ସେମାନଙ୍କ ଭଲ ପାଇବା ପାଇଁ ଶ୍ରୀ ସାମନ୍ତ କନ୍ଧମାଳବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ■ ପ୍ରକାଶ ପାଇଲା ଜେଇଇ ଆଡ଼ଭାନ୍ସଡ ପରୀକ୍ଷା ଫଳ

# ବେଦ ଲାହୋଟି ଟପ୍ପର୍

**ଭୁବନେଶ୍ୱର, ୯।୬ (ସମିସ):** ରବିବାର ଯୁଗ୍ମ ପ୍ରବେଶିକା ପରୀକ୍ଷା ବା ଜେଇଇ-ଆଡ଼ଭାନ୍ସଡ ପରୀକ୍ଷା ଫଳ ପ୍ରକାଶ ପାଇଛି। ଛାତ୍ରଛାତ୍ରୀମାନେ jeeadv.ac.in ୱେବ୍‌ସାଇଟ୍‌ରେ ନିଜ ର୍ୟାଙ୍କ୍ ଜାଣି ପାରିବେ। ଚଳିତ ବର୍ଷ ମୋଟ୍ ୧ଲକ୍ଷ ୮୦ ହଜାର ୨ଶହ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୪୮ ହଜାର ୨୪୮ ଜଣଙ୍କୁ ର୍ୟାଙ୍କ୍ ମିଳିଛି।

**୪୮,୨୪୮ ଜଣଙ୍କୁ ର୍ୟାଙ୍କ୍**

କୃତୀ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୭ ହଜାର ୯୬୪ଜଣ ଛାତ୍ରୀ ରହିଛନ୍ତି। ଆଇଆଇଟି ଦିଲ୍ଲୀ ଜୋନ୍‌ର ବେଦ ଲାହୋଟି ସମୁଦାୟ ୩୬୦ ନମ୍ବରରୁ ୩୫୫ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ୩୪୬ ନମ୍ବର ରଖି ଦିଲ୍ଲୀ ଜୋନ୍‌ର ଆଦିତ୍ୟ ଦ୍ୱିତୀୟ ଓ ୩୩୮ ନମ୍ବର ରଖି ମାଡ୍ରାସ ଜୋନ୍‌ର ଭୋଗପଲ୍ଲୀ ସନ୍ଦେଶ ତୃତୀୟ ସ୍ଥାନରେ ରହିଛନ୍ତି। ବାଳିକା ବର୍ଗରେ ଆଇଆଇଟି ବମ୍ବେ ଜୋନ୍‌ର ଛାତ୍ରୀ ଦ୍ୱିଜା ଧର୍ମେଶ କୁମାର ପଟେଲ୍ ୩୨୨ ନମ୍ବର ରଖି ଟପ୍ପର ହୋଇଛନ୍ତି। ଶ୍ରେଷ୍ଠ ୧୦ରେ ଆଇଆଇଟି ମାଡ୍ରାସର ୪ଜଣ ରହିଛନ୍ତି। ଆଇଆଇଟି ମାଡ୍ରାସ ଜୋନ୍‌ରୁ ସର୍ବାଧିକ ପରୀକ୍ଷାର୍ଥୀ



ର୍ୟାଙ୍କ୍ ପାଇଛନ୍ତି। ଏହାପରେ ଆଇଆଇଟି ଦିଲ୍ଲୀ, ଆଇଆଇଟି ବମ୍ବେ ଜୋନ୍ ରହିଛି। ଶ୍ରେଷ୍ଠ ୫ଶହ ଜଣଙ୍କ ମଧ୍ୟରେ ୧୪୫ଜଣ ଆଇଆଇଟି ମାଡ୍ରାସ ଜୋନ୍‌ର ହୋଇଥିବାବେଳେ ୧୩୬ ଜଣ ଆଇଆଇଟି ବମ୍ବେ ଓ ୧୨୨ଜଣ ଆଇଆଇଟି ଦିଲ୍ଲୀ ଜୋନ୍‌ର ରହିଛନ୍ତି। ଆସନ୍ତା ସୋମବାରଠାରୁ କାଉନସେଲିଂ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

## ଖୋଲୁଛି ୧୨୩ କୋଟି ଠକେଇର ଗୁମର

# ଓଡ଼ିଶା ସହଯୋଗୀଙ୍କୁ ଧରିବାକୁ ଚଢ଼ଉ

**ଭୁବନେଶ୍ୱର, ୯।୬(ସମିସ):** କମ୍ ଦିନରେ ଅଧିକ ସୁଧ ଦେବାର ଲୋଭ ଦେଖାଇ ୧୨୩କୋଟି ଟଙ୍କା ଠକି ନେଇଥିବା ହରିତ କୃଷିନିଧି ସଂସ୍ଥାର ନିର୍ଦ୍ଦେଶକ ତୁଷାର ଭଞ୍ଜୋକୁ କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲ୍ୟୁ ରିମାଣ୍ଡରେ ଆଣିବ। ଏନେଇ ଇଓଡବ୍ଲ୍ୟୁ ସୋମବାର ରିମାଣ୍ଡ ପାଇଁ ଆବେଦନ କରିବେ ବୋଲି ଜଣାପଡ଼ିଛି।

ତୁଷାର ଗିରଫ ହେବା ପରେ ଏହି ରାକେଟ୍‌ରେ ଗୁମର ଧୀରେଧୀରେ ଫିଟିବାରେ ଲାଗିଛି। ବିଶେଷକରି ରାକେଟ୍‌ରେ ଥିବା ଅନ୍ୟ ସଦସ୍ୟଙ୍କ ନାମ ପଦାକୁ ଆସିଛି। ସେମାନେ ଏହି ସଂସ୍ଥାରେ ଏଜେଣ୍ଟ ଭାବେ କାମ କରୁଥିଲେ। ଲୋକଙ୍କୁ ପ୍ରଲୋଭିତ କରି ସଂସ୍ଥାରେ ପୁଞ୍ଜିନିବେଶ କରିବାକୁ ପ୍ରବର୍ତ୍ତାଉଥିଲେ। ଇଓଡବ୍ଲ୍ୟୁ ଓଡ଼ିଶାରେ ଥିବା ସେହି ଏଜେଣ୍ଟମାନଙ୍କୁ ଗିରଫ କରିବା ପାଇଁ ଏକ ତାଲିକା ପ୍ରସ୍ତୁତ କରିଛି। ସେମାନଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି। ଅପରପକ୍ଷେ, ତୁଷାରର ଆକାଉଣ୍ଟରୁ ଏକାଧିକ ଆକାଉଣ୍ଟକୁ କୋଟିକୋଟି ଟଙ୍କାର ନେଣଦେଣ ହୋଇଛି। ତେଣୁ ତଦନ୍ତକାରୀ ଟିମ୍ ସେହି ଆକାଉଣ୍ଟଗୁଡ଼ିକର ମାଲିକଙ୍କ ସଂପର୍କରେ ଖୋଳତାଡ଼ କରିବାକୁ ଉଦ୍ୟମ ଆରମ୍ଭ କରିଛି। ତୁଷାର ଏବଂ ତା'ର

- ରିମାଣ୍ଡରେ ଆସିବ ତୁଷାର
- ଅନ୍ୟ ରାଜ୍ୟର ପୁଲିସ ଆସି କରିବ ପଚରାଉଚରା
- ବ୍ୟାଙ୍କ ଆକାଉଣ୍ଟ ଖୋଳତାଡ଼ କରୁଛି ତଦନ୍ତକାରୀ ଟିମ୍



ଦୁଇ କମ୍ପାନୀ ନାମରେ ଥିବା ବ୍ୟାଙ୍କ୍ ଆକାଉଣ୍ଟକୁ ଅଚଳ କରାଯାଇଛି।

ତୁଷାର ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ, ତ୍ରିପୁରା, ମହାରାଷ୍ଟ୍ର ରାଜ୍ୟରୁ ଠକିଛି। ତେଣୁ ରିମାଣ୍ଡ ସମୟରେ ଏହି ସବୁ ରାଜ୍ୟର ପୁଲିସ ତୁଷାରକୁ ପଚରାଉଚରା କରିପାରେ ବୋଲି ସୂଚନା ମିଳିଛି। ବଡ଼ କଥା ହେଲା, ଦଶମ ଫେଲ୍ ତୁଷାର ଏତେ ବଡ଼ ଠକେଇ କେମିତି କରିପାରିଲା, ସେନେଇ ୬ଟି ରାଜ୍ୟର ତଦନ୍ତକାରୀ ଟିମ୍ ଆଶ୍ଚର୍ଯ୍ୟ ହୋଇଛନ୍ତି। ସୂଚନାଯୋଗ୍ୟ, ଅଧିକ ସୁଧ ଲୋଭ ଦେଖାଇ ତୁଷାର ନିଜ କମ୍ପାନି ହରିତ କୃଷି ନିଧି ଏବଂ ଟ୍ରାନସଭିଜନ ଡ୍ରିମ୍ ମଲଟି ଟ୍ରେଡ୍‌ରେ ଟଙ୍କା ଲଗାଇବାକୁ ଲୋକଙ୍କୁ ପ୍ରଲୋଭିତ କରିଥିଲା। ଏଥିପାଇଁ ସେ ଏଜେଣ୍ଟମାନଙ୍କୁ ନିଯୁକ୍ତ କରିବା ସହ ସେମାନଙ୍କୁ ଅଧିକ କମିଶନ ଦେବାକୁ ଲୋଭ ଦେଖାଇଥିଲା। ଏପରିକି, ଯେଉଁ ଏଜେଣ୍ଟ ୪ଲକ୍ଷରୁ ଅଧିକ ଟଙ୍କା ବିନିଯୋଗ କରିବ, ତାକୁ ଦରମା ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲା। ଏପରି ଭାବେ ସେ ଏଜେଣ୍ଟମାନଙ୍କ ଜରିଆରେ ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ, ତ୍ରିପୁରା, ମହାରାଷ୍ଟ୍ର ଏପରିକି ବାଂଲାଦେଶରୁ ୧୨୩ କୋଟିରୁ ଅଧିକ ଟଙ୍କା ସଂଗ୍ରହ କରି ଫେରାର୍ ହୋଇ ଯାଇଥିଲା। ଏହି ଠକେଇ ଟଙ୍କାକୁ ସେ ବାଂଲାଦେଶ, ଚୀନରେ ବିନିଯୋଗ କରିଥିବା ଜଣାପଡ଼ିଛି।

## ଲୋକକଥା



ସରକାର ଯାହା କେନ୍ଦ୍ରରେ ହୋଇଲେ
ବିରୋଧୀଙ୍କ ପଲା ଭାରି,
ପଦବୀ ଝାମେଲା କରେ କିଲିବିଲା
ଚାପରେ ତ ସତ୍ତାଧାରୀ।
କେତେ ତୁଷ୍ଟ ଭାଗୀଦାରି ?
ବେଣାଠାରୁ ଛୋଟ ଘାସଠାରୁ ମୋଟ
ସ୍ଥିତିକୁ ବୁଲନ୍ତି ଧରି !!

## ସମ୍ବଲପୁରରେ ଶୀତଳ ଷଷ୍ଠୀ

# ଦେବଦମ୍ପତିଙ୍କ ବିବାହ ପାଇଁ ଦେବନିମନ୍ତ୍ରଣ

**ସମ୍ବଲପୁର, ୯।୬ (ସମିସ):** ଦେବଦେବ ମହାଦେବ ଓ ଦେବୀ ପାର୍ବତୀଙ୍କ ବିବାହ ପାଇଁ ପତରପେଣ୍ଡି ବା ନିର୍ବନ୍ଧ ଗୁଆଗୁଣ୍ଡା ବା ନିୟୁତା ବିଧି ଆଜି ସମ୍ପନ୍ନ ହୋଇଛି। ଆସନ୍ତାକାଲି ସୋମବାର ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ମହାଦେବ-ପାର୍ବତୀଙ୍କ ବିବାହ ହେବ। ଏଥିପାଇଁ ଶିବାଳୟଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି।

କନ୍ୟାପକ୍ଷ ମହାଦେବଙ୍କୁ ବର ବେଶରେ ସ୍ୱାଗତ କରିବା ପାଇଁ ଉତ୍ସାହ ସହିତ ଅପେକ୍ଷା କରିଛନ୍ତି। କନ୍ୟାଘରେ ପରିବାର ପରିଜନଙ୍କ ଭିଡ଼ ହୋଇସାରିଛି। ସମ୍ପୂର୍ଣ୍ଣ ଭାବରେ ଲୋକାଚାର ଓ ବୈଦିକ ରୀତିନୀତିରେ ବିବାହ ହେବ। କନ୍ୟାପକ୍ଷ ଅଳଙ୍କାର ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ କିଣି ସାରିଛନ୍ତି। ଆଲୋକମାଳାରେ ମନ୍ଦିର ଓ ସହର ଝଲସି ଉଠୁଛି। ବଡ଼ବଜାରର ଶୀତଳେଶ୍ୱର, ଦୁର୍ଗାପାଲିର ଗୁଡ଼େଶ୍ୱର, ମାନେଶ୍ୱର ମାନଧାତା, ରାନୀବନ୍ଧର ରାମେଶ୍ୱର, ସିନ୍ଦୁରପଙ୍କର ତାରକେଶ୍ୱର,



ଠାକୁରପଡ଼ା ଓ ମ୍ୟୁନିସିପାଲଟି ଛକର ଗୁପ୍ତେଶ୍ୱର ପ୍ରଭୃତି ଶିବାଳୟରେ ମଧ୍ୟ ଦେବବିବାହ ପାଇଁ ପ୍ରସ୍ତୁତି କରାଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମହାନଗର କମିସନର ବେଦଭୂଷଣ, ଏସ୍‌ପି ମୁକେଶ କୁମାର ଭାମୁ ଓ ଅନ୍ୟ ବରିଷ୍ଠ ରାଜସ୍ୱ ଏବଂ ପୁଲିସ ଅଧିକାରୀମାନଙ୍କ ସହିତ ନନ୍ଦପଡ଼ା, ଝାଡୁଆପଡ଼ା, ମୁଦିପଡ଼ା ପ୍ରଭୃତି ସ୍ଥାନକୁ ଯାଇ ଯାତ୍ରା କମିଟିମାନଙ୍କର କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ।

ଆଜି ନନ୍ଦପଡ଼ା ବାଲୁଙ୍କେଶ୍ୱର ବାବାଙ୍କ ବ୍ୟତୀତ ସମସ୍ତ ମନ୍ଦିର ପକ୍ଷରୁ ହନୁମାନ ନିୟୁତା ବା ଦେବ ନିମନ୍ତ୍ରଣ କରାଯାଇଛି। ଆସନ୍ତାକାଲି ଦେବ ଦମ୍ପତିଙ୍କ

**ଆଲୋକ ସାଜସଜ୍ଜାରେ ମନ୍ଦିର, ସହର ଝଲସୁଛି**

ବିବାହ ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ କରିଛନ୍ତି ହନୁମାନ। ଆସନ୍ତାକାଲି ବିଲମ୍ବିତ ରାତିରେ ବିବାହ କାର୍ଯ୍ୟ ସମ୍ପାଦନା ହେବ। ମଧ୍ୟାହ୍ନରେ ଗଣ୍ଠାଳ ଫିଟା ନୀତି ମଧ୍ୟ ହେବ। ଚଳିତ ବର୍ଷର କନ୍ୟା ପିତାମାତା ପରିବାର ପାର୍ବତୀଙ୍କୁ ନିଜ ନିଜ ବାସଭବନକୁ ନେବେ। ସେଠାରେ ଦେବୀପାର୍ବତୀଙ୍କ ସ୍ୱତନ୍ତ୍ର ବେଶ କରାଯିବ। ଦେବ ବିବାହ ଓ ଯାତ୍ରା ପାଇଁ ସମସ୍ତ ନୀତିକାନ୍ତି ଓ ବିଧିବିଧାନ ନିର୍ବାହ କରାଯିବ। ଶିବ-ପାର୍ବତୀଙ୍କ ବିବାହ ଆୟୋଜନ ପାଇଁ କନ୍ୟାପକ୍ଷ ଭୂମିକାରେ ଥିବା ପରିବାରମାନଙ୍କ ପକ୍ଷରୁ ସ୍ୱତନ୍ତ୍ର ମଣ୍ଡପ ତିଆରି କରାଯାଇଛି। ବରଯାତ୍ରୀ ଶୋଭାଯାତ୍ରା ପୂର୍ବରୁ ଭୋଳାନାଥଙ୍କ ଅଭିଷେକ ହେବ। କନ୍ୟା ଘରେ ବରଯାତ୍ରୀରେ ପହଞ୍ଚିବେ। ବିବାହ ପରେ ନବବିବାହିତ ଦେବଦମ୍ପତି ଷଷ୍ଠୀ ତିଥିରେ ମନ୍ଦିର ବେଢ଼ାରେ ପାଲିଙ୍କିରେ ଯାତ୍ରାରେ ନଗର ପରିକ୍ରମା କରିବେ। ରଥ ଉପରେ ଭକ୍ତମାନଙ୍କୁ ଦର୍ଶନ ଦେବା ପରେ ସପ୍ତମୀ ତିଥିର ସନ୍ଧ୍ୟା ସୁଦ୍ଧା ଦେବ ଦମ୍ପତି ମନ୍ଦିର ବିଜେ କରିବେ। ଦେବଦମ୍ପତିଙ୍କ ଯୁଗଳ ବିଗ୍ରହ ଦର୍ଶନ ପାଇଁ ମଣ୍ଡପ ସାଜସଜ୍ଜା ସମ୍ପୂର୍ଣ୍ଣ ହୋଇଛି। ନିୟମ ଅନୁଯାୟୀ, ଭକ୍ତମାନେ ଯେପରି ଶିବ-ପାର୍ବତୀଙ୍କ ଦର୍ଶନ କରିବେ, ସେଥିପାଇଁ ଯାତ୍ରା କମିଟିମାନଙ୍କ ପକ୍ଷରୁ ପ୍ରସ୍ତୁତି କରାଯାଉଛି। ଭଣ୍ଡାର ଗୃହରୁ ବିଗ୍ରହମାନଙ୍କ ଅଳଙ୍କାର ବାହାର କରାଯାଇ ମଜାଘସା କରାଯାଉଥିବା ବେଳେ ମଣ୍ଡପ ଓ ପରଭା ପ୍ରସ୍ତୁତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

# କେନ୍ଦ୍ର ମନ୍ତ୍ରିମଣ୍ଡଳରେ ୭୨ ମନ୍ତ୍ରୀ ସାମିଲ

ନୂଆଦିଲ୍ଲୀ, ୯।୬(ଏଜେନ୍ସି)

ରାଷ୍ଟ୍ରପତି ଭବନର ସେଣ୍ଟ୍ରାଲ୍ ହଲ୍‌ରେ ରବିବାର ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭ ବିଦେଶୀ ରାଷ୍ଟ୍ରମୁଖ୍ୟ ଓ ୮ ହଜାରରୁ ଅଧିକ ନିମନ୍ତ୍ରିତ ଅତିଥିଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀଙ୍କୁ ଶପଥପାଠ କରାଇଛନ୍ତି। ଏହା ବାଦ୍ ମୋଦୀ ମନ୍ତ୍ରିମଣ୍ଡଳର ଅନ୍ୟ ୭୧ ଜଣ ମନ୍ତ୍ରୀ ମଧ୍ୟ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। କ୍ୟାବିନେଟ୍ ମନ୍ତ୍ରୀ ଭାବେ ରାଜନାଥ ସିଂହ, ଅମିତ ଶାହ, ନୀତୀନ ଗଡ଼କରି, ଜେପି ନଡ୍ଡା, ଶିବରାଜ ସିଂହ ଚୌହାନ, ନିର୍ମଳା ସୀତାରମଣ, ଏସ ଜୟଶଙ୍କର, ମନୋହର ଲାଲ ଖଟ୍ଟର, ଏଚ୍‌ଡି କୁମାରସ୍ୱାମୀ, ପୀୟୂଷ ଗୋୟଲ, ଧର୍ମେନ୍ଦ୍ର ପ୍ରଧାନ, ଜିତନ ରାମ ମାନଝି, ରାଜୀବ ରଞ୍ଜନ ସିଂ ଓରଫ ଲଲନ ସିଂହ, ସର୍ବାନନ୍ଦ ସୋନଓ୍ୱାଲ୍, ଡ.ବୀରେନ୍ଦ୍ର କୁମାର, କିଞ୍ଜାରପୁ ରାମମୋହନ ନାଇଡୁ, ପ୍ରହ୍ଲାଦ ଯୋଶୀ,ଜୁଏଲ ଓରାମ, ଗିରିରାଜ ସିଂ, ଅଶ୍ୱିନୀ ବୈଷ୍ଣବ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ଭୂପେନ୍ଦ୍ର ଯାଦବ, ଗଜେନ୍ଦ୍ର ସିଂହ ଶେଖାୱତ, ଅନ୍ନପୂର୍ଣ୍ଣା ଦେବୀ, କିରନ ରିଜିଜୁ, ହରଦୀପ ସିଂହ ପୁରି, ମନସୁଖ ମାଣ୍ଡଭୀୟ, ଜି କିଷନ ରେଡ୍ଡି, ଚିରାଗ ପାଶ୍ୱାନ, ସିଆର ପାଟିଲ ଏବଂ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଭାବେ ରାଓ ଇନ୍ଦ୍ରଜିତ ସିଂହ, ଜିତେନ୍ଦ୍ର ସିଂହ, ଅର୍ଜୁନ ରାମ ମେଘୱାଲ, ଜାଦବ ପ୍ରତାପରାଓ ଗଣପତରାଓ ଏବଂ ଜୟନ୍ତ ଚୌଧୁରୀ ଶପଥ ନେଇଛନ୍ତି। ସେହିପରି ରାଷ୍ଟ୍ରମନ୍ତ୍ରୀ ଭାବେ ଜିତିନ ପ୍ରସାଦ, ଶ୍ରୀପଦ ୟସୋ ନାଇକ, ପଙ୍କଜ ଚୌଧୁରୀ, ରାମଦାସ ଅଠାୱାଲେ, କୃଷ୍ଣା ପାଲ୍, ଜର୍ଜ କୁରିଆନ, ରାମନାଥ ଠାକୁର, ନିତ୍ୟାନନ୍ଦ ରାଏ, ଅନୁପ୍ରିୟା ପଟେଲ, ଭି ସୋମ୍ମାନ୍ନା, ଚନ୍ଦ୍ର ଶେଖର ପେମାଶନି, ଏସପି ସିଂହ ବଘେଲ, ଶୋଭା କରନ୍ଦଲାଜେ, କିର୍ତ୍ତିବର୍ଦ୍ଧନ ସିଂହ, ବିଏଲ୍ ବର୍ମା, ଏଲ ମୁରୁଗାନ, ଶାନ୍ତନୁ ଠାକୁର, ସୁରେଶ ଗୋପୀ, ଅଜୟ ଟାମଟା, ବନ୍ଦୀ ସଞ୍ଜୟ କୁମାର, କମଲେଶ ପାଶ୍ୱାନ, ଭଗୀରଥ ଚୌଧୁରୀ, ସତୀଶ ଚନ୍ଦ୍ର ଦୁବେ, ସଞ୍ଜୟ ସେଠ, ରବନୀତ ସିଂହ, ଦୁର୍ଗା ଦାସ ଉଇକେ, ରକ୍ଷା ନିଖିଲ ଖଡସେ, ସୁକାନ୍ତ ମଜୁମଦାର, ସାବିତ୍ରୀ ଠାକୁର, ତୋଖନ ସାହୁ, ରାଜ ଭୂଷଣ ଚୌଧୁରୀ, ଭୁପତି ରାଜୁ ଶ୍ରୀନିବାସ ବର୍ମା, ହର୍ଷ ମଲହୋତ୍ରା, ନମୁବେନ୍ ଜୟନ୍ତିଭାଇ ବମ୍ଭାନିୟା, ମୁରଲୀଧର ମୋହଲ, ଜର୍ଜ କୁରିୟାନ, ପବିତ୍ରା ମାର୍ଗେରିଟା ଶପଥ ଗ୍ରହଣ କରିଛନ୍ତି। ରଭନିତ୍ ସିଂହ ବିଟ୍ଟୁ ଲୋକସଭା ନିର୍ବାଚନ ହାରିଛନ୍ତି। ସେ ଲୁଧିଆନା ସଂସଦୀୟ କ୍ଷେତ୍ରର ବିଜେପି ପ୍ରାର୍ଥୀ ଥିଲେ। ରଭନିତ୍ ନିର୍ବାଚନ ହାରିଥିବା ସତ୍ତ୍ୱେ ମୋଦୀ ତାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇଛନ୍ତି।



## ୨୭ଓବିସି, ୧୦ ଦଳିତ, ୫ ଆଦିବାସୀ ଓ ୫ ସଂଖ୍ୟାଲଘୁ ମନ୍ତ୍ରୀ ସାମିଲ

ମୋଦୀ ସରକାରଙ୍କ ତୃତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲା ବେଳେ ଜାତିଗତ ସମୀକରଣକୁ ଦୃଷ୍ଟିରେ ରଖି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବିଭିନ୍ନ ବର୍ଗର ନେତାଙ୍କୁ ସ୍ଥାନ ଦିଆଯାଇଛି। ନୂତନ ମନ୍ତ୍ରିମଣ୍ଡଳରେ ୨୭ ଜଣ ସାଧାରଣ ବର୍ଗର ରହିଥିଲା ବେଳେ ୧୦ ମନ୍ତ୍ରୀ ଦଳିତ ଶ୍ରେଣୀ,୫ ମନ୍ତ୍ରୀ ଆଦିବାସୀ ଏବଂ ୫ ମନ୍ତ୍ରୀ ସଂଖ୍ୟାଲଘୁ ସଂପ୍ରଦାୟର ରହିଛନ୍ତି। ସାଧାରଣ ବର୍ଗରେ ୨୧ ଜଣ ମନ୍ତ୍ରୀ ରହିଛନ୍ତି। ଏହାପରେ ପଛୁଆ ବର୍ଗରେ ସିଆର ପାଟିଲ, ପଙ୍କଜ ଚୌଧୁରୀ, ଅନୁପ୍ରିୟା ପଟେଲ, ବିଏଲ ବର୍ମା, ରକ୍ଷା ଖଡ଼ସେ, ପ୍ରତାପ ରାଓ ଯାଦବ, ଶିବରାଜ ସିଂ ଚୌହାନ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ରାଓ ଇନ୍ଦ୍ରଜିତ ସିଂହ, କ୍ରିଷନ ପାଲ ଗୁର୍ଜର, ଭୁପେନ୍ଦ୍ର ଯାଦବ, ଭାଗୀରଥ ଚୌଧୁରୀ, ଅନ୍ନପୂର୍ଣ୍ଣା ଦେବୀ, ଶୋଭା କରନ୍ଦଲାଜେ, ଏଚଡି କୁମାରସ୍ୱାମୀ, ନିତ୍ୟାନନ୍ଦ ରାୟ ରହିଛନ୍ତି। ସେହିପରି ଦଳିତ ଶ୍ରେଣୀରେ ଏସପି ବଘେଲ, କମଲେଶ ପାଶୱାନ, ଅଜୟ ଟମ୍ଟା, ରାମଦାସ ଅଠାୱଲେ, ବୀରେନ୍ଦ୍ର କୁମାର, ସାବିତ୍ରୀ ଠାକୁର, ଅର୍ଜୁନ ରାମ ମେଘୱାଲ, ଚିରାଗ ପାସୱାନ, ଜିତନ ରାମ ମାଝୀ ଏବଂ ରାମନାଥ ଠାକୁର ରହିଥିବାବେଳେ ଆଦିବାସୀ ଶ୍ରେଣୀରେ ଜୁଏଲ ଓରାମ, ଶ୍ରୀପଦ ୟେସୋ ନାୟକ, ସର୍ବାନନ୍ଦ ସୋନୱାଲ ରହିଛନ୍ତି।

## ସହଯୋଗୀ ଦଳକୁ ୧୧ ମନ୍ତ୍ରୀ ପଦ

ନୂଆଦିଲ୍ଲୀ, ୯ ।୬(ଏଜେନ୍ସି):ଏନଡିଏ'ର ଅଂଶୀଦାର ଓ ବିଜେପିର ସହଯୋଗୀ ଦଳମାନେ ପାଇଛନ୍ତି ୧୧ମନ୍ତ୍ରୀ ପଦ। ତେଲୁଗୁ ଦେଶମ୍ ପାର୍ଟି(ଟିଡିପି) ର ଦୁଇ, ସଂଯୁକ୍ତ ଜନତା ଦଳ(ଜେଡିୟୁ) ର ଦୁଇ ଓ ଅନ୍ୟ ୮ଟି ଦଳର ଜଣେ ଲେଖାଏଁ ମନ୍ତ୍ରୀ ପଦ ପାଇଛନ୍ତି। ଟିଡିପିର ରାମ ମୋହନ ନାଇଡୁ ଓ ଚନ୍ଦ୍ର ଶେଖର ପେମାଶନି ମନ୍ତ୍ରୀ ପଦ ପାଇଥିବା ବେଳେ ଜେଡିୟୁର ଲଲନ ସିଂହ ଓ ରାମ ନାଥ ଠାକୁର ମନ୍ତ୍ରୀ ହୋଇଛନ୍ତି। ଏହା ବ୍ୟତୀତ ଏନଡିଏ ଅଂଶୀଦାର ଦଳ ଶିବସେନାର ପ୍ରତାପ ରାଓ ଯାଦବ, ରାଷ୍ଟ୍ରୀୟ ଲୋକ ଦଳର ଜୟନ୍ତ ଚୌଧୁରୀ, ଲୋକ ଜନଶକ୍ତି ପାର୍ଟିର ଚିରାଗ ପାଶ୍ୱାନ, ଜନତା ଦଳ(ଧର୍ମନିରପେକ୍ଷ) ର ଏଚ୍‌ଡି କୁମାରସ୍ୱାମୀ, ଏଜେଏସୟୁ'ର ଚନ୍ଦ୍ର ପ୍ରକାଶ ଚୌଧୁରୀ, ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆର ରାମଦାସ ଅଠାଓ୍ୱାଲେ, ଅପନା ଦଳର ଅନୁପ୍ରିୟା ପଟେଲ ଓ ହିନ୍ଦୁସ୍ତାନି ଆଓ୍ୱାମ ମୋର୍ଚ୍ଚା'ର ଜିତିନ ରାମ ମାନଝି ମନ୍ତ୍ରୀ ହେଇଛନ୍ତି।

## କାଶ୍ମୀର: ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ

# ୧୦ ଶ୍ରଦ୍ଧାଳୁ ମୃତ; ୩୩ ଆହତ

ଶ୍ରୀନଗର, ୯।୬ (ଏଜେନ୍ସି)

ଜମ୍ମୁ-କାଶ୍ମୀର ରିଆସି ଜିଲ୍ଲାରେ ରବିବାର ସନ୍ଧ୍ୟା ୬ଟା ୧୫ରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଠାକାର ତେରୟାଥ ଗ୍ରାମ ନିକଟରେ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ବସ୍ ଉପରେ ଆତଙ୍କବାଦୀ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରାୟ ୩୩ ଜଣ ଆହତ ହୋଇଛନ୍ତି। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ନୂଆ କ୍ୟାବିନେଟ ଶପଥ ଗ୍ରହଣ କରୁଥିବା ସମୟରେ ଏହି ଆକ୍ରମଣ ହୋଇଛି। ଏହାକୁ ନେଇ ରିଆସି ଏସ୍‌ଏସ୍‌ପି ମୋହିତ ଶର୍ମା କହିଛନ୍ତି ଯେ ଶିବ ଖୋଡ଼ିରୁ କଟରା ଯାଉଥିବା ବସ୍ ଉପରେ ଆତଙ୍କବାଦୀ ଗୁଳି ମାଡ଼ କରିଛନ୍ତି। ଡ୍ରାଇଭର ଆହତ ହୋଇଯିବାରୁ ସେ ବସ୍ ଉପରୁ ନିୟନ୍ତ୍ରଣ ହରାଇ ଥିଲେ। ଏଥିଯୋଗୁଁ ବସ୍‌ଟି ଗଭୀର ଖାଇକୁ ଖସି ପଡ଼ିଥିଲା। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୧୦ ଯାତ୍ରୀ ପ୍ରାଣ ହରାଇ ଥିଲେ। ଅନ୍ୟ ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ପର୍ଯ୍ୟନ୍ତ ଯାତ୍ରୀଙ୍କୁ ଚିହ୍ନଟ କରାଯାଇପାରି ନାହିଁ। ଅଧିକାଂଶ ଶ୍ରଦ୍ଧାଳୁ ଉତ୍ତର ପ୍ରଦେଶର ବାସିନ୍ଦା ବୋଲି ଜଣାପଡ଼ିଛି। ଏହାର ସୂଚନା ପାଇବା ପରେ ସୁରକ୍ଷାବାହିନୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଅଞ୍ଚଳକୁ କବ୍ଜାକୁ ନେଇଛନ୍ତି। ଏହି ଆକ୍ରମଣ ଅଞ୍ଚଳରେ ବୃଦ୍ଧି ପାଉଥିବା



ଆତଙ୍କବାଦୀ କାର୍ଯ୍ୟକଳାପକୁ ଦର୍ଶାଉଛି। ରାଜୋରି ଏବଂ ପୁଞ୍ଚ ତୁଳନାର ପୂର୍ବରୁ ରିଆସି ଆତଙ୍କବାଦୀ କାର୍ଯ୍ୟକଳାପରୁ ଦୂରେଇ ରହିଥିଲା।

● ବନ୍ଦୀଙ୍କୁ ମୁକ୍ତି ପାଇଁ ରାଫା ଅଭିଯାନ

# ଇସ୍ରାଏଲ ଆକ୍ରମଣରେ ୨୭୪ ମୃତ

ତେଲ ଆଭିଭ, ୯।୬ (ଏଜେନ୍ସି): ଆତଙ୍କବାଦୀ ସଂଗଠନ ହମାସ କବଳରେ ଥିବା ବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଇସ୍ରାଏଲ ସେନା ରାଫାରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲା। ଏଥିପାଇଁ ହୋଇଥିବା ଆକ୍ରମଣରେ ୨୭୪ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଥିଲା। ଏମାନଙ୍କ ମଧ୍ୟରେ ଶିଶୁ ଏବଂ ମହିଳା ମଧ୍ୟ ସାମିଲ ଅଛନ୍ତି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହା ଦିନକରେ ସର୍ବାଧିକ। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଇସ୍ରାଏଲ ମଧ୍ୟ ଗାଜାରେ ଅଭିଯାନ ଆରମ୍ଭ କରିଦେଇଛି। ଏହା ପୂର୍ବରୁ ମିଳିତ ଜାତିସଂଘ (ୟୁଏନ) ମହାସଚିବ ଆଣ୍ଟୋନିଓ ଗୁତରେସ ଇସ୍ରାଏଲ ସେନାକୁ ବିଶ୍ୱ ଅପରାଧୀ ତାଲିକାରେ ସାମିଲ କରି ଦେଇଥିଲେ। ୨୦୨୩ରେ ଶିଶୁ ବିରୋଧୀ ଅପରାଧ ପାଇଁ ଏହି ପଦକ୍ଷେପ ଗ୍ରହଣ କରିଥିଲେ। ଇସ୍ରାଏଲର ୟୁଏନ ଦୂତ ଗିଲାଦ ଏର୍ଦନ ଏହି ନିଷ୍ପତ୍ତିକୁ ଲଜ୍ଜାଜନକ କହିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ କହିଛନ୍ତି ଯେ ୟୁଏନ୍ ଆଧାରହୀନ ଦାବିକୁ ଭରସା କରି ଦେଶକୁ ଏହି ତାଲିକାରେ ସାମିଲ କରିଛି। ଏଭଳି ପଦକ୍ଷେପ ନେଇ ଆଣ୍ଟୋନିଓ ନିଜକୁ କଳା ତାଲିକାଭୁକ୍ତ କରିଦେଇଛନ୍ତି। ସେ ଆତଙ୍କବାଦ ଏବଂ ଇସ୍ରାଏଲ ବିରୋଧରେ ଘୃଣାକୁ ପ୍ରୋତ୍ସାହନ ଦେଉଛନ୍ତି। ସେହିପରି ଆତଙ୍କବାଦୀ ସଂଗଠନ ହମାସ୍ ଏବଂ ପାଲେଷ୍ଟାଇନ ଇସଲାମିକ ଜିହାଦକୁ ମଧ୍ୟ ଏହି ତାଲିକାରେ ସାମିଲ କରାଯାଇଛି।

# ନକଲି ସିବିଆଇ ଗ୍ୟାଙ୍ଗ୍ ଠକିନେଲେ ୮ ୫ଲକ୍ଷ

ନୂଆଦିଲ୍ଲୀ, ୯ ।୬(ଏଜେନ୍ସି)




ସ୍ୱେଚ୍ଛା ଅବସର ନେଇଥିବା ବିଶାଖାପାଟଣାର ଜଣେ ବ୍ୟକ୍ତି ପାଇଥିବା ଅବସର ବାବଦ ପ୍ରାପ୍ୟ ଅର୍ଥରୁ ୮ ୫ଲକ୍ଷ ଟଙ୍କା ନକଲି ସିବିଆଇ ଗ୍ୟାଙ୍ଗ୍ ଠକିନେଇଛନ୍ତି। ନିଜକୁ ସିବିଆଇ ଅଫିସର୍ କହି ଠକ ଜଣକ ଅବସରପ୍ରାପ୍ତ ବ୍ୟକ୍ତିଙ୍କୁ କହିଥିଲା ଯେ ନାର୍‌କୋଟିକ୍ସ କାରବାର ସମେତ ଅନେକ ବେଆଇନ ନେଣଦେଣରେ ତାଙ୍କ ଆଧାରକାର୍ଡ ନମ୍ବର ବ୍ୟବହାର ହୋଇଛି। ଏହା ପରେ ଠକ ଜଣକ ତା' ବସ୍'କୁ ଫୋନ୍ ଲଗାଇ ଜାଣିବାକୁ ଚାହିଁଥିଲା-ଏହି ବ୍ୟକ୍ତିଙ୍କୁ ଗିରଫ କରାଯିବ କି ନାହିଁ। ତା'ପରେ ଠକ ତାଙ୍କୁ କହିଥିଲା, ତୁମ ଏଚ୍‌ଡିଏଫ୍‌ସି ଆକାଉଣ୍ଟକୁ ଆସିଥିବା ୮ ୫ଲକ୍ଷ ଟଙ୍କା ବୈଧ ନେଣଦେଣ କି ନୁହେଁ ତାହା ଯାଞ୍ଚ୍ କରାଯିବ। ତୁମେ ୮ ୫ଲକ୍ଷର ଚେକ୍ ନିକଟସ୍ଥ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖାରେ ଚେକ୍ ଆକାରରେ ଜମା କର। ଯାଞ୍ଚ୍ ପରେ ଯଦି ସବୁକିଛି ଠିକ୍ ଥାଏ ତେବେ ତାଙ୍କୁ ତାଙ୍କ ଟଙ୍କା ଫେରାଇ ଦିଆଯିବ ବୋଲି ଠକ ପ୍ରତିଶ୍ରୁତି ଦେଇଥିଲା। ଅବସରପ୍ରାପ୍ତ ବ୍ୟକ୍ତି ଜଣଙ୍କୁ ଦୁଇ ଦିନ ଧରି ନକଲି ସିବିଆଇ, କଷ୍ଟମସ୍ ଓ ଆୟକର ବିଭାଗ ଅଫିସରମାନଙ୍କ ଦ୍ୱାରା ଜେରା କରାଗଲା, ତାଙ୍କୁ ଘରୁ ବାହାରକୁ ଯିବାକୁ କିମ୍ବା କାହାରିକୁ ଫୋନ୍ କରିବାକୁ ଦିଆଗଲାନାହିଁ। ବ୍ୟକ୍ତି ଜଣକ ଶେଷରେ ବାଧହୋଇ ୮ ୫ଲକ୍ଷର ଚେକ୍ ଦେଇଥିଲେ। ସେହି ଅର୍ଥ ଦିଲ୍ଲୀର ରାଣା ଗାର୍ମେଣ୍ଟ ଆକାଉଣ୍ଟକୁ ଯାଇ ତା'ପରେ ଦେଶର ବିଭିନ୍ନ ଭାଗରେ ଥିବା ୧୦୫ଟି ନକଲି ଆକାଉଣ୍ଟକୁ ବାଣ୍ଟି ହୋଇଯାଇଥିବା ପୁଲିସ୍ ତଦନ୍ତରୁ ଜଣାପଡ଼ିଛି। ରାଣା ଗାର୍ମେଣ୍ଟର କେୱାଇସି ଠିକ୍ ଭାବେ ବ୍ୟାଙ୍କ ଯାଞ୍ଚ୍ କରିନାହିଁ। ସେହି ଠିକଣାରେ ଅନ୍ୟ ଏକ କମ୍ପାନୀ ରହିଛି। ବିଶାଖାପାଟଣାରେ ଗତ ମାସରେ ମୋଟ ୩୦୦ କୋଟି ଟଙ୍କାର ସାଇବର୍ ଠକେଇ ହୋଇଥିବା ପୁଲିସ୍ ସୂଚନା ଦେଇଛି।

## ମଣିପୁରରେ ଅନୁପ୍ରବେଶ ଅପେକ୍ଷାରେ ୨୦୦ ଉଗ୍ରବାଦୀ

ଇମ୍ଫାଲ, ୯।୬ (ଏଜେନ୍ସି): ମଣିପୁର ଜିରିବାମ ଜିଲ୍ଲାରେ ହିଂସା ଜାରି ରହିଛି। ଏହା ମଧ୍ୟରେ ଚିନ୍ତାଜନକ ରିପୋର୍ଟ ସାମ୍ନାକୁ ଆସିଛି। ଚୀନ୍-କୁକି ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ବାଂଲାଦେଶ ସରକାର ନିର୍ଦ୍ଦେଶ ଦେବା ପରେ ୨୦୦ରୁ ଅଧିକ ଆତଙ୍କବାଦୀ ଭାରତୀୟ ସୀମାକୁ ପଳାଇ ଆସିଛନ୍ତି। ଏମାନେ ମିଜୋରାମ ରାସ୍ତା ଦେଇ ମଣିପୁରରେ ଅନୁପ୍ରବେଶ କରିପାରନ୍ତି ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଉଗ୍ରବାଦୀମାନେ ଜିବିରାମ ଜିଲ୍ଲାର ୨ଟି ପୁଲିସ ପୋଷ୍ଟ, ବନ ବିଭାଗ ଅଫିସ ଏବଂ ୭୦ ଘର ଜାଳି ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ ୩-୪ ଉଗ୍ରବାଦୀ ବରାକ ନଦୀ ଦେଇ ଆସିଥିଲେ। ଏହି ଘଟଣାର କିଛି ଘଣ୍ଟା ପରେ ଏସ୍‌ପିଙ୍କୁ ବଦଳି କରିଦିଆଯାଇଛି। ଜିରିବାମ ଏସ୍‌ପି ଏ ଘନଶ୍ୟାମ ଶର୍ମାଙ୍କୁ ପୁଲିସ ଟ୍ରେନିଂ କଲେଜର ଅତିରିକ୍ତ ନିର୍ଦ୍ଦେଶକ ପଦକୁ ବଦଳି କରାଯାଇଛି।

● ମୁମ୍ବାଇ ବିମାନବନ୍ଦରରେ ଟଳିଲା ବଡ଼ ଅଘଟଣ

## ଗୋଟିଏ ରନୱେରେ ପହଞ୍ଚିଲା ୨ ବିମାନ

ମୁମ୍ବାଇ, ୯।୬ (ଏଜେନ୍ସି): ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏକ ବଡ଼ ଅଘଟଣ ଟଳି ଯାଇଛି। ଏଠାକାର ଏକ ରନୱେରେ ଏକା ସଙ୍ଗେ ଦୁଇ ବିମାନ ପହଞ୍ଚି ଯାଇଛନ୍ତି। ଏହାକୁ ନେଇ ଯାତ୍ରୀ ଭୟଭୀତ ହୋଇଯାଇଛନ୍ତି। ଏବେ ଏହାର ଭିଡିଓ ଏବଂ ଫଟୋ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ ଶନିବାର ସକାଳେ ରନୱେରେ ଇଣ୍ଡିଗୋ ବିମାନ (୫୦୫୩) ଅବତରଣ କରୁଥିବାବେଳେ ଏହାର ଆଗରେ ଏୟାର ଇଣ୍ଡିଆ (ଏଆଇ୬୫୭)ର ଏକ ବିମାନ ଉଡ଼ାଣ ଆରମ୍ଭ କରୁଥିଲା। ମାତ୍ର ଉଭୟ ବିମାନ ମୁହାଁମୁହିଁ ହୋଇନାହାନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛି। ଏୟାର ଟ୍ରାଫିକ କଣ୍ଟ୍ରୋଲର ଜଣେ ଅଧିକାରୀ (ଏଟିସିଓ)ଙ୍କୁ ନିଲମ୍ବିତ କରିଦିଆଯାଇଛି। ଏଆଇ ବିମାନ ତିରୁଅନନ୍ତପୁରମ ଅଭିମୁଖେ ଯାତ୍ରା ଆରମ୍ଭ କରୁଥିଲା। ଏହି ସମୟରେ ଇଣ୍ଡିଗୋର ଇନ୍ଦୋରରୁ ଦିଲ୍ଲୀ ବିମାନ ଆସି ଯାଇଥିଲା। ଏହି ଘଟଣା ବିମାନବନ୍ଦରରେ ବିପଜ୍ଜନକ ସ୍ଥିତି ସୃଷ୍ଟି କରି ଦେଇଥିଲା। ଏହା ଦ୍ୱାରା ବଡ଼ ଦୁର୍ଘଟଣା ହୋଇପାରିଥାନ୍ତା ବୋଲି ଏଟିସି ଗିଲ୍ଡ ଇଣ୍ଡିଆର ସାଧାରଣ ସମ୍ପାଦକ ଆଲୋକ ଯାଦବ କହିଛନ୍ତି।

## ସବ୍-ଲେଫ୍ଟନାଣ୍ଟ ଅନାମିକା ନୌସେନାର ପ୍ରଥମ ହେଲିକପ୍ଟର ପାଇଲଟ



ନୂଆଦିଲ୍ଲୀ, ୯।୬ (ଏଜେନ୍ସି): ସବ୍-ଲେଫ୍ଟନାଣ୍ଟ ଅନାମିକା ବି ରାଜୀବ ଭାରତୀୟ ନୌସେନାର ପ୍ରଥମ ହେଲିକପ୍ଟର ପାଇଲଟ ହୋଇଛନ୍ତି। ତାମିଲନାଡୁର ଅରକୋଣମ ନାଭାଲ ଏୟାର ଷ୍ଟେସନର ପାସିଂ-ଆଉଟ ପରେଡରେ ତାଙ୍କୁ ସମ୍ମାନଜନକ 'ଗୋଲ୍ଡେନ ୱିଙ୍ଗ୍ସ' ପ୍ରଦାନ କରାଯାଇଛି। ସେହିପରି ଲେଫ୍ଟ ଜମୟାଙ୍ଗ ସେୱାଙ୍ଗ ଲଦାଖର ପ୍ରଥମ କମିଶନଡ ନାଭାଲ ଅଫିସର ହୋଇଛନ୍ତି। ସେ ମଧ୍ୟ ହେଲିକପ୍ଟର ପାଇଲଟ ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଇଏନଏସ ରାଜାଲୀରେ ଅନୁଷ୍ଠିତ ପାସିଂ-ଆଉଟ ପରେଡ୍‌ରେ ଇଷ୍ଟର୍ଣ୍ଣ ନାଭାଲ କମାଣ୍ଡର ଫ୍ଲାଗ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାଇସ ଆଡମିରାଲ ରାଜେଶ ପେଣ୍ଡାରକର ସେୱାଙ୍ଗ ଏବଂ ଅନାମିକାଙ୍କ ସହିତ ୨୧ ଅଧିକାରୀଙ୍କୁ 'ଗୋଲ୍ଡେନ ୱିଙ୍ଗ୍ସ' ପ୍ରଦାନ କରିଛନ୍ତି। ୨୨ ସପ୍ତାହର କଠିନ ପ୍ରଶିକ୍ଷଣ ପରେ ଶୁକ୍ରବାର ଏହି ସମାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା ବୋଲି ନୌସେନା ପକ୍ଷରୁ କୁହାଯାଇଛି।

# ହ୍ୱାଇଟ ହାଉସ୍ ସାମ୍ନାରେ ୩୦ ହଜାର ପାଲେଷ୍ଟାଇନ ସମର୍ଥକଙ୍କ ବିକ୍ଷୋଭ




ୱାଶିଂଟନ, ୯।୬ (ଏଜେନ୍ସି)

ଗାଜାରେ ଇସ୍ରାଏଲର ଆକ୍ରମଣ ଜାରି ରହିଛି। ଏହା ମଧ୍ୟରେ ୩୦ ହଜାରୁ ଅଧିକ ପାଲେଷ୍ଟାଇନ ସମର୍ଥକ ଆମେରିକା ରାଷ୍ଟ୍ରପତିଙ୍କ ବାସଭବନ ହ୍ୱାଇଟ ହାଉସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଲୋକେ ମୁଣ୍ଡରେ ହମାସ ଷ୍ଟିକର ପିନ୍ଧି ପାଲେଷ୍ଟାଇନ ପତାକା ଉଡ଼ାଇ ଥିଲେ। ବାଇଡେନଙ୍କ ମୁଖା ପିନ୍ଧି ମୁହଁରେ ରକ୍ତଛିଟା ଲଗାଇଥିଲେ। ପ୍ରଦର୍ଶନକାରୀ ଆମେରିକା ପତାକାରେ ନିଆଁ ଲଗାଇ ଦେଇଥିଲେ। ବାଇଡେନ ଇତିହାସର ସବୁଠାରୁ ଭୁଲ୍ ପକ୍ଷରେ ଛିଡ଼ା ହୋଇଛନ୍ତି ବୋଲି ଅଭିଯୋଗ ଲଗାଇ ଥିଲେ। ସ୍ୱାଧୀନ ପାଲେଷ୍ଟାଇନ ସ୍ଲୋଗାନ ଦେଇ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ଚିତ୍କାର ବାଇଡେନଙ୍କୁ ସବୁବେଳେ ଭୟଭୀତ କରାଇବା ବୋଲି କହିଥିଲେ। ବିକ୍ଷୋଭକାରୀ ନ୍ୟାସନାଲ ପାର୍କର ସର୍ଭିସ ରେଞ୍ଜର୍ସଙ୍କ ଉପରେ ଆକ୍ରମଣ କରି ସେଠାରେ ଥିବା ପ୍ରତିମୂର୍ତ୍ତି ଭାଙ୍ଗି ଦେଇଥିଲେ। ଆମେରିକା ଇସ୍ରାଏଲକୁ ସମର୍ଥନ ଦେବା ବନ୍ଦ କରୁ ବୋଲି ଦାବି କରିଥିଲେ।

## ଆତଙ୍କବାଦୀଙ୍କ ଭରସାରେ ପାକିସ୍ତାନ

# ଖଣି ସୁରକ୍ଷା ପାଇଁ ବଟି ଦେଉଛନ୍ତି ସରକାର

ଇସଲାମାବାଦ, ୯।୬ (ଏଜେନ୍ସି)

ପାକିସ୍ତାନରେ ବିଶ୍ୱର ବହୁ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଲୁଚି ରହିଛନ୍ତି। ଏମାନଙ୍କୁ ସରକାର ସମସ୍ତ ପ୍ରକାର ସହଯୋଗ କରୁଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରିଛନ୍ତି। ମାତ୍ର ଦେଶର ସୁରକ୍ଷାବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରି ଦେଇଛନ୍ତି। ଏବେ ସରକାର ସୁରକ୍ଷା ପାଇଁ ଆତଙ୍କବାଦୀଙ୍କୁ ଭରସା କରିଛନ୍ତି। ଏ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ଆସିଛି। ଏଥିରେ କୁହାଯାଇଛି ଯେ ପାକିସ୍ତାନର ବିଭିନ୍ନ ପ୍ରକଳ୍ପରେ କାମ କରୁଥିବା ଚୀନ୍ ନାଗରିକଙ୍କୁ ସୁରକ୍ଷା ଦେବାକୁ ନେଇ ସରକାର ବଡ଼ ବଡ଼ ଦାବି କରୁଛନ୍ତି, ମାତ୍ର ତୃଣମୂଳସ୍ତରର ସ୍ଥିତି ଭିନ୍ନ ରହିଛି। ପାକିସ୍ତାନର ବଲୁଚିସ୍ତାନ ରାଜ୍ୟ ସରକାର ନିଜ ଖଣି ଉଦ୍ୟୋଗକୁ ସୁରକ୍ଷା ଦେଇପାରୁନାହାନ୍ତି। ସେନା ଉପରୁ ସରକାର ଭରସା ଉଠାଇ ଦେଇଛନ୍ତି। ଏହି ଉଦ୍ୟୋଗକୁ ବଞ୍ଚାଇବା ପାଇଁ ଆତଙ୍କବାଦୀଙ୍କ ଶରଣ ପଶିଛନ୍ତି। ଆତଙ୍କବାଦୀଙ୍କୁ ବଟି ଦେଉଛନ୍ତି। ଖଣି କର୍ମଚାରୀଙ୍କୁ ସୁରକ୍ଷା ଏବଂ ଆକ୍ରମଣ ନ କରିବା ପାଇଁ ସରକାର ଆତଙ୍କବାଦୀ ସଂଗଠନ ବଲୁଚିସ୍ତାନ ଲିବରେସନ ଆର୍ମୀ (ବିଏଲଏ)କୁ ଟଙ୍କା ଦେଉଛନ୍ତି। ଆତଙ୍କବାଦୀଙ୍କୁ ଖଣି ସୁରକ୍ଷାରେ ମୁତୟନ କରାଯାଉଛି। ଏମାନଙ୍କୁ ସୁରକ୍ଷାବାହିନୀଠାରୁ ଅଧିକ ଦରମା ମିଳୁଛି। ସୂଚନା ଅନୁଯାୟୀ ବଲୁଚିସ୍ତାନର ହମାଇ, ଡେଗାରି, ମାଚ, ଜିୟାରତ, ଚାମଲଙ୍ଗ ଏବଂ ଅବେଗମରେ କୋଇଲା ଖଣି ରହିଛି। ଏଠାରେ ୨୧ କୋଟି ଟନ୍ କୋଇଲା ଥିବା ଅନୁମାନ କରାଯାଉଛି। ଏହି ରାଜ୍ୟରେ ଥିବା ୬୦ କିମି ଚାମଲାଙ୍ଗ କୋଇଲ ଖଣିରେ ଉଚ୍ଚ ମାନର ୬୦ ଲକ୍ଷ ଟନ୍ କୋଇଲା ରହିଛି।



ଖଣି କମ୍ପାନୀଙ୍କୁ ସୁରକ୍ଷା ଦେବା ନାମରେ ସରକାର ଆତଙ୍କବାଦୀ ସଂଗଠନଗୁଡିକ ସହ ଚୁକ୍ତି କରୁଛନ୍ତି। ବଲୁଚିସ୍ତାନର ଅର୍ଥ ବ୍ୟବସ୍ଥାରେ ଖଣି କ୍ଷେତ୍ରର ସବୁଠାରୁ ବଡ଼ ଯୋଗଦାନ ରହିଛି। ଏଠାରେ ୩ ହଜାରରୁ ଅଧିକ କୋଇଲା ଖଣି ରହିଛି। ଏ ସବୁଥିରେ ପ୍ରାୟ ୪୦ ହଜାର ଶ୍ରମିକ କାମ କରୁଛନ୍ତି। ଚାମଲଙ୍ଗ ଖଣିରୁ ପ୍ରତିଦିନ ପ୍ରାୟ ୨୦୦-୨୫୦ ଟ୍ରକ୍ କୋଇଲା ଦେଶର ବିଭିନ୍ନ ଭାଗକୁ ଯାଉଛି। ଟନ୍ ପିଛା ୪୦୦୦-୫୦୦୦ ଟଙ୍କା ମୂଲ୍ୟରେ କୋଇଲା ବିକ୍ରି କରାଯାଉଛି। ମାତ୍ର ଟନ୍ ପିଛା ରାଜ୍ୟ ସରକାରଙ୍କୁ କେବଳ ୩୬୦ ଟଙ୍କା ମିଳୁଛି। ଖଣିର ସୁରକ୍ଷା ପାଇଁ ଅର୍ଦ୍ଧସାମରିକ ବାହିନୀ ଫ୍ରଣ୍ଟିୟର କୋରକୁ ଟନ୍ ପିଛା ୨୪୦ ଟଙ୍କା ଦିଆଯାଉଛି। ସେହିପରି ଖଣି ସୁରକ୍ଷା ପାଇଁ ଏବଂ କୋଇଲା ଟ୍ରକ୍ ଉପରେ ଆକ୍ରମଣ ନ କରିବାକୁ ଆତଙ୍କବାଦୀ ସଂଗଠନ ବିଏଲଏକୁ ଟନ୍ ପ୍ରତି ୨୬୦ ଟଙ୍କା ଦିଆଯାଉଛି। ଏହି ଟଙ୍କାକୁ ବିଏଲଏର ବ୍ୟାଙ୍କ ଖାତାରେ ଜମା କରିଦିଆଯାଉଛି।

■ ଆତଙ୍କବାଦୀଙ୍କୁ ମିଳୁଛି ସୁରକ୍ଷାବାହିନୀଠୁ ଅଧିକ ଦରମା
■ ଟିଟିପି, ବିଏଲଏ ବ୍ୟାଙ୍କ ଖାତାରେ ଜମା କରାଯାଉଛି ଟଙ୍କା

ଅନ୍ୟପକ୍ଷରେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ତେହରିକ-ଇ-ତାଲିବାନ (ଟିଟିପି)କୁ ମଧ୍ୟ ଚାନ୍ଦା ଦିଆଯାଉଛି। ଆକ୍ରମଣ ନ କରିବା ପାଇଁ ଟନ୍ ପିଛା ୬୦ ଟଙ୍କା ପ୍ରଦାନ କରାଯାଉଛି। ମାତ୍ର ବିଏଲଏ ଏବଂ ଟିଟିପି ଭଳି ଆତଙ୍କବାଦୀ ସଂଗଠନ ସହ ଏଭଳି କୌଣସି ବ୍ୟବସ୍ଥା କରାଯାଇନାହିଁ।

■ ଘରୋଇ ଗୋଦାମରେ ଲାଗିଲା ନିଆଁ

## ଜଳିଗଲା ୩ କୋଟି ଟଙ୍କାର କେନ୍ଦୁପତ୍ର



**ମାଲକାନଗିରି, ୯।୬(ସମିସ):** ମାଲକାନଗିରି ଜିଲ୍ଲା ସଦର ନିକଟରେ ଆଜି ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଗୋଦାମ ଘରେ ଥିବା ପାଖାପାଖି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କେନ୍ଦୁପତ୍ର ଜଳି ପୋଡ଼ି ପାଉଁଶ ହୋଇଛି। ଅଗ୍ନିକାଣ୍ଡ

**ଦୁର୍ଘଟଣାରେ ଗୋଦାମ ମାଲିକ ଆହତ**

ଏତେ ଭୟଙ୍କର ଥିଲା ଯେ ଦୀର୍ଘ ୧୨ ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରିବା ପରେ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିଲା। ତେବେ କେଉଁ କାରଣରୁ ଏତେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଲା, ତାହାର କାରଣ ଜଣାପଡ଼ିନାହିଁ।

ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ମାଲକାନଗିରି ଏମ୍‌ଭି-୩ସ୍ଥିତ ଏକ ଘରୋଇ କେନ୍ଦୁପତ୍ର ଗୋଦାମରେ ନିଆଁ ଲାଗିଥିଲା। ଗୋଦାମ କର୍ମଚାରୀ ଏବଂ ଆଖପାଖ ଅଞ୍ଚଳବାସୀ ଏହା ଦେଖି ତୁରନ୍ତ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଗୋଦାମରେ ହଜାର ହଜାର ବସ୍ତା କେନ୍ଦୁପତ୍ର ଥିବା ବେଳେ ପ୍ରାୟ ୬୦୦୦ କେନ୍ଦୁପତ୍ର ବସ୍ତା ଜଳିଯାଇଛି। ଏହାର ମୂଲ୍ୟ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି। ଏହି ଖବର ଶୁଣି ଗୋଦାମ ମାଲିକ ଦ୍ରୁତ ଗତିରେ ଆସୁଥିବା ବେଳେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

**ବଲାଙ୍ଗିର: ନିର୍ବାଚନ ପରେ ଏବେ ମନ୍ତ୍ରିପଦକୁ ନେଇ ଚର୍ଚ୍ଚା**

# କାହା ମୁଣ୍ଡରେ ସୁନା କଳସ

**ବଲାଙ୍ଗିର, ୯।୬(ସମିସ):** ନିର୍ବାଚନ ଫଳାଫଳ ବାହାରିବା ପରେ ବିଜେପି ରାଜ୍ୟରେ ସରକାର ଗଠନ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ନୂଆ ମନ୍ତ୍ରିମଣ୍ଡଳ ୧୦ ତାରିଖରେ ଶପଥ ନେବାକୁ ଥିବା ବେଳେ ଏହାକୁ ୧୨ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏସବୁ ଭିତରେ କିଏ ହେବେ ମୁଖ୍ୟମନ୍ତ୍ରୀ, କେଉଁ ନେତା ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବେ; ତାକୁ ନେଇ ଆଲୋଚନା ଜୋର୍ ଧରିଛି। ବଲାଙ୍ଗିର ଜିଲ୍ଲାରେ ବିଜେପି ଭଲ ପ୍ରଦର୍ଶନ କରିବା ସହ ଚାରିଜଣ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ହାତୀ କାହାମୁଣ୍ଡରେ ସୁନା କଳସ ଢାଳିବ, କିଏ ମନ୍ତ୍ରିମଣ୍ଡଳରେ ସାମିଲ ହେବେ; ତାହାକୁ ନେଇ ଏବେ ବଲାଙ୍ଗିରରେ ଜୋରଦାର୍ ଚର୍ଚ୍ଚା, ଆଲୋଚନା ଜାରି ରହିଛି।

୨୦୨୪ ସାଧାରଣ ନିର୍ବାଚନରେ ବିଜେପିକୁ ବଲାଙ୍ଗିରରେ ଅବିଶ୍ୱସନୀୟ ସଫଳତା ମିଳିଛି। ଜିଲ୍ଲାରେ ବିଜେପି ୫ ବିଧାନସଭା ଆସନରୁ ୪ଟିରେ ବାଜିମାତ କରିଛି। ବିଜୟୀ ବିଧାୟକମାନେ ହେଲେ, ଲୋଇସିଂହାରୁ ମୁକେଶ ମହାଲିଙ୍ଗ, ପାଟଣାଗଡ଼ରୁ କନକ ବର୍ଦ୍ଧନ ସିଂହଦେଓ, ଟିଟିଲାଗଡ଼ରୁ ନବୀନ ଜୈନ ଓ କଣ୍ଟାବାଞ୍ଜିରୁ ଲକ୍ଷ୍ମଣ ବାଗ। ଏହି ଚାରିଜଣ ନିର୍ବାଚିତ ହେବା ପରେ ସରକାର ଗଠନ ପୂର୍ବରୁ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ନେଇ ଆରମ୍ଭ ହୋଇଛି ଆଲୋଚନା। ବିଶେଷକରି କନକବର୍ଦ୍ଧନ ସିଂହଦେଓ ଲଗାତାର ପାଟଣାଗଡ଼ ଆସନରୁ ବିଜୟୀ ହୋଇଆସୁଥିବା ବେଳେ ୨୦୧୯ ନିର୍ବାଚନରେ ସେ ପରାଜିତ ହୋଇଥିଲେ। ଚଳିତ ନିର୍ବାଚନରେ ସେ କମ









ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ପୂର୍ବରୁ ସେ ମନ୍ତ୍ରୀ ରହିଥିବା ବେଳେ ତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବାର ଅଧିକ ସମ୍ଭାବନା ରହିଛି ବୋଲି କୁହାଯାଉଛି। ଯଦି ସେ ମନ୍ତ୍ରୀ ହୁଅନ୍ତି, ତେବେ ନିହାତି ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିବ ବୋଲି ସମର୍ଥକମାନେ ଆଲୋଚନା କରୁଛନ୍ତି।

ଅନ୍ୟପକ୍ଷରେ ଆଉ କିଛି ସମର୍ଥକଙ୍କ କହିବା କଥା, ସେ ଯେହେତୁ ଜଣେ ଅଭିଜ୍ଞ ଓ ବରିଷ୍ଠ ବିଧାୟକ ଓ ମନ୍ତ୍ରୀ ରହିସାରିଛନ୍ତି, ତେଣୁ ତାଙ୍କୁ ବାଚସ୍ପତି ଦାୟିତ୍ୱ ମିଳିବାର ମଧ୍ୟ ସମ୍ଭାବନା ରହିଛି। ସେ ପୂର୍ବରୁ ରାଜ୍ୟ ସଭାପତି ରହିସାରିଥିବାରୁ ତାଙ୍କ ନାମ ମୁଖ୍ୟମନ୍ତ୍ରୀ ଦୌଡ଼ରେ ମଧ୍ୟ ରହିଥିବା ଚର୍ଚ୍ଚା ହେଉଛି। କଣ୍ଟାବାଞ୍ଜିରୁ ବିଜୟୀ ହୋଇଥିବା ଲକ୍ଷ୍ମଣ ବାଗକୁ ନେଇ ମଧ୍ୟ ଜୋରଦାର ଚର୍ଚ୍ଚା ହେଉଛି। ତାଙ୍କୁ ଦଳ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି।

ଅନ୍ୟପକ୍ଷରେ ଲୋଇସିଂହା ବିଧାୟକ ଭାବେ ଦ୍ୱିତୀୟଥର ନିର୍ବାଚିତ ହୋଇଛନ୍ତି ମୁକେଶ ମହାଲିଙ୍ଗ। ଗତ ନିର୍ବାଚନରେ ସେ ବିଜୟୀ ହୋଇଥିଲେ। ବିଧାନସଭାରେ ମଧ୍ୟ ତାଙ୍କର ପ୍ରଦର୍ଶନ ଭଲ ରହିଥିଲା। ସେ ଉଚ୍ଚଶିକ୍ଷିତ ହୋଇଥିବାରୁ ତାଙ୍କୁ ଦଳ କୌଣସି ଗୁରୁତ୍ୱପୂର୍ଣ୍ଣ ପଦ ଦେଇପାରେ ବୋଲି ସମର୍ଥକମାନେ ଆଲୋଚନା କରୁଛନ୍ତି। ମନ୍ତ୍ରିମଣ୍ଡଳରେ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ତାଙ୍କ ସମର୍ଥକମାନେ ଚର୍ଚ୍ଚା କରୁଛନ୍ତି। ଏପରିକି ତାଙ୍କ ନାମ ମଧ୍ୟ ମୁଖ୍ୟମନ୍ତ୍ରୀ ଦୌଡ଼ରେ ରହିଥିବା ନେଇ ଚର୍ଚ୍ଚା ଶୁଣିବାକୁ ମିଳୁଛି।

ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ନବୀନ ଜୈନ ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ପରାଜିତ କରିଛନ୍ତି। ଟୁକୁନୀ ଦୁଇଥର ବିଧାୟିକା ହୋଇଥିବା ବେଳେ ମନ୍ତ୍ରୀ ମଧ୍ୟ ରହିଥିଲେ। ତାଙ୍କୁ ପରାଜିତ କରାଇଥିବାରୁ ଯଦିଓ ନବୀନଙ୍କ ଦଳରେ କାଟତି ବଢ଼ିଛି, କିନ୍ତୁ ମନ୍ତ୍ରିମଣ୍ଡଳରେ ସାମିଲ ହେବାର ସମ୍ଭାବନା କମ୍ ରହିଛି ବୋଲି କୁହାଯାଉଛି। ଜିଲ୍ଲାରୁ ଜଣେ କିମ୍ବା ଦୁଇ ଜଣ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାର ସମ୍ଭାବନା ଥିବାରୁ ଚାରି ଜଣଙ୍କ ମଧ୍ୟରୁ ସେହି ଦୁଇ ଜଣ କିଏ, କାହା ଉପରେ ହାତୀ ସୁନା କଳସ ଢାଳିବ; ତାହା ଆସନ୍ତା ୧୨ ତାରିଖରେ ସ୍ପଷ୍ଟ ହେବ। କିନ୍ତୁ ନିଜ ନିଜ ନେତାଙ୍କୁ ନେଇ ସମର୍ଥକମାନେ ଅନେକ ପ୍ରକାର ଗୁଜବ କରୁଥିବାର ମଧ୍ୟ ଦେଖିବାକୁ ମିଳୁଛି। ଏହା ନିର୍ବାଚନ ପରେ ମଧ୍ୟ ବଲାଙ୍ଗିର ରାଜନୀତିକୁ ସରଗରମ କରିଛି।

■ ଦୁଇଦିନ ପରେ ଓଡ଼ିଶାକୁ ମିଳିବେ ନୂଆ ମୁଖ୍ୟମନ୍ତ୍ରୀ

## ବଦଳିବ କି ସରକାରୀ ବାସଭବନର ଭାଗ୍ୟ




**ଭୁବନେଶ୍ୱର, ୯।୬(ସମିସ):** ଦୀର୍ଘ ୨୪ ବର୍ଷ ପରେ ଓଡ଼ିଶାକୁ ମିଳିବାକୁ ଯାଉଛନ୍ତି ନୂଆ ମୁଖ୍ୟମନ୍ତ୍ରୀ। ଆଉ ତିନି ଦିନ ମଧ୍ୟରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଶାସନଭାର ଗ୍ରହଣ କରିବେ। ଏବେ ଓଡ଼ିଶାର ଭାବି ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଆବାସକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଅତୀତରେ ଅନେକ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଆବାସ ଥିବା ସରକାରୀ କ୍ୱାର୍ଟର୍ସକୁ ଏବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଭାବେ ବ୍ୟବହାର କରାଯାଉଛି। ତେବେ ଦୀର୍ଘ ଦିନ ପରେ ଏଠାକୁ ମୁଖ୍ୟମନ୍ତ୍ରୀ ଫେରିବେ କି ନାହିଁ, ତାକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଛି।

**୨୪ ବର୍ଷ ହେଲା ରହିଛି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

ସଚିବାଳୟ ପଛ ପଟେ ଏବଂ ରାଜଭବନ ସନ୍ନିକଟରେ ରହିଛି ମୁଖ୍ୟମନ୍ତ୍ରୀଙ୍କ ସରକାର ଆବାସ। ନନ୍ଦିନୀ ଶତପଥୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ଗିରିଧାରୀ ଗମାଙ୍ଗ ମୁଖ୍ୟମନ୍ତ୍ରୀ ଥିବା ସମୟରେ ରହିଥିଲେ। ଏହି ସରକାରୀ ଘର ଓଡ଼ିଶା ରାଜନୀତିର ପାୱାର ସେଣ୍ଟର ଭାବେ ବିବେଚିତ ହେଉଥିଲା। ତେବେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ନବୀନ ନିବାସରେ ରହୁଥିଲେ। ସେହିପରି ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିବା ପରେ ନବୀନ ନିବାସରେ ରହିଲେ। ତେଣୁ ଗତ ୨୪ ବର୍ଷ ହେଲା ଏହି ସରକାରୀ ଗୃହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଭାବେ ବ୍ୟବହାର ହୋଇଆସୁଛି। ମୁଖ୍ୟମନ୍ତ୍ରୀ ରହୁନଥିଲେ ମଧ୍ୟ ରାଜ୍ୟର କୋଣ ଅନୁକୋଣରୁ ଜନତା ଏଠାକୁ ଧାଇଁ ଆସନ୍ତି ନିଜ ଗୁହାରି ଜଣାଇବା ପାଇଁ। ତେବେ ଚଳିତ ନିର୍ବାଚନ ପରେ ଏହି ବାସଗୃହର ଭବିଷ୍ୟତକୁ ନେଇ ନାନା କଥା ଆଲୋଚନା ହେଉଛି। ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଏଠାରେ ରହିବେ ନା ତାଙ୍କ ପାଇଁ ଆଉ କେଉଁଠି ରହିବା ବ୍ୟବସ୍ଥା ହେବ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଯଦିଓ ସେ କେଉଁଠି ରହିବେ ତାହା ସମ୍ପୂର୍ଣ୍ଣ ଭାବେ ଆଗାମୀ ମୁଖ୍ୟମନ୍ତ୍ରୀଙ୍କ ଉପରେ ନିର୍ଭର କରୁଛି, ତେବେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଆବାସର ଆଖ୍ୟା ବହନ କରୁଥିବା ଏହି ସରକାରୀ ଘର ଏବେ ବି ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ଅପେକ୍ଷାରେ ରହିଛି। ଏଠାରେ ମୁଖ୍ୟମନ୍ତ୍ରୀ ରହିବା ପାଇଁ ସବୁ ଭିତ୍ତିଭୂମି ରହିଛି। ସୁରକ୍ଷା ଦୃଷ୍ଟିରୁ ମଧ୍ୟ କୌଣସି ସମସ୍ୟା ନାହିଁ। ତେଣୁ ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ଭଳି ନୂଆ ମୁଖ୍ୟମନ୍ତ୍ରୀ ରହିଲେ କିଛି ସମସ୍ୟା ହୋଇନପାରେ ବୋଲି କୁହାଯାଇଛି। ଏଠାରେ କାର୍ଯ୍ୟରତ ଜଣେ ସରକାରୀ କର୍ମଚାରୀ କହିଛନ୍ତି, ଏହି ଘରର ଭବିଷ୍ୟତ ଏପର୍ଯ୍ୟନ୍ତ ନିର୍ଦ୍ଧାରଣ ହୋଇନାହିଁ। ନବୀନ ବାବୁଙ୍କ ପରେ ଏହି ଘର ପରବର୍ତ୍ତି ମୁଖ୍ୟମନ୍ତ୍ରୀଙ୍କୁ ମିଳିବା କଥା। କିନ୍ତୁ ଏବେ ପୂର୍ବଭଳି ଏଠାରେ ଅଭିଯୋଗ ପ୍ରକୋଷ୍ଠ ରହିଛି ବୋଲି ସେ କହିଛନ୍ତି।

**ଏଏସ୍‌ଆଇର ଅବହେଳା**

## ନିଶ୍ଚିହ୍ନ ହୋଇଯାଉଛି ରାମେଶ୍ୱର ମନ୍ଦିର ସୂକ୍ଷ୍ମ କାରୁକାର୍ଯ୍ୟ

**ବୌଦ୍ଧ, ୯।୬ (ସମିସ):** ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ଅବହେଳା ଯୋଗୁଁ ଐତିହାସିକ ରାମେଶ୍ୱର ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟଗୁଡ଼ିକ ନିଶ୍ଚିହ୍ନ ହେବାରେ ଲାଗିଛି। ବୌଦ୍ଧ ସହର ମଝିରେ ଥିବା ନବମ ଶତାବ୍ଦୀରେ ଏହି ମନ୍ଦିର ସମୂହ ବୌଦ୍ଧର ସୋମବଂଶୀୟ ଶାସକଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ମଧ୍ୟଯୁଗୀୟ ଓଡ଼ିଶା ଭାସ୍କର୍ଯ୍ୟର ପରିଚୟ ବହନ କରୁଥିବା ଏହି ମନ୍ଦିରରେ ବର୍ତ୍ତମାନ ଭୁବନେଶ୍ୱର, କପିଳେଶ୍ୱର, ପଶ୍ଚିମ ସୋମନାଥ ନାମରେ ତିନୋଟି ଶିବ ମନ୍ଦିର ରହିଛି। ଭୁବନେଶ୍ୱର ଏବଂ କପିଳେଶ୍ୱର ମନ୍ଦିର ପୂର୍ବମୁହାଁ ହୋଇଥିବା ବେଳେ ପଶ୍ଚିମ ସୋମନାଥ ମନ୍ଦିର ପଶ୍ଚିମମୁହାଁ ହୋଇ ରହିଛି। ଲାଲି ଡାଳିମ୍ବ ପଥରରେ ନିର୍ମିତ ମନ୍ଦିର ଦେହରେ ଅନେକ ସୂକ୍ଷ୍ମ କାରୁକାର୍ଯ୍ୟ ରହିଛି। ଏହାକୁ ଦେଖି ପର୍ଯ୍ୟଟକ ବିମୋହିତ ହୋଇଯାଆନ୍ତି। ତେବେ ଏସବୁ ସୂକ୍ଷ୍ମ କାରୁକାର୍ଯ୍ୟର ରକ୍ଷଣାବେକ୍ଷଣା ତଥା ସଂରକ୍ଷଣ ପ୍ରତି ଏଏସ୍‌ଆଇ ଆଦୌ ଧ୍ୟାନ ଦେଉନାହିଁ। ଫଳରେ ଏଗୁଡ଼ିକ ଧୀରେଧୀରେ ନଷ୍ଟ ହେବାକୁ ବସିଲାଣି।

ଜନଶ୍ରୁତି ଅନୁସାରେ, ଏହା ପରିସରରେ ୧୦ଟି ଶିବ ମନ୍ଦିର ଥିଲା। ପାଞ୍ଚ ଚଣ୍ଡାଳଙ୍କ ଖପୁରି ଉପରେ ମୁଖ୍ୟ ମନ୍ଦିର ରାମନାଥ/ରାମେଶ୍ୱର ମନ୍ଦିର ନିର୍ମିତ ହୋଇଥିଲା। ବର୍ତ୍ତମାନ ଏଠାରେ ୩ଟି ମନ୍ଦିର ରହିଥିବା ବେଳେ ଅବଶିଷ୍ଟ ମନ୍ଦିର ସମୟ ସ୍ରୋତରେ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି। ଏହା ପରିସରରେ ଏକ ଅର୍ଦ୍ଧନିର୍ମିତ ମନ୍ଦିର ମଧ୍ୟ ରହିଛି, ଯେଉଁଠାରେ





ମୁଖ୍ୟ ମନ୍ଦିର ରାମନାଥ/ରାମେଶ୍ୱର ମନ୍ଦିର ଥିଲା। ସେହି ସ୍ଥାନରେ ଥିବା ମନ୍ଦିର ଭାଙ୍ଗି ଧ୍ୱସ୍ତ ହୋଇଯିବା ପରେ ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ଦ୍ରୌପଦୀ ନାମ୍ନୀ ଜଣେ କୈବର୍ତ୍ତ ସମ୍ପ୍ରଦାୟର ମହିଳା ବୌଦ୍ଧର ତତ୍କାଳୀନ ରାଜାନାରାୟଣ ପ୍ରସାଦ ଦେବଙ୍କୁ ସେଠାରେ ଏକ ନୂତନ ମନ୍ଦିର ନିର୍ମାଣ କରିବା ପାଇଁ ସ୍ୱପ୍ନାଦେଶ ହୋଇଥିବା କହିଥିଲେ।

ରାଜାଙ୍କ ଅନୁମତିରେ ସମ୍ପୃକ୍ତ ମହିଳା ଧ୍ୱସ୍ତ ହୋଇଯାଇଥିବା ଧାନେଶ୍ୱର ମନ୍ଦିର ସ୍ଥାନରେ ଇଟା, ଚୂନରେ ଏକ ଛୋଟ ମନ୍ଦିର ନିର୍ମାଣ କରାଇ ଭଗବାନ ଶିବଙ୍କୁ ମୁଖ୍ୟ ମନ୍ଦିରରୁ ସ୍ଥାନାନ୍ତର କରାଇଥିଲେ। ତା' ପରେ ୧୯୩୬ ସାଲରେ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ରାଜା ନାରାୟଣ ପ୍ରସାଦ ଦେବ ଆରମ୍ଭ କରାଇଥିଲେ। ସେତେବେଳେ ସ୍ୱାଧୀନତା ପୂର୍ବବର୍ତ୍ତୀ ରାଜନୈତିକ ଅସ୍ଥିରତା ମଧ୍ୟରେ ନିର୍ମାଣ କାର୍ଯ୍ୟ ଧିମେଇ ଯାଇଥିଲା। ତେବେ ଦେଶ ସ୍ୱାଧୀନତା ପରେ ରାଜତନ୍ତ୍ର ଲୋପ ପାଇଲା ଏବଂ ମନ୍ଦିର ନିର୍ମାଣ କାର୍ଯ୍ୟ ଅଧାରେ ରହିଗଲା। ହଜାରେ ବର୍ଷରୁ ଅଧିକ ପ୍ରାଚୀନ ଏହି ମନ୍ଦିରଗୁଡ଼ିକ ଅଷ୍ଟକୋଣୀ ତାରକା ନକ୍ସାରେ ନିର୍ମିତ ହୋଇଛି।

ସମଗ୍ର ପଶ୍ଚିମ ଓଡ଼ିଶାରେ ୫ଟି ଐତିହ୍ୟ ଏଏସ୍‌ଆଇ ସଂରକ୍ଷଣରେ ଥିବା ବେଳେ ସେଥିମଧ୍ୟରୁ କେବଳ ବୌଦ୍ଧ ଜିଲ୍ଲାରେ ୨ଟି ଐତିହ୍ୟ ଗାନ୍ଧାରଡ଼ୀ ଏବଂ ରାମେଶ୍ୱର ମନ୍ଦିର ଏଏସ୍‌ଆଇ ସଂରକ୍ଷଣରେ ରହିଛି। ତେବେ ଏଠାରେ ନା ରହିଛି କାର୍ଯ୍ୟାଳୟ ନା ରହିଛନ୍ତି ଅଧିକାରୀ। ଏପରିକି କିଛି ବର୍ଷ ପୂର୍ବରୁ ରାମେଶ୍ୱର ମନ୍ଦିର ପରିସରରେ ସୌନ୍ଦର୍ଯ୍ୟୀକରଣ ପାଇଁ ଲଗାଯାଇଥିବା ଲନ୍-ଗ୍ରାସ୍ ଏବଂ ଅନ୍ୟାନ୍ୟ ବୃକ୍ଷରାଜି ତଥା ଆଲୋକୀକରଣ ବ୍ୟବସ୍ଥା ରକ୍ଷଣାବେକ୍ଷଣା ଅଭାବରୁ ନଷ୍ଟ ହୋଇଗଲାଣି।

ତେବେ ଏଏସ୍‌ଆଇ ରାଜ୍ୟ ଶାଖାର ସଂରକ୍ଷଣ ସହାୟକ ମାନସ କୁମାର ସାହୁଙ୍କ କହିବାନୁସାରେ, ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ନିର୍ଦ୍ଦେଶରେ କୌଣସି ସଂରକ୍ଷଣ କାର୍ଯ୍ୟ ହୋଇପାରିବ ନାହିଁ। ହେଲେ ଉଚ୍ଚ କର୍ତ୍ତୃପକ୍ଷ କିପରି, କେଉଁ ପରିସ୍ଥିତିରେ ଏହି ଐତିହ୍ୟ ସଂରକ୍ଷଣ ପାଇଁ ନିର୍ଦ୍ଦେଶ ଦେବେ; ତାହା ବୁଝାପଡୁନାହିଁ। ଏଭଳି ସ୍ଥିତିରେ ଏହି ପ୍ରାଚୀନ ଐତିହ୍ୟର ସଂରକ୍ଷଣ ଜନିତ ଏଏସଆଇର ଅବହେଳା ପାଇଁ ଶ୍ରଦ୍ଧାଳୁ, ସେବାୟତ, ପର୍ଯ୍ୟଟକ, ଐତିହ୍ୟପ୍ରେମୀ ଏବଂ ବୁଦ୍ଧିଜୀବୀମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।



## ପଶ୍ଚିମରେ ତାତି ବେଶି, ଉପକୂଳରେ ଗୁଳୁଗୁଳି

**ଭୁବନେଶ୍ୱର, ୯।୬ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ଗୁଳୁଗୁଳିର ପ୍ରଭାବ ଅଧିକ ରହୁଥିବା ବେଳେ ପଶ୍ଚିମ ଓଡ଼ିଶାରେ ତାତିର ପ୍ରକୋପ ଅଧିକ ରହୁଛି। ରବିବାର ୪୩ ଡିଗ୍ରୀ ସହ ନୂଆପଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ବୌଦ୍ଧ ୪୧.୭, ବଲାଙ୍ଗିର ୪୧.୫ ଓ ମାଲକାନଗିରିରେ ତାପମାତ୍ରା ୪୧.୩ ଡିଗ୍ରୀ ରେକର୍ଡ କରାଯାଇଛି। ଏହି ସହରଗୁଡ଼ିକୁ ମିଶାଇ ୧୬ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି।

ଅନ୍ୟପଟେ ଉପକୂଳ ଓଡ଼ିଶାରେ ତାତି ସାଙ୍ଗକୁ ଆର୍ଦ୍ରତା ହେତୁ ଗୁଳୁଗୁଳିର ମାତ୍ରା ଅଧିକ ରହୁଛି। ଏହି ସ୍ଥିତି ଆହୁରି ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ପାଣିପାଗ କେନ୍ଦ୍ର କହିଛି ଯେ ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୁଳୁଗୁଳିର ପ୍ରକୋପ ଅଧିକ ରହିବାର ଆଶଙ୍କା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସମ୍ବଲପୁର, ଝାରସୁଗୁଡ଼ା, ବୌଦ୍ଧ ଓ ନୂଆପଡ଼ା ଆଦିରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ଆଶଙ୍କା କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୩୦-୪୦ କିମି ପର୍ଯ୍ୟନ୍ତ ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

# ବଢୁଛି ହିଟ୍ ଆଣ୍ଡ ରନ୍ ମାମଲା; ବଢୁନି କ୍ଷତିପୂରଣ ରାଶି

**ସୁପ୍ରିମ୍‌କୋର୍ଟଙ୍କ ତାଗିଦ ପରେ ଚୁପ୍ ବସିଛି ମନ୍ତ୍ରାଳୟ**

**ଭୁବନେଶ୍ୱର, ୯।୬ (ସମିସ):** ଗୋଟିଏ ପଟେ ଅଜଣା ଗାଡ଼ି ଧକ୍କା (ହିଟ୍ ଆଣ୍ଡ ରନ୍) ମାମଲାରେ କଠୋର ଦଣ୍ଡବିଧାନକୁ ନେଇ ସମଗ୍ର ଦେଶରେ ଗାଡି ଚାଳକମାନେ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ଅନ୍ୟ ପଟେ ରାଜ୍ୟରେ ହିଟ୍ ଆଣ୍ଡ ରନ୍ ମାମଲା ବଢ଼ିବଢ଼ି ଚାଲିଛି। ଦୁଇ ବର୍ଷ ଭିତରେ ଅଜଣା ଗାଡ଼ି ଧକ୍କା ମାମଲା ଦୁଇଗୁଣା ବୃଦ୍ଧି ପାଇଛି। ତେବେ ସେଥିରୁ ଅଧିକାଂଶ ପୀଡିତଙ୍କ ପରିବାର ସରକାରଙ୍କଠାରୁ କ୍ଷତିପୂରଣ ରାଶି ପାଇବା ଲାଗି ଆବେଦନ କରୁ ନାହାନ୍ତି। ଅପରପକ୍ଷେ ହିଟ୍ ଆଣ୍ଡ ରନ୍ ମାମଲାରେ ମୃତକ ଓ ଆହତଙ୍କ ପରିବାରକୁ ମିଳୁଥିବା ଅନୁକମ୍ପାମୂଳକ ସହାୟତା ରାଶି ବୃଦ୍ଧି କରିବା ପାଇଁ ସୁପ୍ରିମ୍ କୋର୍ଟ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ। ତେବେ ଇତିମଧ୍ୟରେ ୬ ମାସ ବିତି ଯାଇଥିଲେ ସୁଦ୍ଧା ମନ୍ତ୍ରାଳୟ ପକ୍ଷରୁ ଏହା ଉପରେ କୌଣସି ଅଗ୍ରଗତି ହୋଇନଥିବା ଜଣାପଡ଼ିଛି।

ଅଜଣା ଗାଡ଼ି ଧକ୍କାରେ ମୃତାହତଙ୍କ ପାଇଁ ରାଜ୍ୟ ସରକାର ୨୦୧୮ ମସିହାରେ ସୋଲାସିୟମ୍ ଫଣ୍ଡ ଗଠନ କରିଥିଲେ। ନିୟମ ଅନୁସାରେ ଅଜଣା ଗାଡି ଧକ୍କାରେ କାହାର ମୃତ୍ୟୁ ହେଲେ ତାଙ୍କ ନିକଟ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କା ଦେବା ପ୍ରାବଧାନ ଅଛି। ଯଦି ମୃତକ ବୀମା କମ୍ପାନୀରୁ କ୍ଷତିପୂରଣ ପାଇଥିବେ, ତା ହେଲେ ସିଏ ଆଉ ସୋଲାସିୟମ୍ ଫଣ୍ଡ ପାଇଁ ଯୋଗ୍ୟବିବେଚିତ ହେବେ ନାହିଁ। ଏବେ ମୃତକଙ୍କୁ ବାର୍ଷିକ ପ୍ରାୟ ୨କୋଟି ଏବଂ ଗୁରୁତର ଆହତଙ୍କୁ ୩୦/୪୦ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଉଛି। ତେବେ ଦେଶର ସବୁ ରାଜ୍ୟରେ ହିଟ୍ ଆଣ୍ଡ ରନ୍ ମାମଲା ବଢୁଥିବା ପରିପ୍ରେକ୍ଷୀରେ କ୍ଷତିପୂରଣ ରାଶି ବୃଦ୍ଧି କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଗତବର୍ଷ ସୁପ୍ରିମ୍ କୋର୍ଟ କେନ୍ଦ୍ର ସରକାରଙ୍କୁ କହିଥିଲେ। କିନ୍ତୁ ସମୟ ଗଡ଼ି ଚାଲିଛି ହେଲେ ଅଜଣା ଗାଡ଼ି ଧକ୍କାରେ ମୃତାହତଙ୍କ ପାଇଁ କ୍ଷତିପୂରଣ ରାଶି ବୃଦ୍ଧି ହୋଇପାରୁ ନାହିଁ। ସୋଲାସିୟମ୍ ଫଣ୍ଡ ରାଶି ପାଇବା ଲାଗି ଆବେଦନ ଅବଧି ୬ ମାସ ଥିବା ବେଳେ ହିତାଧିକାରୀଙ୍କ ସୁବିଧା ପାଇଁ ସରକାର ଏହାକୁ ୧ ବର୍ଷକୁ ବୃଦ୍ଧି କରିଛନ୍ତି।

ହସ୍ତଗତ ସୂଚନା ଅନୁସାରେ, ୨୦୨୨ରେ ଦେଶରେ ସମୁଦାୟ ୬୭, ୩୮୭ଟି ହିଟ୍ ଆଣ୍ଡ ରନ୍ ମାମଲା ଘଟିଥିବା ବେଳେ ସେଥିରେ ୩୦,୪୮୬ ଜଣ ପ୍ରାଣ ହରାଇଥିଲେ। ସେହି ସମୟରେ ଓଡ଼ିଶାରେ ୨୧୦୯ଟି ହିଟ୍ ଆଣ୍ଡ ରନ୍ ମାମଲା ପଞ୍ଜିକୃତ ହୋଇଥିଲା। ୨୦୨୨ରେ ଅଜଣା ଗାଡ଼ି ଧକ୍କାରେ ୧୧୬୪ଜଣ ପ୍ରାଣ ହରାଇଥିଲେ। ଅପରପକ୍ଷେ ପଛରୁ ଧକ୍କା ଦେବା ନେଇ ୨୧୫୨ଟି ମାମଲା ରୁଜୁ ହୋଇଥିଲା ବେଳେ ସେଥିରେ ୯୯୨ ଜଣ ପ୍ରାଣ ହରାଇଥିଲେ। ସେହିପରି ସାଇଡ୍‌ରୁ ଅବା ପାର୍ଶ୍ୱପଟୁ ଧକ୍କା ଦେବା ନେଇ ୧୨୭୨ଟି ଦୁର୍ଘଟଣା ଘଟିଥିଲା ଏବଂ ସେଥିରେ ୪୬୪ଜଣ ପ୍ରାଣ ହରାଇଥିଲେ। ୨୦୧୯ରେ ଓଡ଼ିଶାରେ ୧୧୦୮ଜଣ ଅଜଣା ଗାଡ଼ି ଧକ୍କାରେ ପ୍ରାଣ ହରାଇଥିଲେ ଏବଂ ୧୨୫୦ ଜଣ ଗୁରୁତର ଆହତ ହୋଇଥିଲେ। ସେହିପରି ୨୦୨୦ରେ ୯୦୭ଜଣ ପ୍ରାଣ ହରାଇଥିଲେ ଏବଂ ୯୦୨ ଜଣ ଗୁରୁତର ଆହତ ହୋଇଥିଲେ। ୨୦୧୯-୨୧ରେ କେବଳ କଟକ ଜିଲ୍ଲାରେ ୩୦୧ଟି ହିଟ୍ ଆଣ୍ଡ ରନ୍ ମାମଲାରେ ୧୧୪ ଜଣ ମୃତ୍ୟୁବରଣ ଏବଂ ୨୫୨ ଆହତ ହୋଇଥିଲେ। ତେବେ ମାତ୍ର ୧୦ଜଣ ମୃତକ ଏବଂ ୧୫ଜଣ ଆହତଙ୍କୁ ହିଟ୍ ଆଣ୍ଡ ରନ୍ ମାମଲାରେ କ୍ଷତିପୂରଣ ରାଶି ମିଳିଥିଲା। ରାଜ୍ୟସ୍ତରରେ ୨୦୧୯-୨୦ରେ ମାତ୍ର ୧୪୦ଟି ଆବେଦନ ଆସିଥିବା ବେଳେ ମୃତକ ଓ ଆହତଙ୍କୁ ମିଶାଇ ୯୨ ଜଣଙ୍କୁ କ୍ଷତିପୂରଣ ମିଳିଥିଲା।

ସଡ଼କ ସୁରକ୍ଷା ବିଶେଷଜ୍ଞଙ୍କ କହିବା ଅନୁସାରେ ଅଜଣା ଗାଡ଼ି ଧକ୍କାରେ ମୃତାହତଙ୍କୁ କ୍ଷତିପୂରଣ ଦେବା ଲାଗି ସରକାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ହିତାଧିକାରୀଙ୍କ ପାଖରେ ଏହି ସୁବିଧା ପହଞ୍ଚିପାରୁନାହିଁ। ଏହାର ବଡ଼ କାରଣ ହେଉଛି, ଏହି କ୍ଷତିପୂରଣ ରାଶି ସମ୍ପର୍କରେ ସୂଚନାର ଅଭାବ। ଦୁର୍ଘଟଣା ପରେ ମୃତାହତଙ୍କ ସମ୍ପର୍କୀୟଙ୍କୁ ସୋଲାସିୟମ୍ ଫଣ୍ଡ ସମ୍ପର୍କରେ ପୁଲିସ୍ ସୂଚନା ଦେବାର ଅବହେଳା କରୁଛି। ସେହିପରି କୌଣସି ସ୍ଥାନରେ ବି ଏହି ସୁବିଧା ସମ୍ପର୍କରେ ଗୋଟିଏ ବି ସୂଚନାଫଳକ ନାହିଁ। ଡାକ୍ତରଖାନାରେ ମଧ୍ୟ ହିତାଧିକାରୀଙ୍କୁ ଏହି ଯୋଜନା ସମ୍ପର୍କରେ ସୂଚନା ଦିଆଯାଉନାହିଁ। ସେହିପରି ହିଟ୍ ଆଣ୍ଡ ରନ୍ ମାମଲାରେ କ୍ଷତିପୂରଣ ରାଶି ବୃଦ୍ଧି କରିବା ଯଥାର୍ଥ। ତେଣୁ ବିଧିବ୍ୟବସ୍ଥାରେ ପରିବର୍ତ୍ତନ କରିବା ସହିତ ଲୋକଙ୍କୁ ଏତେ ଭଲ ଯୋଜନା ସମ୍ପର୍କରେ ଅବଗତ କରାଯିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

■ ଦିଲୀପ ପାହାନ ହତ୍ୟା ଘଟଣା

## ସମିତି ସଭ୍ୟ ରାଜୁ ତରେଇ ଗିରଫ

**ଖଲ୍ଲିକୋଟ, ୯।୬(ସମିସ):** ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ରାଜନୈତିକ ହିଂସାରୁ ଗତ ମାସ ୧୫ତାରିଖରେ ଘଟିଥିବା ଦିଲୀପ ପାହାନ ହତ୍ୟା ଘଟଣାରେ ପୂର୍ବରୁ ୧୯ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ରବିବାର ସମିତିସଭ୍ୟ ରାଜୁ ତରେଇଙ୍କୁ ନୟାଗଡ଼ ଜିଲ୍ଲା ଚାନ୍ଦପୁର ନିକଟସ୍ଥ ଏକ ଉପାନ୍ତ ଅଞ୍ଚଳରୁ ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁ। ରାଜୁଙ୍କୁ ମିଶାଇ ଦିଲୀପ ହତ୍ୟା ଘଟଣାରେ ଏପର୍ଯ୍ୟନ୍ତ ପୁଲିସ ୨୦ଜଣଙ୍କୁ ଗିରଫ କରିସାରିଲାଣି। ଏହି ରାଜନୈତିକ ହତ୍ୟା ଘଟଣାରେ ଆଉ ଦୁଇ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

ସମିତି ସଭ୍ୟ ରାଜୁ ତରେଇଙ୍କୁ ଧରିବା ପାଇଁ ଏସ୍‌ଡିପିଓ ଗୌରହରୀ ସାହୁଙ୍କ ନେତୃତ୍ୱରେ ଖଲ୍ଲିକୋଟ ଆଇଆଇସି ନରେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ରମ୍ଭା ଆଇଆଇସି ସତ୍ୟବ୍ରତ ଭୂତିଆ ଓ ଏସଆଇଟି ଟିମ୍ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଏକ ୧୫ଜଣିଆ ପୁଲିସ ଟିମ୍ ଗଠନ କରାଯାଇଥିଲା।



ଚାନ୍ଦପୁର ନିକଟସ୍ଥ ଉପାନ୍ତ ଅଞ୍ଚଳରେ ରାଜୁ ତରେଇ ଥିବା ଖବର ପାଇ ଶନିବାର ବିଳମ୍ବିତ ରାତିରେ ପୁଲିସ ଟିମ୍ ଚଢ଼ଉ କରି ରାଜୁକୁ ଗିରଫ କରିଥିଲେ। ରବିବାର ସନ୍ଧ୍ୟାରେ ରାଜୁକୁ ଡାକ୍ତରୀ ପରୀକ୍ଷା ପରେ କୋର୍ଟଚାଲାଣ କରାଯାଇଥିଲା। ଏସ୍‌ଆଇଟି ଏହି ହତ୍ୟା ମାମଲାର ତଦନ୍ତ ଜାରି ରଖିଛି।

# ବିଜେଡି କର୍ପୋରେଟରଙ୍କୁ ଦୁର୍ବ୍ୟବହାର, ସ୍ୱାମୀଙ୍କୁ ଆକ୍ରମଣ ଅଭିଯୋଗ

**ବ୍ରହ୍ମପୁର, ୯ ।୬(ସମିସ)**

ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ଅଞ୍ଚଳର ଜନୈକା କର୍ପୋରେଟରଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଏଥି ସହିତ ଉକ୍ତ କର୍ପୋରେଟରଙ୍କ ସ୍ୱାମୀଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଏତଲା ହୋଇଛି । ଏପରିକି ଉଭୟ ଦମ୍ପତିଙ୍କୁ ହତ୍ୟା ଧମକ ଦିଆଯାଇଥିବା ଏତଲାରେ ଉଲ୍ଲେଖ ରହିଛି । ଏନେଇ ସମ୍ପୃକ୍ତ ଦମ୍ପତିଙ୍କ ପକ୍ଷରୁ ବଡବଜାର ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ ଆଧାରରେ ପୁଲିସ ଭାରତୀୟ ପିଙ୍ଗଳ କୋଡର ୩୪୧/୩୨୩/୨୯୪/୩୫୪ ଓ ୫୦୬ ଧାରାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଅତିରିକ୍ତ ଏସପି ଅସୀମ କୁମାର ପଣ୍ଡା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ରବିବାର ପୂର୍ବାହ୍ନ ପ୍ରାୟ ସାଢେ ୭ଟା ସମୟରେ ସ୍ଥାନୀୟ କର୍ପୋରେଟର ଓ ତାଙ୍କ ସ୍ୱାମୀ ସଫେଇ କାର୍ଯ୍ୟର ତଦାରଖ କରିବାକୁ ବାହାରିବା ସମୟରେ ରାଧାକାନ୍ତ ସାହି ନିବାସୀ ଦେବାଶିଷ ସାହୁ ତାଙ୍କ ଘର ନିକଟକୁ ଆସି ଗାଳିଗୁଲଜ କରିବା ସହ ୱାର୍ଡର ସମସ୍ତ କାମ ବନ୍ଦ କରିବାକୁ ଧମକ ଦେଇଥିଲେ । ବର୍ତ୍ତମାନ ସରକାର ବଦଳିବା ପରେ ତୁମେ ଆଉ କୌଣସି କାମ କରିପାରିବନାହିଁ ବୋଲି କହି ଉଭୟଙ୍କୁ ଦେବାଶିଷ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି । ଘଟଣା ଲୋକଲୋଚନକୁ ଆସିବା ପରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନଙ୍କ ସମେତ ବହୁ କର୍ପୋରେଟର ବଡ଼ବଜାର ଥାନାର ଦ୍ୱାରସ୍ଥ ହୋଇ ଉକ୍ତ ଦମ୍ପତିଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ଘଟଣାର ତଦନ୍ତ ଜାରି ରହିଥିବା ବେଳେ ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସପି ଅସୀମ ପଣ୍ଡା ସୂଚନା ଦେଇଛନ୍ତି ।

**ନ୍ୟାୟ ଦାବିରେ ଥାନାର ଦ୍ୱାରସ୍ଥ ମେୟର, ଜିଲ୍ଲା ସଭାପତି ଓ ବହୁ କର୍ପୋରେଟର**

## ଅଟୋ ଚାଳକ ବାପିଙ୍କ ମୃତଦେହ ଉଦ୍ଧାର ଘଟଣା

# ୯ ମାସ ପରେ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର, ୯ ।୬(ସମିସ)**

ଗତ ୨୦୨୩ମସିହା ସେପ୍ଟେମ୍ବରରେ ସ୍ଥାନୀୟ ଟାଟାବେଞ୍ଚ ଛକ ନିକଟରୁ ଛତ୍ରପୁର ଆଡୁଆ ସାହିର ଝିଲ୍ଲି ଗୌଡ଼ଙ୍କ ସ୍ୱାମୀ ବାପି ଗୌଡ଼ଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଏନେଇ ପୁଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ଅଟୋଚାଳକ ବାପିଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା । ଗତ ୬ତାରିଖରେ ବାପିଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ତ୍ରୀ ଝିଲ୍ଲି ଗୌଡ଼ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟାମାମଲା ରୁଜୁ କରି ଘଟଣାର ୯ମାସ ପରେ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିଲା । ଗିରଫ ଅଭିଯୁକ୍ତ ଜଣକ ହେଲେ ଛତ୍ରପୁର ଥାନା କୁମାରବେଗ ପଲ୍ଲୀର ରମେଶ କୁମାର ଦାସ(୫୨) । ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଲୁହା ଟ୍ରଲ ରେଞ୍ଚି ଓ ଗୋଟିଏ ଅଟୋ ଜବତ କରିଛି । ସୂଚନାଯୋଗ୍ୟ ଯେ, ୨୦୨୩ ସେପ୍ଟେମ୍ବର ୧୫ରେ ସ୍ଥାନୀୟ ଟାଟାବେଞ୍ଚ ଛକରୁ ବାପିଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର ହୋଇଥିଲା । ଏହା ଏକ ଦୁର୍ଘଟଣା ଭାବି ପୁଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା । ତେବେ ବ୍ୟବଚ୍ଛେଦ ରିପୋର୍ଟରୁ ବାପିଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା । ଘଟଣାକୁ ନେଇ ମୃତ ବାପିଙ୍କ ବିଧବା ପତ୍ନୀ ଝିଲି ଗୌଡଙ୍କ ଅଭିଯୋଗକ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତଦନ୍ତ ବେଳେ ପୁଲିସ ଏହି ଘଟଣାରେ ରମେଶଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା । ବାପି ଓ ତାଙ୍କ ପଡୋଶୀ ରମେଶ ଉଭୟେ ଅଟୋଚାଳକ ଥିଲେ । ଟାଟାବେଞ୍ଚ ଛକ ନିକଟରେ ଉଭୟ ଅଟୋ ପାର୍କିଂ କରୁଥିଲେ । ଘଟଣାଦିନ ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା । ଅଭିଯୁକ୍ତ ରମେଶ ଅଟୋରେ ଥିବା ଏକ ଛୋଟ ଲୁହା ଟ୍ରଲ ରେଞ୍ଚିରେ ବାପିଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ । ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ବାପି ଗୁରୁତର ଆହତ ହୋଇ ପରେ ତାଙ୍କୁ ସ୍ଥାନୀୟ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ବାପିଙ୍କୁ ମୃତ ଘୋଷଣା କରିଥିଲେ ।

**ହତ୍ୟାକାଣ୍ଡରେ ରୂପାନ୍ତରିତ ହେଲା ଅପମୃତ୍ୟୁ ମାମଲା**

## କ୍ଷୀର ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣାରେ ୪ ଗିରଫ

**ବ୍ରହ୍ମପୁର, ୯ ।୬(ସମିସ):** ସ୍ଥାନୀୟ ରାମହରି ନଗର ସରସ୍ୱତୀ ଶିଶୁମନ୍ଦିର ନିକଟରେ ଜଣେ କ୍ଷୀର ବ୍ୟବସାୟୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଗେଟବଜାର ଓଆରଟି କଲୋନୀର ଉମେଶ ସାହୁ ଓରଫ ଖଣ୍ଡି (୨୩), ଅଲୋକ ମହାନ୍ତି ଓରଫ କାହ୍ନା(୧୯), ଧୋବା ସାହିର ଏମ୍. ପ୍ରେମ(୨୦) ଓ ଗେଟବଜାର ଅଞ୍ଚଳର ବାପୁନୀ ସାହୁ(୩୫) । ସୂଚନାଯୋଗ୍ୟ ଯେ, ଗେଟବଜାର ବୃନ୍ଦାବତୀ ନଗର ନିବାସୀ ତଥା କ୍ଷୀର ବ୍ୟବସାୟୀ ବେଦପ୍ରକାଶ ବେହେରା ଗତ ଶନିବାର ସନ୍ଧ୍ୟାରେ କ୍ଷୀର ପଇସା ସଂଗ୍ରହ କରିବାକୁ ଯାଇଥିବା ବେଳେ ୪ଜଣ ଯୁବକ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ । ଏନେଇ ଆହତ ବ୍ୟବସାୟୀ ବେଦଙ୍କ ଭଉଣୀ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଆକ୍ରମଣର ଶୀକାର ବେଦପ୍ରକାଶ ଘଟଣାସ୍ଥଳରେ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ । ଖବରପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ପ୍ରଥମେ ତାଙ୍କୁ ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ ପରେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣା ସ୍ଥଳରେ ପହଞ୍ଚି ସେଠାରେ ଲାଗିଥିବ ସିସିଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରି ଶନିବାର ରାତିରେ ହିଁ ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ ବୈଦ୍ୟନାଥପୁର ଥାନା ପୁଲିସ କାବୁ କରିଥିଲା । ରବିବାର ସନ୍ଧ୍ୟାରେ ଗିରଫ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ସୂଚନା ଦେଇଛନ୍ତି ।

## ବାଇକ୍ ଚୋରି ଅଭିଯୋଗରେ ଜଣେ ଗିରଫ

**ବ୍ରହ୍ମପୁର, ୯ ।୬(ସମିସ):** ବାଇକ ଚୋରି ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ମହମ୍ମଦ ବାସିରଦ୍ଦିନ(୨୦) ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ବିଜିପୁର ନିବାସୀ ବୃନ୍ଦାବନ ମୁଦୁଲି ସ୍ଥାନୀୟ ବମ୍ବେ କିଚେନ ହୋଟେଲର ଜଣେ କର୍ମଚାରୀ । ସେ ଶନିବାର ସନ୍ଧ୍ୟାରେ ନିଜ ବାଇକକୁ ହୋଟେଲ ସମ୍ମୁଖରେ ରଖି କାମ କରୁଥିଲେ । ରାତି ୮ଟାରେ ବୃନ୍ଦାବନ ବାହାରକୁ ଆସି ଦେଖିବାବେଳକୁ ତାଙ୍କ ବାଇକ ନଥିବା ଜାଣିପାରିଥିଲେ । ବହୁ ଖୋଜାଖୋଜି ପରେ ବାଇକଟି ଚୋରି ହୋଇଥିବା ଜାଣିପାରି ସେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗକୁ ଗୁରୁତର ସହ ଗ୍ରହଣକରି ଘଟଣାସ୍ଥଳରୁ ସିସିଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା । ରବିବାର ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଏଏସଆଇ ମନୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

### ପୂଜ୍ୟପୂଜା ସମିତିର କାର୍ଯ୍ୟକ୍ରମ

## ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ସହିଦ ଦିବସ



**ବ୍ରହ୍ମପୁର, ୯ ।୬(ସମିସ)**

ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟପୂଜା ସମିତି ପକ୍ଷରୁ ରବିବାର ଏମକେସିଜି ମେଡିକାଲ କଲେଜ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୨୪ତମ ସହିଦ ଦିବସ ପାଳିତ ହୋଇଯାଇଛି । ସମିତିର ସମ୍ପାଦକ ଏସ. ସାମ୍ବଶିବା ରାଓଙ୍କ ଅଧ୍ୟକ୍ଷତାରେ ସହିଦ ବିର୍ସା ମୁଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ମୁଣ୍ଡା ବିଦ୍ରୋହର ପ୍ରାଣ ପ୍ରତିଷ୍ଠାତା ସେନାପତି ବିରସା ମୁଣ୍ଡା ଭଗବାନ ବିର୍ସା ମୁଣ୍ଡା ଭାବେ ଜଣାଶୁଣା । ମହାଜନ, ଜମିଦାର ଓ ବ୍ରିଟିଶ ଶାସକମାନଙ୍କ ଅତ୍ୟାଚାର ଓ ଦମନକୁ ଲୋପ କରି ମୁଣ୍ଡାରାଜ ପ୍ରତିଷ୍ଠା ପାଇଁ ବିର୍ସା ମୁଣ୍ଡା ବ୍ୟାପକ ପ୍ରସ୍ତୁତି କରିଥିଲେ । ଆଦିବାସୀ ଓ କୃଷକମାନଙ୍କ ଜୀବନ -ଜୀବିକା ଉପରେ ବିଦେଶୀ ହସ୍ତକ୍ଷେପ ଓ ଆକ୍ରମଣର ପରିଣାମ ସ୍ୱରୂପ ବିର୍ସାଙ୍କ ନେତୃତ୍ୱରେ ଏହି ଗଣବିଦ୍ରୋହ ଗଢି ଉଠିଥିଲା । ଛୋଟ ନାଗପୁର ଅଞ୍ଚଳରେ ମୁଣ୍ଡା ଜମି ଓ ଜଙ୍ଗଲ, ମିଶନାରୀ, ଜମିଦାର, ବ୍ରାହ୍ମଣ ଓ ମହାଜନଙ୍କ ଶୋଷଣ ୧୮୮୫ରେ ଭୂମିଆଇନ ଜାରି ନେଇ ସ୍ୱତନ୍ତ୍ର ମୁଣ୍ଡା ରାଜ୍ୟ ଗଠନର ସ୍ୱର ଉଠିଲା ଓ ଜାଗିରଦାରୀ ବିରୋଧରେ ସଂଗ୍ରାମ ଚାଲୁ ହେଲା । କୁସଂସ୍କାର ବିରୋଧରେ ପ୍ରଚାର କରାଗଲା । ମୁଣ୍ଡାଙ୍କ ସଚେତନ ମୂଳକ ଲଢେଇକୁ ବ୍ରିଟିଶ ପ୍ରବଳ ମାତ୍ରାରେ ଭୟ କଲା । ବିର୍ସାଙ୍କୁ ଧରିବାପାଇଁ ପୁଲିସ ଅନେକ ଗୁପ୍ତଚର ଓ ବିଶ୍ୱାସଘାତକଙ୍କୁ ନିଯୁକ୍ତି କଲା । ବିରସାଙ୍କୁ ଧରିଲେ ୫୦୦ଟଙ୍କା ପୁରସ୍କାର ମଧ୍ୟ ବ୍ରିଟିଶ ଶାସକ ଘୋଷଣା କରିଥିଲା । ଏହି ଲଢେଇକୁ ଦମନ କରିବାପାଇଁ ୧୯୦୦ମସିହା, ଫେବୃଆରୀ ୩ତାରିଖରେ ବିର୍ସାଙ୍କ ସମେତ ୮୫୧ଜଣ ଆଦିବାସୀଙ୍କୁ ପୋଲିସ ଗିରଫ କଲା । ବିଚାରରେ ୩ଜଣଙ୍କୁ ଫାଶୀ ଦିଆଗଲା । ୪୦ଜଣଙ୍କୁ ଆଜୀବନ ଜେଲଦଣ୍ଡ ମିଳିଥିଲା ଓ ଅନ୍ୟମାନଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ଦିଆଯାଇଥିଲା । ୧୯୦୦ମସିହା, ଜୁନ ୯ତାରିଖରେ ଆରସାନିକ ବିଷ ପ୍ରୟୋଗ କରି ବିର୍ସାଙ୍କୁ ବ୍ରିଟିଶ କାରାଗାରରେ ମାରି ଦିଆଯାଇଥିଲା । ହେଲେ ଲକ୍ଷ ଲକ୍ଷ ଆଦିବାସୀ ତଥା ଜନସାଧାରଣ ବିର୍ସାଙ୍କ ନାଁ ଶୁଣି ଆଜି ମଧ୍ୟ ପ୍ରେରଣା ପାଉଛନ୍ତି । ମୁଣ୍ଡା ଆନ୍ଦୋଳନର ଫଳ ସ୍ୱରୂପ ଆଜିର ଦିନରେ ଆଦିବାସୀମାନେ ନିଜ ଅଧିକାର ହାସଲ ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି । ସମିତି ପକ୍ଷରୁ ବିର୍ସା ମୁଣ୍ଡାଙ୍କ ସହିଦ ଦିବସ ପାଳନ ଅବସରରେ ଆୟୋଜିତ ସ୍ମୃତିସଭାରେ ବି. ଭଗବତୀ ରାଓ, ସୁରେନ୍ଦ୍ର ନାଥ ପଣ୍ଡା, ରାମଚନ୍ଦ୍ର ସାହାଣୀ, ରମେଶ କୁମାର ଗୋୟଲ, ଜୟକୃଷ୍ଣ ନାୟକ, ଜଟେଶ୍ୱର ସାବତ, ନୀଳାଦ୍ରି ଭୂଷଣ ନାୟକ, ସୋମନାଥ ସାମନ୍ତରାୟ, ସନ୍ତୋଷ କୁମାର ପାଢ଼ୀ, ପି. ଶଙ୍କର ରାଓ, ଡା. ରାଜେନ୍ଦ୍ର କୁମାର ତ୍ରିପାଠୀ, ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଜୟକୃଷ୍ଣ ନାୟକ, ପୂର୍ଣ୍ଣ ଚନ୍ଦ୍ର ମହାରଣା, ଅଳକା ନାଥ ମିଶ୍ର, ପ୍ରଶାନ୍ତ କୁମାର ପଣ୍ଡା ଓ ଅବନୀ ଗୟା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ମାନବ ଅଧିକାର ସୁରକ୍ଷା ମଞ୍ଚର ସମ୍ପାଦକ ସୁବାଷ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ ।

## ଭାରତଲୀଳା ମହୋତ୍ସବ ପାଇଁ ବରିଷ୍ଠ କଳାକାର ସଂଘର ପ୍ରସ୍ତୁତି ବୈଠକ



**ବ୍ରହ୍ମପୁର, ୯ ।୬(ସମିସ):** କଳା ଓ କଳାକାର ହିତୈଷୀ ମହାମଞ୍ଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ' ପକ୍ଷରୁ ସଂଘର ବାର୍ଷିକୋତ୍ସବ ଅବସରରେ 'ରାଜ୍ୟସ୍ତରୀୟ ଭାରତଲୀଳା ମହୋତ୍ସବ ୨୦୨୪' ଆୟୋଜନ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସିଟି ହାଇସ୍କୁଲ ରୋଡ଼ ସ୍ଥିତ 'ମାନସ ଭବନ' ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସଂଘର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ କଳାପ୍ରାଣ କୈଳାସ ପାଣିଗ୍ରାହୀ, ଶିକ୍ଷାବିତ୍ ଶଙ୍କର୍ଷଣ ସାବତ ଏବଂ ସୀମାନ୍ତ ନଟରାଜ ଡା. ତିରୁପତି ସାହୁ ମଞ୍ଚାସୀନ ଥିଲେ । ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ ସ୍ୱାଗତ ଭାଷଣ କ୍ରମରେ ବୈଠକର ଆଭିମୁଖ୍ୟ ଉପସ୍ଥାପନ ସହିତ ଜୁଲାଇ ୩ତାରିଖରେ ସଂଘର ବାର୍ଷିକୋତ୍ସବ ଅବସରରେ 'ଭାରତଲୀଳା ମହୋତ୍ସବ' ଆୟୋଜନ ନେଇ ପ୍ରସ୍ତାବ ଆଗତ କରିଥିଲେ । କାର୍ଯ୍ୟକାରୀ କମିଟି ସଦସ୍ୟ ଓ ସଦସ୍ୟାମାନେ ଆଲୋଚନା ପୂର୍ବକ ପ୍ରସ୍ତାବକୁ ଅନୁମୋଦନ କରିବା ସହିତ ଉକ୍ତ ଦିବସରେ ଏକ ବର୍ଣ୍ଣାଢ୍ୟ କଳାକାର ଶୋଭାଯାତ୍ରାର ଆୟୋଜନ ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ପରିପ୍ରେକ୍ଷୀରେ ସମସ୍ତ ଭାରତଲୀଳା ଲୋକନାଟ୍ୟ ଦଳମାନେ ଅଂଶଗ୍ରହଣ ନିମନ୍ତେ ସଂଘ ସହ ଯୋଗାଯୋଗ କରିବା ପାଇଁ ଆନୁଷ୍ଠାନିକ ପରାମର୍ଶ ଦିଆଯାଇଛି । ସ୍ଥାନୀୟ ହିଲପାଟଣା ସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ଠାରେ କାର୍ଯ୍ୟକ୍ରମ ଆୟୋଜନ ସଂକ୍ରାନ୍ତରେ ସମ୍ପୃକ୍ତ ବିଭାଗ ସହ ଯୋଗାଯୋଗ ପାଇଁ ସମ୍ପାଦକଙ୍କୁ ଦାୟିତ୍ୱ ନ୍ୟସ୍ତ କରାଗଲା । ବୈଠକରେ ସର୍ବଶ୍ରୀ ବଳଦେବ ସାହୁ, ମୃତ୍ୟୁଞ୍ଜୟ ତ୍ରିପାଠୀ, ଦେବେନ୍ଦ୍ର ପ୍ରସାଦ ଶର୍ମା, ଟି. ତାରିଣୀ ରାଓ, କୁନୁ ବେହେରା, ପ୍ରଦୀପ କୁମାର ସାହୁ, ଗୀତା ସ୍ୱାଇଁ, ବନ୍ଦନା ନନ୍ଦ ଓ ବନ୍ଦନା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ଅଭିରାମ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍ୱାମୀ ବିବେକାନନ୍ଦ ସେବା ସଂଘର ରକ୍ତଦାନ ଶିବିର

## ୪୦ ୟୁନିଟ୍ ସଂଗୃହୀତ



**ବ୍ରହ୍ମପୁର, ୯ ।୬(ସମିସ):** ଆଙ୍କୁଶପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ସେବା ସଙ୍ଘ ଆନୁକୂଲ୍ୟରେ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦିକ ମହାବିଦ୍ୟାଳୟର ସହଭାଗିତାରେ ଏକ ରକ୍ତଦାନ ଶିବିର ଅୟୋଜିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ୪୦ୟୁନିଟ ରକ୍ତ ସଂଗୃହିତ ହୋଇଛି । ଶିବିରକୁ ସଦର ଥାନା ଅଧିକାରୀ ରାମ ସୁବ୍ରମନ୍ୟମ ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ବରିଷ୍ଠ ଆୟୁର୍ବେଦ ବିଶେଷଜ୍ଞ ଡା. ବିମଳ କୁମାର ପଣ୍ଡା ଓ ପ୍ରଫେସର ଚିନ୍ମୟ ଭବାନୀ ପ୍ରସାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଡା ସ୍ୱପ୍ନ ସ୍ୱର୍ଣ୍ଣପ୍ରଭା, ଡା. ସୁବ୍ରତ କୁମାର ଓଝା, ଡା. ଅଂଶୁମାନ ବିଶ୍ୱାଳଙ୍କ ସମେତ ସମ୍ବର୍ଦ୍ଧିତ ପ୍ରତିଭା ବ୍ୟକ୍ତିତ୍ୱ ଭାବେ ପ୍ରକୃତି ପ୍ରେମୀ ବନମାଳୀ ପ୍ରଧାନ, ଶିକ୍ଷାବିତ ଶ୍ରୀମତୀ ରାମେଶ୍ୱରୀ ନନ୍ଦ ଓ ଆଇନଜୀବୀ ନାରାୟଣ ମହାଙ୍କୁଡ଼ ପ୍ରମୁଖ ଯୋଗ ଦେଇଥିଲେ । ବ୍ରହ୍ମପୁର ରକ୍ତ ଭଣ୍ଡାର ତରଫରୁ ରକ୍ତ ସଂଗ୍ରହ ପାଇଁ ଏକ ସ୍ୱତନ୍ତ୍ର ଟିମ ଏଥିରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଙ୍ଘର ସଭାପତି ଅନିଲ କୁମାର ଚୌଧୁରୀ ସମ୍ପାଦକ ଡ଼ଃ. ସନ୍ୟାସୀ ମହାରଣା, କୋଷାଧ୍ୟକ୍ଷ ମୁକୁନ୍ଦ ଦୋରା, ଟି. ପୁରୁଷୋତ୍ତମ, ଶ୍ୟାମସୁନ୍ଦର ରାଓ, ଏ. ଶ୍ରୀନିବାସ ରାଓ, ବସନ୍ତ କୁମାର ସାହୁ, ମନୋଜ କୁମାର ପଣ୍ଡା, ନାରାୟଣ ରାଉଳ, ସୁଶାନ୍ତ କୁମାର ସାହୁ, ମିଟୁ ସାହୁ, ଇ. ଶ୍ରୀନିବାସ ରାଓ, ଦୁର୍ଯ୍ୟୋଧନ ସେଠି, ସୁକାନ୍ତ କୁମାର ସାହୁ, ସନ୍ତୋଷ ବେହେରା, ନିର୍ମାଲ୍ୟ ଗୌଡ଼, ନିରଞ୍ଜନ ସାହୁ, ସଞ୍ଜୟ କୁମାର ସାହୁ, ସୁଶାନ୍ତ କୁମାର ଗୌଡ଼, ଅଙ୍କିତ ମହାରଣା, ଅସିତ ସାହୁ ଓ ନିର୍ଜରା ମହାରଣାଙ୍କ ସମେତ ସଂଘର ବହୁ ସଦସ୍ୟ ଏବଂ ସ୍ଥାୟୀୟ ଲୋକେ ସହଯୋଗ କରିଥିଲେ ।

## ସମୁଦ୍ରରେ ବୁଡ଼ି ଯାଉଥିବା ବେଳେ ପର୍ଯ୍ୟଟକ ଉଦ୍ଧାର

**ବ୍ରହ୍ମପୁର, ୯ ।୬(ସମିସ):** ଗୋପାଳପୁର ସମୁଦ୍ରରେ ରବିବାର ଅପରାହ୍ନ ପ୍ରାୟ ସାଢେ ୬ଟା ସମୟରେ ଦିଲ୍ଲୀର ଜଣେ ପର୍ଯ୍ୟଟକ ବୁଡ଼ି ଯାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଛନ୍ତି । ସୂଚନା ପ୍ରକାରେ ରବିବାର ସି ସାଇଡ ବିଚ ନିକଟରେ ଦିଲ୍ଲୀର ୫ଜଣ ବନ୍ଧୁ ଗୋପାଳପୁର ସମୁଦ୍ରକୁ ବୁଲିବାକୁ ଆସି ସମୁଦ୍ରରେ ଜଳକ୍ରୀଡ଼ା କରିଥିଲେ । ଗାଧାଉଥିବା ବେଳେ ସାମାନ୍ୟ ଅସାବଧନତା ଯୋଗୁଁ ସେମାନଙ୍କ ମଧ୍ୟରୁ ସାହିଲ ଖାନ(୨୫) ନାମକ ପର୍ଯ୍ୟଟକ ପାଣି ଭିତରକୁ ଚାଲିଯିବା ବେଳେ ତାଙ୍କ ସାଙ୍ଗମାନେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମେଡିକାଲକୁ ନେଇଥିବା ସୂଚନା ମିଳିଛି ।

# 'ରୁଟି' ଦେଇଛି ଡିପ୍ଲୋମା ଛାତ୍ର ମାଧବଙ୍କୁ ରୋଜଗାର







**ବ୍ରହ୍ମପୁର, ୯ ।୬(ସମିସ)**

ରୋଜଗାରର ପନ୍ଥା ଅନେକ । କିଏ ପାରମ୍ପରିକ ବା କୌଳିକ ବୃତ୍ତି କରି ତ ଆଉ କିଏ ନିଜସ୍ୱ ଉଦ୍ୟମରେ ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି । ତେବେ କାହା ଅଧୀନରେ ନୁହେଁ ବରଂ ନିଜସ୍ୱ ବୁଦ୍ଧି ଖର୍ଚ୍ଚ କରି ଅର୍ଥ ଉପାର୍ଜନ କରିବାକୁ ଚାହିଁଛନ୍ତି ବ୍ରହ୍ମପୁର ଉପକଣ୍ଠ ବୋରିଗାଁର ଡିପ୍ଲୋମା ଛାତ୍ର ମାଧବ ସାହୁ । ବୟସ ମାତ୍ର ୨୮ ବର୍ଷ । ବ୍ୟବସାୟୀ ପରିବାରରେ ଜନ୍ମ ହୋଇ ଜଣେ ମେଧା ଡିପ୍ଲୋମା ଡିଗ୍ରୀଧାରୀ ହୋଇଥିଲେ ହେଁ ଚାକିରୀ ପରିବାକୁ ପସନ୍ଦ କରିନଥିଲେ ମାଧବ । ବରଂ ପାଠପଢ଼ା ଶେଷ ହେବା ପରେ ନିଜେ କିଛି କରିବାକୁ ଉଦ୍ୟମ କରିଥିଲେ ସେ । ଏଥିପାଇଁ ଅବଶ୍ୟ ପରିବାର ପକ୍ଷରୁ ମିଳିଥିଲା ପୂର୍ଣ୍ଣ ସହଯୋଗ । ଦିନକୁ ଦିନ ବୃଦ୍ଧି ପାଉଥିବା ମଧୁମେହ ବା ଡାଏବେଟିସ ରୋଗକୁ ନେଇ ଲୋକଙ୍କ ଚିନ୍ତା ବଢ଼ିବାରେ ଲାଗିଛି । ଏଥିରୁ ରକ୍ଷା ପାଇବାକୁ ଯାଇ ଲୋକେ ଭାତ କିମ୍ବା ମଇଦା ପ୍ରସ୍ତୁତ ସାମଗ୍ରୀ ଠାରୁ ନିଜକୁ ଦୂରେଇ ରଖୁଛନ୍ତି । ଏଭଳି ପରିସ୍ଥିତିରେ ମାଧବଙ୍କ ମନରେ ଆସିଥିଲା 'ରୁଟି' ପ୍ରସ୍ତୁତ କରି ବିଭିନ୍ନ ହୋଟେଲ ଓ ଅନ୍ୟାନ୍ୟ ସ୍ଥାନକୁ ଯୋଗାଇବେ । ଏବଂ ଏଥିପାଇଁ ସେ ନିଜ ଭିଣୋଇଙ୍କ ପାଖକୁ ଅର୍ଥାତ୍ ଗୁଜରାଟର ବରୋଦ୍ରା ବୁଲିବାକୁ ଯାଇଥିଲେ । ସେଠାରେ କିଛି ସ୍ଥାନ ବୁଲିବା ପରେ ଏହି ବ୍ୟବସାୟ ପାଇଁ ତାଙ୍କର ବେଶ କିଛି ଧାରଣା ହୋଇଥିଲା । ପରେ ସେ ସେଠାରୁ ଫେରି ବାପାଙ୍କ ଠାରୁ କିଛି ମୂଳ ଅର୍ଥକୁ ବିନିଯୋଗ କରି ଭୁବନେଶ୍ୱରରେ ଏମ୍ସ ହସ୍ପିଟାଲ ଅଞ୍ଚଳରେ ୨୦୧୯ମସିହାରେ ନିଜର କାରବାର ଆରମ୍ଭ କରିଥିଲେ । ହେଲେ ଭାଗ୍ୟର ବିଡମ୍ବନା । କିଛି ଦିନର କାରବାର ସହ ବ୍ୟବସ୍ଥାୟରେ ସ୍ଥିରତା ଆସିବାକୁ ଯାଉଥିବା ବେଳେ ଆସିଥିଲା କୋଭିଡର ପ୍ରଥମ ଲହର । ସଂଘରୋଧ କଟକଣା ଯୋଗୁଁ କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା । ସ୍ଥିତିରେ ଆସିବା ପରେ ପୁଣି କାରବାର ଆରମ୍ଭ କରି ଅଣ୍ଟା ସଳଖିବାକୁ ଉଦ୍ୟମ କରୁଥିବା ବଳେ ପୁଣି ଆସିଥିଲା କୋଭିଡର ଦ୍ୱିତୀୟ ଲହର । ବ୍ୟବସାୟକୁ ଆଗକୁ ବଢ଼ାଇବାକୁ ସାହାସ କରିନପାରି ୨୦୨୧ମସିହାରେ ମାଧବ ଫେରି ଆସିଥିଲେ ବ୍ରହ୍ମପୁରକୁ । କୋଭିଡ ଯୋଗୁଁ ଯଦିଓ ତାଙ୍କୁ କ୍ଷତି ସହିବାକୁ ପଡ଼ିଥିଲା ହେଲେ ସେ ହାରି ନଥିଲେ । ସେ ଜାଣିପାରିଥିଲେ ଆଜି ନହେଲେ କାଲି ଏହି ବ୍ୟବସାୟ ତାଙ୍କୁ ସଫଳତା ଆଣିଦେବ । ପରେ ପୁଣି ବାପାଙ୍କ ଠାରୁ ଅଢେଇ ଲକ୍ଷ ଟଙ୍କାର ପୁଞ୍ଜି ନେଇ ୨୦୨୨ମସିହା ଏପ୍ରିଲରେ 'ରୁଟି' ଫ୍ୟାକ୍ଟ୍ରୀ ଆରମ୍ଭ କରିଥିଲେ ଯୁବ ଉଦ୍ୟୋଗୀ ମାଧବ । ଏଥର କିନ୍ତୁ 'ରୁଟି' ତାଙ୍କର ଭାଗ୍ୟ ବଦଳାଇ ଦେଇଛି । ନିଜେ ବେଶ ଦୁଇ ପଇସା ରୋଜଗାର କରିବା ସହ ନିଜ ଫ୍ୟାକ୍ଟ୍ରୀରେ ୨୫ଜଣ ଉଭୟ ପୁରୁଷ ଓ ମହିଳାଙ୍କୁ ନିଯୁକ୍ତିର ସୁଯୋଗ ଦେଇଛନ୍ତି ସେ । ନିଜ ଫ୍ୟାକ୍ଟ୍ରୀରେ ସେ ଗହମ ରୁଟି, ପରଟା ଓ ରୋଲ ପଟି ପ୍ରସ୍ତୁତ କରୁଛନ୍ତି । ନିର୍ଦ୍ଧାରିତ ସମୟରେ ସେବା, ହାଇଜେନିକ ଓ ସ୍ୱଳ୍ପ ମୂଲ୍ୟରେ ପ୍ରସ୍ତୁତ ସମସ୍ତ ସାମଗ୍ରୀକୁ ବିଭିନ୍ନ ସ୍ଥାନକୁ ନିୟମିତ ଯୋଗାଉଥିବାରୁ ସବୁଠି ମାଧବ ସାହୁଙ୍କ ଫ୍ୟାକ୍ଟ୍ରୀରେ ପ୍ରସ୍ତୁତ ସାମଗ୍ରୀର ରହିଛି ବେଶ ଚାହିଦା । ଫଳରେ ଦୈନିକ ତାଙ୍କ ଫ୍ୟାକ୍ଟ୍ରୀରେ ୨୦ରୁ ୨୨ହଜାର ରୁଟି ପ୍ରସ୍ତୁତ ହେଉଛି । ପ୍ରସ୍ତୁତ ରୁଟିକୁ ବିଭିନ୍ନ ହୋଟେଲ, ଭୋଜିଭାତ, ପାର୍ଟି ଓ ମେସଗୁଡିକୁ ଯୋଗାଉଛନ୍ତି । ମାଧବଙ୍କ 'ରୁଟି ହବ୍'ରୁ ପ୍ରତିଦିନ ସହରର ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ହୋଟେଲ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଏପରିକି ଜିଲ୍ଲା ବାହାରକୁ ଓ ପଡୋଶୀ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନକୁ ମଧ୍ୟ ପଠାଯାଉଛି । ଫଳରେ ବର୍ତ୍ତମାନ ମାଧବ ଦୈନିକ ଅନ୍ୟୁନ ୫ହଜାର ଟଙ୍କା ଲାଭ ଅର୍ଥାତ୍ ଅଢେଇ ଲକ୍ଷ ଟଙ୍କାର ପୁଞ୍ଜି ବିନିଯୋଗ କରି ଆଜିର ଦିନରେ ସେ ମାସିକ ଦେଢ ଲକ୍ଷ ଟଙ୍କା ଉପାର୍ଜନ କରିପାରୁଛନ୍ତି । ଫଳରେ କୋଭିଡ ଯୋଗୁଁ କ୍ଷତି ସହିଥିବା ଯୁବ ବ୍ୟବସାୟୀ ମାଧବ ସାହୁ ଆଜିର ଦିନରେ ଜଣେ ସଫଳ ବ୍ୟବସାୟୀ ହୋଇପାରିଛନ୍ତି । ଆଉ ଅନ୍ୟମାନଙ୍କ ପାଇଁ ମଧ୍ୟ ସେ ଉଦାହରଣ ସାଜିଛନ୍ତି ।

- **ନିଜେ ରୋଜଗାର କରିବା ସହ ୨୫ ଜଣଙ୍କୁ ଦେଇଛନ୍ତି ନିଯୁକ୍ତିର ସୁଯୋଗ**
- **କୋଭିଡ୍‌ରେ କ୍ଷତି ସହିଥିଲେ ହେଁ ହାରିନାହାନ୍ତି 'ମାଧବ'**
- **ଆଦୃତ ହୋଇପାରିଛି ଫ୍ୟାକ୍ଟ୍ରୀ ପ୍ରସ୍ତୁତ 'ରୁଟି' ଓ 'ପରଟା'**

ବ୍ୟାଘ୍ରଦେବୀଙ୍କ ଯାତ୍ରା

# ବିଭିନ୍ନ ସାହି ବୁଲିଲା ମା'ଙ୍କ ଘଟ

**ଛତ୍ରପୁର, ୯ ।୬(ସମିସ):** ପ୍ରତି ଦୁଇ ବର୍ଷକୁ ଥରେ ଛତ୍ରପୁର ସହରରେ ମା' ବ୍ୟାଘ୍ରଦେବୀଙ୍କ ଯାତ୍ରା ଆରକ୍ଷୀ ପରିବାର ପକ୍ଷରୁ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଏହି ଯାତ୍ରା ଗତ ୩ ତାରିଖ ଠାରୁ ଆରମ୍ଭ ହୋଇଛି। ରବିବାର ମା'ଙ୍କ ଯାତ୍ରା ସପ୍ତମ ଦିନରେ ପହଁଚିଛି। ରବିବାର ମା'ଙ୍କ ଘଟ ଅସ୍ଥାୟୀ ମଣ୍ଡପରୁ ବିରାଟ ପଟୁଆରରେ ବାହାରି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ବିଦ୍ୟାଧର ନଗର, ରାମ ନଗର ସାହିକୁ ଯାଇ ଭକ୍ତମାନଙ୍କ ମା' ଭୋଗ ଗ୍ରହଣ କରିଛନ୍ତି। ପୂର୍ବାହ୍ନରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ଆଳତୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରେ ମା' ଅସ୍ଥାୟୀ ମଣ୍ଡପରୁ ବାହାରି ଏକ ବିରାଟ ପଟୁଆରରେ ବିଭିନ୍ନ ସାହିକୁ ଯାଇ ଭୋଗ ଗ୍ରହଣ କରିଥିଲେ। ମା'ଙ୍କ ଏହି ଯାତ୍ରା ଦେଖିବା ପାଇଁ ଛତ୍ରପୁର ସହର ଏବଂ ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ଜନ ସମାଗମ ହୋଇଥିଲା। ଗଞ୍ଜାମ ପୁଲିସ ଜିଲ୍ଲାର ହାବିଲଦାର ଓ କନଷ୍ଟେବଳ ସଂଘର ସଭାପତି ଗୌରାଚାନ୍ଦ ତ୍ରିପାଠୀ, ସମ୍ପାଦକ ସୁବାଷ ସେଠୀ, କୋଷାଧ୍ୟକ୍ଷ ଜି. ମନୋଜ କୁମାରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଭ୍ୟ ଏବଂ ପୁଲିସ ଅଧିକାରୀ, କର୍ମଚାରୀ ମାନେ ଯାତ୍ରା ପରିଚାଳନାରେ ସହଯୋଗ କରୁଛନ୍ତି। ଲୋକଙ୍କ ମନୋରଞ୍ଜନ ନିମନ୍ତେ ମୀନା ବଜାର ଖୋଲାଯାଇଛି। ଏହି ଯାତ୍ରା ଆସନ୍ତା ୧୧ ତାରିଖରେ ଉଦଯାପିତ ହେବ।

# ସିଟି ହସ୍ପିଟାଲରେ ୨ ସପ୍ତାହ ହେଲା ବନ୍ଦ ରହିଛି ୩ଟି ଲିଫ୍ଟ

## ଏସ୍‌ଏନ୍‌ସିୟୁ ଏବଂ ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ରୋଗୀ ହନ୍ତସନ୍ତ

## ମରାମତିରେ ଅବହେଳା ପାଇଁ ଜିଇଡି ବିଭାଗକୁ ଦାୟୀକଲେ କର୍ତ୍ତୃପକ୍ଷ

**ବ୍ରହ୍ମପୁର, ୯ ।୬(ସମିସ)**

ବ୍ରହ୍ମପୁର ସିଟି ହସ୍ପିଟାଲରେ ରୋଗୀଙ୍କ ଦୁଃଖ ଦିନକୁ ଦିନ ବଢ଼ିବାରେ ଲାଗିଛି। ମେଡ଼ିକାଲରେ କେତେବେଳେ ଡାକ୍ତରଙ୍କ ଅନୁପସ୍ଥିତି ତ ଆଉ କେତେବେଳେ ଚିକିତ୍ସା ନିମନ୍ତେ ରୋଗୀଙ୍କୁ ଟଙ୍କା ଦାବି କରାଯାଉଥିବା ଭଳି ଅଭିଯୋଗ ରହିଛି। ସେପଟେ ରୋଗୀଙ୍କ ସୁବିଧା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ସବୁ ସୁବିଧା କରାଯାଇଥିଲା କର୍ତ୍ତୃପକ୍ଷଙ୍କ ଅବେହେଳା ଯୋଗୁଁ କାଳକ୍ରମେ ସେଗୁଡିକରୁ ରୋଗୀ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି। ତେବେ ଚିନ୍ତା ଓ ପରିତାପର ବିଷୟ ହେଉଛି ଏଥିପ୍ରତି କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉନଥିବା ବହୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ସିଟି ହସ୍ପିଟାଲର ବିଭିନ୍ନ ବହୁତଳ ବିଶିଷ୍ଟ କୋଠାରେ ରୋଗୀଙ୍କ ସୁବିଧା ପାଇଁ ଲାଗିଥିବା ସମୁଦାୟ ୪ଟି ଲିଫ୍ଟରୁ ଗତ ଦୁଇ ସପ୍ତାହ ଧରି ୩ଟି ଲିଫ୍ଟ ଅଚଳ ହୋଇପଡ଼ିଛି। ଏନେଇ ରୋଗୀ ବାରମ୍ବାର ଅଭିଯୋଗ କରିଥିଲେ ହେଁ ସେଗୁଡିକର ମରାମତି ହୋଇପାରି ନାହିଁ। ଯାହାକୁ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବ୍ରହ୍ମପୁର ସିଟି ହସ୍ପିଟାଲରେ ମୋଟ ୧୪ଟି ବିଭାଗ ରହିଥିବାବେଳେ ପ୍ରତ୍ୟହ ଉକ୍ତ ବିଭାଗକୁ ସହର ସମେତ ଆଖପାଖ ପ୍ରାୟ ୨୦ରୁ ୨୫କିଲୋମିଟର ଦୂରରୁ ରୋଗୀ ଏଠାକୁ ଚିକିତ୍ସା ନିମନ୍ତେ ଆସିଥାନ୍ତି। ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇବାକୁ ଯାଇ କିଛିମାସ ପୂର୍ବେ ରାଜ୍ୟ ସରକରଙ୍କ ପକ୍ଷରୁ 'ଆମ ହସ୍ପିଟାଲ' ଯୋଜନାରେ ମେଡ଼ିକାଲର ଭିତ୍ତିଭୂମିକୁ ଉନ୍ନତ କରାଯାଇଛି। ଏହି ଯୋଜନା ମାଧ୍ୟମରେ ମେଡ଼ିକାଲ ପରିସରରେ ଏକାଧିକ କୋଠା ନିର୍ମାଣ କରାଯାଇଛି। ଏହ କୋଠାର ବିଭିନ୍ନ ମହଲାରେ ବିଭିନ୍ନ ବିଭାଗ ରହିଥିବାବେଳେ ସେଠାକୁ ଯିବା ନିମନ୍ତେ ରୋଗୀଙ୍କ ପାଇଁ ଲିଫ୍ଟର ବ୍ୟବସ୍ଥା ରହିଛି। ସେହିପରି ମେଡ଼ିକାଲରେ ସ୍ୱତନ୍ତ୍ର ୩ମହଲା ବିଶିଷ୍ଟ ଆଉଟଡୋର କମ୍ପେ୍ଲକ୍ସ, ୫ମହଲା ବିଶିଷ୍ଟ ଇନଡୋର କୋଠା, ୩ମହଲା ବିଶିଷ୍ଟ ଶିଶୁ ଓ ମାତୃମଙ୍ଗଳ କୋଠା ନିର୍ମାଣ ହୋଇଛି। ଏହି ୩ଟି କୋଠାରେ ମୋଟ ୪ଟି ଲିଫ୍ଟ ସ୍ଥାପନ କରାଯାଇଛି। କିନ୍ତୁ ୫ମହଲା ବିଶିଷ୍ଟ ଇନଡୋର କୋଠାରେ ୨ଟି ଲିଫ୍ଟ ରହିଥିବା ବେଳେ ଗୋଟିଏ ରୋଗୀଙ୍କ ପାଇଁ ଏବଂ ଅନ୍ୟଟି ପରିଦର୍ଶକଙ୍କ ପାଇଁ ଉପଲବ୍ଧ ହେଉଛି। ସେହିପରି ଆଉଟଡୋର କମ୍ପେ୍ଲକ୍ସରେ ଥିବା ଲିଫ୍ଟଟି ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ମାତୃ ଓ ଶିଶୁମଙ୍ଗଳ କୋଠାରେ ଥିବା ଲିଫ୍ଟଟି ଏସଏନସିୟୁ ବିଭାଗରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ। ସେହିପରି ୫ମହଲା ବିଶିଷ୍ଟ ଇନଡୋର କୋଠାରେ ୨ଟି ଲିଫ୍ଟ ଥିବାବେଳେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଲିଫ୍ଟଟି ଖରାପ ହୋଇଯାଇଛି। ସେହି କୋଠାରେ ବିଭିନ୍ନ ଆନ୍ତଃବିଭାଗ ରହିଥିବା ବେଳେ ଲିଫ୍ଟ ଖରାପ ଯୋଗୁଁ ରୋଗୀଙ୍କୁ ଷ୍ଟ୍ରେଚରରେ ନେବାଆଣିବାରେ ସମସ୍ୟା ଉପୁଜୁଛି। ଯେଉଁ ଲିଫ୍ଟଟି ଚାଲୁଛି ସେଠାରେ ରୋଗୀ ଓ ସମ୍ପର୍କୀୟଙ୍କ ଭିଡ ଲାଗିରହୁଛି। ବିଶେଷକରି ଭିନ୍ନକ୍ଷମ ରୋଗୀ, ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗକୁ ଅସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଉପର ମହଲାକୁ ଯିବାବେଳେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ସେହିଭଳି ଆଉଟଡୋର କମ୍ପେ୍ଲକ୍ସରେ ଥିବା ଲିଫ୍ଟଟି ମାସ ମାସ ଧରି ଅଚଳ ହୋଇ ପଡ଼ିଥିବାରୁ ରୋଗୀ ଓ କର୍ମଚାରୀମାନେ ସିଡି ଚଢି ଉପର ମହଲାକୁ ଯିବାକୁ ବାଧ୍ୟ ହେଉଛନ୍ତି। ଅନୁରୂପ ଭାବେ ମାତୃମଙ୍ଗଳ କୋଠାରେ ଥିବା ଲିଫ୍ଟଟି ଅନେକ ଦିନଧରି ଅଚଳ ପଡ଼ିଥିଲେ ମଧ୍ୟ ତାହାର ମରାମତି କରାଯାଉନାହିଁ। ଅସ୍ତ୍ରୋପଚାର ହୋଇଥିବା ପ୍ରସୂତିମାନେ ନିଜ ଶିଶୁଙ୍କୁ ଧରି ଏହି କୋଠାର ୩ୟ ମହଲାକୁ ଯାଉଛନ୍ତି ଏବଂ ଲିଫ୍ଟ ଅଚଳ ଯୋଗୁଁ ସେମାନେ ସିଡି ଚଢିବା ବେଳେ ବହୁ କଷ୍ଟ ସ୍ୱୀକାର କରୁଛନ୍ତି। ଏଭଳି ସମସ୍ୟ ନେଇ ବହୁରୋଗୀ ମେଡ଼ିକାଲର ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଲିଫ୍ଟଗୁଡ଼ିକ ମରାମତି ଦାୟିତ୍ୱ ଜେନେରାଲ ଇଲେକ୍ଟ୍ରିକାଲ ବିଭାଗ (ଜିଇଡି)ର ଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋବୃତ୍ତି ଯୋଗୁଁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ସେହିପରି ଇନଡୋର କୋଠାର ଲିଫ୍ଟ ମରାମତି ପାଇଁ ଏକ ଘରୋଇ ସଂସ୍ଥା ଦାୟିତ୍ୱ ନେଇଥିଲେ ହେଁ ସଠିକ ସମୟରେ ଲିଫ୍ଟ ମରାମତି କାର୍ଯ୍ୟ କରୁନାହିଁ। ଏନେଇ ବ୍ରହ୍ମପୁର ସିଟି ହସ୍ପିଟାଲ ଅଧୀକ୍ଷକ ଡ଼ା. ବିଶ୍ୱମ୍ଭର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ମେଡ଼ିକାଲରେ ଲିଫ୍ଟ ଅଚଳ ଥିବା ସମ୍ପର୍କରେ ଜିଇଡ଼ି ବିଭାଗର ଅଧିକାରୀଙ୍କୁ ଅବଗତ କରାଯାଇଛି। କିନ୍ତୁ ଲିଫ୍ଟ ମରାମତି କରିବାରେ ବିଳମ୍ବ ହେଉଛି। ଏହି ଘଟଣାକୁ ନେଇ ପୁଣିଥରେ ବିଭାଗକୁ ଅବଗତ କରାଯିବ ବୋଲି ଡ଼ା.ବେହେରା କହିଛନ୍ତି।




● ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

# ପାତ୍ରପୁର ପ୍ରତଯୋଗୀଙ୍କୁ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ



**ପାତ୍ରପୁର, ୯ ।୬(ସମିସ):** ଗଞ୍ଜାମ ଜିଲ୍ଲା ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ପୁରୁଷୁତ୍ତମପୁର ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଠାରେ ୧୦ମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଏଲ.ଏନ୍. ତାଏକ୍ୱୋଣ୍ଡୋ ଏକାଡେମୀର ୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ୩ଜଣ ପ୍ରତିଯୋଗୀ ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ୨ଜଣ ପ୍ରତିଯୋଗୀ ରୌପ୍ୟ ପଦକ ହାସଲ କରି ଅଞ୍ଚଳ ପାଇଁ ସୁନାମ ଆଣିଛନ୍ତି। କାନ୍ତା ତ୍ରିଲୋଚନ ରେଡ୍ଡି, ସାଇ ସମ୍ପ୍ରତି ପ୍ରଧାନ, ବିନ୍ଦୁସ୍ମିତା ତରାସିଆ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଉନ୍ନୀତ କୁମାର ବେହେରା ଓ ଉପାଡା ମୋହନୀ ରୌପ୍ୟ ପଦକ ହାସଲ କରିଛନ୍ତି। ବିଜୟୀ ପ୍ରତିଯୋଗୀ ମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପ୍ରଶିକ୍ଷକ ଲକ୍ଷ୍ମୀନାରାୟଣଙ୍କୁ ମଧ୍ୟ ବିଭିନ୍ନ ମହଲରୁ ଶୁଭେଚ୍ଛା ସହ ପ୍ରଶଂସାର ସୁଅ ଛୁଟିଛି।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଶିକ୍ଷକ ସମ୍ମିଳନୀ

**ଖଲ୍ଲିକୋଟ, ୯ ।୬(ସମିସ):** ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଆସ୍ପୃହା ମଣ୍ଡଳର ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ଥିବା ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଏକ ୪ ଦିନିଆ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ଉକ୍ତ ଉଦଘାଟନ ଉତ୍ସବରେ ଅନୁଷ୍ଠାନର ସଭାପତି ଚକ୍ରପାଣି ସ୍ୱାଇଁ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିଲେ। ଆୟୋଜିତ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ନବଜୀବନ ଶିକ୍ଷା ସଂସଦର ସମ୍ପାଦକ ପ୍ରସାଦ ତ୍ରିପାଠୀ ଯୋଗଦେଇ ଜୀବନ ଶିକ୍ଷାରେ ଛାତ୍ରଛାତ୍ରୀଙ୍କ ଚୈତ୍ୟ ରୂପାନ୍ତରରେ ଶିକ୍ଷକ ପଥ ପ୍ରଦର୍ଶକ ସାଜି ଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଅସ୍ପୃହା ମଣ୍ଡଳର ସଂଯୋଜକ ଭାଗିରଥି ମହାପାତ୍ର, ଲଲାଟେନ୍ଦୁ ସାମନ୍ତ ଏବଂ ମନୋଜ କୁମାର ସ୍ୱାଇଁ ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ଆଧ୍ୟାତ୍ମିକ ଶିକ୍ଷା ଉପରେ ଆଲୋଚନା କରିଥିଲେ। ଅନହ ମଣ୍ଡଳର ସଂଗଠକ ସୁରେନ୍ଦ୍ର ନାଥ ଦାଶ, ଶିକ୍ଷା କେନ୍ଦ୍ରର ସମ୍ପାଦକ ରାମମୋହନ ପଣ୍ଡା, ପ୍ରାକ୍ତନ ଅଧ୍ୟକ୍ଷ ଅମୂଲ୍ୟ କୁମାର ମିଶ୍ର ନିଜ ନିଜର ବକ୍ତବ୍ୟ ରଖିଥିଲେ। ଆଗାମୀ ଶିକ୍ଷା ବର୍ଷର ଜାତୀୟ ଶିକ୍ଷା ନୀତି ଅନୁଯାୟୀ କେଉଁ କେଉଁ ବିଷୟରେ ଗୁରୁତ୍ୱ ଦିଆଯିବ ଏବଂ ଶ୍ରୀ ଅରବିନ୍ଦଙ୍କ ଯୋଗ ଶିକ୍ଷା ବିଷୟରେ ଛାତ୍ରଛାତ୍ରୀଙ୍କୁ କେମିତି ଶିକ୍ଷା ପ୍ରଦାନ କରାଯିବ ସେହି ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଅସ୍ପୃହା ମଣ୍ଡଳର ସମସ୍ତ କର୍ମକର୍ତ୍ତା ଏବଂ ଶିକ୍ଷାକେନ୍ଦ୍ରର ଶିକ୍ଷକ ଏବଂ ପରିଚାଳନା କର୍ମକର୍ତ୍ତା ମାନେ ଶିବିରକୁ ପରିଚାଳନା କରୁଛନ୍ତି। ଏହି ଶିକ୍ଷକ ସମ୍ମିଳନୀ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି।



● ସୁଭଦ୍ରା ଯୋଜନା ନାମରେ ଟଙ୍କା ହଡ଼ପ ଅଭିଯୋଗ

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲା ମହିଳା ବିଜେପି



**ବ୍ରହ୍ମପୁର, ୯ ।୬(ସମିସ):** ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ସୁଭଦ୍ରା ଯୋଜନା ନାମରେ ଏକ ବେସରକାରୀ ସଂସ୍ଥାର ସଦସ୍ୟମାନେ ଅର୍ଥ ହଡ଼ପ କରୁଥିବା ଅଭିଯୋଗ କରି ଭାରତୀୟ ଜନତା ପାର୍ଟି ପକ୍ଷରୁ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବ୍ରହ୍ମପୁର ଏସପିଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସୂଚନା ଥାଉକି, ୨୦୨୪ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ତା'ର ନିର୍ବାଚନୀ ଇସ୍ତେହାରରେ ସୁଭଦ୍ରା ଯୋଜନାରେ ରାଜ୍ୟର ମହିଳାମାନଙ୍କୁ ୫୦ ହଜାର ଟଙ୍କାର ଟୋକେନ୍ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲା। ଏହାର ସୁଯୋଗ ନେଇ କିଛି ବେସରକାରୀ ସଂସ୍ଥାର ଅସାମାଜିକ ବ୍ୟକ୍ତି ବ୍ରହ୍ମପୁର ଜନସାଧାରଣଙ୍କ ଠାରୁ ବେଆଇନ ଭାବେ ଟଙ୍କା ହଡ଼ପ କରିବାର ଅଭିଯୋଗ ଆସିଛି। ଏହି ଖବର ସମ୍ପର୍କରେ ଅବଗତ ହେବା ପରେ ଗଞ୍ଜାମ ଜିଲ୍ଲା ସମ୍ପାଦିକା ରତ୍ନଗର୍ଭା ସରସ୍ୱତୀ ଦେବୀ ଘଟଣା ସ୍ଥଳରେ ପହଞ୍ଚି ଏହାର ତୀବ୍ର ବିରୋଧ କରିଥିଲେ। ଏହି ସମୟରେ ସଂସ୍ଥା ତରଫରୁ ଫୋନ୍ ଜରିଆରେ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଆସିଥିବା ଅଭିଯୋଗ ହୋଇଛି। ଘଟଣାରେ ଅନ୍ୟ ରାଜନୈତିକ ଦଳ ପକ୍ଷରୁ ଭାରତୀୟ ଜନତା ପାର୍ଟିକୁ ବଦନାମ କରିବାକୁ ଅପଚେଷ୍ଟା କରାଯାଉଛି ବୋଲି ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି। ଅଭିଯୋଗ ପତ୍ର ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଇ ଦିଆଯାଇଛି ରାଜ୍ୟରେ ଭାରତୀୟ ଜନତା ପାର୍ଟିର ସରକାର ଗଠନ ପରେ ଲୋକଙ୍କ ନିକଟରେ ସୁଭଦ୍ରା ଯୋଜନାର ସୁବିଧା ଯୋଗାଇ ଦିଆଯିବ। ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଏଥିରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରି ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରାଯାଇଛି। ଏନେଇ ବ୍ରହ୍ମପୁର ଏସପିଙ୍କୁ ସାକ୍ଷାତ ସମୟରେ କର୍ପୋରେଟର ସବିତା ସାହୁ ଓ ବନିତା ସାହୁ, ଜିଲ୍ଲା ସମ୍ପାଦିକା ରତ୍ନଗର୍ଭା ସରସ୍ୱତୀ ଦେବୀ, ନିବେଦିତା ପାଢ଼ୀ, ଲକ୍ଷ୍ମୀ ବେହେରା, ପ୍ରାଚୀ ଦାସ, ନିରୁ ନାୟକ, ଗୀତା ଦାସ, ପୂଜା ମହାପାତ୍ର, ସ୍ମିତାରାଣୀ ପାଣିଗ୍ରାହୀ ଓ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଇଲେକ୍ଟ୍ରି ପୋଲ୍‌କୁ ଧକ୍କା ଦେଲା ସିଟି ବସ୍

**ବ୍ରହ୍ମପୁର ୯।୬ (ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ସ୍ଥିତ ଏକ ଢ଼ାବା ନିକଟରେ ଏକ ସିଟି ବସ ଭାରସାମ୍ୟ ହରାଇ ଇଲେକ୍ଟ୍ରି ପୋଲକୁ ଧକ୍କା ଦେବାରୁ ଡ୍ରାଇଭର ଓ ଜଣେ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ଆଜି ସନ୍ଧ୍ୟା ପ୍ରାୟ ୭ ଘଣ୍ଟା ସମୟରେ ବ୍ରହ୍ମପୁରଠାରୁ ଗୋପାଳପୁର ଅଭିମୁଖେ ଏକ ସିଟି ବସ୍ ନମ୍ବର ଓଡ଼ି ୦୭ ଡି ୩୩୧୨ ଗାଡ଼ିଟି ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ରାମଚନ୍ଦ୍ରପୁର ସ୍ଥିତ ଏକ ଢ଼ାବା ନିକଟରେ ଭାରସାମ୍ୟ ହରାଇ ପୋଲକୁ ଧକ୍କା ଦେଇଥିଲା। ସେଥିରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ରହିଥିବା ବେଳେ ଡ୍ରାଇଭର ଓ ଜଣେ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି । ଖବର ପାଇଁ ଭଞ୍ଜବିହାର ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି ।



# ଓଏସ୍ ସପ୍‌ରୁ ଟଙ୍କା ଲୁଟ୍, ଜଣେ କୋର୍ଟ ଚାଲାଣ

**ଗଞ୍ଜାମ,୯।୬ (ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ରହିଥିବା ଓଏସ୍ ସପ୍‌ରୁ ଟଙ୍କା ଲୁଟ୍ ଅଭିଯୋଗରେ ଜଣକୁ କୋର୍ଟ ଚାଲାଣ କରାଯାଇଛି। ଖବର ନେବାରେ ଜଣାପଡ଼ିଛି ଯେ, ପି. ଆନନ୍ଦ ରେଡି ଓଏସ୍ ଦୋକାନରେ ରହିଥିବା ବେଳେ ଦାମୋଦରପୁର ଗ୍ରାମର ପି. ବାଳକ୍ରିଷ୍ଣ ରେଡି ଜୋର ଜବରଦସ୍ତ କ୍ୟାସ୍ କାଉଣ୍ଟରରୁ ୩ ହଜାର ପାଞ୍ଚ ଶହ ଟଙ୍କା ଲୁଟ କରିନେଇଥିଲେ । ଅଭିଯୋଗ ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୧୪୧/୨୪ ପ୍ରକାରେ କେଶ୍ ରୁଜୁ କରି କୋର୍ଟ ଚାଲାଣ କରିଥିବା ଗଞ୍ଜାମ ଥାନା ପକ୍ଷରୁ ଜଣାପଡିଛି।






ସକାଳ
THE SAKALA

# ନୂଆ ସରକାରଙ୍କ ରାଜନୈତିକ ପ୍ରତିବଦ୍ଧତା

ସଦ୍ୟ ନିର୍ବାଚିତ ଅଷ୍ଟାଦଶ ଲୋକସଭାରେ ଶାସକ ଦଳ ଭାବରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମନ୍ତ୍ରିମଣ୍ଡଳ ଶପଥ ନେବା ସହିତ ଭାରତୀୟ ଗଣତାନ୍ତ୍ରିକ ଓ ସଂସଦୀୟ ଇତିହାସରେ ଏକାଧିକ କୀର୍ତ୍ତିମାନ ସ୍ଥାପିତ ହୋଇଛି। ୧୯୮୫ ମସିହା ପରଠାରୁ କୌଣସି ଦଳ ବା ମେଣ୍ଟ ଲଗାତାର ତୃତୀୟ ଥର ପାଇଁ ଶାସନ ଭାର ଗ୍ରହଣ କରିଛି। ସେହିପରି ଅଣକଂଗ୍ରେସ ଦଳ ଭାବରେ ବିଜେପି ମଧ୍ୟ ଲଗାତାର ତୃତୀୟ ଥର ପାଇଁ କେନ୍ଦ୍ରରେ ଶାସନ କ୍ଷମତା ହାସଲ କରିଛି। ତୃତୀୟତଃ, ଜବାହରଲାଲ ନେହରୁଙ୍କ ପରେ ନରେନ୍ଦ୍ର ମୋଦୀ ଲଗାତାର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେହିପରି ଚଳିତ ସପ୍ତାହରେ ଓଡ଼ିଶାର ବିଜେପି ମଧ୍ୟ ଦୀର୍ଘ ପ୍ରାୟ ଦେଢ଼ ଦଶନ୍ଧି ପରେ ରାଜ୍ୟରେ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ କ୍ଷମତାସୀନ ହେବାକୁ ଯାଉଛି(୨୦୦୦-୨୦୦୯ ପର୍ଯ୍ୟନ୍ତ ବିଜେଡି-ବିଜେପି ମେଣ୍ଟ ସରକାର ଥିଲା)। ତେଣୁ ଉଭୟ ରାଷ୍ଟ୍ରୀୟ ଓ ରାଜ୍ୟ ରାଜନୀତିରେ ନୂଆ ଅଧ୍ୟାୟ ଆରମ୍ଭ ହେବା ସହିତ ଶାସକ ଦଳମାନଙ୍କ ପାଇଁ ଅନେକ ଆହ୍ୱାନ ସୃଷ୍ଟି ହୋଇଛି। ଏଥିସହିତ କେନ୍ଦ୍ରରେ ମେଣ୍ଟ ସରକାରର ଲମ୍ବା ଯୁଗ ପୁଣି ଥରେ ଅୟମାରମ୍ଭ ହେଲା ବୋଲି ରାଜନୈତିକ ମହଲ ମତବ୍ୟକ୍ତ କରିଛନ୍ତି।

ରାଜନୈତିକ ବିଶେଷଜ୍ଞଙ୍କ ମତରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଜେପି କେନ୍ଦ୍ରରେ ପୁଣି ଥରେ ଶାସନ କ୍ଷମତା ହାସଲ କରିଥିଲେ ମଧ୍ୟ ପୂର୍ବ ଦୁଇ ଥର ପରି ଚଳିତ ଶାସନ କାଳ ବା ଆଗାମୀ ପାଞ୍ଚବର୍ଷ ଅନାୟାସରେ ସରକାର ଚଳାଇବା ଏତେ ସହଜ ହେବ ନାହିଁ। କାରଣ ମେଣ୍ଟ ସରକାର ସବୁବେଳେ ସଦସ୍ୟ ଦଳମାନଙ୍କ ଚାପ ଓ ଦାବି ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ। ସ୍ମରଣ ଥାଇପାରେ ଯେ ପୂର୍ବରୁ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ଶାସନକାଳରେ ମେଣ୍ଟ ସରକାରର ଚାପ କିପରି ତୀବ୍ର ହୋଇପାରେ, ତାହା ଆମେ ସମସ୍ତେ ଅନୁଭବ କରିଛେ। ଅବଶ୍ୟ ବାଜପେୟୀଙ୍କ କବିସୁଲଭ ଅମାୟିକ ବ୍ୟକ୍ତିତ୍ୱ ମେଣ୍ଟ ସରକାର ଚାପକୁ କେତେକାଂଶରେ ଲାଘବ କରିପାରିଥିଲା। ତେଣୁ ପୂର୍ବ ଦୁଇ ଶାସନକାଳରେ ମୋଦୀଙ୍କଠାରେ ଯେଭଳି ସବୁ କ୍ଷମତା ଓ ନିଷ୍ପତ୍ତି ଏକଚାଟିଆ ଭାବେ କେନ୍ଦ୍ରୀଭୂତ ହୋଇଥିବାର ଆଲୋଚନା କରାଯାଉଥିଲା ତାହାର ସମ୍ଭାବନା ପ୍ରାୟତଃ ଏଥର ଦିଶୁନାହିଁ। ଏଥର ବିଜେପି ଏକାକୀ ସରକାର ଗଠନ ପାଇଁ ସଂଖ୍ୟା ଗରିଷ୍ଠତା ପାଇ ନ ଥିବାରୁ ମୁଖ୍ୟତଃ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ଓ ନୀତୀଶ କୁମାରଙ୍କ ଜେଡିୟୁର ସମର୍ଥନ ଉପରେ ନିର୍ଭରଶୀଳ। ଅତୀତର ରେକର୍ଡ ଅନୁସାରେ ଏହି ଦୁଇ ନେତା ସହଯୋଗୀ ଦଳଙ୍କୁ କେବଳ ସ୍ୱାର୍ଥସର୍ବସ୍ୱ ସମର୍ଥନ ଦେଇ ଆସିଥିବାରୁ ଅନେକ ସମୟରେ ସେମାନେ ମେଣ୍ଟରୁ ଓହରି ଯିବାର ଉଦାହାରଣ ମଧ୍ୟ ଦେଖାଯାଇଛି। ତେଣୁ ଏଥର ନାଇଡୁ ଓ ନୀତୀଶ ସେମାନଙ୍କ ସ୍ୱଭାବ ସୁଲଭ ଆଚରଣରୁ ଯେ ନିବୃତ୍ତ ହେବେ, ସେ ସମ୍ଭାବନା ଆପାତତଃ ଦିଶୁନାହିଁ। ଅପରପକ୍ଷରେ ଯଦି ନାଇଡୁ ଓ ନୀତୀଶଙ୍କ କ୍ରମବର୍ଦ୍ଧିଷ୍ଣୁ ଦାବି ପୂରଣ କରିବା ମୋଦୀ ସରକାରଙ୍କ ପକ୍ଷରେ ସମ୍ଭବ ନ ହେବ, ତେବେ ଅଧାରୁ ସେମାନେ ଏନ୍‌ଡିଏରୁ ଓହରିଯିବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଏଭଳି ସମ୍ଭାବ୍ୟ ପୃଷ୍ଠଭୂମିରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି କେତେକ ରାଜନୈତିକ ଦଳର ନେତା ଭବିଷ୍ୟବାଣୀ କରିଛନ୍ତି।

ଏ କଥା ଅବଶ୍ୟ ନିଶ୍ଚିତ ଯେ ଏଭଳି ପୃଷ୍ଠଭୂମିରେ ବିଜେପି ପ୍ରାୟତଃ ସରକାର ବଞ୍ଚାଇବା ବା କ୍ଷମତାରେ ରହିବା ପାଇଁ କସରତରେ ଲାଗି ରହିବ। ତେଣୁ ସ୍ୱାଭାବିକ ଭାବେ ସଂସ୍କାରମୂଳକ କାର୍ଯ୍ୟକ୍ରମରେ ସେତେଟା ମନୋନିବେଶ କରିବାର ସୁଯୋଗ ଦଳ ପାଇବ ନାହିଁ କିମ୍ବା ଇଚ୍ଛା ଥିଲେ ମଧ୍ୟ ପୂର୍ବ ଦୁଇ ପାଳି ଭଳି ଏକାକୀ ସଂସ୍କାରମୂଳକ ନୀତି ନିର୍ଦ୍ଧାରଣ କରିପାରିବାର ସମ୍ଭାବନା ବହୁତ କମ୍ ରହିବ। ଅନ୍ତତଃ ପୂର୍ବଘୋଷିତ ଗୁରୁତ୍ୱପୂର୍ଣ୍ଣ ସଂସ୍କାର କାର୍ଯ୍ୟକ୍ରମ ଯଥା 'ଏକ ଦେଶ ଏକ ନିର୍ବାଚନ', 'ସାର୍ବଜନୀନ ନାଗରିକ ସଂହିତା' ଭଳି ବହୁଚର୍ଚ୍ଚିତ କାର୍ଯ୍ୟକ୍ରମ ସାରାଦେଶରେ ଏତେଶୀଘ୍ର କାର୍ଯ୍ୟକାରୀ ହେବାର ଆଶା ଦେଖାଯାଉ ନାହିଁ। ସେହିପରି ଶାସନ କେନ୍ଦ୍ରୀଭୂତ କରିବା ପାଇଁ ସମ୍ବିଧାନରେ କେତେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ହେବାର ଯେଉଁ ଆଶଙ୍କା ଥିଲା ବା ଅଭିଯୋଗ ହେଉଥିଲା ତାହା ଆପାତତଃ ଟଳିଯିବାର ସମ୍ଭାବନା ଅଧିକ ଦେଖାଯାଉଛି।

ଆମର ଏକ ଧାରଣା ରହି ଆସିଛି ଯେ ଏକକ ସଂଖ୍ୟାଗରିଷ୍ଠ ସରକାର ଅମଳରେ ହିଁ ସଂସ୍କାରଧର୍ମୀ କାର୍ଯ୍ୟକ୍ରମମାନ ଗୃହୀତ ହୋଇପାରିବ, ଯାହା ମେଣ୍ଟ ସରକାର ଅମଳରେ ବାଧ୍ୟବାଧକତା ବା ମେଣ୍ଟଧର୍ମର ବିବଶତା ଯୋଗୁଁ ସମ୍ଭବ ନୁହେଁ। କିନ୍ତୁ ଭାରତୀୟ ଗଣତନ୍ତ୍ର ଇତିହାସକୁ ବିଶ୍ଳେଷଣ କଲେ ଉପରୋକ୍ତ ଧାରଣା ଶତ ପ୍ରତିଶତ ଠିକ୍ ନୁହେଁ ବୋଲି ଜଣାପଡୁଛି। ଉଦାହାରଣସ୍ୱରୂପ ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣ ପରି ସ୍ୱାଧୀନ ଭାରତର ସର୍ବବୃହତ୍ ଓ ଐତିହାସିକ ଆର୍ଥିକ ସଂସ୍କାର ୧୯୯୧ ମସିହାରେ ପି ଭି ନରସିଂହ ରାଓଙ୍କ ମେଣ୍ଟ ସରକାର ଅମଳରେ କାର୍ଯ୍ୟକାରୀ ହୋଇଥିଲା। ସେହିପରି ଅଟଳ ବିହାରୀ ବାଜପେୟୀଙ୍କ ସଂଖ୍ୟାଲଘୁ ସରକାର ଅମଳରେ 'ବିତ୍ତୀୟ ଦାୟିତ୍ୱବୋଧ ଓ ବଜେଟ୍ ପରିଚାଳନା ଆଇନ', 'ସୂଚନା ପ୍ରଯୁକ୍ତି ଆଇନ' ଆଦି ଯୁଗାନ୍ତକାରୀ ସଂସ୍କାରମୂଳକ ଆଇନ କାର୍ଯ୍ୟକାରୀ ହୋଇଥିଲା। ମନମୋହନ ସିଂହ ୟୁପିଏ ମେଣ୍ଟ ସରକାରର ନେତୃତ୍ୱ ନେଉଥିଲେ ମଧ୍ୟ ତାଙ୍କ ପ୍ରଧାନମନ୍ତ୍ରିତ୍ୱ ଅମଳରେ 'ସର୍ବଶିକ୍ଷା ଅଭିଯାନ', 'ମନରେଗା', 'ଖାଦ୍ୟ ନିରାପତ୍ତା' ପରି ଉଲ୍ଲେଖନୀୟ ଆଇନ ପ୍ରଣୟନ ହୋଇଥିଲା। ଅପରପକ୍ଷରେ ମୋଦୀ ସରକାରଙ୍କ ନିରଙ୍କୁଶ କ୍ଷମତା ସତ୍ତ୍ୱେ ତିନିଟି ଯାକ କୃଷି ସଂସ୍କାର ଆଇନ ପ୍ରତ୍ୟାହୃତ ହୋଇଥିଲା। ତେଣୁ ଜନମଙ୍ଗଳ ଓ ଜନସନ୍ତୁଷ୍ଟି ହିଁ ଯେକୌଣସି ସଂସ୍କାର କାର୍ଯ୍ୟକ୍ରମର ମୂଳାଧାର ବୋଲି କୁହାଯାଇପାରେ। ଯଦି କୌଣସି ସଂସ୍କାର ବା ନୀତିଗତ ପରିବର୍ତ୍ତନ ଲୋକାଭିମୁଖୀ ହେବ ନାହିଁ, ତେବେ ସେହି ନୀତିଗତ ପଦକ୍ଷେପ ଗ୍ରହଣୀୟ ହୋଇପାରିବ ନାହିଁ। ଏଥିରେ ସବୁସମୟରେ ସରକାରର ସଂଖ୍ୟାଗରିଷ୍ଠତା ଓ ସଂଖ୍ୟାଲଘୁତା ସେତେଟା ଗୁରୁତ୍ୱ ରଖେନାହିଁ। ସାର୍ବଜନୀନ ରାଷ୍ଟ୍ର ହିତ ଲାଗି ଉଦ୍ଦିଷ୍ଟ ସଂସ୍କାରମୂଳକ ନୀତିଗତ ନିଷ୍ପତ୍ତି ମଧ୍ୟ ଦଳମତ ନିର୍ବିଶେଷରେ ସମର୍ଥନ ଲାଭ କରେ, ଯାହାର ପ୍ରମାଣ, ମୋଦୀ ସରକାର ଅମଳରେ ଲାଭାର୍ଥୀଙ୍କ ପ୍ରତ୍ୟକ୍ଷ ଆର୍ଥିକ ସୁବିଧା ହସ୍ତାନ୍ତର, ବିମୁଦ୍ରାୟନ, ସମ୍ବିଧାନର ୩୭୦ ଧାରା ଉଚ୍ଛେଦ, ତିନି ତଲାକ୍ ଆଇନ ଉଚ୍ଛେଦ, ଜିଏସ୍‌ଟି, ସଂସଦରେ ମହିଳା ସଂରକ୍ଷଣ ଆଇନ ଆଦିରେ ଦେଖିବାକୁ ମିଳିଛି।

ତେଣୁ ଏବେ ତୃତୀୟ ପାଳି ଆରମ୍ଭ କରିଥିବା କେନ୍ଦ୍ର ସରକାର ଏବଂ ଓଡ଼ିଶାରେ ନୂଆ କରି ପ୍ରଥମ ପାଳି ଆରମ୍ଭ କରିବାକୁ ଯାଉଥିବା ବିଜେପି ସରକାର ଜନମଙ୍ଗଳ କାର୍ଯ୍ୟକ୍ରମ ପ୍ରତି ଅଧିକ ଦୃଷ୍ଟି ଦେବାକୁ ହେବ। ଓଡ଼ିଶା ପରିପ୍ରେକ୍ଷୀରେ କହିବାକୁ ହେବ ଯେ ଦୀର୍ଘ ପ୍ରାୟ ଅଢ଼େଇ ଦଶନ୍ଧି ଧରି ଯେଉଁସବୁ ଲୋକହିତକର, ବହୁଳ ଆଦୃତ, ବିଶ୍ୱ ପ୍ରଶଂସିତ ବିକାଶ କାର୍ଯ୍ୟକ୍ରମ ସବୁ କାର୍ଯ୍ୟକାରୀ ହୋଇ ସଫଳତା ଲାଭ କରିଛି, ସେଗୁଡ଼ିକୁ ରାଜନୈତିକ ସ୍ୱାର୍ଥ ଓ ଦୃଷ୍ଟିକୋଣରୁ ବିବେଚନା କରି ବନ୍ଦ କରିବା ଉଚିତ ହେବ ନାହିଁ। ବିଶେଷକରି 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା', 'ଲକ୍ଷ୍ମୀ ଯୋଜନା', 'ମିଶନ୍ ଶକ୍ତି' ଆଦି ନୂଆ ସରକାର ଅମଳରେ ବନ୍ଦ ହୋଇଯାଇପାରେ ବୋଲି ଅଭିଯୋଗ ଆରମ୍ଭ ହୋଇସାରିଲାଣି। ତେଣୁ କ୍ଷମତାସୀନ ହେବାର ପ୍ରଥମ ପାଦରେ ବିଜେପି ସରକାର ଏଭଳି ଅଭିଯୋଗ ଓ ଆଲୋଚନାର ଆଧାରକୁ ଖଣ୍ଡନ କରି ସାମୂହିକ ଜନକଲ୍ୟାଣ ପ୍ରତି ଦୃଷ୍ଟି ଦେବା ବିଧେୟ। ଆଧୁନିକ ଓଡ଼ିଶା ଇତିହାସରେ ବିଜେପି ଦଳ ପ୍ରଥମ ଥର ପାଇଁ ରାଜ୍ୟ ଶାସନ କ୍ଷମତାରେ ଅବତୀର୍ଣ୍ଣ ହେବାକୁ ଯାଉଥିବା ବେଳେ ରାଜ୍ୟର ଜନସାଧାରଣ ପୂର୍ବ ଶାସକ ଦଳର ଉପଲବ୍ଧିଠାରୁ ଅଧିକ ସଫଳତାର ଆଶା ରଖିବା ସ୍ୱାଭାବିକ। ରାଜ୍ୟ ବିଜେପି ପାଇଁ ବିଜୟର ଉଲ୍ଲାସ ସହ ଅଧିକ ଦାୟିତ୍ୱବୋଧ ହେବ ଓଡ଼ିଶାବାସୀଙ୍କ ପ୍ରତି ବାସ୍ତବ ରାଜନୈତିକ ପ୍ରତିଶ୍ରୁତିବଦ୍ଧତା।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଉପେକ୍ଷିତ ବର୍ଗଙ୍କ କଥା ଓ ବ୍ୟଥା



ଦୁର୍ଗାପ୍ରସାଦ ଆଚାର୍ଯ୍ୟ
ଜଗତ୍‌ସିଂହପୁର, ମୋ: ୯୮୫୩୩୫୫୧୦୭

୨୦୧୦ ମସିହାରେ ସମାଜବାଦୀ ବୁଦ୍ଧିଜୀବୀ ଶ୍ରୀମତୀ ଗାୟତ୍ରୀ ଚକ୍ରବର୍ତ୍ତୀ ସ୍ପିଭାକଙ୍କ 'କ୍ୟାନ୍ ଦି ସବାଲ୍‌ଟର୍ନ୍ ସ୍ପିକ୍?' ପୁସ୍ତକଟି ପ୍ରକାଶିତ ହେଲାପରେ ସାରା ବିଶ୍ୱର ବୁଦ୍ଧିଜୀବୀ ମହଲରେ ଏହା ଆଲୋଡ଼ନ ସୃଷ୍ଟି କରିଥିଲା। ଆମ ସମାଜର ଦଳିତ, ସମାଜର ବଞ୍ଚିତ ଓ ଉପେକ୍ଷିତ (ସବାଲ୍‌ଟର୍ନ୍) ବର୍ଗର ମଣିଷମାନେ ସେମାନଙ୍କ ପ୍ରତି କରାଯାଇଥିବା ବା ଏବେ ବି କରାଯାଉଥିବା ଅନ୍ୟାୟ, ଅବିଚାର, ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରନ୍ତୁ ଓ ଆପଣା ଆପଣାର ଅସ୍ତିତ୍ୱକୁ ଦୃଢ଼ ଭାବରେ ଜାହିର କରି ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ ବୋଲି ଯେଉଁ ବିଚାରବିମର୍ଶ ଏବେ ଆମେ କରି ଚାଲିଛେ, ଏହାର ପ୍ରେରଣା ଆମେ ପାଇଥାଉ ଶ୍ରୀମତୀ ସ୍ପିଭାକଙ୍କ ଏହି ଚିନ୍ତା ଉଦ୍ରେକକାରୀ ପୁସ୍ତକରୁ। ଏହି ପୁସ୍ତକର ଶିରୋନାମା ହିଁ ଏଥିରେ ଉପସ୍ଥାପିତ ମୁଖ୍ୟ ବିଷୟବସ୍ତୁଟିକୁ ସୂଚିତ କରିଥାଏ। ସ୍ପିଭାକ୍ ଏଥିରେ ଖୁବ୍ ପ୍ରଭାବଶାଳୀ ସ୍ୱରରେ ଦର୍ଶାଇଛନ୍ତି ଯେ ଏ ପର୍ଯ୍ୟନ୍ତ ଆମେ ଆମ ସମାଜର ନିମ୍ନସ୍ତରରେ ଥିବା ଦଳିତ, ସମାଜର ବଞ୍ଚିତ ଓ ଉପେକ୍ଷିତମାନଙ୍କୁ ସେମାନଙ୍କ ମତ, ମନ୍ତବ୍ୟ, ସେମାନଙ୍କ ଅନୁଭୂତି, ଅଭିଜ୍ଞତା ସ୍ୱଚ୍ଛନ୍ଦରେ, ବାଧାହୀନ ଭାବରେ ପ୍ରକାଶ କରିବାକୁ ଦେଇନାହେଁ। ଆମର ସାଂସ୍କୃତିକ ତଥା ରାଜନୈତିକ ଇତିହାସ ସର୍ବଦା କ୍ଷମତାଧାରୀ ସମ୍ଭ୍ରାନ୍ତ ବର୍ଗଙ୍କ ଭାବନା, ଧାରଣା, ଦୃଷ୍ଟିକୋଣ ଆମ ପାଖରେ ହିଁ ପରିବେଷଣ କରିଛି। ଅର୍ଥାତ୍ ମାନବ ସଭ୍ୟତାର କ୍ରମବିକାଶର ବ୍ୟାଖ୍ୟାନଗୁଡ଼ିକ ସୃଷ୍ଟି କରିଛନ୍ତି ସମାଜର ଉଚ୍ଚଶ୍ରେଣୀର ଲୋକେ, ଯେଉଁମାନଙ୍କ ମଧ୍ୟରେ ପ୍ରମୁଖ ହେଉଛନ୍ତି ସୁବିଧାବାଦୀ ଶୋଷକ ଗୋଷ୍ଠୀ। ଚର୍ଚ୍ଚିତ ପୁସ୍ତକରେ ସ୍ପିଭାକ୍ ସ୍ପଷ୍ଟ କରିଦେଇଛନ୍ତି, ଯେ ପର୍ଯ୍ୟନ୍ତ ଆମେ ଦଳିତ, ଶୋଷିତମାନଙ୍କୁ କହିବାର ଅବାଧ ଅଧିକାର ନ ଦେଇଛେ, ଯେ ପର୍ଯ୍ୟନ୍ତ ପୀଡ଼ିତ, ନିଷ୍ପେଷିତମାନଙ୍କୁ ସେମାନଙ୍କ ପୀଡ଼ା, ନିଷ୍ପେଷଣର କାରଣ କ'ଣ କହିବାକୁ ନ ଦେଇଛେ, ଆମେ ଆମ ସଭ୍ୟତାର ଇତିହାସ ଓ ରୂପରେଖ ସମ୍ପର୍କରେ ଯେଉଁ ଜ୍ଞାନ ପାଇବା, ଯେଉଁ ସୂଚନା ପାଇବା, ତାହା କେବେହେଲେ ସମ୍ପୂର୍ଣ୍ଣ ସତ୍ୟ ହେବନାହିଁ କି ପୂର୍ଣ୍ଣାଙ୍ଗ ଜ୍ଞାନ ହେବ ନାହିଁ।

ଉଲ୍ଲେଖଯୋଗ୍ୟ ଯେ ସ୍ପିଭାକଙ୍କର ଏହି ପୁସ୍ତକଟି ପ୍ରକାଶିତ ହେବା ପରେ ଉଭୟ ବାମପନ୍ଥୀ ଓ ଉଦାର ଦକ୍ଷିଣପନ୍ଥୀ ବୁଦ୍ଧିଜୀବୀ ସେମାନଙ୍କ ଲେଖାମାନଙ୍କରେ 'ସବାଲ୍‌ଟର୍ନ୍' (ସମାଜର ବଞ୍ଚିତ ଓ ଉପେକ୍ଷିତ) ଶବ୍ଦଟି ବାରମ୍ବାର ବ୍ୟବହାର କରୁଥିବା ଆମେ ଦେଖିବାକୁ ପାଇଥାଉ। କଳା, ସାହିତ୍ୟ, ସଂସ୍କୃତି, ରାଜନୀତିଠାରୁ ଆରମ୍ଭ କରି ଇତିହାସ ଲିଖନ ବା ପୁନର୍ଲିଖନ- ପ୍ରତ୍ୟେକ କ୍ଷେତ୍ରରେ ସବାଲଟନ୍ ବା ସମାଜର ବଞ୍ଚିତ ଓ ଉପେକ୍ଷିତ ବର୍ଗଙ୍କ ସ୍ୱରକୁ ଉପଯୁକ୍ତ ମାନ୍ୟତା ଓ ପ୍ରାଧାନ୍ୟ ଦେବାପାଇଁ ଅନୁକୂଳ ବାତାବରଣ ଯେପରି ସୃଷ୍ଟି ହୁଏ, ସେଥିପାଇଁ ନିରବଚ୍ଛିନ୍ନ ଉଦ୍ୟମ ବ୍ୟକ୍ତିଗତ ତଥା ସାମୂହିକ ସ୍ତରରେ ହେବା ସର୍ବାଦୌ ଜରୁରୀ- ଏହି ମହତ୍ ଚିନ୍ତାଟି ଆମେ 'କ୍ୟାନ୍ ଦି ସବାଲ୍‌ଟର୍ନ୍ ସ୍ପିକ୍?' ପୁସ୍ତକରୁ ପାଇଥାଉ। ସେଥିପାଇଁ ଏହି ମହାନ୍ ଭାରତୀୟ ବିଦୁଷୀ, ସାହିତ୍ୟତତ୍ତ୍ୱବିତ୍ ଓ ବାମବାଦୀ ସମାଲୋଚିକା ଗାୟତ୍ରୀ ଚକ୍ରବର୍ତ୍ତୀ ସ୍ପିଭାକଙ୍କୁ ଆମେ ସମସ୍ତ ଶ୍ରେୟ ଦେବା ନିଶ୍ଚୟ।

ମାତ୍ର ବିଡ଼ମ୍ବନାର ବିଷୟ, ସବାଲ୍‌ଟର୍ନ୍ ବା ସମାଜର ବଞ୍ଚିତ ଓ ଉପେକ୍ଷିତ ଜନସାଧାରଣଙ୍କ ସ୍ୱରକୁ ସର୍ବପ୍ରଥମେ ଗୁରୁତ୍ୱ ଦେବାକୁ ଆମକୁ କହିଥିବା ସ୍ପିଭାକ୍ ଏବେ ଏକ ବିବଦମାନ ଘଟଣାର କେନ୍ଦ୍ରବିନ୍ଦୁ ପାଲଟି ଯାଇଛନ୍ତି। ମେ ୨୧, ୨୦୨୪ ରେ ଜବାହରଲାଲ୍ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଆନୁକୂଲ୍ୟରେ ଆୟୋଜିତ ଏକ ଆଲୋଚନା କାର୍ଯ୍ୟକ୍ରମରେ ସ୍ପିଭାକ୍ ନିଜର ବକ୍ତବ୍ୟ ଉପସ୍ଥାପନ



କରୁଥିବାବେଳେ ଅଂଶୁଲ କୁମାର ନାମକ ଜଣେ ଅଠାଇଶ ବର୍ଷୀୟ ସ୍ନାତକୋତ୍ତର ସମାଜବିଜ୍ଞାନ ଛାତ୍ର ତାଙ୍କୁ ଗୋଟିଏ ପ୍ରଶ୍ନ ପଚାରିଥିଲେ। ସ୍ପିଭାକ୍ ଯେତେବେଳେ ନିଜକୁ ମଧ୍ୟବିତ୍ତ ବର୍ଗର ଜଣେ ମହିଳା ବୋଲି କହିଲେ, ଅଂଶୁଲ କୁମାର ତାହା ଗ୍ରହଣ କରି ପାରି ନ ଥିଲେ, କାରଣ ସେ ଜାଣିଥିଲେ ଯେ ସ୍ପିଭାକଙ୍କ ପରିବାର ଯଥେଷ୍ଟ ପ୍ରତିଷ୍ଠିତ ଓ ପ୍ରତିପତ୍ତିଶାଳୀ ଥିଲା। ଊନବିଂଶ ଶତାବ୍ଦୀର ମହାନ ସମାଜ ସଂସ୍କାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ସହ ତାଙ୍କ ପିତାମହଙ୍କ ଘନିଷ୍ଠ ସମ୍ପର୍କ ଥିଲା, ଯାହା ତାଙ୍କ ପରିବାରର ପ୍ରତିଷ୍ଠା ବଢ଼ାଇବାରେ ପ୍ରମୁଖ ଭୂମିକା ନେଇଥିବ। ଅଂଶୁଲ କୁମାର ତେଣୁ ପଚାରିଥିଲେ ଯେ ସ୍ପିଭାକ ଯେତେବେଳେ ଏପରି ଏକ ସ୍ୱନାମଧନ୍ୟ ପରିବାରରୁ ଆସିଛନ୍ତି, ସେ କିପରି ଓ କାହିଁକି ନିଜକୁ ମଧ୍ୟବିତ୍ତ ଶ୍ରେଣୀରେ ସାମିଲ କରୁଛନ୍ତି। କହିବା ବାହୁଲ୍ୟ, ଏ ପ୍ରଶ୍ନ ଯେ ନିଶ୍ଚୟ ସ୍ପିଭାକ୍‌ଙ୍କ ପାଇଁ ଘୋର ଅସ୍ୱସ୍ତି ସୃଷ୍ଟି କରିଥିବ। ତେବେ ପ୍ରଶ୍ନଟି ପଚାରିବା ବେଳେ ଅଂଶୁଲ କୁମାର ପ୍ରସିଦ୍ଧ ଆମେରିକାନ୍ ସମାଜତତ୍ତ୍ୱବିଦ୍ ଓ କୃଷ୍ଣବର୍ଣ୍ଣ ଲୋକଙ୍କର ନାଗରିକ ଅଧିକାରର ପ୍ରତିବଦ୍ଧ ପ୍ରବକ୍ତା 'ଦୁ ବଏଜ୍'ଙ୍କ ନାମଟିର ଭୁଲ୍ ଉଚ୍ଚାରଣ କରି ଦେଇଥିଲେ। ସ୍ପିଭାକ୍ ବଡ଼ ଅସ୍ୱାଭାବିକ ଭାବରେ ପ୍ରଶ୍ନକର୍ତ୍ତାଙ୍କ ଏହି ସାମାନ୍ୟ ଉଚ୍ଚାରଣଗତ ଅଶୁଦ୍ଧି ଉପରେ ଗୁରୁତ୍ୱ ଦେଇ ସେହି ଉଚ୍ଚାରଣ ତ୍ରୁଟିଟିକୁ ପ୍ରଥମେ ସୁଧାରିବାକୁ ବାରମ୍ବାର ତାଙ୍କୁ କହିଥିଲେ, ଯାହା ନିଶ୍ଚିତ ଭାବରେ ଖୁବ୍ ଅପମାନଜନକ ଥିଲା। ଉପସ୍ଥିତ ଶ୍ରୋତା ଓ ଦର୍ଶକମାନଙ୍କ ପରିହାସଭରା ଟୀକାଟିପ୍ପଣୀର ଅସହାୟ ଶରବ୍ୟ ହୋଇଥିଲେ ଅଂଶୁଲ କୁମାର। ସ୍ପିଭାକ୍ ଯେଉଁଭଳି ଭାବରେ ଅଂଶୁଲ କୁମାରଙ୍କ ପରି ଜଣେ ଦଳିତ ବର୍ଗର ଉଚ୍ଚ ଶିକ୍ଷିତ ଛାତ୍ରଙ୍କ ପ୍ରଶ୍ନକୁ ହେୟଜ୍ଞାନ କରି ତାଙ୍କ ଉଚ୍ଚାରଣ ଅଶୁଦ୍ଧି ଉପରେ ଅଯଥା ଗୁରୁତ୍ୱ ଦେଇ ଚାଲିଲେ, ତାହା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ସେଥିପାଇଁ ସ୍ପିଭାକ୍ ଏବେ ଅନେକଙ୍କ ଦ୍ୱାରା ସମାଲୋଚିତ ହେଉଛନ୍ତି ଓ ଏକ ବିବାଦରେ ଛନ୍ଦି ହୋଇଯାଇଛନ୍ତି। ଦଳିତ ବର୍ଗଙ୍କ କହିବାର ଅଧିକାରର ଦୃଢ଼ ପକ୍ଷ ନେଇ 'କ୍ୟାନ୍ ଦି ସବାଲଟର୍ନ୍ ସ୍ପିକ୍?' ପରି ଗୋଟାଏ ବହୁଚର୍ଚ୍ଚିତ ପୁସ୍ତକର ରଚୟିତା ସ୍ପିଭାକଙ୍କର କଥା ଓ କାର୍ଯ୍ୟ, ଉଚ୍ଚାରଣ ଓ ଆଚରଣ ଭିତରେ ଥିବା ଏହି ଅସଂଗତିର ତୀବ୍ର ପ୍ରତିବାଦ କରିଥିଲେ ଅଂଶୁଲ କୁମାର ଗୋଟିଏ ପ୍ଲାକାର୍ଡ ଧରି, ଯେଉଁଥିରେ ସେ ଲେଖିଥିଲେ ଏହି ବିଚଳନ ସୃଷ୍ଟିକାରୀ ସଂକ୍ଷିପ୍ତ ବାକ୍ୟଟି, 'ଇଫ୍ ଦି ସବାଲଟର୍ନ୍ କାଣ୍ଟ ସ୍ପିକ୍, ହି ଶାଲ୍ ଆବ୍ୟୁଜ୍' (ଯଦି ଦଳିତ ମଣିଷଟି କହିପାରିବ ନାହିଁ, ତେବେ ସେ ନିଶ୍ଚୟ ଗାଳି ଦେବ, ଭର୍ତ୍ସନା କରିବ)।

ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାଟି ଯେଉଁ ବ୍ୟାପକ, ବୃହତ୍ତର ସମସ୍ୟାଟି ପ୍ରତି ଆମମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ, ତା'ରି ଉପରେ ସଂକ୍ଷିପ୍ତ ଅବତାରଣା କରିବା ଖୁବ୍ ଆବଶ୍ୟକ ମନେ ହୁଏ। କେବଳ ଭାରତୀୟ ସମାଜ କାହିଁକି; ପୃଥିବୀର ପ୍ରାୟ ପ୍ରତ୍ୟେକ ସମାଜ ବା ଜନଗୋଷ୍ଠୀରେ ଦୁର୍ବଳ, ଦଳିତ, ଅସହାୟ ଲୋକମାନଙ୍କର କଣ୍ଠରୋଧ କରାଯାଇ ଆସିଛି ନାନା ଆଳରେ, ନାନା କୂଟକପଟତାର ଆଶ୍ରୟ ନେଇ। ସମାଜର ନିମ୍ନସ୍ତରରେ ଏକ ପ୍ରକାର ଅପାଂକ୍ତେୟ ଜୀବନ ଜିଉଥିବା ଦଳିତ ସମାଜର ବଞ୍ଚିତ ଓ ଉପେକ୍ଷିତ ଲୋକଙ୍କ ଦେହର ରଙ୍ଗ, ରୂପ, ଭାଷା, ଚାଲିଚଳଣ, ସେମାନଙ୍କ ଧର୍ମ ବିଶ୍ୱାସ, ପ୍ରଥା, ପରମ୍ପରାକୁ ନେଇ ବ୍ୟଙ୍ଗ ବିଦ୍ରୂପ କରିଛନ୍ତି ତଥାକଥିତ ଉଚ୍ଚଶ୍ରେଣୀୟ ସମ୍ଭ୍ରାନ୍ତବର୍ଗ ଓ କ୍ଷମତାଧାରୀମାନେ। ସୀମାନ୍ତରିତ (ଉପେକ୍ଷିତ ଓ ଦଳିତ) ବର୍ଗର ଜଣେ ଯଦି କେବେ ତା'ର କଥା କହିବାକୁ ଚାହିଁଛି, ଯଦି କେବେ କେଉଁଠି ପ୍ରତିବାଦର କ୍ଷୀଣତମ ସ୍ୱରଟିଏ ଉଠାଇବାକୁ ଚାହିଁଛି, ସେଥିରୁ ତାକୁ ନିରୁତ୍ସାହିତ କରିବା ପାଇଁ ପ୍ରଥମେ ତା'ର ଶିକ୍ଷାଗତ ଯୋଗ୍ୟତା, ତା'ର ଭାଷାର ଭିନ୍ନ ସ୍ୱାତନ୍ତ୍ର୍ୟ ଓ ତା'ର ବ୍ୟାକରଣଗତ ତ୍ରୁଟି, ଶବ୍ଦ ଉଚ୍ଚାରଣରେ ଥିବା ଅଶୁଦ୍ଧି ଉପରେ ଆକ୍ରମଣ କରାଯାଇଛି ଉଦ୍ଦେଶ୍ୟମୂଳକ ଭାବରେ। ଭାରତୀୟ ସମାଜରେ ଏହି କଥାଟି କେତେ ଉତ୍କଟ ରୂପ ଧାରଣ କରିଥିଲା, ତା'ର ଭୂରି ଭୂରି ପ୍ରମାଣ ଆମେ ଆମ ଧର୍ମୀୟ ସାଂସ୍କୃତିକ ଇତିହାସରୁ ପାଇଥାଉ। ସଂସ୍କୃତ ଭାଷାରେ ଓ ବୈଦିକ ବିଦ୍‌ବତ୍ତାରେ ଆପଣାର ଏକଚାଟିଆ ଅଧିକାର ଜାହିର କରି ଆସିଥିବା ବ୍ରାହ୍ମଣ ଓ ସେମାନଙ୍କର ପୃଷ୍ଠପୋଷକତା କରୁଥିବା ସମାଜର ବଞ୍ଚିତ ଓ ଉପେକ୍ଷିତ ମାନସିକତାର ବଡ଼ପଣ୍ଡାମାନେ ବଞ୍ଚିତ, ଦଳିତ ବର୍ଗର ଲୋକମାନଙ୍କୁ କାଳ କାଳ ଧରି ଜୀବନମଞ୍ଚର ନେପଥ୍ୟକୁ ଠେଲି ଦେଇଛନ୍ତି ଭାଷାର ବ୍ୟବହାର, ଭାଷାର ଉଚ୍ଚାରଣରେ ସେମାନଙ୍କ ଦୁର୍ବଳତା ଉପରେ ମାତ୍ରାଧିକ ଗୁରୁତ୍ୱ ଦେଇ। ଲକ୍ଷଣୀୟ ଯେ ଅତୀତ ଭାରତରେ ସଂସ୍କୃତ ଭାଷାକୁ ନେଇ ଯେପରି ସାମାଜିକ, ସାଂସ୍କୃତିକ ଭେଦଭାବ ଆମ ସମାଜରେ ଚେର ମାଡ଼ି ଯାଇଥିଲା, ଏବେ ଠିକ୍ ତାହା ହିଁ ହୋଇଚାଲିଛି ଇଂରାଜୀ ଭାଷା କ୍ଷେତ୍ରରେ। ଆମ ସମାଜରେ ସମସ୍ତ ପ୍ରକାର ଅର୍ଥନୈତିକ, ରାଜନୈତିକ ସୁବିଧାସୁଯୋଗ ଲାଭ କରି ଆପଣାକୁ ଶୀର୍ଷସ୍ତରକୁ ଉନ୍ନୀତ କରିଥିବା ଲୋକେ ଇଂରାଜୀ ଭାଷାରେ ଯଥେଷ୍ଟ ପାରଙ୍ଗମତା ଖୁବ୍ ସହଜରେ ହାସଲ କରି ପାରୁଥିବା ବେଳେ ଯୁଗ ଯୁଗ ଧରି ସମାଜର ବଞ୍ଚିତ ଓ ଉପେକ୍ଷିତ ହୋଇ ବଞ୍ଚିଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ତାହା କରି ପାରି ନ ଥାନ୍ତି। ଯଦି ଏମାନଙ୍କ ମଧ୍ୟରୁ କେହି କେବେ ଆପଣାର ଅନ୍ତର୍ନିହିତ ପ୍ରତିଭା ବା ସାମର୍ଥ୍ୟର ସଫଳ ବିନିଯୋଗ କରି ଇଂରାଜୀ ଭାଷାକୁ ଆୟତ୍ତ କରନ୍ତି ଓ ସେହି ଭାଷାରେ କେଉଁ ମଞ୍ଚରେ କିଛି କହିବାକୁ ଚାହାନ୍ତି, ତାଙ୍କର ଇଂରାଜୀ ଉଚ୍ଚାରଣ ବା ଇଂରାଜୀ ବାକ୍ୟଗଠନରେ ଥିବା ବ୍ୟାକରଣଗତ ତ୍ରୁଟିବିଚ୍ୟୁତିକୁ ନେଇ ବ୍ୟଙ୍ଗ କରାଯାଏ ଓ ତାଙ୍କ ମନରେ ଘୋର ହୀନମନ୍ୟତାର ଭାବ ସୃଷ୍ଟି କରାଇ ଦିଆଯାଏ। ଏହି ବିଷମୟ ଅବସ୍ଥାଚକ୍ରରେ ଏବେ ବି ଘାଣ୍ଟି ହୋଇଚାଲିଥିବା ସବାଲ୍‌ଟର୍ନ୍‌ମାନେ ବା ସମାଜର ବଞ୍ଚିତ ଓ ଉପେକ୍ଷିତମାନେ ସେମାନଙ୍କ ସ୍ୱର ଉତ୍ତୋଳନ ସ୍ୱଚ୍ଛନ୍ଦରେ କରି ପାରୁନାହାନ୍ତି, ସେମାନଙ୍କ ଜୀବନର କଥା ଓ ବ୍ୟଥାକୁ ନେଇ ପ୍ରଭାବଶାଳୀ ବ୍ୟାଖ୍ୟାନ ସୃଷ୍ଟି କରି ପାରୁନାହାନ୍ତି। ସେମାନଙ୍କ କଥା କହିବାର ସ୍ୱତନ୍ତ୍ର ଶୈଳୀ ଓ ଭଙ୍ଗୀ, ସେମାନେ ଉଚ୍ଚାରଣ କରୁଥିବା ଭାଷାର ଅକୃତ୍ରିମ ସାବଲୀଳତାକୁ ଏବେ ବି ଆମ ସମାଜର ତଥାକଥିତ ଉଚ୍ଚଶ୍ରେଣୀର କପଟୀ ମଣିଷମାନେ ଗ୍ରହଣ କରିପାରୁନାହାନ୍ତି।

ସ୍ୱାଭାବିକ ଭାବରେ ତେଣୁ ପ୍ରଶ୍ନଟିଏ ଉଠିଥାଏ- ଯେତେବେଳେ ଦିଲ୍ଲୀର ଜେଏନ୍‌ୟୁ ପରି ଏକ ଲବ୍ଧପ୍ରତିଷ୍ଠ ଶିକ୍ଷାନୁଷ୍ଠାନର ଉଚ୍ଚଶିକ୍ଷିତ ଦଳିତ ବର୍ଗର ଛାତ୍ର ଅଂଶୁଲ କୁମାରଙ୍କ କଥା ଶୁଣିବାକୁ ଭାରତୀୟ ବିଦୁଷୀ ସାହିତ୍ୟିକ, ସମାଜତତ୍ତ୍ୱବିଦ ଓ 'କ୍ୟାନ୍ ଦି ସବାଲ୍‌ଟର୍ନ୍ ସ୍ପିକ୍?'ର ରଚୟିତା ଗାୟତ୍ରୀ ଚକ୍ରବର୍ତ୍ତୀ ସ୍ପିଭାକ୍ ଅତି ବିରକ୍ତିକର ଭାବରେ ଅମଙ୍ଗ ହେଉଛନ୍ତି, କିଏ ଜାଣେ କେବେ 'ସବାଲ୍‌ଟର୍ନ୍ ଉଇଲ୍ ସ୍ପିକ୍ ଫ୍ରିଲି ଏଣ୍ଡ ବି ଲିସନ୍‌ଡ୍ ଟୁ', କେବେ ସମାଜର ବଞ୍ଚିତ ଓ ଉପେକ୍ଷିତମାନେ ସ୍ୱଚ୍ଛନ୍ଦରେ, ଅବାଧରେ କହି ପାରିବେ ଓ ଆମେ ସେମାନଙ୍କୁ ବିନା ଦ୍ୱିଧାରେ ଶୁଣିବାକୁ ଇଚ୍ଛା କରିବା?

# ବଜାରରେ ନକଲି ପ୍ରମାଦ



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼, ମୋ: ୯୪୩୭୬୪୨୯୪୭

ବ୍ୟବସ୍ଥାର ବିଫଳତା କୁହନ୍ତୁ କିମ୍ବା ଦୁର୍ନୀତିର ଖେଳ, ସତ କଥା ହେଉଛି, ଯେଉଁମାନେ ମାନବ ଜୀବନ ପ୍ରତି ଯତ୍ନବାନ ନୁହନ୍ତି, ସେମାନେ ଟଙ୍କା ଲୋଭରେ ଶିକାରୀ ହୋଇ ମୃତ୍ୟୁର ବ୍ୟବସାୟୀ ପାଲଟନ୍ତି। ଅପମିଶ୍ରଣ ଓ ନକଲି କାରବାର ଘୃଣ୍ୟ ଓ ଅମାନବୀୟ କାର୍ଯ୍ୟ। ଏହା ମଣିଷ ଜୀବନକୁ ମୃତ୍ୟୁ ଆଡ଼କୁ ଟାଣିନିଏ। ବିଡ଼ମ୍ବନାର ବିଷୟ ହେଉଛି, ବର୍ତ୍ତମାନ ବଜାରରେ ଉପଲବ୍ଧ ପ୍ରାୟ ସମସ୍ତ ଜିନିଷ ଅପମିଶ୍ରଣର ଶିକାର। କ୍ଷୀରରେ ପାଣି, ଶୁଦ୍ଧ ଘିଅରେ ଚର୍ବି, ପନିପରିବାରେ ରାସାୟନିକ ପ୍ରଲେପ, ଦାମୀ ଓ ଉନ୍ନତ ଶସ୍ୟରେ ଶସ୍ତା ଓ ନିମ୍ନମାନର ଶସ୍ୟ ଇତ୍ୟାଦି ଇତ୍ୟାଦି। ମାନବ ଜୀବନଧାରଣ କରିବା ପାଇଁ ଆବଶ୍ୟକ ପ୍ରତ୍ୟେକ ଦ୍ରବ୍ୟ ଆଜି ବିଶୁଦ୍ଧ ନୁହେଁ। ଏହି ନକଲି ପ୍ରକ୍ରିୟା ଭାରତରେ ଦୀର୍ଘଦିନ ଧରି ଚାଲିଆସୁଛି। କେତେବେଳେ ଗୋଚରରେ ତ କେତେବେଳେ ଅଗୋଚରରେ। ବିପୁଳ ଖର୍ଚ୍ଚ ଓ କଠୋର ଆଇନ ସତ୍ତ୍ୱେ ଏପରି କାରବାର ଉପରେ ନିୟନ୍ତ୍ରଣ ଜାରି କରାଯାଇପାରୁନାହିଁ।

ନକଲି ସାମଗ୍ରୀ ବଜାର ଓ କାରବାରରେ ସବୁଠାରୁ ଦୁଃଖଦାୟକ ହେଉଛି ଦୁରାରୋଗ୍ୟ ରୋଗର ଉପଶମ ପାଇଁ ବ୍ୟବହୃତ ଔଷଧର ନକଲି କାରବାର। ଭାରତ ଏକ ପ୍ରମୁଖ ଔଷଧ ରପ୍ତାନିକାରୀ ଦେଶ ଏବଂ ଏହାକୁ ବିଶ୍ୱର ଔଷଧ କାରଖାନା କୁହାଯାଏ। ତେଣୁ ଭାରତର ଔଷଧ ସମଗ୍ର ବିଶ୍ୱରେ ବହୁଳ ଆଦୃତ। ଏଭଳି ସ୍ଥିତିରେ ନକଲି ଔଷଧ ଭଳି ଘଟଣା ସାମ୍ନାକୁ ଆସିବା କିମ୍ବା ନକଲି ଔଷଧ ବ୍ୟବସାୟ ଏକ ଜଘନ୍ୟ ଅପରାଧ। ଏହି କାରବାର ବିଶ୍ୱରେ ଭାରତର ପ୍ରତିଷ୍ଠା, ମାନ, ସମ୍ମାନକୁ କ୍ଷତିଗ୍ରସ୍ତ କରୁଛି। ଜୀବନ ରକ୍ଷାକାରୀ ଔଷଧରେ ଅପମିଶ୍ରଣ ରୋଗୀର ସିଧାସଳଖ ମୃତ୍ୟୁର କାରଣ ହୋଇଥାଏ। ଔଷଧ ବ୍ୟବସାୟରେ ଏହି ଅନୈତିକତା ଚିନ୍ତାଜନକ। ତେଣୁ ସରକାର ଔଷଧ କମ୍ପାନିଗୁଡ଼ିକ ପାଇଁ ଗୁଣାତ୍ମକ



ନିୟନ୍ତ୍ରଣର ଏକ ନିର୍ଭରଯୋଗ୍ୟ ନିୟମ ପ୍ରଣୟନ କରିବା ସହ ନକଲି ଔଷଧ କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ।

ଦେଶର ନାଗରିକଙ୍କ ସ୍ୱାସ୍ଥ୍ୟ ସହିତ ଖେଳିବା ଅଧିକାର କାହାର ନାହିଁ। ମଣିଷ ବଞ୍ଚିବା ପାଇଁ ଖାଦ୍ୟ ଅପରିହାର୍ଯ୍ୟ। କିନ୍ତୁ ଆଜି ଆମେ ଖାଉଥିବା ଖାଦ୍ୟ କେତେ ବିଶୁଦ୍ଧ ତାହା ସମସ୍ତଙ୍କୁ ଜଣା। ଆଗରୁ ଡାଲି, ଚାଉଳ, ବିଭିନ୍ନ ମସଲା ଏବଂ ଖାଦ୍ୟ ସାମଗ୍ରୀରେ ଗୋଡ଼ି, କାଠଗୁଣ୍ଡ ଇତ୍ୟାଦି କିଛି ପରିମାଣରେ ମିଶାଇ ଆଂଶିକ ଭେଜାଲ୍ ସାମଗ୍ରୀ ବଜାରକୁ ଛଡ଼ାଯାଉଥିଲା। ଏବେ ବି ସେହି ଅସାଧୁ ପ୍ରକ୍ରିୟା ଅବ୍ୟାହତ ରହିଛି। କିନ୍ତୁ ତା' ସାଥିରେ ଏବେ ଆହୁରି ଭୟଙ୍କର ପ୍ରକ୍ରିୟା ଆରମ୍ଭ ହୋଇଛି, ଯାହାକି ସମ୍ପୂର୍ଣ୍ଣ ବିଷାକ୍ତ। ଆମର ଘରୋଇ ବ୍ୟବହାରରେ ହେଉ ବା ପୂଜା ପାର୍ବଣରେ, ଆମେ ସମସ୍ତେ ଅଳ୍ପେବହୁତେ ମହୁ ବ୍ୟବହାର କରିଆସୁଛନ୍ତି। ସାଧାରଣତଃ ବଜାରରେ ଉପଲବ୍ଧ ପ୍ୟାକେଟ ମହୁ ହିଁ ସମସ୍ତେ କିଣି ବ୍ୟବହାର କରନ୍ତି। ଚିନ୍ତାର ବିଷୟ ଯେ, ୭୦% କମ୍ପାନୀ ମହୁ ପ୍ରତିବଦଳରେ ଚିନି ଶିରା ହିଁ ବିକ୍ରି କରୁଛନ୍ତି। ପରିତାପର ବିଷୟ ହେଉଛି, ଭାରତରେ ମହୁ ବ୍ୟବସାୟ କରୁଥିବା ଖ୍ୟାତନାମା କମ୍ପାନୀଗୁଡ଼ିକ ନିଜ ନିଜର ଦୋଷତ୍ରୁଟିକୁ ଲୁଚାଇବାକୁ ଯାଇ ପର ଉପରେ ଦୋଷାରୋପ କରନ୍ତି। ଅମୃତ ସମାନ ମହୁକୁ ଆଜି ଲୋଭୀ ବ୍ୟବସାୟୀମାନେ ବିଷରେ ପରିଣତ କରିଛନ୍ତି।

ଦେଶରେ ଏମିତି କେଉଁ ଜିନିଷ ନାହିଁ, ଯାହାର ନକଲି ବ୍ୟବସାୟ ନାହିଁ। ଜଣେ ଉପଭୋକ୍ତା ପକେଟରୁ ଅସଲି ଟଙ୍କା ଦେଇ ନକଲି ଜିନିଷ ଘରକୁ ଆଣେ। ବର୍ତ୍ତମାନ ଅପମିଶ୍ରଣ ଖାଦ୍ୟର ଗନ୍ତାଘର ପାଲଟିଛି କଟକ। କେତେବେଳେ ଖାଇବା ତେଲ ତ କେତେବେଳେ ସସ୍ ଆଉ କେତେବେଳେ ନକଲି ଥଣ୍ଡାପାନୀୟଯୁକ୍ତ କାରଖାନା ଏଠାରେ ଧରାପଡ଼େ। ଅପମିଶ୍ରିତ ମସଲା କାରଖାନା ମଧ୍ୟ ଠାବ କରାଯାଇଛି। କାରଖାନାରେ ଅପମିଶ୍ରିତ ଲାଲ ଲଙ୍କାଗୁଣ୍ଡ, ହଳଦୀ ଓ ଅନ୍ୟାନ୍ୟ ମସଲା ପ୍ରସ୍ତୁତ କରାଯାଉଥିବାର ଅଭିଯୋଗ ଆସିଛି। ନକଲି ଯୋଗୁଁ ଶୁଦ୍ଧ ଖାଦ୍ୟ ବିକୃତ କିମ୍ବା କ୍ଷତିଗ୍ରସ୍ତ ହୋଇପାରେ ଏବଂ ଏହାର ପୋଷକ ତତ୍ତ୍ୱ ହ୍ରାସ ପାଇପାରେ। କ୍ଷୀରରୁ କିଛି ଲହୁଣୀ ବାହାର କରି ଶୁଦ୍ଧ କ୍ଷୀର ଭାବରେ ବିକ୍ରି କରିବା କିମ୍ବା ଥରେ ବ୍ୟବହାର ହେବା ପରେ ଚା'ର ପତ୍ରକୁ ଶୁଖାଇ ପୁନଃ ବିକ୍ରୟ କରିବା ମଧ୍ୟ ଅପମିଶ୍ରଣ ସଂପର୍କିତ ଖବର। କିଛିଦିନ ତଳେ ଏକ ପ୍ରମୁଖ ଖବରକାଗଜରେ ପ୍ରକାଶିତ ହୋଇଥିଲା କୋରାପୁଟ ଜିଲ୍ଲା ଜୟପୁରର ସିରିଡି ସାଇ ମନ୍ଦିର ସମ୍ମୁଖରେ ଥିବା ଏକ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲରେ ଅପମିଶ୍ରଣ। ଏଥିରୁ ପାଣି ବାହାରୁଥିବା ଅଭିଯୋଗ କରି ଗ୍ରାହକମାନେ ପାଟିତୁଣ୍ଡ କରିଥିଲେ।

କେତେକ ଲୋଭୀ ବ୍ୟବସାୟୀ ନକଲି ମାଧ୍ୟମରେ ଅସହାୟ ଲୋକଙ୍କୁ ଠକୁଛନ୍ତି। ମିଥ୍ୟା ଦାବି ସହ ଆକର୍ଷଣୀୟ ନାମ ଦେଇ ଜନସାଧାରଣଙ୍କୁ ଠକିବା ଅପରାଧ। ଯଦି କୌଣସି କମ୍ପାନୀ କିମ୍ବା ଦୋକାନର ଖାଦ୍ୟସାମଗ୍ରୀରେ ଅପମିଶ୍ରଣ ପ୍ରମାଣିତ ହୁଏ, ତେବେ ତାଙ୍କୁ ୧୦ଲକ୍ଷ ଟଙ୍କା ଅର୍ଥିକ ଦଣ୍ଡାଦେଶ ସହ ଆଜୀବନ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଏଭଳି ନିୟମକୁ କାର୍ଯ୍ୟକାରୀ କରିବାକୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫଏସ୍‌ଏସଏଆଇ) ଦ୍ୱାରା ପ୍ରସ୍ତାବ ଦିଆଯାଇଛି। ହେଲେ ଆଇନ୍ ଆଖିରେ ଧୂଳି ଦେଇ ଅପମିଶ୍ରଣ କାରବାର ଆହୁରି ବଢ଼ିଚାଲିଛି। ଯେଉଁଠି ରୋବୋଟ୍ ପରି ନକଲି ମଣିଷ ଗଢ଼ାହୋଇ ଅସଲିର ଭ୍ରମ ସୃଷ୍ଟି କରିବା ସହ ଅସଲି ମଣିଷର ବୃତ୍ତି ସବୁ ଛଡ଼ାଇ ନେବାକୁ ବସିଛି, ସେଠାରେ ଖାଦ୍ୟ ପଦାର୍ଥ ନକଲି କରିବା କେଉଁ ବଡ଼କଥା?

■ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ଇତିହାସ

# ଏସ୍‌ସିବିରେ କୋଲାଞ୍ଜିଓସ୍କୋପି ଏବଂ ପୋଏମ ସର୍ଜରୀ



**ଉପକୃତ ହେଲେ ୩ଜଣ ରୋଗୀ**

**କଟକ, ୯।୬(ସମିସ):** ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପୁଣି ଏକ ନୂତନ ଅଧ୍ୟାୟ ଯୋଡ଼ିଛି ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ। ସରକାରୀ ବ୍ୟବସ୍ଥାରେ ପ୍ରଥମଥର ନିମନ୍ତେ ଏସ୍‌ସିବି ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗ ପକ୍ଷରୁ କୋଲାଞ୍ଜିଓସ୍କୋପି ଏବଂ ପୋଏମ୍ ସର୍ଜରୀ କରାଯାଇଛି। ଶନିବାର ଏକଦିବସୀୟ କର୍ମଶାଳା ଆୟୋଜନ ପରିପ୍ରେକ୍ଷୀରେ ଏଭଳି ଜଟିଳ ଅସ୍ତ୍ରୋପଚାର ହୋଇଥିଲା। ଦିଲ୍ଲୀସ୍ଥିତ ମ୍ୟାକ୍ସ ହସ୍ପିଟାଲର ବରିଷ୍ଠ ଚିକିତ୍ସକ ଡାକ୍ତର ବିକାଶ ସିଙ୍ଗଲାଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର ହୋଇଥିବା ବେଳେ ଏଥିରେ ଏସ୍‌ସିବିର ୭ଜଣିଆ ଡାକ୍ତରୀ ଦଳ ମଧ୍ୟ ସାମିଲ ଥିଲେ। ଅସ୍ତ୍ରୋପଚାର ମାଧ୍ୟମରେ କେନ୍ଦୁଝର, ସୋନପୁର ଓ କଟକର ଜଣେ ଲେଖାଁଏ ରୋଗୀ ଆରୋଗ୍ୟଲାଭ କରିଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ହରିଭକ୍ତି ସେବାଦାସ କହିଛନ୍ତି ଯେ ବଡ଼ ମେଡିକାଲ ନିମନ୍ତେ ଏହା ଏକ ବିରଳ ସଫଳତା। ଆଗାମୀ ଦିନରେ ଏଭଳି ଅତ୍ୟାଧୁନିକ ଚିକିତ୍ସା ନିୟମିତ ଭାବେ ରୋଗୀଙ୍କୁ କିପରି ମିଳିବ ସେ ଦିଗରେ ଉଦ୍ୟମ କରାଯିବ ବୋଲି ସେ ଜଣାଇଛନ୍ତି।

ପିତ୍ତନଳୀ ଷ୍ଟୋନ୍ ଓ ଆକାଲସିଆ କାର୍ଡିଆ ଭଳି ରୋଗର ଚିକିତ୍ସାରେ ବ୍ୟବହୃତ ଆଡଭାନ୍ସ ଏଣ୍ଡୋସ୍କୋପିକ ସର୍ଜରୀ କ୍ଷେତ୍ରରେ ଏସ୍‌ସିବି ମେଡିକାଲକୁ ଏହି ସଫଳତା ମିଳିଛି। ଏଭଳି ପଦ୍ଧତି ଦ୍ୱାରା ରୋଗୀଙ୍କ ପେଟ ଚିରି ଅସ୍ତ୍ରୋପଚାର କରିବାକୁ ପଡ଼ି ନ ଥାଏ। ବେସରକାରୀ ହସ୍ପିଟାଲଗୁଡ଼ିକରେ ଏଥି ନିମନ୍ତେ ରୋଗୀଙ୍କୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚାନ୍ତ ହେବାକୁ ପଡୁଥିବା ବେଳେ ବଡ଼ ମେଡିକାଲରେ ଏଣିକି ଏହି ମହଙ୍ଗା ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ ରୋଗୀ।

କଟକ ନୂଆପଡ଼ା ବାଲିସାହି ଅଞ୍ଚଳର ଲକ୍ଷ୍ମୀ ନାଇଡୁଙ୍କର ପୋଏମ ସର୍ଜରୀ କରାଯାଇଛି। ବିଗତ ୧୦ ବର୍ଷ ହେବ ଲକ୍ଷ୍ମୀଙ୍କ ଖାଦ୍ୟ ଢ଼ୋକିବାରେ ସମସ୍ୟା ଭୋଗୁଥିଲେ। ଦୁଇ ସପ୍ତାହ ପୂର୍ବେ ସେ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ପୋଏମ ସର୍ଜରୀ ଦ୍ୱାରା ତାଙ୍କୁ ସୁସ୍ଥ କରାଯାଇଛି। କେନ୍ଦୁଝରର କ୍ଷୀରୋଧାରୀ ଦାସ ଓ ସୋନପୁର ଅଞ୍ଚଳର ସନ୍ତୋଷିନୀ ବାଗଙ୍କର ପିତ୍ତନଳୀରେ ଷ୍ଟୋନ ହୋଇଥିଲା। ଉଭୟଙ୍କର କୋଲାଞ୍ଜିଓସ୍କୋପି କରାଯାଇଛି। ଅସ୍ତ୍ରୋପଚାର ପରେ ତିନି ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ନେଇ ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।

ଅସ୍ତ୍ରୋପଚାରକରାଯିବାଉଦ୍ଦେଶ୍ୟରେଆୟୋଜିତକର୍ମଶାଳାରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର, ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡାକ୍ତର ମାନସ ରଞ୍ଜନ ସାହୁ, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ହରିଭକ୍ତି ସେବାଦାସ, ପ୍ରଫେସର୍ ଡାକ୍ତର ଚିତ୍ତରଞ୍ଜନ ପଣ୍ଡା, ହେପାଟୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ସୁଶାନ୍ତ ଜେନା, ପ୍ରଫେସର୍ ଡାକ୍ତର ୟୁ ସି ପାତ୍ର, ପ୍ରଫେସର୍ ଡାକ୍ତର ରାଜେଶ ଦୋରା, ପ୍ରଫେସର୍ ଡାକ୍ତର ପ୍ରମୋଦ ପଲେଇ, ପ୍ରଫେସର୍ ଡାକ୍ତର ଲକ୍ଷ୍ମୀଧର ଦାଶ ଉପସ୍ଥିତ ଥିଲେ। ଡାକ୍ତର ବିକାଶ ସିଙ୍ଗଲା ଉପସ୍ଥିତ ରହି ଚିକିତ୍ସା ପଦ୍ଧତି ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡାକ୍ତର ପ୍ରଶାନ୍ତ ପରିଡ଼ା, ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର କୈବଲ୍ୟ ରଞ୍ଜନ ଦାଶ, ଡାକ୍ତର ସମୀର ହୋତା କର୍ମଶାଳା ପରିଚାଳନା କରିଥିଲେ।

# ବାଲେଶ୍ୱର ଜିଲ୍ଲା ହସ୍ପିଟାଲରୁ ପୁଣି ପିଲା ଚୋରି

## ଆଖିରେ ଧୂଳିଦେଇ ପିଲା ନେଇ ଚମ୍ପଟ ମାରିଲା ଅଜଣା ମହିଳା

**ବାଲେଶ୍ୱର, ୯।୬(ସମିସ):** ବାଲେଶ୍ୱର ଜିଲ୍ଲା ହସ୍ପିଟାଲର ମା' ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆଜି ସକାଳେ ପୁଣି ଏକ ନବଜାତକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ହସ୍ପିଟାଲର ସୁରକ୍ଷା କର୍ମୀମାନଙ୍କ ଆଖିରେ ଧୂଳି ଦେଇ ନବଜାତକ ଶିଶୁକୁ ନେଇ ଚମ୍ପଟ ମାରିଛି ଜଣେ ଅଜଣା ମହିଳା। ପୁଲିସ ପକ୍ଷରୁ ନବଜାତକକୁ ଉଦ୍ଧାର କରିବା ପାଇଁ ତଦନ୍ତ ଜାରି ରହିଛି।

ବାଲିଆପାଳ ଥାନା କୁଲ୍‌ହାଚଡ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦଣ୍ଡପାଟଙ୍କ ଗର୍ଭବତୀ ପତ୍ନୀ ଅନିତାଙ୍କୁ ଗତ ଶନିବାର ଦିନ ବିଳମ୍ବିତ ରାତିରେ ପ୍ରସବ ପାଇଁ ତାଙ୍କ ପରିବାର ପକ୍ଷରୁ ବାଲେଶ୍ୱର ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସାଙ୍ଗରେ ଅନିତାଙ୍କ ଶାଶୂ ଓ ସ୍ଥାନୀୟ ଆଶାକର୍ମୀ ସଂଧ୍ୟାରାଣୀ ଜେନା ଅନିତାଙ୍କ ସହିତ ଆସିଥିଲେ। ତେବେ ରାତି ପ୍ରାୟ ୧୨ଟାରେ ଅନିତା ଗର୍ଭରୁ ଏକ ଶିଶୁପୁତ୍ର ଜନ୍ମ ହେଇଥିଲା। ହେଲେ ଆଜି ସକାଳେ ସେ ନିଜର ସଦ୍ୟଜାତ ଶିଶୁ ପୁତ୍ରକୁ ଧରି ହସ୍ପିଟାଲ ବେଡ୍‌ରେ ଶୋଇଥିଲା ବେଳେ ସେଠାରେ ଜଣେ ଅଜଣା ମହିଳା ଆସି ତାଙ୍କ ପିଲାକୁ ଧରାଧରି କରିଥିଲେ। ପରେ ଆଶାକର୍ମୀ ସନ୍ଧ୍ୟାରାଣୀ ଓ ସମ୍ପୃକ୍ତ ଅଜଣା ମହିଳା ହସ୍ପିଟାଲ ପରିସରରେ କିଛି ସମୟ କଥାବାର୍ତ୍ତା ହେଉଥିଲେ। ପରେ ଆଶାକର୍ମୀ ଓ ଅନିତାଙ୍କ ଶାଶୂ ୱାର୍ଡରେ ନଥିବା ବେଳେ ଅଜଣା ମହିଳାଜଣକ ସେଠାକୁ ଯାଇ ପିଲାଟିକୁ ଡାକ୍ତର ପାଖରେ ଚେକଅପ କରାଯିବ କହି ନେଇ ଯାଇଥିଲା। ହେଲେ ପରେ ଆଉ ପିଲାକୁ ନେଇ ବେଡ୍‌କୁ ଫେରି ନଥିଲା। ନିଜର ଶିଶୁପୁତ୍ର ଚୋରି ହେଇଯାଇଥିବା ଜାଣିପାରି ଅନିତା ଭୋ' ଭୋ' ହୋଇ କାନ୍ଦିଥିଲେ।

ଅନିତାଙ୍କ ଶାଶୂଘର ଲୋକଙ୍କ ପକ୍ଷରୁ ଏନେଇ ହସ୍ପିଟାଲ ଫାଣ୍ଡିରେ ଅଭିଯୋଗ କରାଯାଇଛି। ପୁଲିସ ହସ୍ପିଟାଲରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରି ଅଜଣା



ମହିଳାଙ୍କ ଗତିବିଧିର ଭିଡିଓ ଜବତ କରିଥିବା ବେଳେ ଆଶାକର୍ମୀ ଓ ହସ୍ପିଟାଲର ସୁରକ୍ଷାକର୍ମୀଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାଯାଇଛି।

ଗତ କିଛି ଦିନ ତଳେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଏହିଭଳି ଏକ ଘଟଣା ଘଟିଥିଲା। ଏକ ନବଜାତକକୁ ଜଣେ ମହିଳା ଚୋରାଇ ନେଇଥିଲେ। ପୁଲିସ ସିସି କ୍ୟାମେରା ଦ୍ୱାରା ସେହି ମହିଳାଙ୍କୁ ଗିରଫ କରିବା ସହ ପିଲାକୁ ଉଦ୍ଧାର କରିଥିଲେ। ଆଜି ପୁଣି ସେହିଭଳି ଏକ ଘଟଣା ଘଟିବା, ହସ୍ପିଟାଲର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୧୨ରେ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ'

**ଭୁବନେଶ୍ୱର, ୯।୬(ସମିସ):** ରାଜଧାନୀ ଭୁବନେଶ୍ୱରରେ ରୋଡ୍ ଶୋ' କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆସନ୍ତା ୧୨ ତାରିଖ ବୁଧବାର ଅପରାହ୍ଣରେ ପ୍ରଧାନମନ୍ତ୍ରୀ ରୋଡ୍ ଶୋ' କରିବାର କାର୍ଯ୍ୟକ୍ରମ ରହିଛି। ଏହି ରୋଡ ଶୋ ଜୟଦେବ ବିହାରରୁ ବାହାରି ଜନତା ମଇଦାନ ପର୍ଯ୍ୟନ୍ତ ଚାଲିବ। ରୋଡ୍ ଶୋ' କରି ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ସମାରୋହକୁ ପ୍ରଧାନମନ୍ତ୍ରୀ ଯିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ ଆସନ୍ତା ୧୨ ତାରିଖ ସନ୍ଧ୍ୟାରେ ଓଡ଼ିଶାରେ ପ୍ରଥମଥର ପାଇଁ ବିଜେପି ସରକାର ଶପଥ ଗ୍ରହଣ କରିବାକୁ ଯାଉଛି।

# ଦୁର୍ଘଟଣାରେ ଶଶୁର ମୃତ, ଜ୍ୱାଇଁ ଗୁରୁତର

**ସୁନ୍ଦରଗଡ଼, ୯।୬(ସମିସ):** ବନ୍ଧପାଲି-କିଞ୍ଜିରକେଲା ରାସ୍ତାର ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଲେମଲେମା ନିକଟରେ ବାଇକ ଦୁର୍ଘଟଣାରେ ଶଶୁରଙ୍କ ମୃତ୍ୟୁ ଘଟିଥିବା ବେଳେ ଜ୍ୱାଇଁ ଗୁରୁତର ଆହତ ହୋଇଛନ୍ତି। ବାଲିଶଙ୍କରା ଗ୍ରାମର ହୀରାଲାଲ ଟପ୍ପୋ (୫୦) ତାଙ୍କ ଶଶୁର ଘର ରତନପୁର ଫଗୁଆପଡ଼ାକୁ ଆସିଥିଲେ। ଶନିବାର ହୀରାଲାଲ ଓ ତାଙ୍କ ଶଶୁର ପ୍ରଫୁଲ୍ଲ ଓରାମ (୮୯) ବାଇକ୍ ଯୋଗେ ତାଙ୍କ ଶାଳୀ ଘର ଲେମଲେମା ଗ୍ରାମକୁ ଯାଇ ଅପରାହ୍ଣରେ ରତନପୁର ଫଗୁଆପଡ଼ାକୁ ଫେରୁଥିବା ବେଳେ ଲେମଲେମାସ୍ଥିତ ସରସ୍ୱତୀ ନାଳ ପୋଲରେ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପଠାଇଥିଲେ। ମାତ୍ର ସେଠାରେ ପ୍ରଫୁଲ୍ଲଙ୍କ ମୃତ୍ୟୁ ଘଟିଛି। ରବିବାର ପୁଲିସ୍ ଡାକ୍ତରଖାନାରୁ ପ୍ରଫୁଲ୍ଲଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

# ଟ୍ରାକ୍ଟର ମାଲିକଙ୍କୁ ଦାଦାବଟି ମାଗି ୪ ଗିରଫ

ରାଉରକେଲା, ୯।୬(ସମିସ): ଟ୍ରାକ୍ଟର ମାଲିକଙ୍କୁ ଦାଦାବଟି ମାଗିବା ସହ ଗାଡ଼ି ଭଙ୍ଗାରୁଜା କରିବା ଅଭିଯୋଗରେ ସେକ୍ଟର-୧୫ ଥାନା ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ସେକ୍ଟର-୧୬ ଅଞ୍ଚଳର ଅଭିଷେକ ବାରିକ, ପ୍ରିନ୍ସ ପ୍ରଧାନ, ସୂରଜ୍ ସାହୁ ଓ ମଣ୍ଟୁ ସାହୁ। ପୁଲିସ ସୂଚନା ମୁତାବକ, ଟ୍ରାକ୍ଟର ମାଲିକ ବିନୋଦ କୁମାର ରଜକଙ୍କୁ କିଛି ଦିନ ହେବ ଫୋନ ଯୋଗେ ଦାଦାବଟି ଦେବାକୁ ଧମକ ଦିଆଯାଉଥିଲା। ଏନେଇ ବିନୋଦ କୌଣସି ଉତ୍ତର ନ ଦେବାରୁ ଶନିବାର ରାତି ପ୍ରାୟ ସାଢ଼େ ୭ଟାରେ ସେକ୍ଟର-୧୬ ମାର୍କେଟ ଛକରେ ଦୁର୍ବୃତ୍ତମାନେ ତାଙ୍କ ଗାଡ଼ି ଚାଳକଙ୍କୁ ଧମକ ଦେଇ ଭଙ୍ଗାରୁଜା କରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ରବିବାର ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଷେକ ନାମରେ ପୂର୍ବରୁ ପୁଲିସ ରେକର୍ଡରେ ପ୍ରାୟ ୧୦ଟି ଅପରାଧିକ ମାମଲା ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

# ନକଲି ଔଷଧ କାରବାରର ଚେର ଉପାଡ଼ିବ ଏସ୍‌ଟିଏଫ୍

**ଭୁବନେଶ୍ୱର, ୯।୬ (ସମିସ):** ଓଡ଼ିଶାରେ ନକଲି ତଥା ବେଆଇନ ଔଷଧ କାରବାର ବିରୋଧରେ ଚାଲିଥିବା ଅଭିଯାନ ଆଗକୁ ଆହୁରି ଶାଣିତ ହେବ। ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ ସକ୍ରିୟ ଥିବା ଅପରାଧୀ ସହଜରେ ଖସି ପାରିବେ ନାହିଁ। ଏଥିପାଇଁ ସ୍ପେସାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଯାଉଛି। ଗତବର୍ଷ ନକଲି ଔଷଧ କାରବାରରେ ଭେଷଜ ନିୟନ୍ତ୍ରକ ନିର୍ଦ୍ଦେଶାଳୟକୁ ବଡ଼ ସଫଳତା ମିଳିଥିଲା। କିନ୍ତୁ ନକଲି ଔଷଧ କାରବାରର ଚେର ରାଜ୍ୟ ବାହାରକୁ

**ଅଧିକ କ୍ଷମତା ସହ ଅପରାଧୀଙ୍କ ମୁକାବିଲାରେ ଏସ୍‌ଟିଏଫ୍**

ଲମ୍ବିଥିବାରୁ ଏହାର ମୂଳୋତ୍ପାଟନ ପାଇଁ ଏସ୍‌ଟିଏଫ୍‌ର କ୍ଷମତା ବୃଦ୍ଧି କରିବା ଜରୁରୀ ହୋଇପଡ଼ିଛି।

ସୂଚନା ଅନୁସାରେ, ରାଜ୍ୟରେ ଥିବା ବିଭିନ୍ନ ମଣ୍ଡଳକୁ ନେଇ ଏସ୍‌ଟିଏଫ୍ ଗଠନ କରାଯାଇଛି। ଏସ୍‌ଟିଏଫ୍‌ରେ ମୁଖ୍ୟତଃ ଭେଷଜ ନିୟନ୍ତ୍ରକ ନିର୍ଦ୍ଦେଶାଳୟର ଅଧିକାରୀମାନେ ସାମିଲ ଅଛନ୍ତି। ତେବେ ଯୋଜନା ଅନୁସାରେ, ଏଥିରେ ଅନ୍ୟ ବିଭାଗ ଏବଂ ବ୍ୟକ୍ତିଙ୍କୁ ସାମିଲ କରାଯିବ। ନକଲି ଔଷଧ କାରବାର ଉପରେ ଲଗାମ କଷିବା ପାଇଁ ଏସ୍‌ଟିଏଫ୍ ନୂଆ ଏସ୍‌ଓପି ପ୍ରସ୍ତୁତ କରୁଛି। ଏହି ଅପରାଧର ଦମନ ପାଇଁ ପୁଲିସ୍, ଜିଏସ୍‌ଟି, ଟେଲିକମ୍ ବିଭାଗ, ନ୍ୟାୟିକ ସଂସ୍ଥାଙ୍କୁ ସାମିଲ କରାଯିବ। ଏଥିସହ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟରତ କୋରିୟର୍ ସଂସ୍ଥା ଏବଂ ପରିବହନରେ ନିୟୋଜିତ ସଂସ୍ଥାକୁ ସାମିଲ କରିବା ପାଇଁ ପ୍ରସ୍ତାବ ରହିଛି। ବଡ଼ କଥା ହେଉଛି, ଏସ୍‌ଟିଏଫ୍ ନିଜର ଗୁଇନ୍ଦା ଶାଖାକୁ ଆହୁରି ସୁଦୃଢ଼ କରିବ। ନକଲି ଔଷଧ କାରବାର ସମ୍ପର୍କରେ ପୂର୍ବ ସୂଚନା ପାଇବା ସହଜ ହେବ। ସେହିପରି ନିର୍ଦ୍ଦେଶାଳୟର ଗୁଇନ୍ଦା ଶାଖା ଯେଉଁ ସୂଚନା ପାଇବ, ତାହା ତୁରନ୍ତ ଏସ୍‌ଟିଏଫ୍‌କୁ ପ୍ରଦାନ କରାଯିବ। ସୂଚନାଦାତା ଓ ଅନ୍ୟାନ୍ୟ ଖର୍ଚ୍ଚ ବହନ ପାଇଁ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରାଯିବ। ସେହିପରି ହସ୍ତଗତ ସନ୍ଦିଗ୍ଧ ଔଷଧର ନମୁନା ଯାଞ୍ଚ ରିପୋର୍ଟର ଅନୁଶୀଳନ ବ୍ୟବସ୍ଥା ତ୍ୱରାନ୍ୱିତ ହେବ। ସୁପ୍ରିମ୍‌କୋର୍ଟଙ୍କ ରାୟ ଅନୁପାଳନ କରି ଅଭିଯୁକ୍ତମାନଙ୍କୁ ଏସ୍‌ଟିଫ୍ ଗିରଫ କରିବା ସମ୍ପର୍କରେ ମଧ୍ୟ ବିଭାଗ ନିଷ୍ପତ୍ତି ନେବ। ଆବଶ୍ୟକ ହେଲେ, ଏସ୍‌ଟିଏଫ୍ ସଦସ୍ୟଙ୍କ ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ଅପରପକ୍ଷେ ବେଆଇନ ଔଷଧ କାରବାରରେ ସମ୍ପୃକ୍ତ ବ୍ୟବସାୟୀଙ୍କ ଅନୁଷ୍ଠାନ ସିଲ୍ କରିବା ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ଟିଏଫ୍‌କୁ ପ୍ରସ୍ତୁତ କରାଯିବ।

ସୂଚନା ଅନୁସାରେ, ପୂର୍ବାପେକ୍ଷା ଭେଷଜ ନିୟନ୍ତ୍ରକ ନିର୍ଦ୍ଦେଶାଳୟର ଦାୟିତ୍ୱ ଏବଂ ଆହ୍ୱାନ ବୃଦ୍ଧି ପାଇଛି। ସେହି ଅନୁସାରେ ଏସ୍‌ଟିଏଫ୍‌ର ଦକ୍ଷତା ବୃଦ୍ଧି କରିବା ଜରୁରୀ ହୋଇଛି। ବିଶେଷକରି ଏନ୍‌ଫୋର୍ସମେଣ୍ଟ, ଗୁଇନ୍ଦା ତଥ୍ୟ ହସ୍ତଗତ କରିବା, ଅଭିଯୁକ୍ତଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ପ୍ରସ୍ତାବ ରହିଛି। ଅଭିଯୁକ୍ତ ଏବଂ ବେଆଇନ ଔଷଧ କାରବାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ଟିଏଫ୍ ସଦସ୍ୟଙ୍କୁ ଅଧିକ କ୍ଷମତା ପ୍ରଦାନ ପାଇଁ ସ୍ୱାସ୍ଥ୍ୟ ବିଭାଗ ଚିନ୍ତା କରୁଛି।

ସୂଚନାଯୋଗ୍ୟ ଯେ ଗତବର୍ଷ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ନକଲି ଔଷଧ କାରବାର ସମ୍ପର୍କରେ ଅଭିଯୋଗ ଆସିବା ପରେ ଏସଟିଏଫ୍ ବେଶ୍ ଦକ୍ଷତାର ସହ ଅପରାଧୀଙ୍କ ବିରୋଧରେ ଅଭିଯାନ ଆରମ୍ଭ କରିଥିଲା। ଓଡ଼ିଶା ସମେତ ଉତ୍ତରପ୍ରଦେଶ, ବିହାର ଆଦି ରାଜ୍ୟରେ ଚଢ଼ଉ କରି ୨ କୋଟିରୁ ଅଧିକ ଟଙ୍କାର ନକଲି ଔଷଧ ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତି ଓ ବ୍ୟବସାୟୀଙ୍କୁ ମିଶାଇ ୧୨ଜଣଙ୍କୁ ଗିରଫ କରାଯାଇଛି। ଏହା ସତ୍ତ୍ୱେ ବେଆଇନ ଔଷଧ କାରବାରରେ ବ୍ରେକ୍ ଲାଗିପାରି ନାହିଁ। ଏପରିସ୍ଥଳେ ଏସଟିଏଫ୍‌ର କ୍ଷମତାବୃଦ୍ଧି ଆଗକୁ ନିରାପଦ ଔଷଧ କାରବାର ପାଇଁ ବାଟ ପରିଷ୍କାର କରିବ ବୋଲି କୁହାଯାଉଛି।

## ଅବଶିଷ୍ଟାଂଶ...

### ମେଣ୍ଟ ସରକାରର...

କୁରିୟନଙ୍କୁ ମଧ୍ୟ କ୍ୟାବିନେଟରେ ସ୍ଥାନ ମିଳିଛି। ପଞ୍ଜାବର ରବନୀତ ବିଟ୍ଟୁ କ୍ୟାବିନେଟରେ ସ୍ଥାନ ପାଇ ସମସ୍ତଙ୍କୁ ଚମକାଇ ଦେଇଛନ୍ତି।

ଏହି ଶପଥ ଗ୍ରହଣ ସମାରୋହରେ ୭ ଦେଶର ମୁଖିଆଙ୍କ ବ୍ୟତୀତ କଂଗ୍ରେସ ଅଧ୍ୟକ୍ଷଙ୍କ ସହିତ ବହୁ ନେତା, ଦେଶର ଫିଲ୍ମ ଷ୍ଟାର ଏବଂ ବ୍ୟବସାୟୀ ସାମିଲ ହୋଇଥିଲେ। ଏମାନଙ୍କ ମଧ୍ୟରେ ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ, ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ, ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା, ଭୁଟାନ ପ୍ରଧାନମନ୍ତ୍ରୀ ଦାସୋ ସେରିଂ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ୍ ଦହଲ୍ ପ୍ରଚଣ୍ଡ, ଶିଳ୍ପପତି ମୁକେଶ ଅମ୍ବାନୀ, ଗୌତମ ଆଦାନୀ, ଅଭିନେତା ଅକ୍ଷୟ କୁମାର, ଶାହରୁଖ ଖାନ, ବିକ୍ରାନ୍ତ ମେସି ଏବଂ ରାଜକୁମାର ହିରାନୀ ଯୋଗ ଦେଇଥିଲେ।

### ୧୨କୁ ଘୁଞ୍ଚିଲା...

ନେଇ ସ୍ଥିତି ଅଧିକ ଗୋଳମାଳିଆ ହୋଇ ପଡ଼ିଛି। ଏହି ସମୟରେ ଶୀର୍ଷ ନେତୃତ୍ୱଙ୍କ ଡକରା ପାଇ ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ ଦିଲ୍ଲୀ ଯାଇଥିବା ଯୋଗୁଁ ଏହାକୁ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ତେବେ ଆସନ୍ତା ୧୧ ତାରିଖରେ ବିଜେପି ବିଧାୟକ ଦଳ ବୈଠକ ବସିବ ଓ ସେଠାରେ ହିଁ ମୁଖ୍ୟମନ୍ତ୍ରୀ ନାମ ଘୋଷଣା ହେବ ବୋଲି ସୂଚନା ମିଳିଛି।

ଅପରପକ୍ଷେ ବିଜେପିର ମୁଖ୍ୟମନ୍ତ୍ରୀ କିଏ ହେବେ ତାହାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଆଲୋଚନା ଜୋର୍ ଧରିଥିବା ବେଳେ ପ୍ରତିଦିନ ତାଲିକାରେ ନୂଆ ନୂଆ ନାମ ଯୋଡ଼ି ହେଉଛି। ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କେନ୍ଦ୍ରମନ୍ତ୍ରୀ ଭାବେ ଶପଥ ଗ୍ରହଣ ଏବଂ ସୁରେଶ ପୂଜାରୀଙ୍କୁ ଦିଲ୍ଲୀ ଡକରା ମାହୋଲକୁ ଆହୁରି ସରଗରମ୍ କରିଛି। ତାଲିକାରୁ ଧର୍ମେନ୍ଦ୍ର ଆପାତତଃ ବାଦ୍ ପଡ଼ିଥିବା କୁହାଯାଉ ଥିବାବେଳେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ବରିଷ୍ଠ ନେତା କେ ଭି ସିଂହଦେଓ, ସୁରେଶ ପୂଜାରୀଙ୍କ ନାମ ଆଲୋଚନା ହେଉଛି। ସେହିପରି ଶେଷ ମୂହୂର୍ତ୍ତରେ ବିଜେପି ଶୀର୍ଷ ନେତୃତ୍ୱ ଆଉ କେଉଁ ନେତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଯଦି ବାଛନ୍ତି, ତାହେଲେ ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ ବୋଲି ରାଜନୈତିକ ମହଲ ଯୁକ୍ତି ବାଢ଼ୁଛି। ତେବେ ଆସନ୍ତା କାଲି ବିଜେପି ସଂସଦୀୟ ବୋର୍ଡ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ବୈଠକରେ ଗୋଟିଏ ନାମ ଉପରେ ମୋହର ବାଜିପାରେ। ଆସନ୍ତା ୧୧ ତାରିଖରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ବିଧାୟକ ଦଳ ନେତା ଚୟନ ପାଇଁ ବିଜେପି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଓ ଭୂପେନ୍ଦ୍ର ଯାଦବଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି।

ସେହିପରି ଶପଥ ଗ୍ରହଣ କାର୍ଯ୍ୟକ୍ରମ ଘୁଞ୍ଚିବା ସମ୍ପର୍କରେ ସୂଚନା ଦେଇ ବିଜେପି ନେତା ଯତୀନ ମହାନ୍ତି କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଯୋଗୁଁ ଓଡ଼ିଶାରେ ଶପଥ ଗ୍ରହଣ ଉତ୍ସବକୁ ଘୁଞ୍ଚା ଦିଆଯାଇଛି। ଆସନ୍ତା ୧୨ ତାରିଖ ସନ୍ଧ୍ୟାରେ ଶପଥ ଗହଣ ସମାରୋହ ଅନୁଷ୍ଠିତ ହେବ ଏବଂ ସମୟ ଓ ସମ୍ପୂର୍ଣ୍ଣ ବିବରଣୀ ଦଳ ପକ୍ଷରୁ ଠିକ୍ ସମୟରେ ପ୍ରଦାନ କରାଯିବ।

### ରାଜନୀତିରୁ ପାଣ୍ଡିଆନଙ୍କ...

ଦଳ କ୍ଷତିଗ୍ରସ୍ତ ହୋଇଛି, ସେଥିପାଇଁ ତାଙ୍କୁ ବିଜୁ ପରିବାର କ୍ଷମା କରିଦେବାକୁ ସେ ଅନୁରୋଧ କରିଛନ୍ତି। ଅନୁରୂପ ଭାବରେ ତାଙ୍କ ସହ ଯୋଡ଼ି ହୋଇ କାମ କରିଥିବା ଲକ୍ଷାଧିକ ବିଜୁ ପରିବାର କର୍ମୀମାନଙ୍କୁ ସେ କୃତଜ୍ଞତା ଜଣାଇବା ସହ ସବୁବେଳେ ଓଡ଼ିଶା ତାଙ୍କ ହୃଦୟରେ ରହିବ ବୋଲି କହିଛନ୍ତି। ଆଜି ପର୍ଯ୍ୟନ୍ତ ତାଙ୍କ ପାଖରେ କିମ୍ବା ତାଙ୍କ ପରିବାର ନିକଟରେ ବିଶ୍ୱର କୌଣସି ସ୍ଥାନରେ ସମ୍ପତ୍ତି ନାହିଁ। ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେବା ବେଳେ ତାଙ୍କର ସମ୍ପତ୍ତି ବିବୃତି ଯାହା ଥିଲା, ଏବେ ୨୪ ବର୍ଷ ପରେ ମଧ୍ୟ ସେୟା ଅଛି। ଓଡ଼ିଶା ଓ ନବୀନ ପଟ୍ଟନାୟକଙ୍କୁ ଫୋକସରେ ରଖି ଦୀର୍ଘ ୧୨ ବର୍ଷ ହେଲା ଜଣେ ସରକାରୀ କର୍ମଚାରୀ ଭାବରେ ସେ ଭୋର ୪ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିଥିଲେ ବୋଲି ମଧ୍ୟ ସେ ଉଲ୍ଲେଖ କରିଛନ୍ତି।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ସେ ଗୋଟିଏ ଛୋଟିଆ ଗାଁର ଏକ ବିନମ୍ର ପରିବାରରୁ ଆସିଛନ୍ତି। ପିଲାଦିନରୁ ଆଇଏଏସ୍ ଅଫିସର ହୋଇ ଲୋକଙ୍କ ପାଇଁ ସେବା କରିବାକୁ ସେ ସ୍ୱପ୍ନ ଦେଖିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଏହା ସମ୍ଭବ ମଧ୍ୟ ହୋଇଥିଲା। ତାଙ୍କ ପତ୍ନୀ କେନ୍ଦ୍ରପଡ଼ା ଜନ୍ମିତ ହୋଇଥିବାରୁ ସେ ଓଡ଼ିଶା ଆସି ନିଜର ଚାକିରୀ ଆରମ୍ଭ କରିଥିଲେ। ଏ ମାଟିରେ ପାଦ ଦେବା ଠାରୁ ସେ ଓଡ଼ିଶାବାସୀଙ୍କଠାରୁ ଭଲ ପାଇବା ଓ ସ୍ନେହ ପାଇଥିଲେ। ଧର୍ମଗଡ଼ରୁ ଆରମ୍ଭ କରି ରାଉରକେଲା, ମୟୂରଭଞ୍ଜ, ଗଞ୍ଜାମ ଆଦିରେ ଲୋକମାନଙ୍କ ପାଇଁ ଅନେକ ପରିଶ୍ରମ କରି କାର୍ଯ୍ୟ କରିଛନ୍ତି। ୧୨ବର୍ଷ ତଳେ ସେ ମୁଖ୍ୟମନ୍ତ୍ରୀଙ୍କ ଅଫିସରେ ଯୋଗଦେଇଥିଲେ। ନବୀନ ପଟ୍ଟନାୟକଙ୍କ ପାଇଁ କାମ କରିବା ତାଙ୍କ ପାଇଁ ସମ୍ମାନର ବିଷୟ ଥିଲା। ମୁଖ୍ୟମନ୍ତ୍ରୀଙ୍କଠାରୁ ସେ ଅନେକ କିଛି ଶିଖିବାକୁ ସୁଯୋଗ ପାଇଥିବା ବେଳେ ତାଙ୍କ ନେତୃତ୍ୱ, ନୀତି ଓ ଓଡ଼ିଶା ଲୋକଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଭଲପାଇବା ତାଙ୍କୁ ବହୁ ମାତ୍ରାରେ ପ୍ରଭାବିତ କରିଥିଲା। ଓଡ଼ିଶା ପାଇଁ ତାଙ୍କର ଥିବା ଦୂରଦୃଷ୍ଟି ଲାଗୁ କରିବା ହିଁ ମୁଖ୍ୟମନ୍ତ୍ରୀ ତାଙ୍କ ଠାରୁ ଆଶା ରଖିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ଦ୍ରାରିଦ୍ର୍ୟ ଦୂରୀକରଣ, କ୍ରୀଡ଼ା, ପୁଞ୍ଜିନିବେଶ, ମହିଳା ସଶକ୍ତିକରଣ, ଭିତ୍ତିଭୂମିର ବିକାଶ ଓ ମନ୍ଦିର ରୂପାନ୍ତରିକରଣ କ୍ଷେତ୍ରରେ ବହୁ ବିକାଶ କରିବାରେ ସଫଳତା ମିଳିଛି ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

ସେହିପରି କଲେଜ ଓ ସ୍କୁଲ ପିଲାଙ୍କ ପାଇଁ କାମ କରିବା ତାଙ୍କୁ ଆତ୍ମସନ୍ତୋଷ ଦେଇଥିଲା। ସେ ନିଜ ସରକାରୀ ସ୍କୁଲରେ ପଢ଼ିଥିବା ବେଳେ ଯୋଗୁଁ ସ୍କୁଲ ରୂପାନ୍ତରଣ ବ୍ୟବସ୍ଥା ଲାଗୁ କରାଇବାରେ ବେଶ୍ ସହାୟକ ହୋଇଥିଲା। କୋଭିଡ୍ ସମୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡ଼ିବା ଲକ୍ଷ୍ୟରେ ସେ ପ୍ରାୟ ୩୦ ଜିଲ୍ଲା ଗସ୍ତ କରିଥିଲେ। ସେହି ସମୟରେ ଦୁଇଟି ବାତ୍ୟା ଫନି ଓ ଫାଇଲିନର ସମ୍ମୁଖୀନ ହେବା ସହ ସେହି ସମୟରେ ପ୍ରତିଟି ଜୀବନ ବଞ୍ଚାଇବା ପାଇଁ ବହୁ କଠିନ ପରିଶ୍ରମ କରିଥିଲୁ ବୋଲି ସେ କହିଛନ୍ତି।। ସେ ପୁଣି କହିଛନ୍ତି ଯେ ଆଇଏଏସ୍ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇ ବିଜେଡିରେ ଯୋଗଦେଇ କେବଳ ତାଙ୍କ ଗୁରୁ ନବୀନ ପଟ୍ଟନାୟକଙ୍କୁ ସାହାଯ୍ୟ କରିବାକୁ ଚାହୁଁଥିଲେ। ଏହା ପଛରେ ତାଙ୍କର କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନ ଥିଲା। ଏଥିପାଇଁ ସେ କୌଣସି ଦଳୀୟ ପଦ ପଦବୀରେ କିମ୍ବା ପ୍ରାର୍ଥୀ ହୋଇ ନଥିଲେ। ରାଜନୀତିକୁ ସେ କମ୍ ସମୟ ହେବ ପ୍ରବେଶ କରିଥିବାରୁ ସମ୍ଭବତଃ ସେ ରାଜନୈତିକ ଅପପ୍ରଚାର ଓ (ନ୍ୟାରେଟିଭ୍) ଧାରଣାକୁ ସଠିକ ଭାବେ ସଫଳତାର ସହ ମୁକାବିଲା କରିବାରେ ବିଫଳ ହୋଇଛନ୍ତି ବୋଲି ଉଲ୍ଲେଖ କରି ରାଜନୀତିରୁ ନିଜକୁ ଅପସାରିତ କରୁଥିବା କହିଛନ୍ତି ଶ୍ରୀ ପାଣ୍ଡିଆନ।

ଅନ୍ୟପକ୍ଷରେ ପାଣ୍ଡିଆନ କହିଛନ୍ତି ଯେ, ନିର୍ବାଚନରେ ବିରୋଧୀ ମୋ ଜନ୍ମସ୍ଥାନକୁ ନେଇ ମୋ ଉପରେ ଆକ୍ରମଣ କରିଥିଲେ। ସାମାଜିକ ଗଣମାଧ୍ୟମକୁ ମୋ ବିରୋଧରେ ବ୍ୟବହାର କରାଯାଇଥିଲା। ମୁଁ ସବୁମତେ ଭଲ କାମ କରିବା ପାଇଁ ଉଦ୍ୟମ କଲି। କଠିନ ପରିଶ୍ରମ କଲି। କିନ୍ତୁ ମୋ ବିରୋଧରେ ମୋ ଜନ୍ମସ୍ଥାନକୁ ନେଇ ଏକ ନ୍ୟାରେଟିଭ୍ ସୃଷ୍ଟି କରାଗଲା। ଏହା ଉପରେ ମୋର କୌଣସି ନିୟନ୍ତ୍ରଣ ନାହିଁ। ତେବେ ନିର୍ବାଚନ ଫଳାଫଳ ଭଲ ନ ହେବାରୁ ନୈତିକତା ଦୃଷ୍ଟିରୁ ମୁଁ ଦୋଷୀ।

୭୭ ବର୍ଷରେ ବି ନବୀନ ବାବୁଙ୍କ ସ୍ୱାସ୍ଥ୍ୟ ବହୁତ ଭଲ ଅଛି। ତାହା ବିଜେଡିର ଜୟଯାତ୍ରାରେ ବାଧକ ହୋଇନାହିଁ। ଯେତେବେଳେ ବିଜୁ ବାବୁ ଶେଷ ନିଃଶ୍ୱାସ ତ୍ୟାଗକଲେ ସେତେବେଳେ କୁହାଗଲା ଯେ ଆଗକୁ ଆଉ କିଛି ଆଶା ନାହିଁ। କିନ୍ତୁ ବିଜୁ ଜନତା ଦଳ ଗଠନ ହେଲା, ୨୫ ବର୍ଷ ଧରି ଓଡ଼ିଶାବାସୀଙ୍କ ସେବା କଲା। ଓଡ଼ିଶାକୁ ବିକାଶ ପଥରେ ଆଗେଇ ନେଲା। ଆଗକୁ ମଧ୍ୟ ବିଜେଡିର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ। ବିଜୁ ବାବୁ ଏବଂ ନବୀନ ବାବୁଙ୍କ ସ୍ୱପ୍ନକୁ ସାକାର କରିବା ସହ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ବିଜେଡି କାମ କରିବ।

**ମୋ ଭବିଷ୍ୟତ ଜୀବନ ମହାପ୍ରଭୁଙ୍କ ହାତରେ**

ମହାପ୍ରଭୁ ଶ୍ରୀ ଜଗନ୍ନାଥ ହିଁ ତାଙ୍କର ଭବିଷ୍ୟତ ନିର୍ଦ୍ଧାରଣ କରିବେ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ। ତାଙ୍କ ଇସ୍ତଫା ପରେ 'ଇଣ୍ଡିଆ ଟୁଡ଼େ' ସହ ଏକ ସାକ୍ଷାତକାର ଦେଇ ଶ୍ରୀ ପାଣ୍ଡିଆନ କିଛନ୍ତି ଯେ ନିଜର ଭବିଷ୍ୟତ ଜୀବନ ସମ୍ପର୍କରେ ସେ ଏବେ କିଛି ଚିନ୍ତା କରିନାହାନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉପରେ ଏହାକୁ ସେ ଛାଡ଼ି ଦେଇଛନ୍ତି।

### ଫୋକସ୍ ପ୍ଲସ୍...

କରିବା ସହ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ମହିଳା ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲଶ। ବେଶ୍ କିଛିମାସ ଜେଲ୍‌ରେ କାଟିବା ପରେ ସେ ଫେରିଥିଲେ, କିନ୍ତୁ ତାଙ୍କ ଚରିତ୍ରରେ ପରିବର୍ତ୍ତନ ହୋଇନଥିଲା। ଜେଲ୍‌ରୁ ଫେରିବାର କିଛି ଦିନ ପରେ ପୁଣି ଓଡିଶାର ଏକ ପ୍ରମୁଖ ବୈଦ୍ୟୁତିକ ଗଣମାଧ୍ୟମର ମୁଖ୍ୟ ସମ୍ପାଦକ ଏବଂ ମାନବସମ୍ବଳ ଅଧିକାରୀଙ୍କ ବିରୋଧରେ ମିଥ୍ୟା ଏବଂ ଅପମାନସୂଚକ ଖବର ପରିବେଷଣ କରିଥିଲେ। ଏହି ମାମଲାରେ ମଧ୍ୟ ସହିଦନଗର ଥାନାରେ ଏତଲା ପରେ ସୁଧାଂଶୁ ଫେରାର ହୋଇଯାଇଥିଲେ। କମିସନରେଟ୍ ପୁଲିସ ବିଭିନ୍ନ ଜିଲ୍ଲାରେ ଚଢ଼ଉ କରିବା ପରେ ତାଙ୍କୁ ଗିରଫ କରିଥିଲା। ସମ୍ପ୍ରତି ସେ ନିଜକୁ ଚର୍ଚ୍ଚାରେ ରଖିବାକୁ ନିଜ ଫେକ୍ ନ୍ୟୁଜ୍ ଫ୍ୟାକ୍ଟ୍ରିରେ ଆଉ ଏକ ଜାଲ ଓ ମିଛ ଖବର ପ୍ରସ୍ତୁତ କରି ପ୍ରଚାର କରିଛନ୍ତି।

ପୂର୍ବରୁ ସୁଧାଂଶୁଙ୍କ ଫୋକସ ପ୍ଲସ ୱେବ୍ ପୋର୍ଟାଲରେ କାମ କରିଥିବା ଅନେକ କର୍ମଚାରୀ କହିଛନ୍ତି ଯେ ଖବର ଅପେକ୍ଷା ସେ ଲୋକଙ୍କଠାରୁ ଚାନ୍ଦା ଆଦାୟକୁ ବେଶୀ ଗୁରୁତ୍ୱ ଦେଇଥାଆନ୍ତି।

ସୁଧାଂଶୁ ସବୁବେଳେ ଅର୍ଥ ପାଇଁ ଖବର ପରିବେଷଣ କରନ୍ତି। ପ୍ରତିପତ୍ତି ଥିବା ବ୍ୟକ୍ତି, ବ୍ୟବସାୟୀ, ପ୍ରଶାସନିକ ଅଧିକାରୀ, ରାଜନେତାଙ୍କ ଠାରୁ ମୋଟା ଅଙ୍କର ଚାନ୍ଦା ଆଦାୟ କରିବା ପାଇଁ କର୍ମଚାରୀଙ୍କ ଉପରେ ଚାପ ପକାଇଥାନ୍ତି। ତାଙ୍କର ଏପରି ବେଆଇନ୍ କାର୍ଯ୍ୟରେ ଅଣନିଶ୍ୱାସୀ ହୋଇ ଅନେକ କର୍ମଚାରୀ ସେଠାରୁ ଚାକିରୀ ଛାଡ଼ି ଚାଲି ଆସିଛନ୍ତି। ଆଗରୁ ଦୁଇ ଦୁଇ ଥର ଗିରଫ ହୋଇ ଜେଲ୍‌ରେ ମାସାଧିକ କାଳ କାଟିବା ପରେ ଫେରିଥିଲେ। ଆଉ ଜେଲ୍‌ରୁ ଫେରିବା ପରେ ମଧ୍ୟ ସାମ୍ବାଦିକତା ନାମରେ ବ୍ଲାକ୍‌ମେଲିଂ ବନ୍ଦ କରି ନଥିଲେ। ଅନୁରୂପ ଭାବେ ଜେଲ୍‌ରୁ ଫେରିବା ପରେ ଶ୍ରୀ ମଙ୍ଗରାଜ ଏବଂ ଅନ୍ୟ କିଛି ବିଜେଡି ନେତାଙ୍କ ଠାରୁ ଟଙ୍କା ଦାବି କରିଥିଲେ। ନିର୍ବାଚନ ଥିବାରୁ ବିଜ୍ଞାପନ ପ୍ରସାରଣ କରିବା ନାମରେ ବିଜେଡି ଠାରୁ ମୋଟା ଅଙ୍କର ଟଙ୍କା ଦାବି କରିଥିଲେ। ମାତ୍ର ତାଙ୍କ ସଂସ୍ଥାର ଅପଖ୍ୟାତି ଓ ତାଙ୍କର ନିନ୍ଦିତ ଚରିତ୍ର ପାଇଁ ବିଜେଡି କୌଣସି ବିଜ୍ଞାପନ ଦେଇ ନ ଥିଲା। ଫଳରେ ରକ୍ତଚାଉଳ ଚୋବାଇବା ସହ ଇଡ଼ି ନାମରେ ଏକ ଜାଲ୍ ଚିଠି ନିଜ ୱେବ୍‌ପୋର୍ଟାଲରେ ପ୍ରଦର୍ଶନ କରି ଶ୍ରୀ ମଙ୍ଗରାଜଙ୍କୁ ବଦନାମ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଜାଲ୍ ଚିଠିରେ ନମ୍ବର, ଅଧିକାରୀଙ୍କ ଦସ୍ତଖତ ଆଦିକୁ ଟାମ୍ପରିଂ କରି ମିଥ୍ୟା ଖବର ପ୍ରସାରଣ କରିଥିବାରୁ ତାହାର ବିଧିବଦ୍ଧ ତଦନ୍ତ ହେବ ବୋଲି ଇଡି ପକ୍ଷରୁ କୁହାଯାଇଛି। ଖବର ପ୍ରସାରଣ ନାମରେ ବ୍ଲାକ୍‌ମେଲିଂ କରିବା ଭଳି ସୁଧାଂଶୁଙ୍କ କାର୍ଯ୍ୟକୁ ଏବେ ସବୁ ମହଲରୁ ନିନ୍ଦା କରାଯାଇଛି।

# ନିଶା ପାଇଁ ଟଙ୍କା ନଦେବାରୁ ଆକ୍ରମଣ; ପଡ଼ୋଶୀ ଗିରଫ

**ଭୁବନେଶ୍ୱର, ୯।୬(ସମିସ):** ନିଶା ସେବନ ପାଇଁ ଟଙ୍କା ନଦେବାରୁ କାଠ ଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗରେ ପଡ଼ୋଶୀକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବୋଲଗଡ଼ ଥାନା ଖଲ୍ଲିକୋଟର ମହେଶ୍ୱର ବାଘ ଓରଫ୍ ରାଜା (୪୫)। ପୁଲିସ ସୂଚନା ଅନୁଯାୟୀ, ବମିଖାଲ ଭୁଆସୁଣୀ ମନ୍ଦିର ନିକଟରେ ରହୁଥିବା ବିଜୟ କୁମାର ବାରିକ ଗତ ୪ ତାରିଖ ବିଳମ୍ବିତ ରାତିରେ ତାଙ୍କ ଘର ବାହାରେ ବସିଥିବା ବେଳେ ପଡ଼ୋଶୀ ତଥା ଅଭିଯୁକ୍ତ ରାଜା ନିଶାସକ୍ତ ଅବସ୍ଥାରେ ଆସି ନିଶା ସେବନ ଲାଗି ତାଙ୍କୁ ଟଙ୍କା ମାଗିଥିଲା। ବିଜୟ ଟଙ୍କା ଦେବା ଲାଗି ମନା କରିବାରୁ ରାଜା ପାଖରେ ପଡ଼ିଥିବା ଏକ କାଠ ଫାଳିଆରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ବିଜୟଙ୍କ ଶରୀରର ଏକାଧିକ ସ୍ଥାନରେ ଗଭୀର ଆଘାତ ଲାଗିବା ସହିତ ସେ ଗୁରୁତର ହୋଇପଡ଼ିଥିଲେ। ଅନ୍ୟ ପଡ଼ୋଶୀମାନେ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ପ୍ରଥମେ କ୍ୟାପିଟାଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଏମ୍ସ ହସ୍ପିଟାଲ ଓ ପରେ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବାପରେ ଲକ୍ଷ୍ମୀସାଗର ଥାନା ପୁଲିସ ଖଲ୍ଲିକୋଟ ଗାଁରେ ଚଢ଼ଉ କରି ରାଜାକୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛି।

# ପତ୍ନୀଙ୍କ ପୁରୁଷ ବନ୍ଧୁଙ୍କୁ ଛୁରା ମାଡ଼, ଜଣେ ଗିରଫ

**ଭୁବନେଶ୍ୱର, ୯।୬ (ସମିସ):** ପତ୍ନୀଙ୍କ ପୁରୁଷ ବନ୍ଧୁଙ୍କୁ ଛୁରା ମାଡ଼ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଳ୍ପନା ଛକରେ ରହୁଥିବା କର୍ଣ୍ଣାଟକର ଚେତନ ଶର୍ମା (୩୫)। ପୁଲିସ ସୂଚନା ଅନୁଯାୟୀ, ଚେତନ ୫ବର୍ଷ ତଳେ ବିବାହ କରିବା ପରେ ଉଭୟ ସ୍ୱାମୀ ସ୍ତ୍ରୀ ଭୁବନେଶ୍ୱର ଆସି ନୂଆପଲ୍ଲୀ ବ୍ରିଟ୍ କଲୋନୀ ବସ୍ତି ଅଞ୍ଚଳରେ ରହି ଆସୁଥିଲେ। ସମୟକ୍ରମେ ଚେତନର ପତ୍ନୀଙ୍କ ସହିତ ଅକ୍ଷୟ ଗିରିଙ୍କ ପରିଚୟ ହୋଇଥିଲା ଓ ପରେ ଏହା ବନ୍ଧୁତାରେ ପରିଣତ ହୋଇଥିଲା। ଏହାକୁ ଚେତନ ବିରୋଧ କରି ଆସୁଥିଲା। ଗତ ୮ ତାରିଖ ପୂର୍ବାହ୍ଣରେ କିଟ୍ ରୋଡ୍‌ରେ ଥିବା ଫାଲକନ୍ ରେସିଡେନ୍ସି ସମ୍ମୁଖରେ ଅକ୍ଷୟ ତାଙ୍କ ପତ୍ନୀଙ୍କ ସହିତ କଥା ହେଉଥିବା ଦେଖି ଚେତନ ତାଙ୍କୁ ଗାଳିଗୁଲଜ କରିଥିଲା।

SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
Ph.: 9437015112

# ବିପୁଳ ପରିମାଣର ଗଞ୍ଜେଇ ଜବତ, ୪ ଗିରଫ





**ମୋହନା, ୯।୬(ସମିସ)**

ଗଜପତି ଜିଲ୍ଲା ମୋହନା ଓ ଆର.ଉଦୟଗିରି ଥାନା ଅଞ୍ଚଳରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି ପୁଲିସ। ଉଭୟ ଥାନା ଅଞ୍ଚଳରୁ ୧୦ କୁଇଣ୍ଟାଲ ୩୩ କିଲୋ ଗଞ୍ଜେଇ ଜବତ ହୋଇଥିବା ବେଳେ ଗୋଟିଏ କଣ୍ଟେନର ଓ ଗୋଟିଏ କାର ସହ ୪ ଜଣଙ୍କୁ ଗିରଫ କରାଯାଇଛି। ମୋହନା ଥାନା କମଳାପୁର ଛକରୁ ଏକ କଣ୍ଟେନରରୁ ୭ କୁଇଣ୍ଟାଲ ୫୮ କିଲୋ ଗଞ୍ଜେଇ ଜବତ ହୋଇଛି। ଏହି ଗଞ୍ଜେଇ ବିରିକୋଟି ଅଞ୍ଚଳରୁ ବିହାର ଚାଲାଣ ହେଉଥିଲା। ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଉତ୍ତରପ୍ରଦେଶ ବୋରେଲି ଅଞ୍ଚଳର ମହମ୍ମଦ ଅଲ୍ଲୀ ଓ ତସଲିମ ଖାନକୁ ଗିରଫ କରାଯାଇଛି। ସେହିପରି ଆର.ଉଦୟଗିରି ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଏକ କାର ସହ ୨୭୫ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ମିନୁ ବର୍ଦ୍ଧନ ଓ ସିଦ୍ଧାନ୍ତ କରାଡ଼କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଦେଢ଼ କୋଟି ଟଙ୍କା ହେବ ବୋଲି ଗଜପତି ଏସପି ସ୍ୱାତୀ ଏସ କୁମାର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# କାର୍ ସହ ଗଞ୍ଜେଇ ଜବତ, ୨ ଗିରଫ

**ଫିରିଙ୍ଗିଆ, ୯।୬(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପୁଲିସ ଏକ କାରରେ୧୫ କିଲୋ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜବତ କରିଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସର ସୂଚନା ଅନୁସାରେ ଫିରିଙ୍ଗିଆ ଥାନା ଏସଆଇ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ଏସଆଇ ଦୀପକ କୁମାର ରାଉତଙ୍କ ସହ ଏକ ଟିମ ଫୁଲବାଣୀ ବାଲିଗୁଡା ରାସ୍ତାର ଟେଲାପାଲି ଛକ ନିକଟରେ ଗାଡି ଯାଞ୍ଚ କରୁଥିବା ସମୟରେ ଫିରିଙ୍ଗିଆ ଠାରୁ ଫୁଲବାଣୀ ପଟକୁ ଯାଉଥିବା କାରକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଉକ୍ତ କାରର ଡ଼ିକିରେ ଏକ ବସ୍ତାରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜାଣିବାକୁ ପାଇଥିଲେ। ପରେ କାର ସହ ଜବତ ଗଞ୍ଜେଇ ଜବତ କରାଯାଇଥିଲା। ଅଭିଯୁକ୍ତ ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରାଉଚୁରା କରାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତି ପେଷାଦାର ଗଞ୍ଜେଇ ମାଫିଆ ଓ ସେମାନେ ଫିରିଙ୍ଗିଆ ଅଞ୍ଚଳରୁ ରୀତିମତ ଭାବରେ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡ଼ିଥିଲା। ଗିରଫ ଅଭିଯୁକ୍ତ ହେଲେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡାଝୋଲା ଗାଁର ସୁନୀଲ ପାଣିଗ୍ରାହୀ ଓ ବବଲୁ ବରାଡ଼। ଶନିବାର ଏସମ୍ପର୍କରେ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ସୂଚନା ଦେଇଛନ୍ତି। ଗିରଫ ବ୍ୟକ୍ତି ଫିରିଙ୍ଗିଆ ଅଞ୍ଚଳର କେଉଁଠାରୁ ଗଞ୍ଜେଇ ନେଉଥିଲେ, କିଏ ତାକୁ ଏହି ଗଞ୍ଜେଇ ଯୋଗାଉଥିଲା ତାହାର ମଧ୍ୟ ପୋଲିସ ସନ୍ଧାନ ପାଇ ସାରିଥିବା ବେଳେ ଖୁବ ଶୀଘ୍ର ସେମାନଙ୍କୁ ଧରାଯିବ ବୋଲିଥାନା ଅଧିକାରୀ ସୂଚନା ଦେଇଛନ୍ତି।



# ପାରଳା ସହରର ବିଭିନ୍ନ ସ୍ଥାନରେ ଠାକୁରାଣୀ ଯାତ୍ରା ଆରମ୍ଭ

**ପାରଳାଖେମୁଣ୍ଡି, ୯ ।୬ (ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ବିଭିନ୍ନ ସ୍ଥାନରେ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଛି। ରେଖନା ସାହି, ଭୋଇ ସାହି ଓ ବାଟଗୌଡ ସାହି ଆଦିରେ ଠାକୁରାଣୀ ଯାତ୍ରା ହେଉଛି। ପ୍ରଥମେ ଗ୍ରାମଦେବୀ ତଥା ନୀଳାମ୍ବା ଠାକୁରାଣୀଙ୍କୁ ଆମନ୍ତ୍ରିତ କରାଯାଇଥିଲା। ଏଥି ଲାଗି ମହିଳାକଳସ ଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ପରେ ଅସ୍ଥାୟୀ ମଣ୍ଡପରେ ରୀତନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମା’ଙ୍କୁ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ଅତି ଯାକଜକମର ସହ ଘଟ ଯାତ୍ରାରେ ବାହାରି ନଗର ପରିକ୍ରମା କରାଯାଇଥିଲା। ଏଥିରେ ନିଜ ନିଜ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସହରର ବିଭିନ୍ନ ସ୍ଥାନରେ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ସହର ଚଳଚଞ୍ଚଳ ହୋଇପଡ଼ିଛି। ଠାକୁରାଣୀ ଯାତ୍ରା ସମସ୍ତ ସ୍ଥାନରେ ତିନି ଦିନ ଧରି ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।



**ତାତିବେଳେ ନଳକୂପ ଅଚଳ**

# ଜଳକଷ୍ଟ ଭୋଗୁଛନ୍ତି ଅଞ୍ଚଳବାସୀ

**ରମ୍ଭା, ୯ ।୬(ସମିସ):** ରାଜ୍ୟରେ ଗତ କିଛି ଦିନ ଧରି ପାରଦ ଉପର ମୁହାଁ ହୋଇଛି। ଦିନକୁ ଦିନ ତାତି ବଢ଼ିବାରରେ ଲାଗିଛି। ମୁଣ୍ଡ ଫଟା ଖରା ସାଙ୍ଗକୁ ଅସହ୍ୟ ତାପ ପ୍ରବାହ ଜନ ଜୀବନକୁ କଲବଲ କରୁଛି। ତଥାପି ଟାଣ ଖରାକୁ ଖାତିର ନ କରି ସାଧାରଣ ଲୋକେ ଜରୁରୀ ଆବଶ୍ୟକତା ଅନୁସାରେ ବିଭିନ୍ନ ସ୍ଥାନକୁ ଯିବାଆସିବା କରିବାକୁ ପଡୁଛି। ଏପରିକି ବିଭିନ୍ନ ସ୍ଥାନରେ ପାଣି ଟାଙ୍କି ନିର୍ମାଣ କରି କିମ୍ବା ଟ୍ୟାଙ୍କର ମାଧ୍ୟମରେ ପ୍ରତ୍ୟେକ ଘରକୁ ପାଣି ସଂଯୋଗ କରାଯାଇ ପାନୀୟ ଜଳ ସମସ୍ୟା ଦୂର କରାଯିବା କଥା ପ୍ରଶାସନ କହୁଛି। ମାତ୍ର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ରମ୍ଭା ଭେଟେନାରୀ ରୋଡ଼ ବସ୍ତିରେ ଦୀର୍ଘ ଦିନ ଧରି ଏକାଧିକ ନଳକୂପ ଅଚଳ ଯୋଗୁଁ ଜନ ସାଧାରଣ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହିତ ଅନେକ କାର୍ଯ୍ୟ କରୁଥିବା ବେଳେ ଉପରୋକ୍ତ ରୋଡ଼ରେ ସତେ ଯେପରି ଏହି ବିଭାଗ ଦିଗହରା ହୋଇପଡ଼ିଛି। ଏହି ବସ୍ତିରେ ୫୦ରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳ ଲାଗି ହନ୍ତସନ୍ତ ହେଉଛନ୍ତି। ଏପରିକି ଅନେକ ନଳକୂପ ଚଟାଣ ବୃକ୍ଷ ବାନାନୀ ସାଙ୍ଗକୁ ସରୀସୃପଙ୍କ ଯାତାୟତ ହେଉଥିବା ଦେଖାଯାଉଛି। ତତସହିତ ଏନଏସିର ନାଳ କୁଢ଼ କୁଢ଼ ଅଳିଆ ପରିବେଶକୁ ବିଶୁଦ୍ଧ କରୁଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାହିବାସିନ୍ଦା ଦାବି କରିଛନ୍ତି।



# ଭୀଷ୍ମଗିରିରେ ଗୋଷ୍ଠୀ ସଂଘର୍ଷ : ୬ ଆହତ

**ଦିଗପହଣ୍ଡି, ୯ ।୬(ସମିସ):** ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ଚାଲିଥିବା ମା’ ଅର୍ଣ୍ଣପୂର୍ଣ୍ଣେଶ୍ୱରୀ ଠାକୁରାଣୀ ଯାତ୍ରାରେ ଭିଡ଼ ନିୟନ୍ତ୍ରଣକୁ କେନ୍ଦ୍ରକରି ଗ୍ରାମର ୨ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଶନିବାର ବିଳମ୍ବିତ ରାତିରେ ଗ୍ରାମର ପ୍ରେମନଗର ସାହିରେ ଭିଡ଼ ନିୟନ୍ତ୍ରଣକୁ କେନ୍ଦ୍ରକରି ସାହି କମିଟି ସଦସ୍ୟ ମାନେ ସାହି ମଧ୍ୟକୁ ବାଇକ ଛାଡି ନଥିଲେ। ସାହି ମଧ୍ୟକୁ ବାଇକ ନେବା ପାଇଁ ଏନ୍. ସେନେୟା ପାତ୍ର ଏବଂ ତାଙ୍କ ପୁତୁରା ଏନ୍. ଜିତୁ ପାତ୍ର ଗ୍ରାମର ମିଥୁନ ପାତ୍ରଙ୍କୁ ବାରଣ କରିଥିଲେ। ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ସମାଧାନ କରାଯାଇଥିଲା। ତେବେ ରାତି ପ୍ରାୟ ୧୧ଟାରେ କିଛି ବ୍ୟକ୍ତି ମିଥୁନଙ୍କ ଘରକୁ ଯାଇ ତାଙ୍କୁ ଏବଂ ପରିବାର ସଦସ୍ୟଙ୍କୁ ଗାଳି ଗୁଲଜ କରିଥିଲେ। ପରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ମିଥୁନଙ୍କ ସମ୍ପର୍କୀୟ ବି.କାଳିଆ ପାତ୍ର, ଚନ୍ଦ୍ର ପାତ୍ର, ଗଣେଶ ପାତ୍ର, ଆର. ଅନାରାଜୁ ପାତ୍ର ପ୍ରମୁଖ କାତି, ଠେଙ୍ଗା, ବାଡି ଧରି ଏନ୍. ସେନେୟା ପାତ୍ର, ଏନ୍.ଜିତୁ ପାତ୍ର ଏବଂ ଏନ୍.ଗଙ୍ଗା ପାତ୍ରଙ୍କୁ ଆକ୍ରମଣ କରିଥିଲେ। ପରେ ସେନେୟା ଏବଂ ଜିତୁ ମଧ୍ୟ ସେମାନଙ୍କୁ ପ୍ରତି ଆକ୍ରମଣ କରିଥିଲେ। ଉଭୟ ପକ୍ଷର ଆକ୍ରମଣ ପ୍ରତି ଆକ୍ରମଣରେ ୬ ଜଣ ଆହାତ ହୋଇଥିଲେ। ସେମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଏନ୍. ସେନେୟା ଏବଂ ଏନ୍. ଜିତୁଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଉଭୟ ପକ୍ଷର ଏତଲାକୁ ଭିତ୍ତି କରି ଥାନା ମାମଲା ନଂ.୨୪୪/୨୪ ଏବଂ ୨୪୫/୨୪ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ କରୁଛି।

**● ୨ ଗୁରୁତର**

**ଜାତିଆଣ ଭେଦଭାବ**

# ମନ୍ଦିର ବନ୍ଦକୁ ନେଇ ରାସ୍ତାରୋକ

**ଭଞ୍ଜନଗର, ୯ ।୬(ସମିସ):** ଜାତିଆଣ ଭେଦଭାବକୁ ନେଇ ଭଞ୍ଜନଗର ବ୍ଲକ ବାରୁଡ଼ା ପଞ୍ଚାୟତ ଗୁଜୁରାଳି ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ରବିବାର ଗ୍ରାମର ମା’ ପାଟଖଣ୍ଡା ମନ୍ଦିରରେ ତାଲା ପଡ଼ିଥିବାରୁ ଦର୍ଶନ ପାଇଁ ଯାଇଥିବା ଦଳିତ ସମାଜର ସଦସ୍ୟମାନେ ଏଥିରୁ ବଞ୍ଚିତ ହୋଇଥିଲେ। ମନ୍ଦିର ଖୋଲିବା ଦାବିକୁ ନେଇ ଅସବର୍ଣ୍ଣମାନେ ଭଞ୍ଜନଗର-ଚକାପାଦ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ଏକ ଘଣ୍ଟା ଧରି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ତହସିଲଦାର ଉମା ଶଙ୍କର ବେହେରା ଓ ଭଞ୍ଜନଗର ଥାନା ଅଧିକାରୀ କୁମାର ମୁଦୁଲି ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଏଥିସହ ମନ୍ଦିରର ତାଲା ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂଜକ ଆସି ତାଲା ଖୋଲିବା ପରେ ଅସବର୍ଣ୍ଣ ମାନେ ମନ୍ଦିର ଭିତରକୁ ଯାଇ ଦର୍ଶନ କରିଥିଲେ। ଏହାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



# ପତଞ୍ଜଳି ଚିକିତ୍ସାଳୟ ପକ୍ଷରୁ ରକ୍ତଦାନ ଶିବିର

**ବ୍ରହ୍ମପୁର, ୯ ।୬(ସମିସ):** ସ୍ଥାନୀୟ ସିଦ୍ଧାର୍ଥ ନଗର ସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ପତଞ୍ଜଳି ଚିକିତ୍ସାଳୟ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାରତୀୟ ସେନାବାହିନୀର ଯବାନ ଗୋଲକ ନେପାକ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ପାର୍ବତୀ ପ୍ରସାଦ ପାଢ଼ୀ ଯୋଗ ଦେଇ ରକ୍ତ ଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ ୪୬ଟି ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲ ରକ୍ତ ଭଣ୍ଡାରର ଡ଼ା. ରଶ୍ମି ପାଣିଗ୍ରାହୀ ଓ ହରେକୃଷ୍ଣ ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ପରିଶେଷରେ ଅନୁଷ୍ଠାନର କେ. ରବି ବାବୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧୀର ବେହେରା, ଟୁକୁନା ଦାସ, ପ୍ରେମ କୃଷ୍ଣ ଦାସ, ସଞ୍ଜୀୟ କୁମାର ଆଚାରୀ, ଶ୍ରୀକାନ୍ତ ପାଢ଼ୀ, ସୁନିଲ କୁମାର ସାହୁ, ସୀତାରାମ ପଣ୍ଡା, ଶ୍ରୀକାନ୍ତ ପଟ୍ଟନାୟକ, କେ. ସୁମନ ଆଚାରୀ, ଅରୁଣ ପଣ୍ଡା, ଦୀପକ ମହାନ୍ତି, ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ଗଜପତି ପୁଲିସରେ ଛୋଟ ଧରଣର ଅଦଳବଦଳ

**ପାରଳାଖେମୁଣ୍ଡି, ୯ ।୬(ସମିସ):** ଗଜପତି ପୁଲିସରେ ଛୋଟଧରଣର ଅଦଳବଦଳ ହୋଇଥିବା ଜଣାପଡ଼ିଛି। ଗତ ମାସରେ କାଶୀନଗର ଥାନା ଅଧିକାରୀ ଗୋବିନ୍ଦ ଗୌଡଙ୍କ ଅବସର ପରେ ଏହି ଥାନାରେ ଥାନା ଅଧିକାରୀ ପଦ ଖାଲିପଡ଼ିଥିଲା। ଏଠାକୁ ରାୟଗଡ଼ ଥାନା ଅଧିକାରୀ ସୁନୀଲ ବେହେରାଙ୍କୁ ବଦଳି କରାଯାଇଛି। ସେହିପରି ରାୟଗଡ଼ ଥାନାକୁ ଗାରବନ୍ଧ ଥାନା ଅଧିକାରିଣୀ ରିନାରାଣୀ ସାହୁଙ୍କୁ ବଦଳି ହୋଇଛି। ଗାରବନ୍ଧ ଥାନାକୁ ଜିଲ୍ଲା ମୁଖ୍ୟାଳୟରେ ଥିବା ପ୍ରଶାନ୍ତ ନିଷିକାଙ୍କୁ ଅବସ୍ଥାପିତ କରାଯାଇଥିବାର ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ଆମ୍ବୁଲାନ୍ସ ନମିଳିବାରୁ ଉତ୍ତେଜନା

**ଦିଗପହଣ୍ଡି, ୯ ।୬(ସମିସ):** ଠିକ୍ ସମୟରେ ଆମ୍ବୁଲାନ୍ସ ନଆସିବାରୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ଦିପଗହଣ୍ଡି ସହର ସାହାଣୀ ସାହିର ଲୋକମାନେ ଉତ୍ତେଜିତ ହୋଇ ହଟ୍ଟଗୋଳ ସୃଷ୍ଟି କରିଥିଲେ। ପ୍ରାୟ ଅଧଘଂଟା ଧରି ହଟ୍ଟଗୋଳ ସୃଷ୍ଟି ହେବା ପରେ ଶେଷରେ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ଦୁର୍ଘଟଣାରେ ଆହତ ଯୁବକଙ୍କୁ ବ୍ରହ୍ମପୁର ବଡ ମେଡିକାଲ୍ ସ୍ଥାନାନ୍ତର କରାଯାଇଥିଲା। ଗୁରୁତର ଯୁବକଙ୍କ ନାମ ଆକାଶ ଦାଶ(୧୮) ଓ ସେ ସାହାଣୀ ସାହିର ବୋଲି ଜଣାପଡ଼ିଛି। ଆକାଶ ରବିବାର ସକାଳେ ନିକଟସ୍ଥ ପଦ୍ମନାଭପୁର ଗ୍ରାମକୁ କୌଣସି ଏକ କାମରେ ଯାଇ ଫେରୁଥିବାବେଳେ ଦିଗପହଣ୍ଡି-ଚିକିଟି ରାସ୍ତାର ସରସ୍ୱତୀ ବିଦ୍ୟାମନ୍ଦିର ନିକଟରେ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବାରୁ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରିବା ପରେ ତୁରନ୍ତ ବ୍ରହ୍ମପୁର ବଡ ମେଡିକାଲ୍ ସ୍ଥାନାନ୍ତର କରିବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ କିଛି ସୁଫଳ ନମିଳିବାରୁ ସାହାଣୀ ସାହିର ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

**ପୁରୁଷୋତ୍ତମପୁର, ୯ ।୬(ସମିସ):** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଏନଏସି ସ୍ଥିତ ଇନଡୋର ଖେଳ ଭବନରେ ଦୁଇଦିନ ଧରି ଆୟୋଜିତ ହୋଇଥିବା ଦଶମ ଗଞ୍ଜାମ ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ଚମ୍ପିଆନସିପ୍(୨୦୨୪) ରବିବାର ଉଦଯାପିତ ହୋଇଯାଇଛି। ପୁରୁଷୋତ୍ତମପୁର ତାଏକ୍ୱୋଣ୍ଡୋ ଏକାଡେମୀ ପକ୍ଷରୁ ଶିକ୍ଷକ ଇ. ଲଳିତ କୁମାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୨୮୦ ଜଣ ଖେଳାଳୀ ଅଂଶଗ୍ରହଣ କରିଥିବା ବେଳେ ଦୁଇଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ସୁବାସ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର, ପ୍ରମୋଦ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ମାନେ ଦୁଇ ଦିନିଆ ଖେଳ ପ୍ରଦର୍ଶନ କରିଥିଲେ। ନିମନ୍ତ୍ରିତ ଅତିଥି ମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରିଥିବା ଖେଳାଳୀ ମାନଙ୍କୁ ରାଜ୍ୟସ୍ତରୀୟ ଚମ୍ପିଆନସିପରେ ଅଂଶଗ୍ରହଣ କରିବା ଲାଗି ସୁଯୋଗ ମିଳିବ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼, ଅଶୋକ କୁମାର ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଥର ପାଇଁ ଜିଲ୍ଲାର ପୁରୁଷୋତ୍ତମପୁରଠାରେ ଆୟୋଜିତ ହେଉଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସଫଳତାର ସହ ଶେଷ ହୋଇଥିବା ବେଳେ ଏଥିରେ ଅଂଶଗ୍ରହଣ କରିଥିବା ଖେଳାଳୀ ଓ ଅଭିଭାବକକ ମାନେ ସହଯୋଗ କରିଥିବାରୁ ଜିଲ୍ଲା ତାଏକ୍ୱୋଣ୍ଡୋ ସମ୍ପାଦକ ମନୋଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




# ଜନ୍ତାଳଯାତ୍ରା ପାଇଁ ଖୋଲିଲା ମା’ ବରାଳିନୀଙ୍କ ଦ୍ୱାର

**ଜି.ଉଦୟଗିରି, ୯।୬(ସମିସ)**

କନ୍ଧମାଳ ଜିଲ୍ଲା ଜି.ଉଦୟଗିରିର ଅଧିଷ୍ଠାତ୍ରୀ ଦେବୀ ମା’ ବରାଳିନୀଙ୍କ ବର୍ଷକୁ କେବଳ ୫ ଥର ଦ୍ୱାର ଖୋଲା ଯାଉଥିବା ବେଳେ ରବିବାର ଜନ୍ତାଳଯାତ୍ରା ପାଇଁ ଦ୍ୱାର ଖୋଲାଯାଇଥିଲା। ଏଥି ପାଇଁ ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ମନ୍ଦିରକୁ ସୁସଜ୍ଜିତ କରାଯାଇଥିଲା। ମନ୍ଦିରକୁ ଆଲୋକ ମାଳାରେ ସଜାଯାଇ ନୂତନ ପତକା ସ୍ଥାପନ କରାଯାଇଥିଲା। ମା ବରାଳିନୀଙ୍କ ଏହା ବହୁପୁରାତନ ପରମ୍ପରା ହୋଇଥିବା ବେଳେ ଜନ୍ତାଳଯାତ୍ରା ପାଇଁ ଦୁଇ ଦିନ ଦ୍ୱାର ଖୋଲା ରହେ। ଏହି ଦୁଇ ଦିନରେ ସ୍ତନ୍ତ୍ର ପୂଜା ହେବା ସହିତ ରୀତିନୀତି ପାଳନ କରାଯାଇଥାଏ। ଭକ୍ତମାନେ ଆଜିର ଦିନକୁ ଅପେକ୍ଷା କରି ରହିଥିବା ବେଳେ ଭକ୍ତଙ୍କ ଭିଡ ଜମିଥିଲା। ମନ୍ଦିର ଅଧିକାରୀ ଲାଲୁ ପରିଚ୍ଛାଙ୍କ ସହିତ ପ୍ରମୋଦ ନାୟକ, ଶିବ ଦେଉରୀ, ଜୟ ନାୟକ, ଦୁଖୀ ସାହୁ ଓ ରଞ୍ଜି ନାୟକଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟ ହେଉଛି। ଜନ୍ତାଳଯାତ୍ରା ବ୍ୟତିତ ଗହ୍ମା ପୂର୍ଣ୍ଣିମା, ଆଶ୍ୱିନ ଶୁକ୍ଳ ପକ୍ଷ, ପୌଷ ପୂର୍ଣ୍ଣିମା ଏବଂ ଦଣ୍ଡ ଯାତ୍ରା ପୂର୍ବରୁ ଫାଲଗୁନ ମାସରେ ମାଙ୍କ ଦ୍ୱାର ଖୋଲାଯାଇଥାଏ। ଏହି ଦିନମାନଙ୍କରେ ମାଙ୍କ ଦ୍ୱାର ଖୋଲା ଯାଉଥିବା ବେଳେ ଭକ୍ତ ମାଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିବାର ସୁଯୋଗ ପାଇଥାନ୍ତି। ବର୍ଷକୁ ଏହି ପାଞ୍ଚଥରକୁ ବାଦ ଦେଲେ ମା’ଙ୍କ ଦ୍ୱାର ସବୁବେଳେ ବନ୍ଦ ରହିଥାଏ। ଭକ୍ତମାନେ ବାହାରେ ଭୋଗରାଗ କରିଥାନ୍ତି।

**● ସମ୍ପନ୍ନ ହେଲା ସ୍ୱତନ୍ତ୍ର ରୀତିନୀତି**



# ଷୋହଳ ଖଣ୍ଡ ଅଷ୍ଟାଦଶ ରେଡ଼ି ସମାଜର ବୈଠକ



**ଆସିକା, ୯ ।୬(ସମିସ):** ରବିବାର ଆସିକା କଲେଜଛକ ସ୍ଥିତ ଧୋବାପଲି ରାସ୍ତାରେ ଥିବା ରେଡି ସମାଜ ଗୃହରେ ଅଷ୍ଟାଦଶ ରେଡି ସମାଜ ସାଧାରଣ ବୈଠକ ୍ରଅନୁଷ୍ଠିତ ହୋଇଯାଇଛି । ଚଳିତ ଥର ସହମତି ଭାବେ କମିଟି ଗଠନ କରା ଯାଇଥିଲା । ଦ୍ୱିତୀୟ ଥର ଲାଗି ପୁଣି ବି ସାରଙ୍ଗଧର ରେଡି ସଭାପତି ମନୋନୀତ ହୋଇଥିବା ବେଳେ ସେହିଭଳି ଉପସଭାପତି ଭାବେ ଏମ. ଧନୁ ରେଡି ଓ ବି. ରୁଦ୍ର ପ୍ରସାଦ ରେଡି, ସାଧାରଣ ସମ୍ପାଦକ ଆର. କୃଷ୍ଣ ମୂର୍ତ୍ତି ରେଡି, ସହ ସମ୍ପାଦକ କେ. ସନ୍ତୋଷ ରେଡି, କୋଷାଧ୍ୟକ୍ଷ ଆର. ପାଣ୍ଡବ ରେଡି, ଉପଦେଷ୍ଟା କେ. ଦଣ୍ଡପାଣି ରେଡି, କେ.ବୁଧିଆ ରେଡି ମନୋନୀତ ହୋଇଛନ୍ତି । ଉପସ୍ଥିତ ଥିବା ଷୋହଳ ଖଣ୍ଡ ଗ୍ରାମର ସଭାପତି, ସମ୍ପାଦକ ଓ ସଭ୍ୟ ମାନେ ସଭା ପୂର୍ବରୁ ନିଜ କୁଳଗଙ୍ଗା ପାଇଁ ଦୁଇମିନଟ ଶାନ୍ତି ପ୍ରାର୍ଥନା କରିଥିଲେ । ନୂତନ କମିଟି ଗଠନ ପରେ ଦ୍ୱିତୀୟ ଥର ଲାଗି ମନୋନୀତ ହୋଇଥିବାରୁ ବି. ସାରଙ୍ଗଧର ରେଡି ସମାଜର କର୍ମକର୍ତ୍ତାଙ୍କୁ କତଜ୍ଞତା ଜଣାଇଥିଲେ ।

# ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳିତ



**ଭଞ୍ଜନଗର, ୯ ।୬(ସମିସ):** ସ୍ଥାନୀୟ ସୋମନାଥ ଅଭ୍ୟାସ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶାର ପୂର୍ବତନ ମୁଖ୍ୟ ମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ନନ୍ଦିନୀ ଶତପଥୀ ସ୍ମୃତି ସଂସଦ ଦ୍ୱାରା ଆୟୋଜିତ ଉତ୍ସବରେ ସଭାପତି ପ୍ରଫେସର କୃତ୍ତିବାସ ବିଶ୍ୱାଳ ପୌରହତ୍ୟ କରିଥିଲେ । ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ବନାଞ୍ଚଳ ଅଧିକାରୀ ଅନୁପମ ବାନାର୍ଜୀ, ସମାଜସେବୀ ଶୂଳପାଣି ଶତପଥୀ, ସହଗୋଷ୍ଠୀ ଶିକ୍ଷାଧିକାରୀ ତଥା ଶିକ୍ଷକ ନେତା ଜଗବନ୍ଧୁ ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ଜେନା, ଅବସରପ୍ରାପ୍ତ ସେନାଧିକାରୀ ରଘୁନାଥ ଜେନା, ବନସାଥୀ ଅଶୋକ ସାହୁ, ସମାଜସେବୀ ନୀଳମାଧବ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରଥିଲେ । ଲୌହ ମାନବୀ ନନ୍ଦିନୀ ଶତପଥୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ଜଣେ ବିଶିଷ୍ଟ ସାହିତ୍ୟିକ ଭାବରେ ନନ୍ଦିନି ଦେବୀ ଓଡିଶା ସାହିତ୍ୟ ଏକାଡେମୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରାସ୍କାର ପାଇଥିଲେ । ତାଙ୍କର ସପ୍ତଦର୍ଶୀ ଗଳ୍ପ ସଂକଳନ ଓଡ଼ିଆ ସାହିତ୍ୟକୁ ଏକ ଅନାବଦ୍ୟ ଅବଦାନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆଲୋଚନାରେ ଛାତ୍ରଛାତ୍ରୀ ମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ନନ୍ଦିନୀ ଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ସଂସଦର ସମ୍ପାଦକ ବାବୁଲା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥଲେ ।

# ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ଭଞ୍ଜନଗର, ୯ ।୬(ସମିସ):** ଘରେ ଶୋଇଥିବା ଅବସ୍ଥାରେ ବିଷଧର ସାପ କାମୁଡାରେ ଜଣେ ଯୁବକର ମୃତ୍ୟୁ ଘଟିଛି । ତାରସିଙ୍ଗି ଥାନା ଅନ୍ତର୍ଗତ ବେରୁଆଁବାଡ଼ି ଗ୍ରାମର ସମ୍ବିତ ନାୟକ(୨୫) ଶୁକ୍ରବାର ରାତିରେ ଘରେ ଖାଇସାରି ଶୋଇଥିଲେ । ହଠାତ ଏକ ସାପ ଆସି ତାଙ୍କୁ କାମୁଡ଼ି ଦେଇଥିଲା । ତାଙ୍କର ଚିତ୍କାର ଶୁଣି ଘରଲୋକ ଆସି ଗୁରୁତର ସମ୍ବିତକୁ ଭଞ୍ଜନଗର ମେଡ଼ିକାଲରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ତାରସିଙ୍ଗି ପୁଲିସ କେସନଂ ୧୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ବିଜେଡିର ସମୀକ୍ଷା ବୈଠକ

# ଲୋକଙ୍କ ପାଖକୁ ଯିବାକୁ ପରାମର୍ଶ



**ଆସିକା, ୯ ।୬(ସମିସ):**୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ପରେ ବିଜେପି ହାତକୁ ଯାଇଛି ସାଂସଦ ଓ ବିଧାୟକ ଆସନ । ଆସିକା ବିଜୁ ଜନତା ଦଳ ଚଳିତ ସାଧାରଣ ନିର୍ବାଚନରେ ପରାଜିତ ପରେ ଆସିକା ବ୍ଲକ ଭେଟନଈ ପଞ୍ଚାୟତର କଙ୍କଣ ଦେବୀ ପୀଠରେ ବିଜେଡି ସମୀକ୍ଷା ଓ ସଂଗଠନ ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଥିବା ସମସ୍ତ ବିଜୁ ପ୍ରେମୀ ମାନଙ୍କୁ ମୋ ପରିବାର ସମ୍ବୋଧାନ କରି ଉପସ୍ଥିତ ଥିବା ସମସ୍ତ ବିଜେଡି କର୍ମୀ ମାନଙ୍କୁ କୃତଜ୍ଞତା ଜଣାଇଥିଲେ ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ । ଆସିକା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ସଂଗଠନକୁ ମଜବୁତ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ମାନଙ୍କୁ ଲୋକଙ୍କ ପାଖକୁ ଯାଇ ଦୁଃଖ ସୁଖ ବୁଝିବା ସହ ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ ଦିଗ ଦର୍ଶନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ଜିଲ୍ଲା ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ଗଞ୍ଜାମ ଜୋନ ସଭାପତି ନଚିକେତା ସ୍ୱାଇଁ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ହରେ କୃଷ୍ଣ ମଲିକ, ଭଗବାନ ସାହୁ, କେନ୍ଦୁ ପଦର ସରପଞ୍ଚ ଟୁଟୁ ମଲିକ, ଶିବ ନାହାକ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ବଳରାମ ପ୍ରଧାନ, ସଂଗୀତା ସ୍ୱାଇଁ, ତନ୍ମୟୀ ନାହାକ, ଅଜିତ ଚୌଧୁରି, ସନ୍ତୋଷ ବେହେରା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଦ୍ୟନ୍ତ ଚର୍ଚି, ଅନିଲ ନାୟକ, ଅଶ୍ୱିନୀ ସ୍ୱାଇଁ, ସୁରଥ ପ୍ରଧାନ, ମଙ୍ଗୁଳୁଧର ସାହୁ, ସନ୍ତୋଷ ପୋଲାଇ, ସନ୍ତୋଷ ନାୟକ, ଜୟସେନ ସ୍ୱାଇଁ, ପ୍ରତାପ ପ୍ରଧାନ ଓ ଯୁବ ଛାତ୍ରଙ୍କ ସମେତ ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ୩୦ରୁ ଉଦ୍ଧ୍ୱର୍ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଓ ବିଜେଡି କର୍ମୀ ମାନେ ଯୋଗଦେଇଥିଲେ ।

# ବିଦାୟ ନେଲେ ମା' ବ୍ରାହ୍ମଣ ଦେବୀ



**ଭଞ୍ଜନଗର, ୯ ।୬(ସମିସ):** ସରିଲା ମା'ବ୍ରାହ୍ମଣ ଦେବୀଙ୍କ ୨୧ଦିନର ଯାତ୍ରା । ସିଂହବାହିନୀ ବେଶରେ ମା' ଭକ୍ତଙ୍କୁ ଦର୍ଶନ ଦେଇ ବିଳମ୍ବିତ ରାତ୍ରରେ ଫେରି ଯାଇଛନ୍ତି ନିଜ ମନ୍ଦିରକୁ । ଭଞ୍ଜନଗର ଭେଜିପୁଟରେ ଗତ ମାସ ୧୭ ତାରିଖରୁ ଆରମ୍ଭ ହୋଇଥିବା ବ୍ରାହ୍ମଣଦେବୀ ଠାକୁରାଣୀ ଯାତ୍ରାରେ ଶନିବାର ମା'ଙ୍କ ସନ୍ଧ୍ୟା ଆଳତି ପରେ ବିରାଟ ପଟୁଆରରେ ଘଣ୍ଟ, ଘଣ୍ଟା, ଢୋଲ ସହ ଗମ୍ଭୀରାରୁ ବାହାରି ମେନ ରୋଡ ହୋଇ ହାର୍ଟନଗର ଏବଂ ସେଠାରୁ ଷ୍ଟେଟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ଫେରିଥିଲେ । ରବିବାର ପ୍ରହଲ୍ଲାଦ ନାଟକ ଓ ଦ୍ୱାରୀ ନାଚ ପରିବେଷଣ କରାଯାଇଛି । ଏହି ଯାତ୍ରା ସକାଶେ ସମଗ୍ର ଭେଜିପୁଟ ଗ୍ରାମ ଉତ୍ସବ ମୁଖରହୋଇଉଠିଛି । ଏଥିରେଯାତ୍ରା କମିଟିର ସଭାପତି ବିଶ୍ୱନାଥ ସ୍ୱାଇଁ, ଉପସଭାପତି ପ୍ରମୋଦ କୁମାର ବିଷୋୟୀ, ସମ୍ପାଦକ ଚିଦାନନ୍ଦ ସ୍ୱାଇଁଙ୍କ ସମେତ ଅନ୍ୟ ସଦସ୍ୟ ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

# ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି



**ଧରାକୋଟ, ୯ ।୬(ସମିସ):** ଧରାକୋଟ ଠାରେ ପାରମ୍ପରିକ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାକୁ ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବେଶ ଯାକ ଜକମ ସହ ପ୍ରଚଳିତ ରୀତି ନୀତି ଅନୁଯାୟୀ ପାଳନ କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆସନ୍ତା ୧୦ ତାରିଖ ଦିନ ଶିବ ଓ ମା' ପାର୍ବତୀଙ୍କ ମଧ୍ୟରେ ବିବାହ ପରେ ୧୧ ତାରିଖ ଦିନ ନଗର ପରିକ୍ରମା ଓ ୧୨ ତାରିଖ ଦିନ ନିକଟସ୍ଥ ହାଡ଼ିଚିରା ଗ୍ରାମର ପୌରାଣିକ ନାଟକ ରାମାୟଣ ମଞ୍ଚସ୍ଥ କରାଯିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସ୍ଥାନୀୟ ରଥ ପଦା ଠାରେ ପ୍ରଭୁଙ୍କର ଅସ୍ଥାୟୀ ମଣ୍ଡପ ନିର୍ମାଣ କରାଯାଇ ପ୍ରଭୁ ଚନ୍ଦ୍ରଶେଖର, ସ୍ୱପ୍ନେଶ୍ୱର ଓ ମା'ପାର୍ବତୀଙ୍କୁ ବିରାଜମାନ କରାଯିବ । ଏଥିପାଇଁ ପୁରୋହିତଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ବୈଠକରେ ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ ସଭାପତିତ୍ୱ କରିଥିଲାବେଳେ ସ୍ଥାନୀୟ ସରପଞ୍ଚ ପୁନିଆ ଦାସ, ଶ୍ୟାମ ସୁନ୍ଦର ତ୍ରିପାଠୀ, ସୁନିଲ ଚନ୍ଦ୍ର ସ୍ୱାଇଁ, ଟୁନା ଆଚାର୍ଯ୍ୟ, ଗଣେଷ ପାତ୍ର, ବାପୁନି ସ୍ୱାଇଁ, ଦିଲୀପ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।

## ଅନନ୍ୟାଙ୍କର ହାତରେ ଅଛି ଯାଦୁ

# ଚିତ୍ରକଳା ଦେଇଛି ସ୍ୱତନ୍ତ୍ର ପରିଚୟ

**ଭଞ୍ଜନଗର, ୯ ।୬(ସମିସ):** ମନୁଷ୍ୟ କିଛି ନିଆରା କାର୍ଯ୍ୟକଳାପ ଯୋଗୁଁ ସମାଜରେ ପ୍ରଶଂସିତ ହେବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରେ । ସେଥି ମଧ୍ୟରେ ଶିକ୍ଷା, ନୃତ୍ୟ, ସଙ୍ଗୀତ, କ୍ରୀଡା, ଚିତ୍ରକଳା, ଅଭିନୟ, ସମାଜସେବା ଭଳି ବିଭିନ୍ନ କ୍ଷେତ୍ରରେ ବହୁଲୋକ ସଫଳତା ହାସଲ କରି ଦେଶ ବିଦେଶରେ ନିଜକୁ ପରିଚିତ କରି ପାରିଛନ୍ତି । ସେଥିମଧ୍ୟରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଲଣ୍ଡେଇ ସାହିର ଅନନ୍ୟା ଦାଶ ଅନ୍ୟତମ । ସ୍ୱଷ୍ଟ ଭାବରେ କଥା କହି ପାରୁ ନ ଥିବା ଅନନ୍ୟାଙ୍କର ପିଲାଟି ଦିନରୁ ଚିତ୍ର ଆଙ୍କିବା ପ୍ରତି ଆଗ୍ରହ ରହିଥିଲା । ସ୍କୁଲ ସମୟରେ ପେନସିଲରେ ବିଭିନ୍ନ ସୁନ୍ଦର ସୁନ୍ଦର ଚିତ୍ର ଅଙ୍କନ କରି ସବୁଠି ପ୍ରଶଂସିତ ହୋଇଥିଲେ । ବାପା ସଚ୍ଚିଦାନନ୍ଦ ଦାଶ ଓ ମା' ବସୁମତୀ ଦାଶ ଝିଅର ଏଭଳି ପ୍ରତିଭାର ବିକାଶ ପାଇଁ ତାଙ୍କୁ ସୁଯୋଗ ଦେଇଛନ୍ତି । ବର୍ତ୍ତମାନ ଅନନ୍ୟା ବ୍ରହ୍ମପୁର ସ୍ଥିତ ଆମ୍ବପୁଆ ଏକ୍ସ-ଜେନ କଲେଜ ଅଫ ଭିଜୁଆଲ ଆର୍ଟ ଶିକ୍ଷାନୁଷ୍ଠାନରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ରୀ ଭାବେ ଆର୍ଟ ଓ କ୍ରାଫ୍ଟ ଉପରେ ଶିକ୍ଷା ଗ୍ରହଣ କରୁଛନ୍ତି । ସେ ଷ୍ଟ୍ର ଆର୍ଟ, ଫାଇନ ଆର୍ଟ, ମଡର୍ଣ୍ଣ ଆର୍ଟ ଆଙ୍କିବାରେ ସିଦ୍ଧହସ୍ତ । ଏଥିସହ ବିଭିନ୍ନ ପ୍ରକାର ଫୁଲ, ଦେବାଦେବୀ,



ମହାପୁରୁଷ, ସିନେରୀ ଆଦି ରଙ୍ଗ ତୁଳୀ ସାହାଯ୍ୟରେ ଜୀବନ୍ତ ଭଳି ଆଙ୍କି ପାରନ୍ତି । ଏଥିପାଇଁ ସେ ଭଞ୍ଜନଗର ବ୍ଲକ ସମେତ ଛତ୍ରପୁର ଓ ଅନେକ ସ୍ଥାନରେ ପୁରସ୍କୃତ ମଧ୍ୟ ହୋଇଛନ୍ତି । ଜଣେ ଚିତ୍ରଶିଳ୍ପୀ ଭାବେ ଅନନ୍ୟା ଆଜି ନିଜକୁ ପରିଚିତ କରିପାରିଛନ୍ତି ।



## ମା'ରାମାୟଣାମ୍ମାଙ୍କ ଯାତ୍ରା

# ଭାସ୍କର ରାଓ ପେଟା ସାହିରେ ମା'ଙ୍କ ଘଟ ପରିକ୍ରମା

**ଛତ୍ରପୁର, ୯ ।୬(ସମିସ):** ଛତ୍ରପୁରର ଆରାଧ୍ୟ ଦେବୀ ମା' ରାମାୟଣାମ୍ମା ଠାକୁରାଣୀଙ୍କ ଯାତ୍ରା ରବିବାର ୧୪ ଦିନରେ ପହଞ୍ଚିଛି । ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ସମ୍ମୁଖରେ ଥିବା ମା'ଙ୍କ ଅସ୍ଥାୟୀ ମନ୍ଦିରରେ ପୂର୍ବାହ୍ନରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ଦହି ଭାତ ଭୋଗ କରାଯାଇଥିଲା । ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଓ ଆଳତୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହା ପରେ ମା' ଅସ୍ଥାୟୀ ମଣ୍ଡପରୁ ବାହାରି ଏକ ବିରାଟ ପଟୁଆରରେ ଭାସ୍କରପେଟା ସାହି, କାରିଣୀ ସାହି ପରିକ୍ରମା କରି ଶିକ୍ଷାବିତ ସୁଧୀର ସାହୁଙ୍କ ବାସଭବନ ନିକଟରେ ଭୋଗ ଗ୍ରହଣ କରିଛନ୍ତି । ଏହି ଯାତ୍ରା ଦେଖିବା ନିମନ୍ତେ ପ୍ରବଳ ଜନ ସମାଗମ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଯାତ୍ରା କମିଟିର ମ୍ୟାନେଜର ସିଏଚ. ଦୟାନନ୍ଦ ରେଡ୍ଡୀ ଓ ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ମା'ଙ୍କ ଯାତ୍ରା ଲାଗି ଛତ୍ରପୁର ସହର ଉତ୍ସବମୁଖର ହୋଇପଡିଛି ।

## ସୀମାନ୍ତ ସାମ୍ବାଦିକ ସଂଘର କର୍ମକର୍ତ୍ତା ଗଠନ

# ରାଜଗୋପାଳ ସଭାପତି, ମାଧବ ସମ୍ପାଦକ



**ପାତ୍ରପୁର, ୯ ।୬(ସମିସ):** ପାତ୍ରପୁର ବ୍ଲକ ତୁରୁବୁଡି ପଞ୍ଚାୟତ ନୂଆଗଡ଼ ସ୍ଥିତ ବାଘଲଟି ଡାକ ବଙ୍ଗଳାରେ ରବିବାର ପାତ୍ରପୁର ବ୍ଲକ ସୀମାନ୍ତ ସାମ୍ବାଦିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘ ସଭାପତି ରବୀନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛ । ବୈଠକରେ ସଂଘର ବହୁବିଧ କାର୍ଯ୍ୟକ୍ରମ ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା । ସଂଘ ସମ୍ପାଦକ ନୀଳାଞ୍ଚଳ ପଟ୍ଟନାୟକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ସାମ୍ବାଦିକ ଭବନ ନିର୍ମାଣ କରିବା ନେଇ ସଂଘର ସମସ୍ତ ସଭ୍ୟ ମତ ଦେଇଥିଲେ । ଏହି ଅବସରରେ ସଂଘର ନୂତନ କର୍ମକାର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତି କ୍ରମେ ସଂଘର ନୂତନ ସଭାପତି ଭାବେ ରାଜଗୋପାଳ ପାଢ଼ୀ, ଉପସଭାପତି ଭାବେ ସୁରେଶ କୁମାର ପଟ୍ଟନାୟକ, ସମ୍ପାଦକ ମାଧବ ବାଡ଼ତ୍ୟା, କୋଷାଧ୍ୟକ୍ଷ ଭାବେ ଉମା ଚରଣ ନେପାକ, ସହ-ସମ୍ପାଦକ ଭାବେ ଆଲୁ ଜୟପ୍ରକାଶ ପ୍ରମୁଖ ଚୟନ ହୋଇଥିଲେ । ସଂଘର ଉପଦେଷ୍ଟା ଭାବେ ଦୁଇ ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର କୁମାର ମିଶ୍ର ଓ ନୀଳାଞ୍ଚଳ ପଟ୍ଟନାୟକ ଚୟନ ହୋଇଥିଲେ । ସଂଘର ନୂତନ କର୍ମକାର୍ତ୍ତାଙ୍କୁ ଏହି ଅବସରରେ ସମସ୍ତେ ଅଭିନନ୍ଦନ ଜଣାଇଥିଲେ । ସନ୍ତୋଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜେଶ ସେଠୀ, ବଦ୍ରୀ ନାରାୟଣ ରଣା, ଗୌରାଙ୍ଗ ପ୍ରଧାନ, ଅଞ୍ଚଳେଶ୍ୱର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ରକ୍ତଦାନ ଶିବିର ଲାଗି ପ୍ରେସ୍ କ୍ଲବ୍‌ର ପ୍ରସ୍ତୁତି



**ଛତ୍ରପୁର, ୯ ।୬(ସମିସ):** ଆସନ୍ତା ଜୁନ ମାସ ୨୩ ତାରିଖରେ ଛତ୍ରପୁର ପ୍ରେସ କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ଏହି ଶିବିରକୁ ସଫଳ କରିବା ପାଇଁ ରବିବାର ଛତ୍ରପୁର ପ୍ରେସ କ୍ଲବ ପରିସରରେ ଏକ ପ୍ରସ୍ତୁତି ବୈଠକ ଛତ୍ରପୁର ପ୍ରେସ କ୍ଲବ ସଭାପତି ରବୀନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ପ୍ରେସ କ୍ଲବର ସମ୍ପାଦକ ସରୋଜ କୁମାର ସାମଲ, ଉପସଭାପତି ସନ୍ତୋଷ କୁମାର ମିଶ୍ର, କୋଷାଧ୍ୟକ୍ଷ କେ. ସତ୍ୟ ନାରାୟଣ ରେଡ୍ଡୀ, ଉପଦେଷ୍ଟା ରବୀନ୍ଦ୍ର କୁମାର ପଣ୍ଡା, କ୍ଷୀରୋଦ ଚନ୍ଦ୍ର ସାହୁ ଓ ପ୍ରଶାନ୍ତ କୁମାର ମହାରଣା, ସନ୍ତୋଷ କୁମାର ପାଢ଼ୀ, ସୁଧୀର ନାହାକ, ବିସ୍ମୟ ପ୍ରଧାନ, ଅଜିତ ସ୍ୱାଇଁ, ରବୀନ୍ଦ୍ର ନାହାକ, ପ୍ରଦୀପ କୁମାର ସାହୁ, ସନ୍ତୋଷ ସାହୁ, ଗୌର ପ୍ରସାଦ ମହାପାତ୍ର, ସନ୍ତୋଷ କୁମାର ସାହୁ, ଭଗବାନ ରାଉଳ ଓ କିଶୋର ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

## ଶତାୟୁ ସମାଜସେବୀଙ୍କ ପରଲୋକ

**ଜଗନ୍ନାଥପ୍ରସାଦ, ୯।୬(ସମିସ):** ଜଗନ୍ନାଥପ୍ରସାଦ ଲକ୍ଷ୍ମୀବଜାରର ପୂର୍ବତନ ବ୍ୟବସାୟୀ ଯୁଧିଷ୍ଠିର ସାହୁଙ୍କ ୧୦୭ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଏକାଧାରରେ ଜଣେ ଧର୍ମପରାୟଣ, ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ଗ୍ରାମରେ ପରିଚିତ ଥିଲେ। ତାଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ନିଜ ଗ୍ରାମ ଜିରାବାଡ଼ି ଗୋପୀନାଥସ୍ୱାମୀ ମନ୍ଦିରର ଟ୍ରଷ୍ଟି ଭାବେ ୧୦ ବର୍ଷ କାର୍ଯ୍ୟ ତୁଲାଇଥିଲେ। ନିଜ ଗ୍ରାମ ଜିରାବଡ଼ି ଛାଡି ଜଗନ୍ନାଥପ୍ରସାଦ ବଜାରରେ ପ୍ରଥମ ହୋଟେଲ ବ୍ୟବସାୟ ଆରମ୍ଭ କରିଥିଲେ। ତିନି ପୁଅଙ୍କ ମଧ୍ୟରୁ ସାନପୁଅ ପୂର୍ଣ୍ଣଚନ୍ଦ୍ର ସାହୁ ଓ ସାନବୋହୂ ଗୌରୀ ସାହୁଙ୍କ ପାଖରେ ରହିଥିଲେ। ତାଙ୍କ ପରଲୋକ ଖବରପାଇ ଲକ୍ଷ୍ମୀବଜାର ସଭାପତି ବିନୋଦ ବିହାରୀ ପ୍ରଧାନଙ୍କ ସମେତ ବଣିକ ସଙ୍ଘର ସଦସ୍ୟ ଓ ମାରଞ୍ଜେଇ ବଣିକ ସଙ୍ଘ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ପୂର୍ଣ୍ଣଚନ୍ଦ୍ର, ବୋହୂ ଗୌରୀ, ନାତି ଶଙ୍କର, ମିଟୁ, ଜିତୁ, ନାତୁଣୀ ସନ୍ତୋଷୀ, ଶିବାନୀ, ରୁପା, ରୀନା, ଝିଲି, ପିଙ୍କିନା, ଲିଲି, ଲିମା, ଲକି ପ୍ରମୁଖ ଉପସ୍ଥିତ ଥିଲେ। ପରେ ତାଙ୍କ ମରଶରୀରକୁ ବଜାର ପରିକ୍ରମା କରି ବୋଡ଼ନଦୀ ନଦୀକୂଳ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ପୂର୍ଣ୍ଣଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ସ୍ମୃତିରେ ରବିବାର ଦିନ ତମାମ ଲକ୍ଷ୍ମୀ ବଜାର ବନ୍ଦ ରହିଥିଲା।



## ୨ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୯।୬(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡାରେ ଜିଲ୍ଲାରେ ଜଣେ ମହିଳା ଓ ଜଣେ ପୁରୁଷ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଛତିଶଗଡ଼ରେ ସରକାରଙ୍କ ପକ୍ଷରୁ ଜାରି ରହିଥିବା ଲୋନ ଭାରାଟୁ ଅଭିଯାନ ତଥା ଘରକୁ ଫେର ଅଭିଯାନ ମାଧ୍ୟମରେ ମାଓଗଡ଼ରୁ ଶତାଧିକ ମାଓବାଦୀ ସଂଗଠନ ଛାଡ଼ି ଆତ୍ମସମର୍ପଣ କରିଛନ୍ତି। ତେବେ ଏହାରି ମାଧ୍ୟମରେ ରବିବାର ପୁଣି ୨ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣକାରୀ ସାଧାରଣ ଜୀବନଯାପନ କରିବା ପାଇଁ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ଏହି ଦୁଇ ଆତ୍ମସମର୍ପଣକାରୀ ମାଓବାଦୀ ହେଲେ ଗଙ୍ଗାଲୁର ମାଓ ଏରିଆ କମିଟିର ସକ୍ରିୟ ସଦସ୍ୟ ଭୀମା ମାଡଭି ଓ ତିମେନାର ମାଓ କମିଟିର ସକ୍ରିୟ ସଦସ୍ୟ ଲକ୍ଷ୍ମୀ କୁରାମି।

### ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର

# ମିଟିଂ ହଲ୍ ନିର୍ମାଣ ପାଇଁ କଟାଯାଉଛି ୭୦ରୁ ଊର୍ଦ୍ଧ୍ୱ ବୃକ୍ଷ

- ବନ ବିଭାଗ ଦେଇଛି ଅନୁମତି
- ରୋପଣ କରୁଥିଲେ କାହିଁକି, କାଟୁଛନ୍ତି କାହିଁକି

**ରାୟଗଡ଼ା, ୯।୬(ସମିସ):** ବର୍ଷକୁ ବର୍ଷ ଯେପରି ଭାବେ ଗ୍ରୀଷ୍ମ ପ୍ରବାହ ଧୀରେ ଧୀରେ ବୃଦ୍ଧି ପାଇବାକୁ ଲାଗୁଛି ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ଅଧିକ ସଂଖ୍ୟାରେ ବୃକ୍ଷରୋପଣ କରିବା ଏବଂ ତାହାର ଯତ୍ନ ନେଇ କୃତ୍ରିମ ଜଙ୍ଗଲ ସୃଷ୍ଟି କରି ପରିବେଶ ସନ୍ତୁଳନ ରଖିବା ସହ ଏକ ଇକୋ ଫ୍ରେଣ୍ଡଲି ପରିବେଶ ସୃଷ୍ଟି କରିବା ପାଇଁ ଜନସଚେତନତା ସୃଷ୍ଟି କରି ଆସୁଛି। ବୃକ୍ଷରୋପଣ କରି ଯତ୍ନ ନେଉଥିବା ବ୍ୟକ୍ତି, ସଂଗଠନ, ଅନୁଷ୍ଠାନକୁ କେତେବେଳେ ପ୍ରକୃତିପ୍ରେମୀ, ପ୍ରକୃତି ବନ୍ଧୁ ଭଳି ଅନେକ ସମ୍ମାନରେ ସମ୍ମାନିତ କରୁଛି ବନ ବିଭାଗ। ତେବେ ସରକାରୀ କୋଠା ନିର୍ମାଣ ନାମରେ ସରକାରୀ କାର୍ଯ୍ୟାଳୟ ପରିସରରେ ଲଗାଯାଇଥିବା ମୂଲ୍ୟବାନ୍ ଫଳନ୍ତି ଔଷଧୀୟ ବୃକ୍ଷ ସମେତ ଛାଇ ପ୍ରଦାନ କରୁଥିବା ଅନ୍ୟାନ୍ୟ ବୃକ୍ଷଗୁଡ଼ିକୁ କାଟି ସଫା କରିଦେବାକୁ ନେଇ ଏବେ ରାୟଗଡ଼ାରେ ଜନ ଅସନ୍ତୋଷ ପ୍ରତିକ୍ରିୟା ପ୍ରକାଶ ପାଇଛି। ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉଠିଥିବା ଅଁଳା ଭଳି ଔଷଧୀୟ ବୃକ୍ଷ ସମେତ ଅନ୍ୟାନ୍ୟ ୭୦ରୁ ଊର୍ଦ୍ଧ୍ୱ ବୃକ୍ଷକୁ କାଟି ଦିଆଯାଇ ଉକ୍ତ ସ୍ଥାନରେ ଏକ ମିଟିଂ ହଲ ସମେତ ବରିଷ୍ଠ ଅଧିକାରୀମାନଙ୍କ ପାଇଁ କାର୍ଯ୍ୟାଳୟ ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି। ଯାହାକି ରାୟଗଡ଼ା ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯିବ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରବିବାର ପୂର୍ବାହ୍ଣରେ ଗଛକଟା ମେସିନ୍ ସାହାଯ୍ୟରେ ଗଛଗୁଡ଼ିକ କଟାଯାଉଥିବାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ଏହାର କାରଣ ପଚାରିଥିଲେ। ତେବେ ଗଛ କାଟୁଥିବା ବ୍ୟକ୍ତି ଜଣକ ଠିକାଦାର ବାବୁଙ୍କ ଆଦେଶରେ ଗଛ କାଟୁଥିବା ନେଇ ପ୍ରକାଶ କରିଥିବାବେଳେ ପରେ ଏହା ପୂର୍ତ୍ତ ବିଭାଗ ଦ୍ୱାରା କଟାଯାଉଥିବା ନେଇ ଜଣାପଡ଼ିଥିଲା। ବିଭାଗ କର୍ତ୍ତୃପକ୍ଷଙ୍କୁ ଏ ନେଇ ପଚାରିବାରୁ ପୂର୍ବରୁ ଉକ୍ତ ସ୍ଥାନରେ ପ୍ରାୟ ୭୦ରୁ ୭୫ ଫୁଟ ଓସାର ଏବଂ ୧୩୦ରୁ ୧୪୦ ଫୁଟ୍ ଲମ୍ବା ଆକାରରେ ଏକ ସରକାରୀ କୋଠା ନିର୍ମାଣ କରାଯିବାକୁ ଟେଣ୍ଡର ହୋଇସାରିଥିଲା। ଏହି କୋଠାରେ ଏକ ମିଟିଂ ହଲ୍ ସମେତ ଅନ୍ୟାନ୍ୟ କକ୍ଷ ନିର୍ମାଣ ହେବାକୁ ଥିବାବେଳେ ବିଶେଷ କରି ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପଥକୁ ସୁଗମ କରିବାକୁ ଏହି କୋଠା ନିର୍ମାଣ କରାଯିବାର ସୁବ୍ୟବସ୍ଥା କରାଯାଉଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ପ୍ରକାଶ ଥାଉ କି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରଥମ ମହଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରହିଥିବାରୁ ଅନେକ ସମୟରେ ଚାଲିପାରୁ ନ ଥିବା ଦିବ୍ୟାଙ୍ଗ ଭାଇଭଉଣୀମାନେ ଅଧିକାରୀଙ୍କୁ ଭେଟିପାରୁ ନ ଥିବାରୁ ତାଙ୍କର ପଥକୁ ସୁଗମ କରିବାକୁ ନୂତନ ଭାବେ ନିର୍ମାଣ ହେବାକୁ ଥିବା କୋଠା ପାଇଁ ଏହି ପ୍ରସ୍ତାବ ମଞ୍ଜୁରୀ ହୋଇଥିବା ଜଣାପଡ଼ିଛି। ଅପରପକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗଛ କାଟିବା ପାଇଁ ରାୟଗଡ଼ା ବନଖଣ୍ଡ ଅଧିକାରୀ ଅନୁମତି ପତ୍ର ପ୍ରଦାନ କରିଥିବା ନେଇ ପୂର୍ତ୍ତ ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରିଛନ୍ତି। ସେହିପରି ରାୟଗଡ଼ାରେ ଅନେକ ସରକାରୀ ଜମି ଥିବାବେଳେ ସେଠାରେ ସରକାରୀ କାର୍ଯ୍ୟାଳୟ ନିର୍ମାଣ କରା ନ ଯାଇ କାହିଁକି ଫଳ ଓ ଛାଇ ପ୍ରଦାନ କରୁଥିବା ମୂଲ୍ୟବାନ ବୃକ୍ଷ କାଟି ଦିଆଯାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏହି ଗଛ କଟାଯିବା ପ୍ରସଙ୍ଗରେ ଜିଲ୍ଲାପାଳଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।







## ମରାମତି ହେଲା ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଥିବା ବିଦ୍ୟୁତ୍ ଖୁଣ୍ଟ

**ମାଲକାନଗିରି, ୯।୬(ସମିସ):**

'ସକାଳ' ପ୍ରଭାବ



ମାଲକାନଗିରି ଜିଲ୍ଲା ସଦରରେ ତଥା ୩୨୬ ନମ୍ବର ଜାତୀୟ ରାଜପଥକୁ ଲାଗି ରହିଥିବା ନବନିର୍ମିତ ଇନଡୋର ଷ୍ଟାଡିୟମ ସମ୍ମୁଖରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ସଂଯୋଗ ପାଇଁ ଥିବା ଗୋଟିଏ ବିଦ୍ୟୁତ ଖୁଣ୍ଟ ଝୁଲନ୍ତା ଅବସ୍ଥାରେ ବିପଦସଙ୍କୁଳ ଭାବେ ଝୁଲି ରହିଥିବାବେଳେ ଏନେଇ 'ସକାଳ' ଖବର କାଗଜରେ ଖବର ପ୍ରକାଶ ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ଏହାର ମରାମତି କରାଯାଇଛି। ସୂଚନା ଥାଉକି, ଗତ ଦୁଇଦିନ ପୂର୍ବେ ଜିଲ୍ଲାରେ ହୋଇଥିବା ବର୍ଷା ଯୋଗୁଁ ପାଣି ପଡ଼ି ଏହି ବିଦ୍ୟୁତ୍ ଖୁଣ୍ଟ ନିକଟରେ ଥିବା ମାଟି ଦବିଯିବାରୁ ଖୁଣ୍ଟଟି ନଇଁ ପଡ଼ିଥିବାବେଳେ ଏହି ବିଦ୍ୟୁତ୍ ଖୁଣ୍ଟଟି ବିପଦସଙ୍କୁଳ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ନିକଟରେ ୩୨୬ ନମ୍ବର ଜାତୀୟ ରାଜପଥ ରହିଥିବା ସହ ଇନଡୋର ଷ୍ଟାଡିୟମ ଥିବାରୁ ସବୁ ସମୟରେ ଏଠାରେ ଜନଗହଳି ହେଉଥିବାବେଳେ ଝୁଲି ରହିଥିବା ବିଦ୍ୟୁତ୍ ଖୁଣ୍ଟକୁ ତୁରନ୍ତ ସଜଡ଼ା ନ ଗଲେ ବଡ଼ ଧରଣର ଦୁର୍ଘଟଣା ଘଟିପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରିଥିଲେ। ଏନେଇ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଇବା ସହ 'ସକାଳ' ଖବର କାଗଜରେ ଖବର ପ୍ରକାଶ ପରେ ବିଭାଗ ପକ୍ଷରୁ ଏହାର ମରାମତି କରାଯାଇଛି। ଯାହା ଫଳରେ ସ୍ଥାନୀୟ ବାସିନ୍ଦା ଆଶ୍ୱସ୍ତି ହୋଇଛନ୍ତି।

## ଚାଷ ଜମିରେ ପୁଳା ପୁଳା ମଦ ବୋତଲ; ଚାଷ କାର୍ଯ୍ୟ ବାଧାପ୍ରାପ୍ତ

**ମୁନିଗୁଡ଼ା, ୯।୬(ସମିସ):** ଚାଷୀମାନଙ୍କ ଚାଷ ଜମି ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାବେଳେ ଏଣେତେଣେ ଗଦା ହୋଇ ପଡ଼ିଛି ପୁଳା ପୁଳା ମଦ ବୋତଲ। ଯାହା ଫଳରେ ଚାଷୀମାନଙ୍କ ପାଇଁ ଚାଷ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଥିବା ଉକ୍ତ ଅଞ୍ଚଳର ଆଖପାଖ ଚାଷୀମାନେ ଅଭିଯୋଗ କରିଛନ୍ତି। ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅଧୀନସ୍ଥ ରାଣୀପିଣ୍ଡା ପଞ୍ଚାୟତ ବାଘଡଙ୍ଗରି ଓ ଇଚ୍ଛାପୁର ପଞ୍ଚାୟତ କାକଡ଼ମ୍ବା ନିକଟ ରାସ୍ତା ଉପରେ ଓ ଖୋଲା କ୍ଷେତରେ ପୁଳା ପୁଳା ଭଙ୍ଗା ମଦ ବୋତଲ ପଡ଼ିରହୁଥିବା ଯୋଗୁଁ ଚାଷୀମାନଙ୍କୁ ଚାଷ କରିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଚାଷ ଜମି ଓ ରାସ୍ତା କଡ଼ରେ ସନ୍ଧ୍ୟା ସମୟରେ ମଦୁଆଙ୍କ ଆଡ୍ଡା ଜମୁଥିବାବେଳେ ଗ୍ରାମବାସୀମାନେ ଉକ୍ତ ରାସ୍ତା ଦେଇ ଯିବାଆସିବା କରିବା ପାଇଁ ଭୟ କରୁଥିବା ମଧ୍ୟ ଅଭିଯୋଗ କରିଛନ୍ତି। ତେବେ ଉକ୍ତ ସ୍ଥାନମାନଙ୍କରୁ ମଦୁଆଙ୍କୁ ସାବାଡ଼ କରିବା ପାଇଁ ବାଘଡଙ୍ଗରି ଗ୍ରାମର ଚାଷୀ ପୀତବାସ ବଟା, ସୁପୁରୁଧନ ବଟା, ସୁସିଲାଲ କଡିମ, ବିଦ୍ୟାଧର ବଟା, ନେତ୍ର ବଟା, ଲକ୍ଷ୍ମୀଧର ବଟା, ରବୀନ୍ଦ୍ର ସୁନା, ନକୁଳ ବଟା, କୃଷ୍ଣଚନ୍ଦ୍ର ବଟା, ରାମଚନ୍ଦ୍ର ସୁନା, ଧନୁ ବଟା, ସୁମନ ସୂର୍ଯ୍ୟ ଏବଂ କାକଡ଼ମ୍ବା ଗ୍ରାମର ଦୃଭାସ ନାୟକ, ପ୍ରେମ ନାୟକ, ହରିଲାଲ ବଟା, ଧ୍ରୁବ ନାୟକ, ବୃନ୍ଦାବନ ନାୟକ, କୃଷ୍ଣ ନାୟକ, ତ୍ରିନାଥ ବଟା, ଭାରତ ବଟା, ପ୍ରକାଶ ବଟା, ହରିଶ୍ଚନ୍ଦ୍ର ଗୌଡ଼, ଜାମୁଧର ବଟା, ସଙ୍କୁରାମ ବଟା, ବଳଭଦ୍ର ବଟା, ପୁରେଶ୍ଚନ୍ଦ୍ର ଗୌଡ଼, ଦଶବନ୍ତ ନାୟକ, ଜଗତରାମ ନାୟକ, ହେମ ବଟା ସେହିପରି ବିଶ୍ୱନାଥ ପୁର ଗ୍ରାମର ନିଧନ ଗୌଡ଼, ଖଗେଶ୍ୱର ଗୌଡ଼, ଲକ୍ଷ୍ମୀଧର ଗୌଡ଼, ମୀନକେତନ ଗୌଡ଼, କେଶନି ଗୌଡ଼ ପ୍ରମୁଖ ଅମ୍ବାଦଳା ପୁଲିସକୁ ଅନୁରୋଧ କରିଛନ୍ତି।



## ଜିଲ୍ଲାପାଳଙ୍କ ପରିଦର୍ଶନ ଓ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ସେମିଳିଗୁଡ଼ା, ୯।୬(ସମିସ):** କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍ ନିର୍ବାଚନ ଆଚରଣ ବିଧି ହଟିବା ପରେ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ଆରମ୍ଭ କରିଛନ୍ତି। ସେମିଳିଗୁଡା ବ୍ଲକର ବିଭିନ୍ନ ଅଞ୍ଚଳକୁ ରବିବାର ଜିଲ୍ଲାପାଳ ପରିଦର୍ଶନ କରିଛନ୍ତି। ରାଜପୁଟରେ ଥିବା ଅତ୍ୟାଧୁନିକ ପୁଷ୍ଟିଶସ୍ୟ ପ୍ରକ୍ରିୟାକରଣ କେନ୍ଦ୍ରକୁ ବୁଲି ଦେଖିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ମହିଳାମାନେ ସ୍ୱାବଲମ୍ବୀ ହେବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ମିଲେଟ୍ସ ବ୍ୟବହାର ବୃଦ୍ଧି କରିବା ପାଇଁ ସେ ଆଦେଶ ଜାରୀ କରିଥିଲେ। ମିଲେଟ୍ସ ୟୁନିଟ ଅଞ୍ଚଳର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ, ମୁଖ୍ୟ ରାସ୍ତା ଠାରୁ ୟୁନିଟ ପର୍ଯ୍ୟନ୍ତ ପକ୍କା ରାସ୍ତା, ବଗିଚା ନିର୍ମାଣ କାମ ଚାଲୁଥିବା ବେଳେ ଉକ୍ତ କାର୍ଯ୍ୟକୁ ସେ ତଦାରଖ କରିଥିଲେ। ପରେ ମାଣ୍ଡିଆରୁ ତିଆରି ହେଉଥିବା ଜିନିଷ ଦେଖିଥିଲେ। ଫେରିବା ବେଳେ ବିଭିନ୍ନ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟକୁ ତଦାରଖ କରିଥିଲେ। ଜିଲ୍ଲାପାଳ ସହ ବିଭିନ୍ନ ବିଭାଗର ଅଧିକାରୀ ଏବଂ ରାଜପୁଟ ସରପଞ୍ଚ ପିତାମ୍ବର କିର୍ସାନୀ ଯୋଗ ଦେଇଥିଲେ।



## ପାଇପ୍ ଫାଟି ରାସ୍ତାରେ ବହୁଛି ପାଣି

**ସେମିଳିଗୁଡ଼ା, ୯।୬(ସମିସ):** କୋରାପୁଟ ଜିଲ୍ଲା ସୁନାବେଡ଼ାସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁଁ ସେମିଳିଗୁଡ଼ା ସହରରେ ମାଇନ୍ ରୋଡ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗର ପାଇପ୍ ଫାଟିଯାଇ ରାସ୍ତାରେ ପାଣି ଭାସୁଛି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ଅଞ୍ଚଳରେ ପାଣି ପାଇଁ ଲୋକେ ହଇରାଣ ହେଉଥିବା ବେଳେ ଏପଟେ ପାଣି ନଷ୍ଟ ହୋଇ ଚାଲିଛି। ସହରବାସୀ ଠିକ୍ ଭାବରେ ପାନୀୟଜଳ ପାଇପାରୁ ନଥିବା ବେଳେ ପାଇପ୍ ଫାଟି ରାସ୍ତାରେ ପାନୀୟଜଳ ଭାସୁଥିବା ଯୋଗୁଁ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପ୍ରତି ଜନସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ମରାମତି କଲେ ଅଞ୍ଚଳବାସୀ ଠିକ୍ ଭାବେ ପାନୀୟଜଳ ପାଇପାରିବେ ବୋଲି ଦାବି କରିଛନ୍ତି। ବାରମ୍ବାର ଉକ୍ତ ଅଞ୍ଚଳର ଲୋକ ଅଭିଯୋଗ କରିଥିଲେ ମଧ୍ୟ ଅଧିକାରୀମାନେ ଶୁଣୁନାହାନ୍ତି। ସହରରେ ବିଭିନ୍ନ ଅଞ୍ଚଳରେ ପାନୀୟଜଳ ସମସ୍ୟା ରହିଛି। ଅଧିକାରୀମାନଙ୍କ ଅବହେଳା ଯୋଗୁଁ ଫଟା ପାଇପ୍ ଦ୍ୱାରା ପାଣି ନଷ୍ଟ ହେଉଛି। ପାଣି ଭାସି ଭାସି ରାସ୍ତା କଦର୍ଯ୍ୟ ହୋଇଯାଉଛି। ମୁଖ୍ୟରାସ୍ତାରେ ଆମ୍ବେଦକର ନଗର ନିକଟରେ ଫଟା ପାଇପରୁ ଗତ କିଛି ଦିନରୁ ପାଣି ବାହାରି ଭାସୁଛି। ରବିବାର ସକାଳେ ଷ୍ଟାଣ୍ଡପୋଷ୍ଟରୁ ମଧ୍ୟ ପାଣି ବହୁତ୍ ସମୟ ଧରି ନଷ୍ଟ ହେଉଛି। କେତୋଟି ଅଞ୍ଚଳରେ ରୋଡ ମଧ୍ୟ ନଷ୍ଟ ହୋଇଯାଇଛି। ବହୁତ୍ ଦିନରୁ ଫଟା ପାଇପ୍ ଦ୍ୱାରା ବିଭିନ୍ନ ଅଞ୍ଚଳବାସୀ ଅସୁବିଧାରେ ସମ୍ମୁଖୀନ ହେଉଥିଲେ ମଧ୍ୟ ଅଧିକାରୀମାନେ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି। ତୁରନ୍ତ ଫଟା ପାଇପଗୁଡ଼ିକୁ ମରାମତି କରିବା ପାଇଁ ଦାବି ହେଉଛି।



### ମନ୍ଥର ଗତିରେ ଚାଲିଛି ପୌର ପରିଷଦର ଥଣ୍ଡା ପାନୀୟ ଜଳ ୟୁନିଟ୍ ସେବା

# ବର୍ଷା ଆସିଲେ ପିଇବେ କି ଲୋକେ ଥଣ୍ଡା ପାନୀୟ ଜଳ ?

- ରାୟଗଡ଼ା ପୌର ପରିଷଦ ଓ ଜନସ୍ୱାସ୍ଥ୍ୟ ବିଭାଗର ସମନ୍ୱୟ ଅଭାବ





**ରାୟଗଡ଼ା, ୯।୬(ସମିସ):** ଦକ୍ଷିଣ ଓଡ଼ିଶାକୁ ମୌସୁମୀ ଛୁଇଁ ସାରିଥିବାବେଳେ ଏହା ମାଲକାନଗିରି ଜିଲ୍ଲାରେ ଏବେ ସକ୍ରିୟ ହେଉଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ, ଭୁବନେଶ୍ୱରର ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ଆସନ୍ତା ତିନିରୁ ଚାରି ଦିନ ମଧ୍ୟରେ ସମଗ୍ର ଦକ୍ଷିଣ ଓଡ଼ିଶାରେ ମୌସୁମୀ ସକ୍ରିୟ ହେବ ବୋଲି କୁହାଯାଉଛି। ତଥାପି ଗ୍ରୀଷ୍ମ ପ୍ରବାହକୁ ନେଇ ରାୟଗଡ଼ାରେ ପାରଦ ଉପରମୁହାଁ ହୋଇ ରହିଛି। ରବିବାର ମଧ୍ୟ ୪୨ ଡିଗ୍ରୀ ଟାଣ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ବିଶେଷ କରି ଟାଣ ଖରାରେ ଯାତାୟାତ କରୁଥିବା ଲୋକଙ୍କ ପାଇଁ ପୂର୍ବରୁ ରାୟଗଡ଼ା ପୌର ପରିଷଦ ପକ୍ଷରୁ ମାଟିହାଣ୍ଡିରେ ପାଣି ରଖି ଜଳଛତ୍ର ମାଧ୍ୟମରେ ତୃଷ୍ଣା ମେଣ୍ଟାଇବାର ବ୍ୟବସ୍ଥା କରାଯାଇଥିବା ବେଳେ ଗତ ମାସରେ ସହରର ୨୦ଟି ଜନଗହଳି ସ୍ଥାନରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଇବା ନିମନ୍ତେ ୟୁନିଟଗୁଡ଼ିକ ଅବସ୍ଥାପନା କରାଗଲା। ତେବେ ଏଥିମଧ୍ୟରୁ ୧୦ଟିରୁ ଅଧିକ ୟୁନିଟ୍ କାର୍ଯ୍ୟକ୍ଷମ ହୋଇଥିବାବେଳେ ବ୍ଲକ୍ ଛକ, ଗାନ୍ଧୀନଗର ଛକ, ନ୍ୟୁ କଲୋନୀ ଲକ୍ଷ୍ମୀପୂଜା ଛକ, ରିଙ୍ଗରୋଡ୍ ସ୍ଥିତ ମା' ମଙ୍ଗଳା ମନ୍ଦିର ଛକ, ଦୀପ୍ତି କନଭେଣ୍ଟ ସ୍କୁଲ ଛକ, ଓଏମପି ଛକ ଆଦି ସ୍ଥାନରେ ସ୍ଥାପନା କରାଯାଇଥିବା ୟୁନିଟଗୁଡ଼ିକ ଏବେ ବି କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରୀଷ୍ମ ପ୍ରବାହ ସମୟରେ ଯଦି ପୌର ପରିଷଦ ପକ୍ଷରୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ୟୁନିଟକୁ କାର୍ଯ୍ୟକ୍ଷମ କରାଯାଉ ନାହିଁ ତେବେ ଆଗାମୀ କିଛି ଦିନ ମଧ୍ୟରେ ବର୍ଷା ଆସିଯିବ। କ'ଣ ଆମେ ବର୍ଷାରେ ଥଣ୍ଡା ପାନୀୟ ଜଳ ବ୍ୟବହାର କରିବୁ କି ବୋଲି ପ୍ରଶ୍ନ କରୁଛନ୍ତି ଅଞ୍ଚଳବାସୀ।

ଏ ନେଇ ପୌର ପରିଷଦର ଯନ୍ତ୍ରୀ ବୁଲୁ ସେଠୀଙ୍କୁ ପଚାରିବାରୁ ପୌର ପରିଷଦ ପକ୍ଷରୁ ୟୁନିଟଗୁଡ଼ିକ ସ୍ଥାପନା କରାଯାଇଥିବାବେଳେ ଜନସ୍ୱାସ୍ଥ୍ୟ (ପିଏଚଡି) ବିଭାଗ କର୍ତ୍ତୃପକ୍ଷଙ୍କ ସହଯୋଗ ମିଳୁ ନ ଥିବାରୁ ତଥା ପୌର ପରିଷଦ ଓ ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସଠିକ୍ ସମନ୍ୱୟ ରହୁ ନ ଥିବାରୁ ୟୁନିଟଗୁଡ଼ିକରେ ଥିବା ପାଣି ଟାଙ୍କି ନିମନ୍ତେ ପାନୀୟ ଜଳ ଯୋଗାଣ ସଂଯୋଗ ହୋଇପାରିନାହିଁ। ତେଣୁ ଏହା କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଛି ବୋଲି ଶ୍ରୀ ସେଠୀ ପ୍ରକାଶ କରିଛନ୍ତି। ଅପରପକ୍ଷେ ପ୍ରଥମେ ୧୦ଟି ୟୁନିଟକୁ ଜଳ ଯୋଗାଣ ସଂଯୋଗ ନିମନ୍ତେ ପୌର ପରିଷଦ ପକ୍ଷରୁ କୁହାଯାଇଥିବାରୁ ପ୍ରସ୍ତାବିତ ୧୦ଟିକୁ ପାନୀୟ ଜଳ ସଂଯୋଗ କରିଦିଆଯାଇଛି କିନ୍ତୁ ଆଉ କୌଣସି ୟୁନିଟକୁ ସଂଯୋଗ ପାଇଁ କୁହାଯାଇ ନ ଥିବାରୁ ଆମେ କୌଣସି ପାଣି ସଂଯୋଗ ଦେଇ ନାହୁଁ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏସଡିଓ) ବିଭୁଦାନନ୍ଦ ସେଠୀ ପ୍ରକାଶ କରିଛନ୍ତି। ଚଳିତ ବର୍ଷର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାୟଗଡ଼ା ପୌର ପରିଷଦ ନିଜ ପାଣ୍ଠିରୁ ଗୋଟିଏ ୟୁନିଟ୍ ପିଛା ଦେଢ଼ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୦ଟି ୟୁନିଟ୍ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ସାଧାରଣ ଜନତାଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ଯୋଜନା କରିଥିବାବେଳେ ଏହି ଥଣ୍ଡା ପାନୀୟ ଜଳ ସେବା ପାଇ ଅନେକ ସ୍ଥାନରେ ଲୋକେ ଉପକୃତ ହେଉଥିବାବେଳେ କାର୍ଯ୍ୟକ୍ଷମ ହୋଇ ନ ଥିବା ଅଞ୍ଚଳଗୁଡ଼ିକରେ କିନ୍ତୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବର୍ଷା ପୂର୍ବରୁ ଏହି ୟୁନିଟଗୁଡ଼ିକ କାର୍ଯ୍ୟକ୍ଷମ କଲେ ଲୋକେ ଉପକୃତ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୨ • ପାଉଣ୍ଡ ୧୦୬.୮
- ୟୁରୋ ୯୦.୪୩ • ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୫,୭୦୦ (ଭୁବନେଶ୍ୱର)
- ରୁପା : ୯୬,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୬୯୩.୦୦
- ନିଫ୍ଟି ୨୩,୨୯୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ନିବେଶକାରୀଙ୍କ ଆଶା ବଢ଼ାଇଛି ଆର୍‌ବିଆଇର ଜିଡିପି ବୃଦ୍ଧି ଆକଳନ

**ନୂଆଦିଲ୍ଲୀ, ୯।୬(ଏଜେନ୍ସି)**

ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଦ୍ୱିମାସିକ ମୁଦ୍ରା ନୀତି ସମୀକ୍ଷା ବୈଠକ ଶେଷ ହୋଇଛି। ଏଥିରେ ରେପୋ(ସୁଧ ହାର)କୁ ନେଇ କୌଣସି ପରିବର୍ତ୍ତନ କରାଯାଇ ନ ଥିଲାବେଳେ ଏଭଳି ନିଷ୍ପତ୍ତି କେତେକ ମହଲକୁ ନିରାଶ କରିଛି। କିନ୍ତୁ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଜିଡିପି ଅଭିବୃଦ୍ଧିକୁ ନେଇ ଯେଉଁ ଭରସା ଜତାଇଛନ୍ତି ତାହା ନିବେଶକାରୀଙ୍କ ମହଲରେ ଉତ୍ସାହ ବଢାଇଛି। ରିଜର୍ଭ ବ୍ୟାଙ୍କ ଆକଳନ କରିଛି ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶର ଅର୍ଥନୀତି ଆଶାଠାରୁ ଅଧିକ ଦ୍ରୁତ ଗତିରେ ଆଗକୁ ବଢ଼ିବ।

ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ନୁହେଁ, ବରଂ ଏହା ୭.୨ ପ୍ରତିଶତ ହେବ ବୋଲି ସେ କହିଛନ୍ତି। ବିଭିନ୍ନ କ୍ଷେତ୍ରର ଅଭିବୃଦ୍ଧି ଏବଂ ସକାରାତ୍ମକ ସ୍ଥିତିକୁ ଦୃଷ୍ଟିରେ ରଖି ଅଭିବୃଦ୍ଧିର ବେଗ ଆହୁରି ତ୍ୱରାନ୍ୱିତ ହେବ ବୋଲି ଶକ୍ତିକାନ୍ତ ଆକଳନ କରିଛନ୍ତି। ସେ କହିଛନ୍ତି ଯେ , ଚଳିତ ବର୍ଷର ମୌସୁମୀ ବର୍ଷା ଅର୍ଥନୀତି ପାଇଁ ଅନୁକୂଳ ପରିସ୍ଥିତି ଆଣିବ। ଏଥର ବର୍ଷା ସ୍ୱାଭାବିକ ଠାରୁ ଅଧିକ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଥିବାରୁ ଖରିଫ ଋତୁରେ ଫସଲ ଉତ୍ପାଦନ ବଢ଼ିବ। ଏହାବ୍ୟତୀତ ଜଳାଶୟଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବା ସହିତ କୃଷି କାର୍ଯ୍ୟ ପାଇଁ ସହାୟକ ହେବ।





ଫଳରେ ଗ୍ରାମୀଣ ଅର୍ଥନୀତି ଏହାର ପ୍ରଭାବ ଅନୁଭୂତ ହେବ। କୃଷି ଉତ୍ପାଦନ ବୃଦ୍ଧି ହେଲେ ଗ୍ରାମାଞ୍ଚଳରେ ତାହା ବିଭିନ୍ନ ସାମଗ୍ରୀର ଚାହିଦାରେ ମଧ୍ୟ ବୃଦ୍ଧି କରିବାର ସମ୍ଭାବନା ବଢାଇବ। ଫଳରେ ସାମଗ୍ରିକ ଅର୍ଥନୀତିରେ ଉନ୍ନତି ଆସିବ। ଏହି ସମୟରେ ସହରାଞ୍ଚଳରେ ଚାହିଦା ଉତ୍ସାହଜନକ ରହିବା ସହିତ କର୍ପୋରେଟ୍ କ୍ଷେତ୍ରର ପ୍ରଦର୍ଶନ ଭଲ ରହିବ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ଦରଦାମ୍ ସ୍ଥିତିରେ ସୁଧାର ଆସିବା ସହିତ ମୁଦ୍ରାସ୍ଫୀତି ସ୍ଥିତି ମଧ୍ୟ ଆକଳନ ଅନୁଯାୟୀ ନିୟନ୍ତ୍ରଣ ମଧ୍ୟରେ ରହିବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଥିବା ଜଣାପଡ଼ିଛି।

# ସୁନା ୨୦୦୦, ରୁପା ମୂଲ୍ୟ ୪୫୦୦ ଟଙ୍କା କମିଲା



**ମୁମ୍ବାଇ, ୯।୬(ଏଜେନ୍ସି):** ବିଭିନ୍ନ କାରଣକୁ ନେଇ ଆନ୍ତର୍ଜାତିକ ଏବଂ ଘରୋଇ ବଜାରରେ ସୁନା ଓ ରୁପା ମୂଲ୍ୟରେ ବିଗତ କିଛିଦିନ ହେଲା ଅସ୍ଥିରତା ଲାଗି ରହିଛି। ଏହି କ୍ରମରେ ଉଭୟ ଧାତୁ ମୂଲ୍ୟରେ କିଛିଟା ହ୍ରାସ ଘଟିଥିବା ଦେଖାଯାଇଛି। ଗତକାଲି କାରବାର ଶେଷ ସୁଦ୍ଧା ୨୪ କ୍ୟାରେଟ୍ ସୁନା ମୂଲ୍ୟରେ ୨୦୮୦ ଟଙ୍କା ହ୍ରାସ ଘଟି ଥିଲା ବେଳେ ୧୦ ଗ୍ରାମ ପିଛା ମୂଲ୍ୟ ୭୧୬୭୦ ଟଙ୍କା ରହିଛି। ସେହିଭଳି ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୧୯୦୦ ଟଙ୍କା ହ୍ରାସ ଘଟି ଏହା ୬୫୭୦୦ ଟଙ୍କାରେ ପହଞ୍ଚିଛି। ରୁପା ମୂଲ୍ୟ ମଧ୍ୟ ପୂର୍ବ ତୁଳନାରେ ହ୍ରାସ ଘଟିଛି। ରୁପା କିଲୋଗ୍ରାମ ପିଛା ମୂଲ୍ୟରେ ୪୫୦୦ ଟଙ୍କା ହ୍ରାସ ଘଟି ଏହା ୯୬ ହଜାର ଟଙ୍କାକୁ ଖସି ଆସିଛି। ଦୁଇ ଦିନ ପୂର୍ବେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧ ଲକ୍ଷ ଟପିଥିଲା। ଯାହାକୁନେଇ ରୁପା ବ୍ୟବସାୟୀଙ୍କ ମଧ୍ୟରେ ଆଶଙ୍କା ଦେଖାଯାଇଥିଲା। କାରଣ ରୁପାର ମୂଲ୍ୟ ବୃଦ୍ଧି ସ୍ତରରେ ଏହା ଥିଲା ସର୍ବୋଚ୍ଚ ରେକର୍ଡ।

## ମେ’ ମାସରେ କ୍ରୟ ହୋଇଛି ୪୫.୯ ଟନ୍ ସୁନା

ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଭାରତୀୟ ବଜାରରେ ସୁନାର ଚାହିଦା କମିବାର ନାଁ ଧରୁନାହିଁ। ବରଂ ଅଳଙ୍କାରର ଚାହିଦା ଏବଂ ବିକ୍ରି ବଢିବାରେ ଲାଗିଛି। ଏହିକ୍ରମରେ ଭାରତ ବିଦେଶରୁ ଅଧିକ ହାରରେ ସୁନା କିଣିବା ଉପରେ ଗୁରୁତ୍ୱ ଦେଇଛି। ଗତ ମେ ମାସରେ ଭାରତ ସର୍ବାଧିକ ସୁନା କ୍ରୟ କରିବା ସହିତ ବିଶ୍ୱ ସ୍ତରରେ ତୃତୀୟ ସ୍ଥାନରେ ରହିଛି। ଏହି ମାସରେ ୪୫.୯ ଟନ୍ ସୁନା କ୍ରୟ କରାଯାଇଥିବା ବେଳେ ଏହାର ମୂଲ୍ୟ ପ୍ରାୟ ୭୨୨ କୋଟି ଟଙ୍କା ରହିଛି। ଏଥିଯୋଗୁ ଭାରତରେ ସୁନା ଭଣ୍ଡାର ବଢ଼ିବାରେ ଲାଗିଛି। ୱାର୍ଲଡ ଗୋଲ୍‌ଡ କାଉନସିଲର ରିପୋର୍ଟ ଅନୁଯାୟୀ, ଭାରତ ତୁଳନାରେ ବିଶ୍ୱର ଅନ୍ୟ ଦୁଇଟି ଦେଶ ଅଧିକ ସୁନା କିଣିଛନ୍ତି। ସ୍ୱିଜରଲ୍ୟାଣ୍ଡ ଏବଂ ଚୀନ ଭାରତ ଠାରୁ ଅଧିକ ସୁନା କିଣି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସ୍ୱିଜରଲାଣ୍ଡ ମେ ମାସରେ ସର୍ବାଧିକ ୩୧୨.୪ ଟନ ସୁନା କିଣିଛି। ମୂଲ୍ୟ ଦୃଷ୍ଟିରୁ ଦେଖିଲେ ଏହା ପ୍ରାୟ ୨୪୬୧ କୋଟି ଟଙ୍କା ହେବ। ଏହା ପଛକୁ ଚୀନ ୮୬.୮ ଟନ୍ ସୁନା କ୍ରୟ କରିଛି। ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୨୧୦୯ କୋଟି ଟଙ୍କା। ଗତ କିଛିବର୍ଷ ହେଲା ଭାରତରେ ସୁନା ଭଣ୍ଡାର ବଢ଼ିବାରେ ଲାଗିଛି। ୨୦୧୯ ମାର୍ଚ୍ଚରେ ଦେଶରେ ୬୧୮.୨ ଟନ ସୁନା ଥିବାବେଳେ ୨୦୨୪ ମାର୍ଚ୍ଚରେ ଏହା ୮୨୨.୧ ଟନରେ ପହଞ୍ଚିଥିବା କୁହାଯାଇଛି। ବିଦେଶୀ ମୁଦ୍ରା ଭଣ୍ଡାରରେ ସ୍ଥିରତା ଆଣିବା ଲାଗି ଅଧିକ ମାତ୍ରାରେ ସୁନା କ୍ରୟ କରାଯାଉଛି ବୋଲି ନିକଟରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସୂଚନା ଦେଇଛନ୍ତି।

# ୪ ବର୍ଷରେ ଯାନ ରପ୍ତାନିରେ ୨.୬୮ ଲକ୍ଷ ୟୁନିଟ୍ ବୃଦ୍ଧି



**କେବଳ ୭୦ ପ୍ରତିଶତ ରହିଛି ମାରୁତି ସୁଜୁକି ଯାନ**

**ନୂଆଦିଲ୍ଲୀ, ୯।୬(ଏଜେନ୍ସି)**

ବିଦେଶରେ ଭାରତ ପ୍ରସ୍ତୁତ ମୋଟର ଯାନର ଚାହିଦା ବଢିବାରେ ଲାଗିଛି। ଯାହାକି ଗତ ୪ ଆର୍ଥିକ ବର୍ଷରେ ପ୍ରତିଫଳିତ ହୋଇଛି। ଗତ ୪ ଆର୍ଥିକ ବର୍ଷରେ ଭାରତରୁ ବିଭିନ୍ନ ବିଦେଶୀ ରାଷ୍ଟ୍ରକୁ ରପ୍ତାନି ହୋଇଥିବା ଯାନ ସଂଖ୍ୟାରେ ୨.୬୮ ଲକ୍ଷ ବୃଦ୍ଧି ଘଟିଛି। ତେବେ ରପ୍ତାନିକୃତ ବିଭିନ୍ନ ବ୍ରାଣ୍ଡ ମଧ୍ୟରେ ମାରୁତି ସୁଜୁକି କମ୍ପାନୀ ପ୍ରସ୍ତୁତ ଯାନ ସର୍ବାଧିକ ରପ୍ତାନି ହୋଇଛି। ଏହି କମ୍ପାନୀର ଗାଡି ସଂଖ୍ୟା ମୋଟ ରପ୍ତାନିର ୭୦ ପ୍ରତିଶତ ରହିଥିବା କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତରୁ ରପ୍ତାନି କରାଯାଇଥିବା ମୋଟର ଯାନ ସଂଖ୍ୟା ୪ ଲକ୍ଷ ୪ ହଜାର ୩୯୭ ରହିଥିବା ବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ସଂଖ୍ୟା ୫ ଲକ୍ଷ ୭୭ ହଜାର ୮୭୫ ରହିଥିଲା। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ରପ୍ତାନି ହୋଇଥିବା ଯାନ ସଂଖ୍ୟା ୬ ଲକ୍ଷ ୬୨ ହଜାର ୭୦୩ରେ ପହଞ୍ଚିଥିଲା। ତେବେ ଏହି ସଂଖ୍ୟା ୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବାଧିକ ଭାବେ ୬ ଲକ୍ଷ ୭୨ ହଜାର ୧୦୫ରେ ପହଞ୍ଚିଥିଲା ବେଳେ ଗତ ୪ ବର୍ଷ ମଧ୍ୟରେ ରପ୍ତାନି ହୋଇଥିବା ଯାନ ସଂଖ୍ୟାରେ ୨ ଲକ୍ଷ ୬୮ ହଜାର ବୃଦ୍ଧି ଘଟିଥିବା କୁହାଯାଇଛି। ଗତ ତିନୋଟି ଆର୍ଥିକ ବର୍ଷରେ ମାରୁତି ସୁଜୁକି କମ୍ପାନୀର ଯାନ ସର୍ବାଧିକ ଭାବେ ରପ୍ତାନି ହୋଇଥିଲା ବେଳେ ମୋଟ ୨ ଲକ୍ଷ ୬୭ ହଜାର ୭୦୮ଟି ଯାନ ରପ୍ତାନି କରାଯାଇଛି। ଯାହାକି ମୋଟ ରପ୍ତାନି ଯାନ ସଂଖ୍ୟାର ୭୦ ପ୍ରତିଶତ। ୨୦୨୧ ରୁ ୨୦୨୪ ଆର୍ଥିକ ବର୍ଷ ମଧ୍ୟରେ କମ୍ପାନୀର ଗାଡି ରପ୍ତାନି କ୍ଷେତ୍ରରେ ୧ ଲକ୍ଷ ୮୫ ହଜାର ୭୭୪ଟି ଅଧିକ ଯାନ ରପ୍ତାନି କରାଯାଇଥିବା ଜଣାପଡ଼ିଛି। ମାରୁତି ସୁଜୁକି ସମୟାନୁସାରେ ଏହାର ବିଭିନ୍ନ ମଡେଲରେ ଉନ୍ନତି ଆଣିବା ସହିତ ଆନ୍ତର୍ଜାତିକ ମାନ ସହ ତାଳ ଦେଇ ନୂଆ ନୂଆ ଯାନ ବଜାରକୁ ଛାଡିବା ଦ୍ୱାରା ଘରୋଇ ଏବଂ ବିଦେଶୀ ବଜାରରେ ଏହାର ଯାନ ଚାହିଦା ଯଥେଷ୍ଟ ଭାବେ ବୃଦ୍ଧି ପାଇଥିବା କୁହାଯାଇଛି।

ଭାରତରେ ବର୍ତ୍ତମାନ ପ୍ରସ୍ତୁତ କରାଯାଉଥିବା ମାରୁତି ସୁଜୁକି ଯାନ ବିଶ୍ୱର ୧୦୦ ରୁ ଅଧିକ ରାଷ୍ଟ୍ରକୁ ରପ୍ତାନି କରାଯାଉଛି। ବିଭିନ୍ନ ରାଷ୍ଟ୍ର ମଧ୍ୟରୁ ଦକ୍ଷିଣ ଆଫ୍ରିକା, ସାଉଦି ଆରବ, ଚିଲି ଏବଂ ମେକ୍ସିକୋ ଆଦି ରାଷ୍ଟ୍ରକୁ ମାରୁତି ସୁଜୁକି ଯାନ ସର୍ବାଧିକ ରପ୍ତାନି ହୋଇଛି। ଅନ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଫିଲିପାଇନ୍ସ, ଇଣ୍ଡୋନେସିଆ ଏବଂ ଆଇଭରି କୋଷ୍ଟରେ ମଧ୍ୟ ଏହି କମ୍ପାନୀ ଯାନର ଚାହିଦା ଅଧିକ ରହିଛି। କମ୍ପାନୀ ପ୍ରସ୍ତୁତ ବାଲେନୋ, ଡିଜାୟର, ସ୍ୱିଫ୍ଟ, ଏସପ୍ରେସୋ, ଗ୍ରାଣ୍ଡ ଭିଟାରା, ଜିମ୍ନି, ସେଲେରିଓ ଏବଂ ଆର୍ଟିଗା ଆଦି ମଡେଲର ଚାହିଦା ସର୍ବାଧିକ ରହିଥିବା କୁହାଯାଇଛି।

# ଟିପିସିଓଡିଏଲ୍‌ର ବିଶ୍ୱ ପରିବେଶ ଦିବସ ପାଳିତ



**ଭୁବନେଶ୍ୱର, ୯।୬(ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବିଶ୍ୱ ପରିବେଶ ଦିବସ ଓ ଟାଟା ସ୍ଥାୟୀତ୍ୱ ମାସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଇଓ ଅରଭିନ୍ଦ୍ ସିଂହଙ୍କ ସମେତ ବରିଷ୍ଠ ନେତୃତ୍ୱ ଦଳ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷର ବିଷୟବସ୍ତୁ ‘ସ୍ମାର୍ଟ ଲାଇଫ୍’କୁ ଆଧାର କରି ପରିବେଶ ପାଇଁ ସ୍ମାର୍ଟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି)ର ମିଳିତ ଅଭିଯାନରେ ସାମିଲ ହୋଇ ପରିବେଶ ସ୍ଥାୟୀତ୍ୱ ପାଇଁ କମ୍ପାନୀର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ସ୍ଥାୟୀତ୍ୱ ଆମ ପରିଚାଳନା କ୍ଷେତ୍ରର କେନ୍ଦ୍ରବିନ୍ଦୁ ରହିଛି। ଆମକୁ ସ୍ଥାୟୀତ୍ୱ ପାଇଁ ସ୍ୱର ଉତ୍ତୋଳନ କରିବାକୁ ହେବ ଏବଂ କମ୍ପାନୀ ବାହାରେ ମଧ୍ୟ ସଚେତନତା ସୃଷ୍ଟି କରିବାକୁ ହେବ। ଦୀର୍ଘସ୍ଥାୟୀତ୍ୱ ଅଭ୍ୟାସ ବିଷୟରେ ତୃଣମୂଳ ସ୍ତରରେ ସମସ୍ତ କର୍ମଚାରୀଙ୍କୁ ଶିକ୍ଷିତ କରିବା ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ସ୍ମାର୍ଟ ଗ୍ରୀନ୍ ଅଭିଯାନ ଅଧୀନରେ ୧୬ଟି ଇଭି କାର୍‌କୁ ଉନ୍ମୋଚନ କରାଯାଇଛି। ଏହି ଯାନଗୁଡ଼ିକ କମ୍ପାନୀର କାର୍ବନ ଫୁଟପ୍ରିଣ୍ଟ ହ୍ରାସ କରିବ ଏବଂ ବାର୍ଷିକ ୫୩.୮ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇବ। ଏହି ତ୍ରୈମାସରେ ଅତିରିକ୍ତ ୧୪ଟି ଇଭି କାର୍‌ର ଶୁଭାରମ୍ଭ କରାଯିବ। ଆଇଏସଓ ୧୪୦୦୧ ପ୍ରମାଣିତ କମ୍ପାନୀ ଭାବରେ ସୁରକ୍ଷିତ ବ୍ୟାଟେରୀ ନିଷ୍କାସନ ଏବଂ ଏସ୍‌ଏଫ୍୬ ଗ୍ୟାସ ବ୍ୟବହାର ହ୍ରାସ କରିବା ସମେତ ଏହାର ପରିଚାଳନାର ସମସ୍ତ ଦିଗରେ ସ୍ଥାୟିତ୍ୱ ଅନ୍ତର୍ଭୁକ୍ତ କରିବା ପାଇଁ ଟିପିସିଓଡିଏଲର ଦାୟିତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କମ୍ପାନୀର ବରିଷ୍ଠ ନେତୃତ୍ୱ ଦଳ ଟାଟା ସ୍ଥାୟିତ୍ୱ ମାସ ୨୦୨୪ ସମ୍ପର୍କରେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କର୍ପୋରେଟ୍ କାର୍ଯ୍ୟାଳୟରେ ସିଇଓ ଓ ସିନିୟର ଲିଡରସିପ୍ ଟିମ୍ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା।

# ଡିଜିଟାଲ୍ ଲାଇଫ ସାର୍ଟିଫିକେଟ୍ ଦାଖଲ

# ଇପିଏସ୍ ପେନ୍‌ସନ୍‌ଧାରୀଙ୍କ ପାଇଁ ଉପଯୋଗ ହେବ ନୂଆ ବୈଷୟିକ ପଦ୍ଧତି

**ନୂଆଦିଲ୍ଲୀ, ୯।୬(ଏଜେନ୍ସି)**




ନିରନ୍ତର ପେନସନ ସୁବିଧା ପାଇଁ କର୍ମଚାରୀ ଭବିଷ୍ୟନିଧି ସଂସ୍ଥା (ଇପିଏଫଓ)ର ୭୮ ଲକ୍ଷରୁ ଅଧିକ ପେନସନଧାରୀଙ୍କୁ ପ୍ରତିବର୍ଷ ‘ଲାଇଫ ସାର୍ଟିଫିକେଟ’ ବା ଜୀବନ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିଥାଏ। ପୂର୍ବରୁ ଏହି କାର୍ଯ୍ୟ ପାଇଁ ପେନସନଧାରୀମାନଙ୍କୁ ବ୍ୟକ୍ତିଗତ ଭାବେ ବ୍ୟାଙ୍କକୁ ଯିବାକୁ ପଡୁଥିଲା। ଯାହାକି କଷ୍ଟଦାୟକ ବୋଲି ଅଭିଯୋଗ ମିଳୁଥିଲା । ଏହି ଅସୁବିଧା ଦୂର କରିବାକୁ ଇପିଏଫଓ ପକ୍ଷରୁ ୨୦୧୫ ମସିହାରେ ପେନସନଧାରୀଙ୍କ ପାଇଁ ଡିଜିଟାଲ ଲାଇଫ ସାର୍ଟିଫିକେଟ (ଡିଏଲଓ) ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଇପିଏସ୍ ପେନସନଧାରୀଙ୍କ ପାଖରୁ ଇପିଏଫଓ ବାୟୋମେଟ୍ରିକ ପ୍ରମାଣ ପ୍ରକ୍ରିୟାରେ ଡିଏଲସି ଗ୍ରହଣ କରାଗଲା। ବାୟୋମେଟ୍ରିକ ଭିତ୍ତିକ ଡିଏଲସି ଦାଖଲ କରିବାକୁ ହେଲେ ଜଣେ ପେନସନଧାରୀଙ୍କୁ ଯେକୌଣସି ବ୍ୟାଙ୍କ, ଡାକଘର, ସାଧାରଣ ସେବା କେନ୍ଦ୍ର କିମ୍ବା ଇପିଏଫଓ କାର୍ଯ୍ୟାଳୟ ଯିବାକୁ ପଡ଼ିଥାଏ। କିନ୍ତୁ ବ୍ୟାଙ୍କ ଓ ଡାକଘରକୁ ଯିବାରେ ବରିଷ୍ଠ ନାଗରିକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଏହାର ସମାଧାନ ପାଇଁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଏବଂ ୟୁନିକ ଆଇଡେଣ୍ଟିଫିକେସନ ଅଥରିଟି ଅଥ ଇଣ୍ଡିଆ ପକ୍ଷରୁ ଜୀବନ ପ୍ରମାଣପତ୍ର ଦାଖଲ ସକାଶେ ଫେସ୍ ଅଥେଣ୍ଟିକେସନ ଟେକ୍ନୋଲୋଜିର ବିକାଶ କରାଯାଇଛି । ୨୦୨୨ ମସିହା ଜୁଲାଇ ମାସରେ ଇପିଏଫଓ ଏହି ବ୍ୟବସ୍ଥାକୁ ଗ୍ରହଣ କରିଥିଲା। ପେନସନଧାରୀଙ୍କୁ ଘରେ ବସି ଡିଏଲସି ଦାଖଲ କରିବା ଦିଗରେ ଏହି ନୂତନ ବ୍ୟବସ୍ଥା ବେଶ୍ ଗ୍ରହଣୀୟ, ସହଜ ଏବଂ ଆରାମଦାୟକ। ଯେକୌଣସି ଆଣ୍ଡ୍ରଏଡ ଫୋନ୍ ମାଧ୍ୟମରେ ସେମାନେ ଏହା ଦାଖଲ କରିପାରିବେ। ଏହି ପ୍ରକ୍ରିୟା ଜଣେ ପେନସନଧାରୀଙ୍କୁ ନିଜ ଘରେ ବସ ସୁବିଧାନୁସାରେ ଏକ ସ୍ମାର୍ଟଫୋନ ବ୍ୟବହାର କରି ଫେସିଆଲ ସ୍କାନ ଦ୍ୱାରା ପରିଚୟ ପ୍ରମାଣନ ସମ୍ପନ୍ନ କରିବାର ସୁବିଧା ଦେଉଛି । ଏହି ପ୍ରକ୍ରିୟା ୟୁଆଇଡିଏଆଇର ଫେସ୍ ରିକୋଗନେସନ ଆପ୍ ଦ୍ୱାରା ୟୁଆଇଡିଏଆଇର ଥିବା ଆଧାର ଡାଟାବେସ ସହାୟତାରେ ସମ୍ପନ୍ନ ହୋଇଥାଏ ।ଇପିଏଫଓ ପକ୍ଷରୁ ଫେସିଆଲ ଅଥେଣ୍ଟିକେସନ ଟେକ୍ନୋଲୋଜି ଦ୍ୱାରା ଡିଏଲସି ଦାଖଲ ପ୍ରକ୍ରିୟା ଆରମ୍ଭ କରାଯିବା ପରେ ୨୦୨୨-୨୩ରେ ୨.୧ ଲକ୍ଷ ପେନସନଧାରୀ ଏହାର ସୁବିଧା ନେଇଥିବା ଜଣାପଡ଼ିଛି।

୨୦୨୩-୨୪ ରେ ଏହି ସଂଖ୍ୟା ୬.୬ ଲକ୍ଷକୁ ବୃଦ୍ଧି ପାଇବା ସହିତ ପ୍ରତ୍ୟେକ ବର୍ଷ ଏହି ଟେକ୍ନୋଲୋଜି ବ୍ୟବହାର କରିବାରେ ୨୦୦% ବୃଦ୍ଧି ହୋଇଥିବା ପରିଲକ୍ଷିତ ହୋଇଛି । ୨୦୨୩-୨୪ରେ ଏହି ପ୍ରକ୍ରିୟାରେ ୬.୬ ଲକ୍ଷ ପେନସନଧାରୀଙ୍କ ଜୀବନ ପ୍ରମାଣପତ୍ର ମିଳିଥିଲା, ଯାହାକି ଏହି ଅବଧି ମଧ୍ୟରେ ମିଳିଥିବା ମୋଟ ଡିଜିଟାଲ ଲାଇଫ ସାର୍ଟିଫିକେଟର ୧୦%। ଏହି ପ୍ରକ୍ରିୟାରେ ଗତ ଆର୍ଥିକ ବର୍ଷରେ ମୋଟ ପ୍ରାୟ ୬୦ ଲକ୍ଷ ଡିଜିଟାଲ ଲାଇଫ ସାର୍ଟିଫିକେଟ ମିଳିଥିବା ଜଣାପଡ଼ିଛି।

# ବିଦେଶୀ ନିବେଶକାରୀଙ୍କ ଦ୍ୱାରା ସର୍ବାଧିକ ପୁଞ୍ଜି ପ୍ରତ୍ୟାହାର

## ଭାରତୀୟ ଷ୍ଟକ୍ ବଜାରରେ ଅସ୍ଥିରତା ଜାରି

**ମୁମ୍ବାଇ, ୯।୬(ଏଜେନ୍ସି):** ବିଗତ କିଛି ସପ୍ତାହ ହେଲା ବିଦେଶୀ ନିବେଶକାରୀଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଭାରତୀୟ ଷ୍ଟକ୍ ବଜାରରୁ ସର୍ବାଧିକ ପୁଞ୍ଜି ପ୍ରତ୍ୟାହାର କରି ନିଆଯିବା ଦ୍ୱାରା ବଜାରରେ ଅସ୍ଥିରତା ଦେଖାଯାଇଛି। ଗୋଟିଏ ପଟରେ ବିଭିନ୍ନ କାରଣକୁ ନେଇ ଆନ୍ତର୍ଜାତିକ ବଜାରରେ କାରବାର ହ୍ରାସ ପାଇଥିଲା ବେଳେ ଭାରତୀୟ ଷ୍ଟକ୍ ତୁଳନାରେ ଚାଇନାର ବିଭିନ୍ନ କ୍ଷେତ୍ରର ଷ୍ଟକ୍ ମୂଲ୍ୟ କମ୍ ରହିଥିବାରୁ ନିବେଶକମାନେ ଚାଇନା ଶେୟାର କ୍ରୟ କରିବାକୁ ଆଗ୍ରହୀ ଥିବା ଦେଖାଯାଇଛି। ଏହାକୁ ନେଇ ଭାରତୀୟ ଷ୍ଟକ୍ ବଜାରରେ ଅସ୍ଥିରତା ସୃଷ୍ଟି ହୋଇଛି। ଚଳିତ ମାସରେ ବିଦେଶୀ ପୋର୍ଟଫୋଲିଓ ନିବେଶକାରୀ(ଏଫପିଓ) ମୋଟ ୧୪ ହଜାର ୭୯୪ କୋଟି ଟଙ୍କାର ଶେୟାର ବିକ୍ରି କରିଦେଇଥିବା ଜଣାପଡ଼ିଛି। କେବଳ ଚଳିତ ମାସ ନୁହେଁ, ଏହି ଧାରା ବିଗତ ୩ ମାସ ହେଲା ଚାଲୁ ରହିଛି। ଗତ ମାର୍ଚ୍ଚ ମାସରେ ଏଫପିଓଙ୍କ ଦ୍ୱାରା ସର୍ବାଧିକ ଭାବେ ୩୫ ହଜାର ୯୮ କୋଟି ଟଙ୍କା ଇକ୍ୱିଟିରେ ନିବେଶ କରାଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ବିଭିନ୍ନ କ୍ଷେତ୍ରରୁ ସେମାନେ ଶେୟାର ପ୍ରତ୍ୟାହାର କରିନେଇଥିଲେ। ନ୍ୟାସନାଲ ସିକ୍ୟୁରିଟିଜ୍ ଡିପୋଜିଟାରୀ ଲିଃ (ଏନଏସଡିଏଲ)ର ତଥ୍ୟ ଅନୁସାରେ ଗତ ମେ ’ ମାସରେ ଏଫପିଓଙ୍କ ଦ୍ୱାରା ୨୫ ହଜାର ୫୮୬ କୋଟି ଟଙ୍କାର ଶେୟାର ବିକ୍ରି କରି ଦିଆଯାଇଥିଲା ବେଳେ ଚଳିତ ମାସରେ ବର୍ତ୍ତମାନ ସୁଦ୍ଧା ୧୪ ହଜାର ୭୯୪ କୋଟି ଟଙ୍କାର ଶେୟାର ବିକ୍ରି କରି ଦିଆଯାଇଛି। ଯାହାକୁ ନେଇ ଷ୍ଟକ୍ ବଜାରରେ ଅସ୍ଥିରତା ଦେଖାଯାଇଛି।

### ୮ କମ୍ପାନୀଙ୍କ ବଜାର ପୁଞ୍ଜିରେ ୩.୨୮ ଲକ୍ଷ କୋଟି ବୃଦ୍ଧି

ଭାରତୀୟ ଷ୍ଟକ୍ ବଜାରରେ ଅସ୍ଥିରତା ଦେଖାଯାଇଥିଲେ ହେଁ ଗତ ସପ୍ତାହରେ ହୋଇଥିବା କାରବାର ଅନୁସାରେ ବିଏସଇ ତାଲିକାଭୁକ୍ତ ୧୦ ପ୍ରମୁଖ କମ୍ପାନୀଙ୍କ ମଧ୍ୟରୁ ୮ କମ୍ପାନୀଙ୍କ ବଜାର ପୁଞ୍ଜି(ଏମ-କ୍ୟାପ୍)ରେ ଅନ୍ୟୂନ ୩.୨୮ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏକ୍ଷେତ୍ରରେ ସବୁଠୁ ଆଗରେ ରହିଥିଲା ବେଳେ ଏହାପଛକୁ ଟିସିଏସ୍, ଏଚଡିଏଫସି ବ୍ୟାଙ୍କ, ଭାରତୀ ଏୟାରଟେଲ, ଆଇସିଆଇସିଆଇ ବ୍ୟାଙ୍କ, ଏସବିଆଇ, ଇନଫୋସିସ୍, ଏଲଆଇସି ଏବଂ ଇନଫୋସିସ୍ ଆଦି କମ୍ପାନୀ ରହିଛନ୍ତି।

■ ସନ୍ତୋଷ ସ୍ମାରକୀ ସ୍କୁଲ ଚେସ୍

# ନମସ୍ୟ ଚାମ୍ପିଅନ, ଓମ୍ ରନର୍ସଅପ୍



ଭୁବନେଶ୍ୱର, ୯।୬ (ସମିସ)

ନମସ୍ୟ ନଳିନୀ ତୃତୀୟ ସନ୍ତୋଷ ସ୍ମାରକୀ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ପକ୍ଷରୁ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ନମସ୍ୟ ନଳିନୀ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ୍ର ଓମ୍ ସ୍ୱରୁପ ପାଢ଼ୀ, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧'ର ତ୍ରିଦେବ ତୀର୍ଥଙ୍କର, ରସୁଲଗଡ଼ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ୍ର ସାତ୍ତ୍ୱିକ ପଟ୍ଟନାୟକ ଓ କେଭି ନଂ-୧'ର ଆଦିତ୍ୟ ପ୍ରଧାନ ସମସ୍ତେ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍ରେ ଏମାନେ ଯଥାକ୍ରମେ ଦ୍ୱିତୀୟରୁ ୫ମ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ପଛକୁ ଆୟବନ୍ତ ମହାନ୍ତି, ଆୟୁଷ୍ମାନ ବେହେରା, ରୁଦ୍ରପ୍ରତାପ ମିଶ୍ର, ସ୍ୱସ୍ତିକ ବେହେରା ଓ ରୁଦ୍ରାଂଶୁ ଦାସ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ମଧ୍ୟରେ ରହିଛନ୍ତି। ରବିବାର ସକାଳେ ଏହି ପ୍ରତିଯୋଗିତାକୁ ରୟାଲ ପବ୍ଲିକ୍ ସ୍କୁଲ୍ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲାବେଳେ ଖେଳ ଶେଷରେ ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଚନ୍ଦ୍ରଶେଖର ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ।

## ଏଫ୍ଆଇଏଚ୍ ପ୍ରୋ ଲିଗ୍

# ପରାଜୟ ସହ ଭାରତର ଅଭିଯାନ ଶେଷ

ଲଣ୍ଡନ, ୯।୬ (ଏଜେନ୍ସି)

ବିଶ୍ୱ ହକିର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଏଫ୍ଆଇଏଚ୍ ପ୍ରୋ ଲିଗ୍ର ଚଳିତ ୨୦୨୩-୨୪ ସଂସ୍କରଣରେ ଭାରତ ଉଭୟ ପୁରୁଷ ଓ ମହିଳା ଦଳ ଘରୋଇ ଗ୍ରେଟ୍ ବ୍ରିଟେନ ନିକଟରୁ ପରାସ୍ତ ହୋଇ ଅଭିଯାନ ଶେଷ କରିଛି। ପ୍ରୋ ଲିଗ୍ର ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଖେଳିବା ଲାଗି ୟୁରୋପ୍ ଗସ୍ତରେ ଥିବା ଭାରତୀୟ ମହିଳା ଦଳ ରବିବାର ଏକ ମ୍ୟାଚରେ ୨-୩ ଗୋଲରେ ଗ୍ରେଟ୍ ବ୍ରିଟେନ ନିକଟରୁ ପରାସ୍ତ ହୋଇଛି। ଏକଦା ମ୍ୟାଚର ୫୬ ମିନିଟ୍ ପର୍ଯ୍ୟନ୍ତ ୨-୧ରେ ପଛୁଆ ଥିବା ଘରୋଇ ଗ୍ରେଟ୍ ବ୍ରିଟେନ ଶେଷ ୪ ମିନିଟ୍ରେ ୨ଟି ଗୋଲ୍ ଦେଇ ଭାରତ ନିକଟରୁ ବିଜୟ ଛଡ଼ାଇ ନେଇଥିଲା। ଗ୍ରେସ୍ ବାଲସଡନ ପେନାଲ୍ଟି କର୍ଣ୍ଣରରୁ ଏହି ଗୋଲଟି ଦେଇ ବିଜୟରେ ନାୟିକା ସାଜିଥିଲେ। ସାଲିମା ଟେଟେଙ୍କ ନେତୃତ୍ୱରେ ଖେଳୁଥିବା ଭାରତୀୟ ଦଳର ଏହା କ୍ରମାଗତ ୮ମ ପରାଜୟ। ଭାରତ ୧୬ ମ୍ୟାଚ୍ ଖେଳି ୧୩ ପରାଜୟ ସହ ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

ଭାରତ ଓ ଗ୍ରେଟ୍ ବ୍ରିଟେନ ମହିଳା ଦଳ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚର ପ୍ରଥମ କ୍ୱାର୍ଟର ବେଶ୍ ରୋମାଞ୍ଚକ ରହିଥିଲା। ତୃତୀୟ ମିନିଟରେ ଚାର୍ଲୋଟେ ୱାଟସନଙ୍କ ଗୋଲ୍ ବଳରେ ଗ୍ରେଟ୍ ବ୍ରିଟେନ ୧-୦ରେ ଅଗ୍ରଣୀ ରହିଥିଲା। କିନ୍ତୁ ୧୪ତମ ମିନିଟ୍ରେ ଲାଲରେମସିଆମିଙ୍କ ଗୋଲ୍ ବଳରେ ଭାରତ ମ୍ୟାଚକୁ ୧-୧ର ବରାବର୍‌ସ୍ଥିତିକୁ ଆଣିଥିଲା। ଏହାପରେ ଦ୍ୱିତୀୟ କ୍ୱାର୍ଟର ତଥା ୨୩ତମ ମିନିଟ୍ରେ ନବନୀତ୍ କୌରଙ୍କ ଷ୍ଟିକ୍ରୁ ଏକ ଫିଲ୍ଡ ଗୋଲ୍ ବାହାରିଥିଲା। ଯାହା ଫଳରେ ପ୍ରଥମାର୍ଦ୍ଧରେ ଭାରତ ୨-୧ରେ ଆଗୁଆ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ଆହୁରି ସଂଘର୍ଷପୂର୍ଣ୍ଣ ରହିଥିଲା। ତୃତୀୟ କ୍ୱାର୍ଟରରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ମଧ୍ୟ ଗୋଲଶୂନ୍ୟ ଆଡ଼କୁ ଅଗ୍ରସର ହେଉଥିଲା। କିନ୍ତୁ ୪ ମିନିଟ୍ରେ ପେନାଲ୍ଟି କର୍ଣ୍ଣରରୁ ଦୁଇଟି ଗୋଲ୍ (୫୬ତମ ଓ ୫୮ତମ ମିନିଟ) ଦେଇ ଗ୍ରେସ୍ ବାଲସଡନ ଘରୋଇ ଗ୍ରେଟ୍ ବ୍ରିଟେନକୁ ଅପ୍ରତ୍ୟାଶିତ ବିଜୟ ଭେଟି ଦେଇଥିଲେ।

ଭାରତୀୟ ପୁରୁଷ ଦଳ ଏହାର ଶେଷ ତଥଶ ୧୬ତମ ମ୍ୟାଚରେ ରବିବାର ଗ୍ରେଟ୍ ବ୍ରିଟେନକୁ ଭେଟିଥିଲା। ଏଥିରେ ଭାରତ ୩-୨ ଗୋଲରେ ପରାସ୍ତ ହୋଇ ପ୍ରତିଯୋଗିତାରେ ଅଭିଯାନ ଶେଷ କରିଛି। ଏକଦା ମ୍ୟାଚ ୩ କ୍ୱାର୍ଟର ସୁଦ୍ଧା ୨-୨ରେ ବରାବର୍ ରହିଥିଲା। କିନ୍ତୁ ୪ର୍ଥ କ୍ୱାର୍ଟରରେ ବ୍ରିଟେନର ଆଲାନ ଫୋର୍ସିଙ୍କ ଗୋଲ ଦଳକୁ ବିଜୟୀ କରାଇଥିଲା। ଭାରତ ପକ୍ଷରୁ ସୁଖଜିତ୍ ସିଂହ ଓ ଅଧିନାୟକ ହରମନପ୍ରୀତ୍ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଭାରତ ୧୬ ମ୍ୟାଚରୁ ୫ଟି ଲେଖାଏ ବିଜୟ ଓ ପରାଜୟ ଏବଂ ୬ ଡ୍ର ସହ ୨୪ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହି ବିଦାୟ ନେଇଛି।

ଉଭୟ ପୁରୁଷ ଓ ମହିଳା ହାରିଲେ




## ଭାରତରେ ପ୍ରଥମଥର ଦ୍ୱିପାକ୍ଷିକ ମହିଳା ସିରିଜ୍ ଖେଳିବ ଆୟର୍ଲାଣ୍ଡ

ଡବ୍‌ଲିନ୍, ୯।୬(ଏଜେନ୍ସି): ପୁରୁଷ ହେଉ କିମ୍ବା ମହିଳା ବିଭାଗରେ ଆୟର୍ଲାଣ୍ଡ କ୍ରିକେଟ ଦଳ ପ୍ରଥମଥର ଭାରତ ସହ ଦ୍ୱିପାକ୍ଷିକ ସିରିଜ୍ ଖେଳିବ। ଏହି ସିରଜ୍ ଭାରତରେ ଆୟୋଜିତ ହେବ ଓ ଲୌରା ଡେଲାନିଙ୍କ ନେତୃତ୍ୱରେ ଆୟର୍ଲାଣ୍ଡ ମହିଳା କ୍ରିକେଟ ଦଳ ଭାରତ ସହ ୩ଟି ଦିନିକିଆ ଓ ୩ଟି ଟି-୨୦ ମ୍ୟାଚ୍ ଖେଳିବ। ଏହା ସମ୍ଭବ ହେଲେ ଭାରତରେ ଦ୍ୱିପାକ୍ଷିକ ସିରିଜ୍ ଖେଳିବାରେ ଆୟର୍ଲାଣ୍ଡ ମହିଳା ଦଳ ପ୍ରଥମ ହେବେ। ପୂର୍ବରୁ ୨୦୧୧ରେ ଆୟର୍ଲାଣ୍ଡ ପୁରୁଷ ଦଳ ଦିନିକିଆ ବିଶ୍ୱକପ୍ ଖେଳିବାକୁ ଭାରତ ଆସିଥିଲା। କିନ୍ତୁ ଭାରତ ସହ କୌଣସି ଦ୍ୱିପାକ୍ଷିକ ସିରିଜ୍ ଖେଳିନାହିଁ। ଆୟର୍ଲାଣ୍ଡ ମହିଳା ଦଳ ଡିସେମ୍ବର ୩୦ରେ ଭାରତରେ ପହଞ୍ଚିବେ ଓ ଦୁଇ ସପ୍ତାହ ଧରି ସିରିଜ୍ ଖେଳିବେ। ଏହି ମ୍ୟାଚ୍ ଗୁଡିକ କେଉଁ ଭେନ୍ୟୁରେ ଖେଳାଯିବ ତାହା ସ୍ଥିର ହୋଇନାହିଁ। ଏହି ମ୍ୟାଚ୍ ଗୁଡିକ ଆଇସିସି ମହିଳା ଚାମ୍ପିଅନସିପ୍‌ର ଅନ୍ତର୍ଭୁକ୍ତ ହେବ।

# ୟୁଏଫ୍‌ସି ଫାଇଟ୍ ଜିତିବାରେ ପୂଜା ପ୍ରଥମ ଭାରତୀୟ

ଲସ୍ ଭେଗାସ, ୯।୬ (ଏଜେନ୍ସି): ପ୍ରଥମ ଭାରତୀୟ ଭାବେ ପୂଜା ତୋମାର ଆମେରିକାରେ ଚାଲିଥିବା ଅଲ୍‌ଟିମେଟ୍ ଫାଇଟିଂ ଚାମ୍ପିଅନସିପ୍ (ୟୁଏଫ୍‌ସି)ରେ ଏକ ଫାଇଟ୍ ଜିତିଛନ୍ତି। ମହିଳା ଷ୍ଟ୍ରୱେଟ୍ ଡିଭିଜନ (ମିକ୍ସଡ୍ ମାର୍ଶାଲ ଆର୍ଟ୍ସର ୪୮-୫୨ କିଗ୍ରା ବିଭାଗ)ରେ ଭାଗନେଇଥିବା ଉତ୍ତର ପ୍ରଦେଶ ମୁଜାଫରନଗରର ପୂଜା ବ୍ରାଜିଲର ରେୟାନ ଡସ୍ ସାଣ୍ଟୋସଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଏହି ଫାଇଟ୍‌କୁ ପୂଜା ୩୦-୨୭, ୨୭-୩୦ ଓ ୨୯-୨୮ରେ ଜିତିଥିଲେ। ପୂଜା ପ୍ରଥମ ରାଉଣ୍ଡରେ ପ୍ରଭାବୀ ପ୍ରଦର୍ଶନ କରି ଏକ ପାୱାରଫୁଲ୍ କିକ୍ ଜରିଆରେ ରେୟାନଙ୍କୁ ତଳେ ପକାଇ ଦେଇଥିଲେ। ଏହାପରେ ଦ୍ୱିତୀୟ ରାଉଣ୍ଡରେ ରେୟାନ ତାଙ୍କ ଉଚ୍ଚତାର ଫାଇଦା ଉଠାଇ କିକ୍ ଉପରେ ଅଧିକ ଗୁରୁତ୍ୱ ଦେଇ ୩୦-୨୭ରେ ଜିତି ୧-୧ ବରାବର୍‌ସ୍ଥିତିକୁ ଆଣିଥିଲେ। ତେବେ ନିର୍ଣ୍ଣାୟକ ୩ୟ ରାଉଣ୍ଡରେ ପୂଜା କଡ଼ା ମୁକାବିଲା ହୋଇଥିଲେ ମଧ୍ୟ ପୂଜା ଶେଷରେ ୨୯-୨୮ରେ ଜିତିବା ସହ ଫାଇଟ୍‌କୁ ମଧ୍ୟ ହାତେଇନେଇଥିଲେ। ପୂଜାଙ୍କ ପୂର୍ବରୁ ଭରତ କାନ୍ଧାରେ ଓ ଅଂଶୁଲ ଜୁବ୍ଲି ଉଭୟ ୟୁଏଫ୍‌ସିରେ ଫାଇଟ୍ କରିଥିଲେ ମଧ୍ୟ ସେମାନଙ୍କ ପଦାର୍ପଣରେ ବିଜୟ ସ୍ୱାଦ ଚାଖିପାରି ନ ଥିଲେ।




## ଗୁରୁପ୍ରୀତ୍ ଭାରତୀୟ ଦଳର ନୂଆ ଅଧିନାୟକ



ଦୋହା, ୯।୬ (ଏଜେନ୍ସି): ବେଙ୍ଗାଲୁରୁ ଏଫ୍‌ସି ଗୋଲ୍‌ରକ୍ଷକ ତଥା ଭେଟେରାନ ଖେଳାଳି ଗୁରୁପ୍ରୀତ୍ ସିଂହ ସାନ୍ଧୁଙ୍କୁ ବଡ଼ ଦାୟିତ୍ୱ ମିଳିଛି। ଭାରତୀୟ ଫୁଟ୍‌ବଲ ଦଳର ନୂଆ ଅଧିନାୟକ ଭାବେ ୩୨ ବର୍ଷୀୟ ସାନ୍ଧୁଙ୍କ ନାମକୁ ଘୋଷଣା କରାଯାଇଛି। କିମ୍ବଦନ୍ତୀ ଖେଳାଳି ସୁନିଲ ଛେତ୍ରୀଙ୍କ ସ୍ଥାନରେ ସେ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିବେ। ଛେତ୍ରୀ ବର୍ତ୍ତମାନ ସୁଦ୍ଧା ୭୧ ମ୍ୟାଚ୍ ଖେଳିସାରିଛନ୍ତି। ଛେତ୍ରୀଙ୍କ ପରେ ଦଳରେ ସେ ଦ୍ୱିତୀୟ ବରିଷ୍ଠ ଖେଳାଳି ଥିଲେ। ଭାରତୀୟ ଫୁଟ୍‌ବଲ ଦଳ ବର୍ତ୍ତମାନ ଫିଫା ବିଶ୍ୱକପ୍-୨୦୨୬ ଓ ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟର ରାଉଣ୍ଡ-୨ ମୁକାବିଲାରେ ମଙ୍ଗଳବାର କତାରକୁ ଭେଟିବ। ଏହି ମ୍ୟାଚ୍ ଦୋହାର ଜାସିମ ବିନ୍ ହମାଦ ଷ୍ଟାଡିୟମରେ ମଙ୍ଗଳବାର ରାତି ୯ଟା ୧୫ରେ ଖେଳାଯିବ। ଏଥିଲାଗି ମୁଖ୍ୟ ପ୍ରଶିକ୍ଷକ ଇଗର ଷ୍ଟିମାକ ଗୁରୁପ୍ରୀତ୍‌ଙ୍କ ନେତୃତ୍ୱରେ ୨୩ ଜଣିଆ ଭାରତୀୟ ଦଳ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ଛେତ୍ରୀ ଭାରତୀୟ ଫୁଟ୍‌ବଲରୁ ଅବସର ନେଇଥିଲେ।

## କଳାହାଣ୍ଡି କପ୍ ସୁପର ଲିଗ୍

# ୯ ରନ୍‌ରେ ବାଲେଶ୍ୱର ବିଜୟୀ


ଆଶୀର୍ବାଦ ସ୍ୱାଇଁ



ଅର୍ଶଦ କିଶୋର


ଶେଖର ମାଝି


ସୁମନ ଦାସ


ସ୍ୱୟଂ ରାଉତ

କଟକ, ୯।୬(ସମିସ)

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସି)) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ ସୁପର ଲିଗ୍ (ଦୁଇଦିବସୀୟ) ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ବାଲେଶ୍ୱର ୯ ରନ୍‌ରେ ଅବଶିଷ୍ଟ ଓଡ଼ିଶା-ଡି ଦଳକୁ ପରାସ୍ତ କରିଛି। ଡ୍ରିମସ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ବାଲେଶ୍ୱର ସମସ୍ତ ୱିକେଟ ହରାଇ ୧୮୬ ରନ କରିଥିଲା। ଗୁରୁଦୀପନ ଜେନା ସର୍ବାଧିକ ୭୦ରନ୍ କରିଥିଲେ। ୧୮୭ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଅବଶିଷ୍ଟ ଓଡ଼ିଶା-ଡି ଦଳ ୧୭୭ରନରେ ଅଲଆଉଟ ହୋଇଛି। ବାଲେଶ୍ୱରର ଶେଖର ମାଝୀ ୪୬ରନ ବିନିମୟରେ ୪ଟି ଓ ବିଶାଲ ଦାଶ ୨୨ରନ ବିନିମୟରେ ୨ଟି ୱିକେଟ ଅକ୍ତିଆର କରି ଦଳକୁ ରୋମାଞ୍ଚକ ବିଜୟ ପ୍ରଦାନ କରିଥିଲେ। ଅବଶିଷ୍ଟ ଓଡ଼ିଶା-ଡି ପକ୍ଷରୁ ଆର୍ଯ୍ୟଶ୍ରୀ ଡି ଭଞ୍ଜ ୬୪ ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ।

### ଆଶୀର୍ବାଦଙ୍କ ଶତକରେ ଓଡ଼ିଶା-ସି ବିଜୟୀ

ସନ୍‌ସାଇନ ଗ୍ରାଉଣ୍ଡରେ ଅବଶିଷ୍ଟ ଓଡ଼ିଶା-ସି ୬ ୱିକେଟରେ କଟକ-ଏକୁ ପରାସ୍ତ କରିଛି। କଟକ-ଏ'ର ପାଳି ୧୭୪ ରନ୍‌ରେ ସୀମିତ ରହିଥିଲା। ସୌଭାଗ୍ୟ ମିଶ୍ର ସର୍ବାଧିକ ୫୨ରନ କରିଥିଲେ। ଆଶୀର୍ବାଦ ସ୍ୱାଇଁ ଏବଂ ଅର୍ଶଦ କିଶୋର ଶତକୀୟ ପାଳି ଖେଳି ଅବଶିଷ୍ଟ ଓଡ଼ିଶା-ସିକୁ ବିଜୟୀ କରାଇଥିଲେ। ଆଶୀର୍ବାଦ ୧୬୫ ବଲରୁ ୧୧୯ ରନର ଅପରାଜିତ ଶତକୀୟ ପାଳି ଖେଳିଥିଲେ। ଅର୍ଶଦ ୧୧୦ ରନ କରିଥିଲେ। କଟକ-ଏ ପକ୍ଷରୁ ଶୁଭମ ନାୟକ ୨ଟି ଏବଂ ବିଶ୍ୱଜିତ ମହାରଣା ଗୋଟିଏ ୱିକେଟ ହାସଲ କରିଥିଲେ।

### ନୟାଗଡ଼କୁ ହରାଇଲା ରେଳବାଇ

ବାରବାଟୀ ଷ୍ଟାଡିୟମରେ ପୂର୍ବତଟ ରେଳବାଇ ୯୨ରନରେ ନୟାଗଡ଼କୁ ହରାଇଛି। ଗିରିଜା ରାଉତଙ୍କ ୧୩୪ ରନର ଶତକୀୟ ପାଳି ସହାୟତାରେ ରେଳବାଇ ସମସ୍ତ ୱିକେଟ ହରାଇ ୨୫୧ ରନ କରିଥିଲା। ଜବାବରେ ନୟାଗଡ଼ ୧୫୯ ରନ୍‌ରେ ଅଲଆଉଟ ହୋଇଛି। ନିହାର ପଟ୍ଟନାୟକ ସର୍ବାଧିକ ୩୪ ରନ କରିଥିଲେ। ରେଳବାଇ ପକ୍ଷରୁ ଅଭିଷେକ ଯାଦବ ଏବଂ ଜୟନ୍ତ ବେହେରା ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ହାସଲ କରିଥିଲେ।

### ଭୁବନେଶ୍ୱର-ଏ'ର ବଡ଼ ବିଜୟ

ରେଭେନ୍ସା ଗ୍ରାଉଣ୍ଡ-୧ରେ ଭଦ୍ରକ ଏବଂ ଭୁବନେଶ୍ୱର-ଏ ମଧ୍ୟରେ ମ୍ୟାଚ ହୋଇଥିଲା। ଭଦ୍ରକର ପାଳି ମାତ୍ର ୭୧ରନରେ ସୀମିତ ରହିଥିଲା। ଭୁବନେଶ୍ୱର-ଏ'ର ସୁମନ ଦାସ ଏବଂ ସ୍ୱୟମ ରାଉତରାୟ ୫ଟି ଲେଖାଏ ୱିକେଟ ବାଣ୍ଟି ନେଇଥିଲେ। ରବିବାର ତଥା ମ୍ୟାଚ୍‌ର ଅନ୍ତିମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଭୁବନେଶ୍ୱର-ଏ ୮ ୱିକେଟ ବିନିମୟରେ ୩୬୧ ରନ କରିବା ସହ ବିଜୟୀ ଘୋଷିତ ହୋଇଛି। ଶାନ୍ତନୁ ମିଶ୍ର ୧୦୪ରନର ଶତକୀୟ ପାଳି ଖେଳିଥିଲେ। ସନ୍ଦୀପ ପଟ୍ଟନାୟକ ଦ୍ରୁତତମ ୯୩ ରନ ସଂଗ୍ରହ କରିଥିଲେ। ଭଦ୍ରକ ପକ୍ଷରୁ କିଶନ ମନୋହର ମହାନ୍ତି ଏବଂ ସତ୍ୟକାମ ଭରଦ୍ୱାଜ ୩ଟି ଲେଖାଏ ୱିକେଟ ହାସଲ କରିଥିଲେ।

# ଫେବୃଆରୀ ୧୯ରୁ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ

ଦୁବାଇ, ୯।୬(ଏଜେନ୍ସି)

ଦିନିକିଆ ଫର୍ମାଟରେ ଖେଳାଯାଉଥିବା ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଆସନ୍ତାବର୍ଷ ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୯ରେ ଶେଷ ହେବ। ଏହି ପ୍ରତିଯୋଗିତାର ଆୟୋଜକ ଆଇସିସି ଏହି ସମୟରେ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବାକୁ ସ୍ଥିର କରିଛି। ଏହି ପ୍ରତିଯୋଗିତା ପାକିସ୍ତାନରେ ହେବ ଓ ଏଥିରେ ୮ଟି ଶ୍ରେଷ୍ଠ ଦେଶ ଅଂଶଗ୍ରହଣ କରିବେ। ୨୦ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଗତଥର ଫାଇନାଲରେ ଭାରତକୁ ହରାଇ ପାକିସ୍ତାନ ଚାମ୍ପିଅନ ହୋଇଥିଲା। ପାକିସ୍ତାନରେ ଏହି ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଥିବାରୁ ଶୁକ୍ରବାର ପ୍ରଥମ ମ୍ୟାଚ୍ ଖେଳାଯିବାର ଅଲିଖିତ ନିୟମ ରହିଛି। କିନ୍ତୁ ଏଥର ବୁଧବାର ଖେଳ ଆରମ୍ଭ ହେବାକୁ ଆଇସିସି ଘୋଷଣା କରିଥିଲେ ମଧ୍ୟ ଏଥିରେ ପରିବର୍ତ୍ତନ ହେବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। କିନ୍ତୁ ପ୍ରତିଯୋଗିତା କେବଳ ରବିବାର ଶେଷ ହେବ। ଏହି ସମୟରେ ବିଭିନ୍ନ ଦେଶରେ ଟି-୨୦ ଲିଗ୍ ଆୟୋଜିତ ହୋଇଥାଏ। ଅଂଶଗ୍ରହଣକାରୀ ଦେଶଗୁଡିକ ନିଜ ସୁବିଧା ଅନୁଯାୟୀ ଏହି ଲିଗ୍ ଗୁଡିକ ଆୟୋଜନ କରିବାକୁ ଆଇସିସି ପକ୍ଷରୁ କୁହାଯାଇଛି। ଦୁବାଇରେ ଖେଳାଯାଉଥିବା ଆଇଏଲ ଟି-୨୦ ଓ ଦକ୍ଷିଣ ଆଫ୍ରିକା ଫେବୃଆରୀ ୮ ଓ ୯ରେ ସେମାନଙ୍କ ଲିଗ୍ ଶେଷ କରିବେ।

ପାକିସ୍ତାନରେ ଏହି ପ୍ରତିଯୋଗିତାର ଆୟୋଜନ ଅଧିକାର ପାକିସ୍ତାନକୁ ମିଳିଥିଲେ ମଧ୍ୟ ଏହି ଦେଶରେ ହେବକି ନାହିଁ ସମୟ କହିବ। ବିଶେଷ କରି ଭାରତରେ ବିଜେପି ସରକାର ପୁଣିଥରେ ସରକାର ଗଢ଼ିବା ପରେ ଭର୍ତୀୟ କ୍ରିକେଟ ଦଳକୁ ପାକିସ୍ତାନ ଯିବାକୁ ଅନୁମତି ଦିଆଯିବା ନେଇ ଆଶଙ୍କା ରହିଛି। ଯଦି ଏପରି ହୁଏ, ତେବେ ଏସିଆ କପ୍ ପରି ହାଇବ୍ରିଡ୍ ମୋଡ୍‌ରେ ଏହି ପ୍ରତିଯୋଗିତା ଆୟୋଜିତ ହେବାର ସମ୍ଭାବନାକୁ ଏଡାଇଦେଇ ହେବ ନାହିଁ। ଆସନ୍ତା ଜୁଲାଇ ମାସ ଶ୍ରୀଲଙ୍କାରେ ଆଇସିସିର ବାର୍ଷିକ ସମ୍ମିଳନୀ ଆୟୋଜିତ ହେବ। ଏହି ସମ୍ମିଳନୀରେ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି। ପୂର୍ବରୁ ସୁରକ୍ଷା ଦୃଷ୍ଟିରୁ ଭାରତ ଖେଳିବାକୁ ଥିବା ସମସ୍ତ ମ୍ୟାଚ୍ ଗୁଡିକ ଲାହୋରରେ ଆୟୋଜନ କରିବାକୁ ଘୋଷଣା କରିଛି। କିନ୍ତୁ ଭାରତ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ପାକିସ୍ତାନ ଯିବ କି ନାହିଁ ତାହା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ନୁହେଁ, ଭାରତ ସରକାର ସ୍ଥିର କରିବେ।

ICC CHAMPIONS TROPHY



# ଜ୍ୟେଷ୍ଠ ମାସରେ ଜଳର ମହତ୍ତ୍ୱ

**ଜ୍ୟେଷ୍ଠ ମାସ ସୂର୍ଯ୍ୟଦେବଙ୍କୁ ସମର୍ପିତ। କୁହାଯାଏ, ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଚନ୍ଦ୍ର ଜ୍ୟେଷ୍ଠା ନକ୍ଷତ୍ରରେ ଥାନ୍ତି। ସେଥିପାଇଁ ଏହି ମାସର ନାଁ ଜ୍ୟେଷ୍ଠ। ତେବେ ଏହି ମାସର ସମ୍ବନ୍ଧ ଜଳ ସହ ଯୋଡ଼ା ଯାଇଛି। ଏହି ମାସରେ ସୂର୍ଯ୍ୟଦେବ ଏବଂ ବରୁଣ ଦେବଙ୍କ ଉପାସନା ଫଳଦାୟୀ। ଜ୍ୟେଷ୍ଠ ମାସରେ ଭୀଷଣ ଗରମ ଅନୁଭୂତ ହୋଇଥାଏ। ଏଣୁ ଏହି ମାସରେ ଜଳଦାନକୁ ଶୁଭ ବୋଲି କୁହାଯାଏ।**

**ଜଳର ମହତ୍ତ୍ୱ:** ଏହି ମାସରେ ପ୍ରବଳ ଗରମ ହୋଇଥାଏ। ଅଧିକାଂଶ ନଦୀ, ପୋଖରୀ, କୂଅ ଶୁଖି ଯାଏ। ପୁଣି କେତେକ ସ୍ଥାନରେ ଜଳାଭାବ ଦେଖାଯାଏ। ସେଥିପାଇଁ ଏହି ମାସରେ ଜଳ ସଂରକ୍ଷଣ କରିବାର ପରମ୍ପରା ଅଛି। ଅସହ୍ୟ ଗରମ ଏବଂ ଜଳାଭାବ ଯୋଗୁଁ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଏହିପରି ଭାବେ ଏହି ମାସ ଜଳ ମହତ୍ତ୍ୱ ବାବଦରେ ବୁଝାଏ। ସେହିପରି ଜ୍ୟେଷ୍ଠ ଶୁକ୍ଳ ଏକାଦଶୀକୁ ନିର୍ଜଳା ଏକାଦଶୀର ସମ୍ବନ୍ଧ ଜଳ ସହ ଜଡ଼ିତ। ନିର୍ଜଳା ରହି ଭକ୍ତ ଏହାକୁ ପାଳନ କରନ୍ତି। ଏହି ବ୍ରତରେ ଅନ୍ନ ସହିତ ଜଳ ମଧ୍ୟ ତ୍ୟାଗ କରାଯାଏ।

**ବିଷ୍ଣୁଙ୍କ ପ୍ରିୟ ମାସ:** ଏହି ମାସ ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ ବୋଲି ବିଚାର କରାଯାଏ। ତା'ସହ ବରୁଣ ଦେବ, ଶନିଦେବ, ସୂର୍ଯ୍ୟ ଦେବ ଏବଂ ହନୁମାନଙ୍କ ଉପାସନା କରାଯାଏ। ଏହି ମାସରେ ଏହି ସବୁ ଦେବତାଙ୍କ ବିଶେଷ ପୂଜାପାଠ କରିବା ସହ ଜଳଦାନ କରିବାର ପରମ୍ପରା ଅଛି। କେବଳ ସେତିକି ନୁହେଁ, ପବିତ୍ର ନଦୀ ଗଙ୍ଗା, ଯମୁନା, ନର୍ମଦାରେ ସ୍ନାନ କରିବାକୁ କୁହାଯାଏ।

**କ'ଣ କରିବେ ଦାନ**

- ସକାଳ ଓ ସନ୍ଧ୍ୟାରେ ଗଛରେ ପାଣି ଦିଅନ୍ତୁ।
- ଲୋକଙ୍କୁ ଜଳଦାନ କରନ୍ତୁ। ଏହା ଦ୍ୱାରା ମଙ୍ଗଳ ଦୋଷରୁ ମୁକ୍ତି ମିଳିଥାଏ।
- ସେହିପରି ପଶୁ ଓ ପକ୍ଷୀଙ୍କ ପାଇଁ ଜଳ ବ୍ୟବସ୍ଥା କରିବା ଭଲ।
- ଜଳ ନଷ୍ଟ ନ କରି ଏହାର ସଦୁପଯୋଗ କରନ୍ତୁ।
- ଜ୍ୟେଷ୍ଠ ମାସର ସ୍ୱାମୀ ମଙ୍ଗଳ ଦେବ। ଏଣୁ ମଙ୍ଗଳବାର ହନୁମାନ ଚାଳିଶା ଏବଂ ସୁନ୍ଦରକାଣ୍ଡ ପାଠ କରିବା ଉଚିତ।

# ଶୀତଳ ଷଷ୍ଠୀ

**ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀରେ ମାତା ପାର୍ବତୀ ଏବଂ ମହାଦେବ ଶିବଙ୍କ ବିବାହ ଉତ୍ସବ ପାଳନ କରାଯାଏ। ଏହା ପରଦିନ ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଶିବ ରୁଦ୍ର ଏବଂ ପାର୍ବତୀ ଶାନ୍ତିର ବାର୍ତ୍ତା ବହନ କରନ୍ତି। ଶୀତଳତାର ସଙ୍କେତ ବହନ କରୁଥିବା ଶିବ ପାର୍ବତୀଙ୍କ ବିବାହ ଉତ୍ସବକୁ 'ଶୀତଳ ଷଷ୍ଠୀ' କୁହାଯାଏ। ଗ୍ରୀଷ୍ମ ଋତୁ ପୃଥିବୀପୃଷ୍ଠରୁ ବିଦାୟ ନେଉଥିବା ବେଳେ ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ପରିସମାପ୍ତି ପରେ ଶୀତଳ ଷଷ୍ଠୀ ବେଳକୁ ଧରାପୃଷ୍ଠ ଶୀତଳ ପରିବେଶ ସୃଷ୍ଟି କରିଥାଏ। ଏହି ପରିପ୍ରେକ୍ଷୀରେ ସମ୍ବଲପୁରରେ ହେଉଥିବା ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ବିଷୟରେ ଜାଣିବା।**



ଆମ ଦୈନନ୍ଦିନ ଜୀବନରେ ଯେଉଁଳି ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ଠିକ୍‌ସେମିତି ବୈଦିକ ରୀତିନୀତିରେ ଏଠାରେ ଶିବ-ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ। କନ୍ୟା ଖୋଜା, ନିର୍ବନ୍ଧ, ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ, ବରଯାତ୍ରୀ ଆଗମନ ତଥା ବୈଦିକ ରୀତିରେ ବେଦିରେ ଦେବ ଦମ୍ପତିଙ୍କ ବିବାହ, କନ୍ୟାଦାନ ସହିତ ଯାନିଯୌତୁକ ସହ କନ୍ୟା ବିଦାୟ କାର୍ଯ୍ୟ ରୀତିନୀତିରେ ସମ୍ପନ୍ନ କରାଯାଏ। ଏଥିରେ କିଛି ଭକ୍ତ ମା' ପାର୍ବତୀଙ୍କ ମାଆ ବାପା ହୋଇଥିବା ବେଳେ ଆଉ କିଛି ଭକ୍ତ ଶିବଙ୍କ ମାଆ ବାପା ହୋଇ ବିବାହ କାର୍ଯ୍ୟ ତୁଲାଇଥାନ୍ତି। ପାରମ୍ପରିକ ରୀତିରେ ପ୍ରଭୁ ଶିବଙ୍କୁ ବରଯାତ୍ରୀଙ୍କ ସହିତ ମା' ପାର୍ବତୀଙ୍କ ଘରକୁ ବାଜା, ବାଣ, ରୋଶଣିରେ ନିଆଯାଏ ଏବଂ ବୈଦିକ ରୀତିରେ ବିବାହ କରାଯାଏ। ରଙ୍ଗବେରଙ୍ଗ ଚିତ୍ରରେ ସୁଶୋଭିତ ରଥରେ ଶିବ ଓ ମା' ପାର୍ବତୀଙ୍କୁ ଅଣାଯାଏ। ମଧ୍ୟରାତ୍ରିରୁ ଏହି ପଟୁଆର ଆରମ୍ଭ ହୋଇ ପରଦିନ ଦ୍ୱିପହରରେ ଶିବପାର୍ବତୀଙ୍କ ପୂଜାରେ ଶେଷ ହୁଏ। ସମ୍ବଲପୁରରେ ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ସଙ୍ଗୀତ ଓ ନାଚ। ଅନ୍ୟପଟେ ପୁରୀ ଲୋକନାଥ ମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଓ ଅନ୍ୟାନ୍ୟ ଶିବ ମନ୍ଦିର ମାନଙ୍କରେ ଶୀତଳ ଷଷ୍ଠୀ ଯାତ୍ରା ଧୁମ୍‌ଧାମ୍‌ରେ ପାଳନ କରାଯାଏ।

# ସ୍ୱପ୍ନରେ ଶିବଲିଙ୍ଗ ଦର୍ଶନ

**ସନାତନ ଧର୍ମରେ ସ୍ୱପ୍ନ ଶାସ୍ତ୍ରର ବିଶେଷ ମହତ୍ତ୍ୱ ରହିଛି। ମନୁଷ୍ୟ ରାତିରେ ଶୋଇବାବେଳେ କିଛି ନା କିଛି ସ୍ୱପ୍ନ ଦେଖିଥାଏ। କିଛି ସ୍ୱପ୍ନ ଶୁଭ ହୋଇଥିବା ବେଳେ, କିଛି ଅଶୁଭ ହୋଇଥାଏ। ଯଦି ସ୍ୱପ୍ନରେ ବାରମ୍ବାର ଶିବଲିଙ୍ଗ ଦର୍ଶନ କରୁଥାନ୍ତି, ତେବେ ଏହା ଅତ୍ୟନ୍ତ ଶୁଭଦାୟକ ହୋଇଥାଏ। ଏଥି ସହିତ ମହାଦେବଙ୍କ କୃପା ରହିଥିବା ଜଣାଯାଏ।**

- ସ୍ୱପ୍ନରେ ଧଳା ଶିବଲିଙ୍ଗ ଦେଖିବା ଶୁଭ। ଏହା ମନୁଷ୍ୟକୁ ସମସ୍ତ ରୋଗରୁ ମୁକ୍ତି ଦେବାକୁ ଇଙ୍ଗିତ କରିଥାଏ। ଏଥିସହିତ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ।
- ଶିବଲିଙ୍ଗ ଉପରେ କ୍ଷୀର ଅଭିଷେକ ସ୍ୱପ୍ନରୁ ଆଗାମୀ ଦିନରେ ଆସିବାକୁ ଥିବା ବହୁ ସମସ୍ୟାରୁ ମୁକ୍ତି ମିଳିବା କଥା ସୂଚାଏ।
- ସେହିପରି ରାତି ଅଧରେ ଶିବଲିଙ୍ଗ ସ୍ୱପ୍ନ ଦେଖିଲେ, ବ୍ରାହ୍ମମୂହୂର୍ତ୍ତରେ ସ୍ନାନ କରି ଶିବ ମନ୍ଦିରରେ ଜଳାଭିଷେକ କରିବା ଜରୁରି। ଏପରି କରିବା ଦ୍ୱାରା ପ୍ରଭୁ ଶଙ୍କର ପ୍ରସନ୍ନ ହୋଇଥାନ୍ତି। ସମସ୍ତ ସମସ୍ୟାରୁ ମୁକ୍ତି ମିଳିଥାଏ।



# କଇଁଛ ମୁଦି ଧାରଣର ନିୟମ

**ଅନେକ ଲୋକ ହାତରେ କଇଁଛ ମୁଦି ପିନ୍ଧୁଛନ୍ତି। ତେବେ ଏହା କେବଳ ଯେ, ଫେଶନ ପାଇଁ ଉଦ୍ଦିଷ୍ଟ ତାହା ନୁହେଁ, ଏହାର ଅନେକ ଲାଭ ମଧ୍ୟ ଅଛି। ବାସ୍ତୁ ଏବଂ ଜ୍ୟୋତିଷ ଶାସ୍ତ୍ରରେ କଇଁଛକୁ ଶୁଭ ବୋଲି ବିଚାର କରାଯାଏ। ଏହାକୁ ପିନ୍ଧିବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ। ତେବେ କଇଁଛ ମୁଦି ପିନ୍ଧିବା ସମୟରେ କେଉଁ ନିୟମ ଉପରେ ଗୁରୁତ୍ୱ ଦେବା ଦରକାର, ଜାଣିବା ସେ ସମ୍ପର୍କରେ।**



- ଏହାକୁ ପିନ୍ଧୁଥିବା ଲୋକଙ୍କୁ ସାତ୍ତ୍ୱିକ ନିୟମ ପାଳନ କରିବାକୁ ପଡ଼ିବ।
- ରୁପା କଇଁଛ ମୁଦି ଧାରଣ କରିବା ଲାଭଦାୟକ।
- ନିତ୍ୟକର୍ମ ସମୟରେ ଏହାକୁ ଅଙ୍ଗୁଳିରୁ ବାହାର କରିବା ଉଚିତ।
- ଏହାକୁ ଅନାମିକା, ମଧ୍ୟମା ଅଙ୍ଗୁଳିରେ ପିନ୍ଧିବା ଭଲ।
- ଏହାକୁ ଶୁକ୍ରବାର ଧାରଣ କରିବା ଅତ୍ୟନ୍ତ ଶୁଭ।

# ପରିଶ୍ରମ ଅନୁସାରେ ସଫଳତା ମିଳୁ ନ ଥିଲେ

**ଅନେକ ସମୟରେ ଜଣେ କଠିନ ପରିଶ୍ରମ କରିବା ସତ୍ତ୍ୱେ ତାଙ୍କୁ ସଫଳତା ମିଳି ନ ଥାଏ। ଫଳରେ ଜୀବନରେ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏପରିକି ଜୀବନରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏସବୁ ରାହୁ ଓ ମଙ୍ଗଳ ଦୋଷ ଯୋଗୁଁ ହେଉଥିବା ଅନେକ ଭାବନ୍ତି। ତେବେ ନିମ୍ନ ପ୍ରଦତ୍ତ କେତେକ ଦିଗକୁ ଆପଣାଇ ଏହି ସମସ୍ୟାକୁ ଦୂର କରିପାରିବେ।**

- ସକ୍ଷମ ଅନୁଯାୟୀ ଗରିବ ଲୋକଙ୍କୁ ଅନ୍ନଦାନ କରନ୍ତୁ।
- ସେହିପରି ଅନ୍ନଦାନ ପାଇଁ ଅସମର୍ଥ ଥିଲେ କୌଣସି ଦେବଦେବୀଙ୍କ ମନ୍ଦିରକୁ ଯାଇ ସେବା କାର୍ଯ୍ୟ କରିପାରିବେ।
- ଅଶ୍ୱତ୍ଥ ବୃକ୍ଷରେ ନିୟମିତ ଜଳ ଦିଅନ୍ତୁ। ଏଥି ସହିତ ପବିତ୍ର ନଦୀ ବା ଗଙ୍ଗାରେ ସ୍ନାନ କରନ୍ତୁ। ଏପରି କରିବା ଦ୍ୱାରା ଧୀରେ ଧୀରେ ସମସ୍ୟା ଦୂରେଇ ଯାଏ।



## ମିଥୁନ ରାଶିରେ ସୂର୍ଯ୍ୟଦେବଙ୍କ ପ୍ରବେଶ

# ୫ ରାଶିଙ୍କୁ ମିଳିବ ଶୁଭ ଫଳ

**ଜ୍ୟୋତିଷ ଶାସ୍ତ୍ରରେ ସୂର୍ଯ୍ୟଙ୍କ ଗୋଚର ଖୁବ୍ ମହତ୍ତ୍ୱ ରଖିଥାଏ। ଏବେ ସୂର୍ଯ୍ୟ ବୃଷ ରାଶିରେ ବିରାଜମାନ ଅଛନ୍ତି ଏବଂ ଜୁନ୍ ୧୫ରୁ ମିଥୁନ ରାଶିକୁ ପ୍ରବେଶ କରିବେ। ତେବେ ସୂର୍ଯ୍ୟଙ୍କ ଏହି ଗୋଚର ସମ୍ପୂର୍ଣ୍ଣ ବର୍ଷେ ପରେ ହୋବକୁ ଯାଉଛି। ସୂର୍ଯ୍ୟଙ୍କ ମିଥୁନ ରାଶିକୁ ଗୋଚର କିଛି ରାଶି ପାଇଁ ଶୁଭ ହୋଇଥିବା ବେଳେ ଆଉ କେତେକଙ୍କ ପାଇଁ ଅଶୁଭ ଫଳ ପ୍ରଦାନ କରିବ।**



**ମେଷ:** ମେଷ ରାଶିକୁ ଶୁଭ ଫଳ ମିଳିବ। ନୂଆ ଚାକିରି ଯୋଗ ଅଛି। ବ୍ୟବସାୟରେ ଧନଲାଭ ହେବ।

**ମିଥୁନ:** ସମସ୍ତ ଯୋଜନା ସଫଳ ହେବ। ଆୟର ନୂତନ ମାର୍ଗ ଉନ୍ମୋଚିତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ସିଂହ:** ସମସ୍ତ କାର୍ଯ୍ୟରେ ସଫଳ ହେବେ। ପରିଶ୍ରମର ଫଳ ମିଳିବ। ଚାକିରିରେ ପଦୋନ୍ନତି ହେବ।

**ତୁଳା:** ଏହି ଗୋଚର ତୁଳା ରାଶିଙ୍କ ପାଇଁ ଧନଲାଭର ଯୋଗ ସୃଷ୍ଟି କରିବ। ବିଦେଶ ଯାତ୍ରା ଯୋଗ ରହିଛି। ବ୍ୟବସାୟରୁ ଲାଭ ମିଳିବ।

**କୁମ୍ଭ:** ଅଟକି ରହିଥିବା କାର୍ଯ୍ୟ ଶେଷ ହେବ। ଧନପ୍ରାପ୍ତି ହେବ। ନିବେଶରୁ ଲାଭ ମିଳିବ।

# ଗୀତାବାଣୀ

**ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ଜିତେନ୍ଦ୍ରିୟଃ।**
**ସର୍ବଭୂତାତ୍ମଭୂତାତ୍ମା କୁର୍ବନ୍ନପି ନ ଲିପ୍ୟତେ॥**

ଯାହାର ଇନ୍ଦ୍ରିୟଗଣ ବଶୀଭୂତ, ଅନ୍ତଃକରଣ ନିର୍ମଳ, ଶରୀର ନିଜ ଦ୍ୱାରା ବଶୀଭୂତ ଏବଂ ସକଳ ପ୍ରାଣୀଙ୍କର ଆତ୍ମା ହିଁ ଯାହାର ଆତ୍ମା, ସେପରି କର୍ମଯୋଗୀ କର୍ମ କରି ମଧ୍ୟ ତହିଁରେ ଲିପ୍ତ ହୁଏ ନାହିଁ।

(ପଞ୍ଚମୋଽଧ୍ୟାୟଃ – ଶ୍ଳୋକ - ୭)



# ପିତୃପୁରୁଷଙ୍କ ଫଟୋରୁ ସୁଖସମୃଦ୍ଧି ବୃଦ୍ଧି



**ହିନ୍ଦୁ ଧର୍ମରେ ପିତୃପୁରୁଷଙ୍କୁ ପୂଜା କରାଯାଏ। ସେଥିପାଇଁ ମୃତ୍ୟୁ ପରେ ମଧ୍ୟ ସେମାନଙ୍କ ଫଟୋ ଘରେ ରଖାଯାଏ। କୁହାଯାଏ, ପୂର୍ବଜଙ୍କ ଫଟୋ ଘରେ ରଖିବା ଦ୍ୱାରା ସୁଖସମୃଦ୍ଧି ବୃଦ୍ଧି ପାଏ। ଏହା ସହ ସେମାନଙ୍କ ଆଶୀର୍ବାଦ ପ୍ରାପ୍ତ ହୁଏ। ତେବେ ଲୋକମାନେ ପିତୃପୁରୁଷଙ୍କ ଫଟୋକୁ ହଲ୍, ଶୟନ କକ୍ଷ ଏବଂ ପୂଜା ଘରେ ରଖିଥାନ୍ତି। କିନ୍ତୁ ଶାସ୍ତ୍ର ଅନୁସାରେ ଏହାକୁ ଲଗାଇବାର ନିର୍ଦ୍ଦିଷ୍ଟ ଦିଗ ଓ ନିୟମ ଅଛି।**

ଦକ୍ଷିଣ ଦିଗରେ ପୂର୍ବଜଙ୍କ ଫଟୋ ରଖିବା ଖୁବ୍ ଶୁଭ ବୋଲି କୁହାଯାଇଛି। ଦକ୍ଷିଣ ଦିଗ ହେଉଛି ଯମଙ୍କ ଦିଗ। ଏହି ଦିଗରେ ପିତୃପୁରୁଷଙ୍କ ଫଟୋ ରଖିବା ଦ୍ୱାରା ସୁଖସମୃଦ୍ଧି ବୃଦ୍ଧି ପାଏ। ଅନେକ ସମୟରେ ଲୋକେ ପିତୃପୁରୁଷଙ୍କ ଫଟୋ ଗୋଟିଏ ନୁହେଁ, ଏକାଧିକ ସଂଖ୍ୟାରେ ରଖିଥାନ୍ତି। ଏହା କିନ୍ତୁ ଭଲ ନୁହେଁ। ଏହା ଦ୍ୱାରା ଘରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ସେହିପରି ସେମାନଙ୍କ ଫଟୋକୁ କଦାପି ବ୍ରହ୍ମସ୍ଥାନ ଅର୍ଥାତ୍ ମଧ୍ୟମରେ ରଖିବା ଅନୁଚିତ। ଏହା ଦ୍ୱାରା ମାନସମ୍ମାନ ହାନି ହୋଇଥାଏ।

ତେବେ ପୂର୍ବଜଙ୍କ ଫଟୋକୁ କାନ୍ଥରେ ଅଧିକାଂଶ ଝୁଲାଇଥାନ୍ତି। ଶାସ୍ତ୍ର ଅନୁସାରେ, ଏହା ସେମାନଙ୍କ ପ୍ରତି ଅପମାନଜନକ ହୋଇଥାଏ। ଫଟୋକୁ ଫ୍ରେମ୍ କରି ତାହାକୁ ଆଲମାରିରେ ରଖିବା ଉଚିତ। ଏହାଦ୍ୱାରା ସେମାନଙ୍କ ଆଶୀର୍ବାଦ ସାଙ୍ଗକୁ ପିତୃଦୋଷରୁ ମୁକ୍ତି ମିଳିଥାଏ।

# ପ୍ରଶ୍ନୋତ୍ତର

୧. ଅହଲ୍ୟାଙ୍କ ପତିଙ୍କ ନାମ କ'ଣ?
୨. ରାମାୟଣର ସବୁଠୁ ଛୋଟ କାଣ୍ଡର ନାଁ କ'ଣ?
୩. ପଞ୍ଚବଟୀ କେଉଁ ନଦୀ କୂଳରେ ଅବସ୍ଥିତ?
୪. ଲକ୍ଷ୍ମଣଙ୍କୁ ନାଗଫାଶରୁ କିଏ ମୁକ୍ତ କରିଥିଲେ ?
୫. ଲବ-କୁଶଙ୍କ ଜନ୍ମ କେଉଁଠି ହୋଇଥିଲା?



**ଉତ୍ତର**

(୧)ଗୌତମ (୨) ଅରଣ୍ୟକାଣ୍ଡ (୩)ଗୋଦାବରୀ (୪) ଗରୁଡ଼ (୫) ବାଲ୍ମୀକି ଆଶ୍ରମ

# ଶନି ଦେବଙ୍କ ଷୋଳ ଶୃଙ୍ଗାର

ଶନି ମନ୍ଦିରରେ ସବୁକିଛି କଳା ରଙ୍ଗର ଦେଖିବାକୁ ମିଳିଥାଏ। କଳା ଓ ନୀଳ ବସ୍ତ୍ର ବ୍ୟତୀତ ରଙ୍ଗିନ ପରିଧାନ ନ ଥାଏ। ତେବେ ଏମିତି ବି ଏକ ମନ୍ଦିର ଅଛି, ଯେଉଁଠି ଶନିଙ୍କ ରଙ୍ଗିନ ପୋଷାକ ସହ ୧୬ ଶୃଙ୍ଗାର କରାଯାଏ। ଯଦିଓ କଳା ପଥରରେ ଏଠାରେ ଶନିଙ୍କ ବିଗ୍ରହ ନିର୍ମିତ, ତଥାପି ଏଥିରେ ସିନ୍ଦୂର ଲେପ ଦିଆଯିବାର ପରମ୍ପରା ଅଛି।

ଇନ୍ଦୋର ସହରର ଜୁନି ଇନ୍ଦୋରରେ ଅଛି ଏକ ନିଆରା ଶନି ମନ୍ଦିର। ଏହା ସିନ୍ଦୂରି ଶନି ମନ୍ଦିର ନାଁରେ ପରିଚିତ। ଏହି ମନ୍ଦିରରେ ଶନିଙ୍କ ଷୋଳ ଶୃଙ୍ଗାର କରାଯାଏ। କେବଳ ସେତିକି ନୁହେଁ, ଏଠାରେ ଶିବଙ୍କ ଭଳି ଶନିଙ୍କ ଉପରେ କ୍ଷୀର ଲାଗି କରାଯାଏ। ଏହି ମନ୍ଦିରରେ ତେଲ ଚଢ଼ାଯାଏ ନାହିଁ।



ଏଠାରେ ଶନିଙ୍କୁ କେବଳ କ୍ଷୀର ଓ ଜଳ ଲାଗି କରାଯାଏ। କୁହାଯାଏ, ଏହି ସ୍ଥାନରେ ଶନି ଦେବ ଶିବଙ୍କ ପୂଜା କରି ତାଙ୍କର ଭବ୍ୟ ଶୃଙ୍ଗାର କରିଥିଲେ। ସେହି ଶୃଙ୍ଗାରରେ ପ୍ରସନ୍ନ ହୋଇ ଭଗବାନ ଶିବ ଶନିଦେବଙ୍କୁ ବରଦାନ ପୂର୍ବକ ଏହି ସ୍ଥାନ ତାଙ୍କର ରହଣି ସହ ଏଠାରେ ତାଙ୍କର ଭବ୍ୟ ଶୃଙ୍ଗାର କରାଯିବ ବୋଲି କହିଥିଲେ। ଏପରିକି ଶନିଙ୍କୁ ସିନ୍ଦୂର ଲାଗି କରିବା ଦ୍ୱାରା ସାଢ଼େ ସାତିରୁ ମୁକ୍ତି ମିଳିଥାଏ। ସେବେଠୁ ହିଁ ଏହି ମନ୍ଦିରରେ ଶନିଙ୍କୁ ରାଜକୀୟ ପୋଷାକ ପିନ୍ଧାଯାଇ ଆସୁଛି। ସେହିପରି ଏହା ହେଉଛି ଏକମାତ୍ର ଶନି ମନ୍ଦିର, ଯେଉଁଠି ଶନିଙ୍କ ପୂଜା ଏବଂ ତାଙ୍କ ଶୃଙ୍ଗାର ପାଇଁ ୬ ଘଣ୍ଟା ଲାଗେ। ଯେଉଁଳି କୃଷ୍ଣଙ୍କ ୧୬ ଶୃଙ୍ଗାର କରାଯାଏ, ଠିକ୍‌ସେମିତି ଶୃଙ୍ଗାର ଶନିଦେବଙ୍କର କରାଯାଏ। ଶନି ଦେବଙ୍କୁ ମୁକୁଟ, ଆଭୂଷଣ, ସୁନ୍ଦର ବସ୍ତ୍ର ଆଦି ପିନ୍ଧାଯାଏ। ଏହାସହ ବିଭିନ୍ନ ପ୍ରକାର ସୁଗନ୍ଧିତ ଫୁଲ ଓ ଫଳ ଲାଗି କରାଯାଏ।




ସକାଳ
THE SAKALA
ସୋମବାର
୧୦ ଜୁନ୍, ୨୦୨୪

## ନ୍ୟୁୟର୍କରେ ଉଡ଼ିଲା ତ୍ରିରଙ୍ଗା: ବୁମ୍‌ରା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି

# ରୋମାଞ୍ଚକ ମୁକାବିଲାରେ ପାକିସ୍ତାନକୁ ହରାଇଲା ଭାରତ

ନ୍ୟୁୟର୍କ, ୯।୬(ଏଜେନ୍ସି)

ଭାରତୀୟ ପେସ୍ ବୋଲରଙ୍କ ଆଗରେ ହାର୍ ମାନିଛି ପାକିସ୍ତାନ। ସ୍ଥାନୀୟ ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ରବିବାର ଅନୁଷ୍ଠିତ ମୁକାବିଲାରେ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ବଳରେ ଭାରତ ମାତ୍ର ୬ ରନ୍‌ରେ ପାକିସ୍ତାନକୁ ହରାଇ ଅବିଶ୍ୱସନୀୟ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୧୯ ଓଭରରେ ୧୧୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଭାରତୀୟ ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ପାକିସ୍ତାନ ୭ ୱିକେଟରେ ୧୧୩ ରନ୍‌ରେ ଅଟକି ଯାଇଥିଲା। ଏହି ମ୍ୟାଚ୍‌ରେ ମହମ୍ମଦ୍ ରିଜ୍‌ୱାନ (୩୧)ଙ୍କ ସମେତ ୪ ଓଭରରେ ୧୪ ରନ୍ ଦେଇ ୩ଟି ୱିକେଟ ନେଇଥିବା ଭାରତୀୟ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ତାହାର ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୮ ୱିକେଟରେ ହରାଇଥିଲା ବେଳେ ଆଉ ୨ଟି ମ୍ୟାଚ୍ ଖେଳିବାକୁ ବାକି ରହିଛି। ଏହି ମ୍ୟାଚ୍ ଦୁଇଟି ଯଥାକ୍ରମେ ଆମେରିକା ସହ ଆସନ୍ତା ୧୨ରେ ଓ କାନାଡା ସହ ୧୫ରେ ଖେଳାଯିବ। ଟି-୨୦ ବିଶ୍ୱକପ୍‌ରେ ଉଭୟ ଦେଶ ମଧ୍ୟରେ ଏହାଥିଲା ୮ମ ମୁକାବିଲା। ଏହା ମଧ୍ୟରୁ ଆଜିର ମ୍ୟାଚ୍‌କୁ ମିଶାଇ ଭାରତ ୭ଟିରେ ପାକିସ୍ତାନ ମାତ୍ର ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଛି।

**ଟି-୨୦ ବିଶ୍ୱକପ୍**
**ଆଜିର ମ୍ୟାଚ୍**
ଦ. ଆଫ୍ରିକା-ବାଂଲାଦେଶ
ସ୍ଥାନ- ନ୍ୟୁୟର୍କ, ସମୟ- ରାତି ୮ଟା
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ହଟ୍‌ଷ୍ଟାର୍


ମହମ୍ମଦ ରିଜ୍‌ୱାନ୍‌ଙ୍କୁ ବୋଲ୍ଡ କରିଛନ୍ତି ବୁମ୍‌ରା

### ବୋଲରଙ୍କ କବ୍‌ଜାରେ ନାସାଉ ପିଚ୍

ପାକିସ୍ତାନ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ ମାତ୍ର ୧୧୯ ରନ୍ କରିଥିଲା। ଏହି ପିଚ୍‌ରେ ବ୍ୟାଟିଂ କରିବା କଷ୍ଟକର ହୋଇଥିଲେ ମଧ୍ୟ ୧୨୦ ରନ୍ ହାସଲ କରିବା କଷ୍ଟକର ନ ଥିଲା। ପାକିସ୍ତାନ ମଧ୍ୟ ୧୪ ଓଭର ଖେଳ ଶେଷ ବେଳକୁ ୩ ୱିକେଟରେ ୮୦ ରନ୍ କରି ବିଜୟଠାରୁ ଆଉ ୪୦ ରନ୍ ଦୂରରେ ରହିଥିଲା। ଏହି ସମୟରେ ଅର୍ଥାତ୍ ୧୫ତମ ଓଭରର ପ୍ରଥମ ବଲରେ ଦୃଢ଼ତାର ସହ ବ୍ୟାଟିଂ କରୁଥିବା ମହମ୍ମଦ୍ ରିଜ୍‌ୱାନ (୩୧)ଙ୍କୁ ବୋଲ୍ଡ କରି ବୁମ୍‌ରା ଭାରତୀୟ ଶିବିରରେ ବିଜୟର ଆଶା ସଞ୍ଚାର କରିଥିଲେ। ଏହି ସମୟରେ ଭାରତୀୟ ଖେଳାଳିମାନେ ବିଜୟୀ ହୋଇପାରିବେ ବୋଲି ଭାବିନେଇଥିଲେ। ଯାହା ଫଳରେ ଉଭୟ ବୋଲର ଓ ଫିଲ୍ଡର କୌଣସି ତ୍ରୁଟି ନ କରି ପାକିସ୍ତାନକୁ ୧୧୩ ରନ୍‌ରେ ଅଟକାଇବାରେ ସମର୍ଥ ହୋଇଥିଲେ। ଏମାନେ ଏପରି ବୋଲିଂ କରିଥିଲେ ଯେ ୧୩.୩ ଓଭରୁ ୧୯.୨ ଓଭର ମଧ୍ୟରେ ପାକିସ୍ତାନ ପକ୍ଷରୁ ଗୋଟିଏ ହେଲେ ବାଉଣ୍ଡରୀ ମରାଯାଇପାରି ନଥିଲା। ପାକିସ୍ତାନର ଇମାଦ ୱାସିମ ୧୫, ଅଧିନାୟକ ବାବର ଆଜମ, ଉସ୍‌ମାନ ଖାନ୍ ଓ ଫଖର ଜମାନ ୧୩ ରନ୍ ଲେଖାଏଁ କରିଥିଲେ ମଧ୍ୟ ଦଳର ବିଜୟ ଲାଗି ଏହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଭାରତ ପକ୍ଷରୁ ବୁମ୍‌ରାଙ୍କ ୩ ୱିକେଟ ବ୍ୟତୀତ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି, ଅକ୍ଷର ପଟେଲ ଓ ଅର୍ଶଦୀପ ସିଂ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

### ଭାରତର ଦାୟିତ୍ୱହୀନ ବ୍ୟାଟିଂ

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଭାରତ ସୁଯୋଗ ପାଇଥିଲା। କିନ୍ତୁ ଭାରତର ଅଧା ବ୍ୟାଟର ଦାୟିତ୍ୱହୀନ ଭାବେ ଅନାବଶ୍ୟକ ସଟ୍ ଖେଳି ଆଉଟ ହୋଇଥିଲେ। ଦଳ ୧୯ ରନ୍‌ରେ ବିରାଟ କୋହଲି (୪) ଓ ରୋହିତ ଶର୍ମା (୧୩)ଙ୍କ ୱିକେଟ ହରାଇଥିଲେ ମଧ୍ୟ ରନ୍ ସଂଗ୍ରହ ହାର ଠିକ୍ ଥିଲା। କିନ୍ତୁ ବ୍ୟାଟରମାନେ ଧୈର୍ଯ୍ୟର ସହ ବ୍ୟାଟିଂ କରିବା ପରିବର୍ତ୍ତେ ବଡ ବଡ ସଟ୍ ମାରିବାକୁ ଯାଇ ଆଉଟ ହୋଇଯାଇଥିଲେ। ଦଳ ପକ୍ଷରୁ ପନ୍ତ ସର୍ବାଧିକ ୪୨ ଓ ଅକ୍ଷର ପଟେଲ ୨୦ ରନ୍ କରିଥିଲେ। ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କରେ ପହଞ୍ଚିପାରି ନ ଥିଲେ। ପାକିସ୍ତାନର ଫାଷ୍ଟ ବୋଲରମାନେ ଏଥିରୁ ଫାଇଦା ଉଠାଇ ୯ଟି ୱିକେଟ ନେଇଥିଲେ। ଏମାନଙ୍କ ମଧ୍ୟରେ ନସୀମ ଶାହ ଓ ହାରିସ ରୌଫ୍ ୩ଟି ଲେଖାଏଁ, ମହମ୍ମଦ୍ ଆମୀର ୨ଟି ଓ ସାହିନ ଆଫ୍ରିଦୀଙ୍କୁ ଗୋଟିଏ ୱିକେଟ ମିଳିଥିଲା। ବୁମ୍‌ରା ରନ୍‌ଆଉଟ ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ:** ୧୧୯/୧୦, ୧୯ ଓଭର (ପନ୍ତ- ୪୨, ଅକ୍ଷର-୨୦, ରୋହିତ- ୧୩, କୋହଲି- ୪, ସୂର୍ଯ୍ୟକୁମାର- ୭, ହାର୍ଦ୍ଦିକ- ୭, ଜାଡେଜା-୦, ଦୁବେ- ୩, ନସୀମ ଶାହ- ୩/୨୧, ହାରିସ ରୌଫ୍- ୩/୨୧)।
**ପାକିସ୍ତାନ:** ୧୧୩/ ୭, ୨୦ ଓଭର (ରିଜୱାନ- ୩୧, ଇମାଦ- ୧୫, ବାବର- ୧୩, ଫାଖର- ୧୩, ଉସମାନ- ୧୩, ବୁମ୍‌ରା- ୩/୧୪, ହାର୍ଦ୍ଦିକ- ୨/୨୪, ଅର୍ଶଦୀପ୍- ୧/୩୧)





ଭାରତ ଓ ପାକିସ୍ତାନର ଉତ୍ସାହିତ ସମର୍ଥକ। ଟି-୨୦ ବିଶ୍ୱକପ୍‌ର ଦୁଇ ସୁପରଷ୍ଟାର ସାଦିଦ୍ ଆଫ୍ରିଦୀ ଓ ଯୁବରାଜ ସିଂ। ବିଶେଷ ମୁହୂର୍ତ୍ତରେ ସଚିନ ତେନ୍ଦୁଲକର। ଭାରତୀୟ ଜ୍ୟାକେଟରେ କୋହଲିଙ୍କ ଅଟୋଗ୍ରାଫ ନେଉଛନ୍ତି କ୍ରିସ୍ ଗେଲ।

## ଆଦାମ ଜାମ୍ପା ଶ୍ରେଷ୍ଠ ଖେଳାଳି | ଅଷ୍ଟ୍ରେଲିଆଠାରୁ ହାରିଲା ଚାମ୍ପିଅନ ଇଂଲଣ୍ଡ

ବ୍ରିଜ୍‌ଟାଉନ୍, ୯।୬(ଏଜେନ୍ସି)

ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ରେ ବିପର୍ଯ୍ୟୟର ଧାରା ଅବ୍ୟାହତ ରହିଛି। ଏହି ଟୁର୍ଣ୍ଣାମେଣ୍ଟରେ ଶନିବାର ରାତିରେ ଏଠାରେ ଖେଳାଯାଇଥିବା ଏକ ଗ୍ରୁପ-ବି' ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଇଂଲଣ୍ଡକୁ ପୂର୍ବଚାମ୍ପିଅନ ଇଂଲଣ୍ଡ ପରାସ୍ତ କରିଛି। ଏହା ଫଳରେ ଅଷ୍ଟ୍ରେଲିଆର ସୁପର-୮କୁ ଉନ୍ନିତ ହେବାର ରାସ୍ତା ପରିଷ୍କାର ହୋଇଯାଇଛି। ଏହି ମ୍ୟାଚରେ ଇଂଲଣ୍ଡର ଦୁଇ ଓପନରଙ୍କୁ ଆଉଟ କରିଥିବା ଅଷ୍ଟ୍ରେଲିଆର ଲେଗ୍ ସ୍ପିନର ଆଦାମ ଜାମ୍ପାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୦୧ ରନ୍ କରିଥିଲା। ଚଳିତ ବିଶ୍ୱକପ୍‌ରେ ଏହା ହେଉଛି ପ୍ରଥମ ୨ଶହ ରନ୍ ଓ ସର୍ବାଧିକ ସ୍କୋର। କିନ୍ତୁ ଦଳର ପାଳିରେ କେହି ଅର୍ଦ୍ଧଶତକ ହାସଲ କରି ନଥିଲେ ମଧ୍ୟ ସମସ୍ତେ ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ଡେଭିଡ ୱାର୍ଣ୍ଣର ସର୍ବାଧିକ ୩୯, ଅଧିନାୟକ ମିଚେଲ ମାର୍ଶ ୩୫ ଓ ଟ୍ରାଭିସ୍ ହେଡ୍ ୩୪ ରନ୍ କରିଥିଲେ। ଇଂଲଣ୍ଡର କ୍ରିସ୍ ଜୋର୍ଡାନ ୨ଟି ୱିକେଟ ପାଇଥିଲେ।

ଜବାବରେ ୨୦୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ଭଲ ଆରମ୍ଭ କରିଥିଲା। ଏପରିକି ଦଳ ୬ ଓଭରରେ ୧ ୱିକେଟ ହରାଇ ୭୪ ରନ୍‌ରେ ପହଞ୍ଚିଯାଇଥିଲା। ଏହି ଓଭରରେ ଅଧିନାୟକ ଜୋଶ ବଟ୍ଲର ସର୍ବାଧିକ ୪୨ ରନ୍ କରି ଆଉଟ ହେବା ପରେ ଦଳର ଅନ୍ୟ କୌଣସି ଖେଳାଳି ବେଶି ସମୟ ତିଷ୍ଠି ନ ଥିଲେ। ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିବା ଫିଲିପ ସଲ୍ଟ ୩୭, ମୋଇନ୍ ଅଲି ୧୫ବଲରେ ୨୫, ହ୍ୟାରୀ ବ୍ରୁକ୍ ୨୦ ରନ୍ କରିଥିଲେ ମଧ୍ୟ ଏମାନେ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଯାଇଥିଲେ। ମିଚେଲ ଷ୍ଟାର୍କ (୦/୩୭, ୩ଓଭର)ଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବୋଲର କଞ୍ଜୁସ ବୋଲିଂ କରିଥିଲେ। ଏମାନଙ୍କ ମଧ୍ୟରୁ ପ୍ୟାଟ କମିନ୍ସ ଓ ଜାମ୍ପା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।

## ବିଶ୍ୱକପ୍‌ରେ ସର୍ବନିମ୍ନ ଦଳଗତ ସ୍କୋର

ଗୁଏନା, ୯।୬(ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଉଗାଣ୍ଡା ୩୯ ରନ୍‌ରେ ଆଉଟ ହୋଇ ଟି-୨୦ ବିଶ୍ୱକପ୍‌ରେ ସର୍ବନିମ୍ନ ଦଳଗତ ସ୍କୋରର ରେକର୍ଡ ସହ ସମକକ୍ଷ ହୋଇଛି। ଏହି ମ୍ୟାଚ୍‌ରେ ଉଗାଣ୍ଡା ମାତ୍ର ୧୨ ଓଭର ଖେଳି ୩୯ ରନ୍ କରିଥିଲା। ପୂର୍ବରୁ ନେଦରଲାଣ୍ଡସ ମଧ୍ୟ ସମାନ ସ୍କୋରରେ ଆଉଟ ହୋଇ ଏହି ନକରାତ୍ମକ ଦଳଗତ ସ୍କୋରର ରେକର୍ଡ କରିଥିଲା। ୨୦୧୪ ବିଶ୍ୱକପ୍‌ର ଶ୍ରୀଲଙ୍କା ବିପକ୍ଷରେ ନେଦରଲାଣ୍ଡସ ଏହି ସ୍କୋର କରିଥିଲେ। ୨୦୨୧ରେ ଶ୍ରୀଲଙ୍କା ଆଉଥରେ ୪୪ ରନ୍‌ରେ ଅଲଆଉଟ ହୋଇଥିଲା। ବିଶ୍ୱକପ୍‌ରେ ଏହା ଦ୍ୱିତୀୟ ସର୍ବନିମ୍ନ ସ୍କୋର। ୱେଷ୍ଟଇଣ୍ଡିଜ୍ ୧୭୩ ରନ୍ କରିଥିଲାବେଳେ ଏହି ମ୍ୟାଚ୍‌କୁ ୧୩୪ ରନ୍‌ରେ ପରାସ୍ତ କରିଛି। ବିଶ୍ୱକପ୍ ଇତିହାସରେ ଏହା ଦ୍ୱିତୀୟ ସର୍ବବୃହତ୍ ପରାଜୟ।

### ■ ଆକିଲ ହୋସେନଙ୍କୁ ପ୍ରଥମ ୫ ୱିକେଟ

## ୱେଷ୍ଟଇଣ୍ଡିଜ୍‌ର ବୃହତ୍ ବିଜୟ

ଗୁଏନା, ୯।୬(ଏଜେନ୍ସି): ବାମହାତି ସ୍ପିନର ଆକିଲ ହୋସେନଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ରବିବାର ସକାଳେ ଖେଳାଯାଇଥିବା ଏକ ଗ୍ରୁପ୍-ସି' ମ୍ୟାଚ୍‌ରେ ଆୟୋଜକ ୱେଷ୍ଟଇଣ୍ଡିଜ୍ ୧୩୪ ରନ୍‌ରେ ଦୁର୍ବଳ ତଥା ନବାଗତ ଉଗାଣ୍ଡାକୁ ପରାସ୍ତ କରି ଚଳିତ ବିଶ୍ୱକପ୍‌ରେ ବୃହତ୍ ବିଜୟ ହାସଲ କରିଛି। ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ୫ ୱିକେଟ ଅକ୍ତିଆର କରିଥିବା ହୋସେନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଗୁଏନାର ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୫ ୱିକେଟରେ ୧୭୩ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଜଣେ ହେଲେ ବ୍ୟାଟର ଅର୍ଦ୍ଧଶତକ ହାସଲ କରି ପାରି ନଥିଲାବେଳେ ଓପନର ଜନ୍‌ସନ ଚାର୍ଲସ ସର୍ବାଧିକ ୪୪ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆନ୍ଦ୍ରେ ରସେଲ ୧୭ବଲରୁ ୩୦ ରନ୍, ଅଧିନାୟକ ରୋଭମାନ ପାୱେଲ ୨୩, ନିକୋଲସ ପୂରନ ଓ ଶେରଫାନ ରଦରଫୋର୍ଡ ୨୨ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଉଗାଣ୍ଡା ପକ୍ଷରୁ ଅଧନାୟକ ବ୍ରିଆନ ମିସାବା ୨ଟି ୱିକେଟ ନେଇଥିଲେ। ଜବାବରେ ଆକିଲ ହୋସେନଙ୍କ ସ୍ପିନ ବୋଲିଂକୁ ମୁକାବିଲା କରିବା ଏହି ନବାଗତ ଦଳ ପକ୍ଷେ କଷ୍ଟକର ହୋଇଥିଲା। ଯାହା ଫଳରେ ହୋସେନ ତାଙ୍କ କୋଟାର ୪ ଓଭରରେ ୧୧ ରନ୍ ଦେଇ ୫ଟି ୱିକେଟ ନେଇଥିଲେ। ଏହି ସଫଳତା ତାଙ୍କୁ ବିଶ୍ୱକପ୍ ଇତିହାସରେ ଦ୍ୱିତୀୟ ଶ୍ରେଷ୍ଠ ବୋଲିଂ ସଫଳତାର ମାନ୍ୟତା ଦେଇଛି। ଆଲଜରି ଯୋଶେଫ ୨ଟି ଓ ଅନ୍ୟ ୩ ବୋଲର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରି ଉଗାଣ୍ଡାର ପାଳିକୁ ୩୯ ରନ୍‌ରେ ଶେଷ କରିଦେଇଥିଲେ।



# ଆଲ୍‌କାରାଜଙ୍କୁ ପ୍ରଥମ ଫ୍ରେଞ୍ଚ ଓପନ୍ ଟ୍ରଫି

ପ୍ୟାରିସ, ୯।୬ (ଏଜେନ୍ସି)

ସ୍ପାନିଶ ତାରକା କାର୍ଲୋସ ଆଲକାରାଜ କ୍ୟାରିୟରର ପ୍ରଥମ ଫ୍ରେଞ୍ଚ ଓପନ୍ ଟାଇଟଲ୍ ଜିତିଛନ୍ତି। ରବିବାର ସ୍ଥାନୀୟ ରୋନାଲ୍ଡ ଗାରୋସରେ ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ପୁରୁଷ ଏକକ ଫାଇନାଲରେ ୨୧ ବର୍ଷୀୟ ଆଲ୍‌କାରାଜ ୬-୩, ୨-୬, ୫-୭, ୬-୧, ୬-୨ ସେଟ୍‌ରେ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ୩ୟ ସିଡ୍ ଆଲ୍‌କାରାଜଙ୍କୁ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। ଆଲ୍‌କରାଜଙ୍କ କ୍ୟାରିୟରର ଏହା ୩ୟ ଗ୍ରାଣ୍ଡସ୍ଲାମ ଟ୍ରଫି। ଏଥିପୂର୍ବରୁ ସେ ୨୦୨୨ରେ ୟୁଏସ୍ ଓପନ୍ ଓ ୨୦୨୩ରେ ୱିମ୍ବଲଡନ ଟ୍ରଫି ଜିତିଥିଲେ।

### ଗଫ୍-ସିନିଆକୋଭା ଚାମ୍ପିଅନ୍

ଆମେରିକା ଟେନିସ ତାରକା କୋକୋ ଗଫ୍ କ୍ୟାରିୟରର ପ୍ରଥମ ଯୁଗଳ ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିଛନ୍ତି। ରବିବାର ସ୍ଥାନୀୟ ରୋନାଲ୍ଡ ଗାରୋସରେ ଅନୁଷ୍ଠିତ ଫ୍ରେଞ୍ଚ ଓପନ୍ ମହିଳା ଯୁଗଳରେ ୨୦ ବର୍ଷୀୟା ଗଫ୍ ଚାମ୍ପିଅନ ହୋଇଛନ୍ତି। ଚେକ୍ ରିପବ୍ଲିକର କାଟେରିନା ସିନିଆକୋଭାଙ୍କୁ ସାଥୀ କରି ଗଫ୍ ମହିଳା ଯୁଗଳ ଫାଇନାଲରେ ୭-୬ (୭/୫), ୬-୩ ସିଧାସଳଖ ସେଟ୍‌ରେ ଇଟାଲୀ ଯୋଡ଼ି ଯସ୍ମିନ ପାଓଲିନ ଓ ସାରା ଏରାନିଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଯୁଗଳ ବିଭାଗରେ ଗଫ୍‌ଙ୍କ ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଟ୍ରଫି। ପୂର୍ବରୁ ସେ ୨୦୨୨ରେ ଏଠାରେ ମହିଳା ଡବଲ୍ସରେ ଓ ୨୦୨୧ରେ ୟୁଏସ୍ ଓପନ୍ ମହିଳା ଡବଲ୍ସରେ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ଅପରପକ୍ଷରେ ଯସ୍ମିନଙ୍କ ୮ମ ମେଜର ଟ୍ରଫି ଥିଲା। ସେହିଭଳି ଫ୍ରେଞ୍ଚ ଓପନ୍‌ରେ ସେ ୩ୟ ଡବଲ୍ସ ଟ୍ରଫି ଜିତିଛନ୍ତି। ଇଟାଲୀର ପାଓଲିନ୍ ଚଳିତ ବର୍ଷ ଫ୍ରେଞ୍ଚ ଓପନରେ ଦ୍ୱିତୀୟଥର ଉପବିଜେତା ହୋଇଛନ୍ତି। ଏଥିପୂର୍ବରୁ ସେ ମହିଳା ଏକକ ଫାଇନାଲରେ ମଧ୍ୟ ଇଗା ସ୍ୱିଆଟେକଙ୍କ ନିକଟରୁ ପରାସ୍ତ ହୋଇ ଉପବିଜେତା ରହିଥିଲେ।

### ପୁରୁଷ ଡବଲ୍ସରେ ମାର୍ସେଲୋ-ମାଟେଙ୍କ ବାଜିମାତ୍

ସେହିଭଳି ପୁରୁଷ ଯୁଗଳ ଫାଇନାଲରେ ସାଲଭାରଡୋର-କ୍ରୋଏସିଆ ଯୋଡ଼ି ମାର୍ସେଲୋ ଆରେଭାଲୋ ଓ ମାଟେ ପାଭିକ ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ଏହି ଯୋଡ଼ି ୭-୫, ୬-୩ ସେଟ୍‌ରେ ସିମୋନେ ବୋଲେଲି ଓ ଆନ୍ଦ୍ରିଆ ଭାଭାସୋରିଙ୍କୁ ହରାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର